# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୬/୨୦୧୮ (୧୬ ପୃଷ୍ଠା+ମନ ମିଜାଜ) | Bhubaneswar, Thursday, December 6/ 2018 | ★★★★

୪୫ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା

ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ୱେଡିଂ ରିସେପ୍ସନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୦୨

୧୩

## ଏନ୍‌ବିଏଫ୍‌ସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି

ଏନ୍‌ବିଏଫସିଙ୍କ ଲାଗି ଆର୍‌ବିଆଇ ପଦକ୍ଷେପ ନେଇଛି। ଆଉ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ କହିଛନ୍ତି।



ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ହକି ବିଶ୍ୱକପ୍ ଫଳାଫଳ

ODISHA HOCKEY MEN'S WORLD CUP BHUBANESWAR 2018

**ବୁଧବାର**

ପ୍ରଥମ ମ୍ୟାଚ
ଜର୍ମାନୀ -୪
ନେଦରଲାଣ୍ଡ-୧

ଦ୍ୱିତୀୟ ମ୍ୟାଚ
ପାକିସ୍ତାନ-୧
ମାଲେସିଆ-୧

### ଆଜିର ସମ୍ପାଦକୀୟ

ଜୀବହତ୍ୟା ଓ ଭୂମିକମ୍ପ

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ମହାନ୍ ପ୍ରମାଣିତ କରିବା ପାଇଁ ପଟେଲ ଓ ଗାନ୍ଧିଜୀଙ୍କୁ ନ୍ୟୂନ ଦେଖାଇପାରନ୍ତି।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### ମହିଳାଙ୍କୁ ୩୩% ସଂରକ୍ଷଣ ପ୍ରସଙ୍ଗ

# ସହଯୋଗ ଲୋଡ଼ିବ ବିଜେଡି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନ ସଂସ୍ଥା ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହି ମର୍ମରେ ସରକାର ବିଧାନସଭାରେ ସର୍ବସମ୍ମତ କ୍ରମେ ସଂକଳ୍ପ ପ୍ରସ୍ତାବ ଗୃହୀତ କରିଛନ୍ତି। ଏହାକୁ ଖୁବ୍‌ଶୀଘ୍ର ଆଇନରେ ପରିଣତ କରିବାର ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହାର ଗୋଟିଏ ଦିନ ପରେ ମୁଖ୍ୟମନ୍ତ୍ରୀ ଉକ୍ତ ପ୍ରସଙ୍ଗରେ ଦେଶର ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡ଼ିଛନ୍ତି। ପାର୍ଲାମେଣ୍ଟରେ ଏସଂକ୍ରାନ୍ତ ପ୍ରସ୍ତାବକୁ ସମର୍ଥନ ପାଇଁ ବିଜେଡି ପକ୍ଷରୁ ୭ ଜାତୀୟ ଏବଂ ୧୫ ଆଞ୍ଚଳିକ ଦଳକୁ ଭେଟାଯିବା ନେଇ ନିଷ୍ପତ୍ତି ହୋଇଛି। ବିଜେଡିର କେଉଁ ପ୍ରତିନିଧି କେଉଁ ଦଳକୁ ଭେଟିବେ, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ସେ ସମ୍ପର୍କିତ ଏକ ତାଲିକା ପ୍ରକାଶ କରିଛନ୍ତି। ତାଲିକା ଘୋଷଣା ପୂର୍ବରୁ ଦଳର ସଭାପତିଙ୍କ ଅଧ୍ୟକ୍ଷତାରେ ବିଜେଡି ଉପସଭାପତି ଏବଂ ସାଧାରଣ ସମ୍ପାଦକମଣ୍ଡଳୀର ବୈଠକ ବୁଧବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି।

### ୨୨ ଦଳକୁ ଭେଟିବେ ଦଳୀୟ ପ୍ରତିନିଧି

ଗଣମାଧ୍ୟମ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ହିଁ ତୃଣମୂଳସ୍ତରୀୟ ନିର୍ବାଚନରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ। ପରେ ରାଜ୍ୟ ସରକାର ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ନାରୀ ସଶକ୍ତୀକରଣ ହିଁ ରାଷ୍ଟ୍ର ଉନ୍ନତିର ମୂଳଭିତ୍ତି। ତେଣୁ ନୀତି ପ୍ରଣୟନରେ ସେମାନଙ୍କ ସହଭାଗିତା ପାଇଁ ସଂରକ୍ଷଣ ଦାବି ଯଥାର୍ଥ। ଆଗାମୀ ଦିନରେ ଯୋଗ୍ୟ ଏବଂ ଜିତିବା ସମ୍ଭାବନା ଥିବା ମହିଳାଙ୍କୁ ଦଳ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବ ବୋଲି ଦେବୀ କହିଛନ୍ତି।

କେନ୍ଦ୍ରରେ କ୍ଷମତାରେ ଥିବା ଭାଜପାକୁ ଭେଟିବା ପାଇଁ ପ୍ରସନ୍ନ ଆଚାର୍ଯ୍ୟ, ବେଦ ପ୍ରକାଶ ଅଗ୍ରୱାଲ, ଭର୍ତ୍ତୃହରି ମହତାବ ଏବଂ ସରୋଜିନୀ ହେମ୍ବ୍ରମଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ମୁଖ୍ୟ ବିରୋଧୀ କଂଗ୍ରେସକୁ ତଥାଗତ ସତପଥୀ, ବେଦପ୍ରକାଶ ଅଗ୍ରୱାଲ,ପିନାକୀ ମିଶ୍ର ଏବଂ ପ୍ରସନ୍ନ ପାଟ୍ଟଶାଣୀ ଭେଟିବେ।

☞ପୃଷ୍ଠା–୪

# ଦାଶରଥିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

୨୦୧୮ ମସିହା ଲାଗି ଓଡ଼ିଶାରୁ ୪ ବିଶିଷ୍ଟ ସାହିତ୍ୟିକ ପାଇବେ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଡ. ଦାଶରଥି ଦାସ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। ଡ. ଗଗନେନ୍ଦ୍ର ନାଥ ଦାଶ ସାହିତ୍ୟ ଏକାଡେମୀର ମର୍ଯ୍ୟାଦାଜନକ ଭାଷା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ପୂର୍ବ ଭାରତର ୮ଟି ରାଜ୍ୟର ଭାଷାବିତ୍‌ଙ୍କ

☞ପୃଷ୍ଠା–୪



ଦାଶରଥି ଦାସ

- ଗଗନେନ୍ଦ୍ର ନାଥ ଦାଶ ପାଇବେ ଭାଷା ପୁରସ୍କାର
- ସମ୍ବଲପୁରୀ ଭାଷା ସମ୍ମାନ ପାଇବେ ପ୍ରଫୁଲ୍ଲ ତ୍ରିପାଠୀ, ହଳଧର ନାଗ









"ଇରାନର ତୈଳ ରପ୍ତାନି ଉପରେ ଆମେରିକା ରୋକ୍ ଲଗାଇପାରିବ ନାହିଁ। ଯଦି ଏଭଳି ଉଦ୍ୟମ କରେ ତେବେ ପାରସ୍ୟ ଉପସାଗର ପଥରେ ତୈଳ ରପ୍ତାନି ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦିଆଯିବ।
- ହାସନ ରୁହାନି, ଇରାନ ରାଷ୍ଟ୍ରପତି



## ସଂକ୍ଷେପରେ

### ନ୍ୟୁ କାଲେଡୋନିଆରେ ଭୂମିକମ୍ପ

**ନୁମିଆ,୫।୧୨:** ଦକ୍ଷିଣ ପ୍ରଶାନ୍ତ ମହାସାଗରରେ ଥିବା ନ୍ୟୁ କାଲେଡୋନିଆ ନିକଟରେ ବୁଧବାର ବଡ଼ଧରଣର ଭୂମିକମ୍ପ ଅନୁଭୂତ ହୋଇଛି, ଯାହାର ତୀବ୍ରତା ୭.୫ ଥିଲା। ଭୂକମ୍ପ ପରେ ସୁନାମି ଆଲର୍ଟ ଜାରି କରାଯାଇଥିଲା। ତେବେ ଏହି ଭୂକମ୍ପରେ କୌଣସି ବଡ କ୍ଷୟକ୍ଷତି ହୋଇ ନଥିବା ଜଣାପଡିଛି। ନ୍ୟୁ କାଲେଡୋନିଆର ଲୟାଲ୍ଟି ଆଇଲାଣ୍ଡର ଦକ୍ଷିଣପୂର୍ବରେ ୧୭୦ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ରହିଛି। ଭୂକମ୍ପ ପରେ ୨୦ ଥର ପଶ୍ଚାତ କମ୍ପନ ଅନୁଭୂତ ହୋଇଥିଲା। ଏଥିରେ ଘରର କାନ୍ଥ ଦୋହଲିଯିବା ସହ ସମୁଦ୍ରରେ ଫେଣ ସୃଷ୍ଟି ହୋଇଥିଲା। ସୁନାମି ଉଠିବାରୁ ଲୋକମାନେ ଉଚ୍ଚ ସ୍ଥାନକୁ ଚାଲିଯାଇଥିଲେ।

### ଇଥିଓପିଆରେ ୩ ଭାରତୀୟ ଅଫିସରଙ୍କୁ ଜେରା

**ମୁମ୍ବାଇ,୫।୧୨(ପି.ଟି.):** ଟିକସ ପୈଠ ନ କରିବା ଏବଂ କର୍ମଚାରୀଙ୍କ ବେତନ ଦେଇ ନ ଥିବା ଆଇଏଲ୍ ଆଣ୍ଡ ଏଫ୍ଏସ୍ର ୩ ଭାରତୀୟ ଅଧିକାରୀଙ୍କୁ ଇଥିଓପିଆ ପୋଲିସ ହାଜତକୁ ନେଇ ଜେରା କରୁଛି। ଏହି କମ୍ପାନୀର ୫ ଭାରତୀୟ କର୍ମଚାରୀଙ୍କୁ ସେଠାକାର ସ୍ଥାନୀୟ ଲୋକେ ପଣବନ୍ଦୀ କରି ରଖିଛନ୍ତି। ଇଥିଓପିଆରେ ଉକ୍ତ କମ୍ପାନୀର ୧୫ ଜଣ ଭାରତୀୟ କର୍ମଚାରୀ ଥିଲେ। ଗତ ସପ୍ତାହରେ ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ପରେ ସ୍ୱାସ୍ଥ୍ୟଗତ କାରଣରୁ ୨ ଜଣଙ୍କୁ ଛାଡ଼ି ଦେଇଥିଲେ। ଅନ୍ୟ ୮ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ପୋଲିସ ଓ୍ୱଲିସୋଠାରେ ହାଜତରେ ରଖି ଜେରା କରୁଛି।

### ଖାତରେ ବସ୍ ଖସି ୨୨ ଗୁରୁତର

**ଅଗରତାଲା,୫।୧୨(ପି.ଟି.):** ତ୍ରିପୁରାର ଧଲାଇ ଜିଲା ଅନ୍ତର୍ଗତ ଗଣ୍ଡଚରା ଅମରପୁର ରୋଡ ପାର୍ଶ୍ୱରେ ଥିବା ଗଭୀର ଖାତ ମଧ୍ୟକୁ ଅଗରତାଲା ଅଭିମୁଖେ ଯାତ୍ରା କରୁଥିବା ଏକ ବସ୍ ଖସିପଡିଛି। ଫଳରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସରକାର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ୍ କହିଛନ୍ତି।

### ସିବିଆଇକୁ ନିନ୍ଦିତ କରିଛି ବିବାଦ: କେନ୍ଦ୍ର

**ନୂଆଦିଲ୍ଲୀ,୫।୧୨(ପି.ଟି.):** ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ମଧ୍ୟରେ ବିବାଦରୁ ଏହି ତଦନ୍ତକାରୀ ଏଜେନ୍ସି ସାଧାରଣରେ ନିନ୍ଦିତ ହୋଇଛି। ଏହାର ସାଧୁତା ଓ ସମ୍ମାନ କ୍ଷୁଣ୍ଣ ହୋଇଛି ବୋଲି କେନ୍ଦ୍ର ସରକାର ବୁଧବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଦୁଇ ଶୀର୍ଷ ପଦାଧିକାରୀଙ୍କ ମଧ୍ୟରେ ବିବାଦ ସିବିଆଇର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ଆର୍ଟର୍ନି ଜେନେରାଲ କେ.କେ.ବେଣୁଗୋପାଳ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠକୁ କହିଛନ୍ତି। ସିବିଆଇ ପ୍ରତି ସର୍ବସାଧାରଣଙ୍କ ଆସ୍ଥା ବଜାୟ ରଖିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଥିଲେ। ବର୍ମା ଏବଂ ଅସ୍ଥାନାଙ୍କ ମଧ୍ୟରେ ବିବାଦ ଯୋଗୁ ସେମାନଙ୍କଠାରୁ କ୍ଷମତା କାଢ଼ିନିଆଯାଇ ଛୁଟିରେ ରହିବାକୁ କୁହାଯାଇଥିଲା। କେନ୍ଦ୍ରର ନିଷ୍ପତ୍ତିକୁ ବର୍ମା ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ।

### [ଇତିହାସର ଆଇନାରେ]
### ଡିସେମ୍ବର ୬ର ପ୍ରମୁଖ ଘଟଣା

୧୯୯୨ ଡିସେମ୍ବର ୬ରେ କରସେବକମାନେ ଅଯୋଧ୍ୟାସ୍ଥିତ ଷୋଡ଼ଶ ଶତାବ୍ଦୀର ବାବ୍ରି ମସ୍ଜିଦକୁ ଭାଙ୍ଗି ଦେଇଥିଲେ। ଏଠାରେ ରାଜନୈତିକ ସମାବେଶ ହିଂସାତ୍ମକ ରୂପ ନେଇଥିଲା ଓ ନେତାମାନଙ୍କ ଉତ୍ତେଜିତ ଭାଷଣରେ ପ୍ରଭାବିତ ହୋଇ ରାମଙ୍କ ଜନ୍ମସ୍ଥାନରେ ଥିବା ଏହି ମସ୍ଜିଦକୁ ସେମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ୮୦ ଦଶକରେ ବିଶ୍ୱ ହିନ୍ଦୁ ପରିଷଦ ସେଠାରେ ରାମ ମନ୍ଦିର ନିର୍ମାଣ ଲାଗି ପ୍ରଚାର ଆରମ୍ଭ କରିଥିଲା, ଯାହାକୁ ଭାଜପା ସମର୍ଥନ କରିଥିଲା।

୨୦୧୭ ଡିସେମ୍ବର ୬ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜେରୁଜେଲମ୍କୁ ଇସ୍ରାଏଲ୍ର ରାଜଧାନୀ ଭାବେ ସ୍ୱୀକୃତି ନେଇ ଘୋଷଣା କରିଥିଲେ। ଏଥିସହିତ ତେଲ୍ ଆଭିଭଠାରେ ଥିବା ଆମେରିକା ଦୂତାବାସକୁ ଜେରୁଜେଲମ୍ ସ୍ଥାନାନ୍ତର ଲାଗି ସେ ନିର୍ଦ୍ଦେଶ ଦେଇଥିଲେ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍ନ୍ୟାହୁ ଟ୍ରମ୍ପ୍ଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

## ■ ଅଗୁଷ୍ଟା ଦୁର୍ନୀତି: ୫ ଦିନିଆ ରିମାଣ୍ଡ ଅନୁମତି ଦେଲେ ସ୍ୱତନ୍ତ୍ର କୋର୍ଟ

# ସିବିଆଇ ପଞ୍ଝାରେ ମଧ୍ୟସ୍ଥ

**ନୂଆଦିଲ୍ଲୀ,୫।୧୨(ଆଇଏଏନ୍ଏସ୍)**

ଅଗୁଷ୍ଟା ଓ୍ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମଧ୍ୟସ୍ଥ ବ୍ରିଟେନ ନାଗରିକ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ଭାରତର ସବୁଠୁ ବଡ଼ ତଦନ୍ତକାରୀ ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପଞ୍ଝାରେ। ସିବିଆଇ ବୁଧବାର ଏକ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରାଇ ୫ ଦିନିଆ ରିମାଣ୍ଡରେ ନେଇଛି। ଏହି ବହୁଚର୍ଚ୍ଚିତ ଦୁର୍ନୀତିରେ ମିଶେଲଙ୍କ ଭୂମିକା ଓ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ତାଙ୍କୁ ଜେରା କରୁଛି ତଦନ୍ତକାରୀ ସଂସ୍ଥା।

ଅଗୁଷ୍ଟା ଦୁର୍ନୀତିର ସୂତ୍ରଧର କୁହାଯାଉଥିବା ୫୪ ବର୍ଷୀୟ ମିଶେଲଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରୁ ଏକ ସ୍ୱତନ୍ତ୍ର ବିମାନରେ ଭାରତ ଅଣାଯାଇଛି। ନୂଆଦିଲ୍ଲୀସ୍ଥିତ ସିବିଆଇ ମୁଖ୍ୟାଳୟରେ ତଦନ୍ତକାରୀ ଅଧିକାରୀମାନେ ମିଶେଲଙ୍କୁ ୩,୬୦୦ କୋଟି ଟଙ୍କାର ଦୁର୍ନୀତିରେ ତାଙ୍କ ଭୂମିକା ନେଇ ବିଳମ୍ବିତ ରାତି ଯାଏ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲେ। ସିବିଆଇ ପକ୍ଷରୁ ବୁଧବାର ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ମିଶେଲଙ୍କୁ ହାଜର କରାଇବା ପରେ ରିମାଣ୍ଡ ପାଇଁ ଅନୁମତି ମଗାଯାଇଥିଲା। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ସିବିଆଇକୁ ଏଥିପାଇଁ ଡିସେମ୍ବର ୧୦ ଯାଏ ଅନୁମତି ଦେଇଛନ୍ତି। ମିଶେଲଙ୍କ ପକ୍ଷରୁ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ, ଯାହାକି କୋର୍ଟରେ ଖାରଜ ହୋଇଯାଇଛି। ମିଶେଲ ହେଉଛନ୍ତି ୩ ମଧ୍ୟସ୍ଥଙ୍କ ମଧ୍ୟରୁ ଅନ୍ୟତମ। ଏହି ମାମଲାରେ ମଧ୍ୟସ୍ଥ ଗାଇଡୋ ହସ୍କେ ଓ କାର୍ଲୋ ଗେରୋସାଙ୍କୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଖୋଳତାଡ଼ କରୁଛନ୍ତି। ମିଶେଲଙ୍କ ବିରୋଧରେ ଜାମିନବିହୀନ ଗିରଫ ପରଓ୍ୱାନା ଜାରି ହେବା ପରେ ଉଭୟ ସଂସ୍ଥା ଇଣ୍ଟରପୋଲକୁ ଅବଗତ କରାଇଥିଲେ। ଇଣ୍ଟରପୋଲ ମିଶେଲଙ୍କ ବିରୋଧରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ସିବିଆଇର ଅଭିଯୋଗ ହେଉଛି ୨୦୧୦ ଫେବୃୟାରୀରେ ଉପା ସରକାର ଅମଳରେ ୧୨ଟି ଭିଭିଆଇପି ହେଲିକପ୍ଟର ଯୋଗାଇବା ପାଇଁ ହୋଇଥିବା ଚୁକ୍ତିରେ ମିଶେଲ ମଧ୍ୟସ୍ଥତା କରିଥିଲେ। ୫୫୫.୨୬୨ ନିୟୁତ ୟୁରୋର ଚୁକ୍ତି ହୋଇଥିବାବେଳେ ଭାରତର ରାଜକୋଷକୁ ୩୯୮.୨୧ ନିୟୁତ ୟୁରୋ (ପ୍ରାୟ ୨,୬୬୬ କୋଟି ଟଙ୍କା)ର କ୍ଷତି ସହିବାକୁ ପଡ଼ିଥିଲା। ସେହିପରି ୨୦୧୬ ଜୁନ୍ରେ ଇଡି ପକ୍ଷରୁ ମିଶେଲଙ୍କ ବିରୋଧରେ ଚାର୍ଜଶିଟ ଦାଏର କରାଯାଇଥିଲା। ଏହି ଡିଲ୍ ପାଇଁ ମିଶେଲ ୩୦ ନିୟୁତ ୟୁରୋ (୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଏଥିରେ ଦର୍ଶାଯାଇଥିଲା। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ ଭାରତୀୟ ବାୟୁସେନାକୁ ଅଣାଯିବାକୁ ଥିବା ୧୨ ଏଡବ୍ଲ୍ୟୁ-୧୦୧ ଭିଭିଆଇପି ହେଲିକପ୍ଟର ପାଇଁ ହୋଇଥିବା ଚୁକ୍ତିକୁ ୨୦୧୪ ଜାନୁୟାରୀ ୧ରେ ରଦ୍ଦ କରିଦିଆଯାଇଥିଲା। ୨୦୧୭ରେ ସେପ୍ଟେମ୍ବର ୧ରେ ସିବିଆଇ ଦାଖଲ କରିଥିବା ଚାର୍ଜଶିଟରେ ମିଶେଲ ଓ ବାୟୁସେନାର ପୂର୍ବତନ ଅଧ୍ୟକ୍ଷ ଏସ୍ପି ତ୍ୟାଗୀଙ୍କ ସମେତ ଅନ୍ୟ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ମିଶେଲଙ୍କୁ ଭାରତ ଅଣାଯିବା ପରେ ଏବେ ଏହି ବହୁଚର୍ଚ୍ଚିତ ଦୁର୍ନୀତି ନେଇ ଅନେକ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।



ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ

### ୨ ଘଣ୍ଟା ଶୋଇଲେ ମିଶେଲ

**ନୂଆଦିଲ୍ଲୀ,୫।୧୨(ପି.ଟି.):** ଅଗୁଷ୍ଟା ଦୁର୍ନୀତିର ଅନ୍ୟତମ ଅଭିଯୁକ୍ତ ଖ୍ରୀଷ୍ଟିୟାନ ମିଶେଲ ଜେମ୍ସ ବୁଧବାର ଭୋର ସମୟରେ ଶୋଇବା ପାଇଁ ମାତ୍ର ୨ ଘଣ୍ଟା ପାଇଥିଲେ। ଦୁବାଇରୁ ମଙ୍ଗଳବାର ବିଳମ୍ବିତ ରାତିରେ ମିଶେଲଙ୍କୁ ପ୍ରତ୍ୟର୍ପଣ କରି ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଅଣାଯାଇଥିଲା। ସେଠାରୁ ସିବିଆଇ ଅଧିକାରୀମାନେ ତାଙ୍କୁ ତଦନ୍ତକାରୀ ସଂସ୍ଥାର ମୁଖ୍ୟାଳୟକୁ ନେଇ ତୁହାକୁ ତୁହା ପ୍ରଶ୍ନ କରିଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଭୋର ୪ଟାରୁ ୬ଟା ଯାଏ ତାଙ୍କୁ ଶୋଇବାକୁ ସମୟ ମିଳିଥିଲା। ସକାଳ ୬ଟାରେ ପୁଣି ପ୍ରଶ୍ନ କରିବା ପୂର୍ବରୁ ମିଶେଲଙ୍କୁ ଜଳଖିଆ ଖାଇବାକୁ ଦିଆଯାଇଥିଲା।

## ପୂର୍ବତନ ସଚିବଙ୍କୁ ୩ ବର୍ଷ ଜେଲ

**କୋଇଲା ଦୁର୍ନୀତି**

**ନୂଆଦିଲ୍ଲୀ,୫।୧୨(ପି.ଟି.)**

କୋଇଲା ବ୍ଲକ୍ ଆବଣ୍ଟନ ଦୁର୍ନୀତି ମାମଲାରେ ଦିଲ୍ଲୀର ଏକ ଅଦାଲତ ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତାଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅନ୍ୟ ଦୁଇଜଣ ଅଫିସର କେ.ଏସ୍. କ୍ରୋଫା ଏବଂ କେ.ସି.ସାମ୍ରିଆଙ୍କୁ ମଧ୍ୟ ୩ ବର୍ଷ ଲେଖାଏ ଜେଲ୍ଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ୪ ବର୍ଷରୁ କମ୍ ଜେଲ୍ଦଣ୍ଡ ହୋଇଥିବାରୁ ସମସ୍ତ ୩ ଜଣଙ୍କୁ ଜାମିନ୍ ମିଳିଯାଇଛି।

ଅନ୍ୟ ଅଭିଯୁକ୍ତ ବିକାଶ ମେଟାଲ୍ସ ଆଣ୍ଡ ପାଓ୍ୱାର ଲିଃ (ଭିଏମ୍ପିଏଲ୍)ର ପରିଚାଳନା ନିର୍ଦ୍ଦେଶକ ବିକାଶ ପଟନି ଏବଂ ଆନନ୍ ମଲ୍ଲିକଙ୍କୁ ୪ ବର୍ଷ ଜେଲ୍ଦଣ୍ଡ ହୋଇଛି। ଏଥିସହିତ ପଟନିଙ୍କୁ ୨୫ ଲକ୍ଷ ଟଙ୍କା ଏବଂ ମଲ୍ଲିକଙ୍କୁ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଦଣ୍ଡାଦେଶ ଘୋଷଣା ପରେ ସେମାନଙ୍କୁ ଜେଲ୍ ପଠାଇଦିଆଯାଇଛି। ସେମାନଙ୍କ କମ୍ପାନୀକୁ ମଧ୍ୟ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି। ଭିଏମ୍ପିଏଲ୍କୁ ପଶ୍ଚିମବଙ୍ଗର ମୋଇରା ଏବଂ ମଧୁଜୋର କୋଇଲା ଖଣି ଆବଣ୍ଟନରେ ଅନିୟମିତତା ଅଭିଯୋଗ ହେବା ପରେ ସିବିଆଇ ୨୦୧୨ ସେପ୍ଟେମ୍ବରରେ ଏକ ମାମଲା ଦାଏର କରିଥିଲା। ୫ ଜଣ ଦୋଷୀଙ୍କୁ ସର୍ବାଧିକ ୭ ବର୍ଷ ଜେଲ୍ଦଣ୍ଡ ଏବଂ ଘରୋଇ କମ୍ପାନୀ ଉପରେ ବଡ଼ଧରଣର ଜରିମାନା ଧାର୍ଯ୍ୟ କରିବା ଲାଗି ସିବିଆଇ ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା। ଗତ ୩୦ ତାରିଖରେ କୋର୍ଟ ଗୁପ୍ତାଙ୍କ ସମେତ ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।



ଏଚ୍.ସି. ଗୁପ୍ତା

## ୨ ଶିଶୁଙ୍କୁ ଜାଳି ମହିଳାଙ୍କ ଆତ୍ମହତ୍ୟା

**ବାଲିଆ,୫।୧୨(ପି.ଟି.)**

ସ୍ୱାମୀଙ୍କ ସହ ଝଗଡ଼ାରୁ ଜଣେ ମହିଳା ନିଜର ଦୁଇପିଲାଙ୍କୁ ନିଆଁରେ ଜାଳି ହତ୍ୟାକରିବା ସହ ନିଜେ ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ବାଲିଆ ଜିଲାର ସିକନ୍ଦରପୁର ଅଞ୍ଚଳ ଅନ୍ତର୍ଗତ କୋଠ ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି। କମରୁନ୍ ଖାତୁନ ନାମ୍ନୀ ୨୬ ବର୍ଷୀୟା ମହିଳା ଜଣକ ମଙ୍ଗଳବାର ଅପରାହ୍ନରେ ସ୍ୱାମୀଙ୍କ ସହ ଝଗଡା ପରେ ଦୁଇ ସନ୍ତାନ ଶମିମ(୨) ଏବଂ ଜୈନିଶ(୪)ଙ୍କ ସମେତ ନିଜ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ସମସ୍ତ ତିନିଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ରାଜସ୍ଥାନ, ତେଲେଙ୍ଗାନାରେ ପ୍ରଚାର ଶେଷ

**ଜୟପୁର/ହାଇଦ୍ରାବାଦ,୫।୧୨**

ରାଜସ୍ଥାନ ଓ ତେଲେଙ୍ଗାନା ବିଧାନସଭା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ହାଇଭୋଲ୍ଟେଜ୍ ପ୍ରଚାରରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ନିର୍ବାଚନକୁ ମାତ୍ର ଦୁଇଦିନ ବାକି ଥିବାବେଳେ ସବୁ ରାଜନୈତିକ ଦଳ ପକ୍ଷରୁ ଶେଷ ହୋଇଛି ପ୍ରଚାର। ରାଜସ୍ଥାନ ଓ ତେଲେଙ୍ଗାନାରେ ଶୁକ୍ରବାର ଭୋଟ ଗ୍ରହଣ କରାଯିବ। ଏଥିଲାଗି ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୨୦୦ ସଦସ୍ୟ ବିଶିଷ୍ଟ ରାଜସ୍ଥାନ ବିଧାନସଭାର ୧୯୯ ଆସନରେ ଆସନ୍ତା ୭ରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ରାଜସ୍ଥାନର ୪.୭୭ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଏଥର ମଇଦାନରେ ୧୮୯ ମହିଳାଙ୍କ ସମେତ ୨,୨୭୪ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ରାମଗଡ଼ ଆସନର ବିଏସ୍ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି। ସେହିପରି ତେଲେଙ୍ଗାନା ବିଧାନସଭାର ୧୧୯ ଆସନ ପାଇଁ ମଧ୍ୟ ପ୍ରଚାର ଶେଷ ହୋଇଛି। ଏଠାରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ମତଦାନ ଚାଲିବ। ରାଜ୍ୟର ୨.୮ କୋଟି ମତଦାତା ୩୨,୮୧୫ ମତଦାନ କେନ୍ଦ୍ରରେ ଭୋଟ ଦେଇ ସେମାନଙ୍କ ପ୍ରତିନିଧି ବାଛିବେ। ଆସନ୍ତା ୧୧ରେ ଭୋଟଗଣତି କରାଯିବ।

## ଫିଟିବ ରାଜନେତାଙ୍କ ଗୁମର: ମୋଦି

**ନୂଆଦିଲ୍ଲୀ,୫।୧୨:** ଖ୍ରୀଷ୍ଟିୟାନ ମିଶେଲଙ୍କ ପ୍ରତ୍ୟର୍ପଣ ସହ ଲେଉଟି ଆସିଛି ଅଗୁଷ୍ଟା ଝଡ଼। ରାଜସ୍ଥାନ ଓ ତେଲେଙ୍ଗାନା ନିର୍ବାଚନ ପ୍ରଚାରର ଶେଷ ଦିନରେ ବୁଧବାର ଅଗୁଷ୍ଟା ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଟାର୍ଗେଟ କରିବାକୁ ଯାଇ ମିଶେଲଙ୍କ ନାମ ଉଠାଇ ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ମା' ସୋନିଆ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ରାଜସ୍ଥାନର ସୁମେରପୁରଠାରେ ସେ କହିଛନ୍ତି, କେନ୍ଦ୍ର ସରକାର ମଧ୍ୟସ୍ଥଙ୍କୁ ଦୁବାଇରୁ ଆଣିଛନ୍ତି। ଏହି ବ୍ରିଟେନ ନାଗରିକ କେଉଁ କେଉଁ ରାଜନେତାଙ୍କୁ ସେବା ପ୍ରଦାନ କରିଥିଲେ ଏବେ ସେମାନଙ୍କ ଗୁମର ଫିଟାଇବେ। ସେହିପରି ଭାଜପା ଅଧ୍ୟକ୍ଷ ଅମିତ୍ ଶାହ ଜୟପୁରରେ କହିଛନ୍ତି, ଭାଜପାକୁ ଟାର୍ଗେଟ କରିବା ପାଇଁ କଂଗ୍ରେସ ପାଖରେ କିଛି ପ୍ରସଙ୍ଗ ନାହିଁ। ତେଣୁ ମିଶେଲଙ୍କ ପ୍ରତ୍ୟର୍ପଣ ସମୟକୁ ନେଇ ଏହି ଦଳ ପ୍ରଶ୍ନ କରୁଛି। କଂଗ୍ରେସ ତାଙ୍କୁ ସୁରକ୍ଷା ଦେବାକୁ ଚାହୁଁଛି କି ବୋଲି ଶାହ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ସୁର୍ଜେଓ୍ୱାଲା ହାଇଦ୍ରାବାଦରେ କହିଛନ୍ତି, ବିଧାନସଭା ନିର୍ବାଚନରେ ଭାଜପାର ସମ୍ଭାବ୍ୟ ପରାଜୟରେ ମୋଦି ଚିନ୍ତିତ। ତେଣୁ ବିରୋଧୀଙ୍କୁ ବଦନାମ କରିବା ପାଇଁ ସେ ମିଶେଲଙ୍କୁ ଅସ୍ତ୍ର କରୁଛନ୍ତି।



### ବିଗିଡ଼ିଲେ ତ୍ୟାଗୀ

**ନୂଆଦିଲ୍ଲୀ,୫।୧୨:** ହେଲିକପ୍ଟର ଦୁର୍ନୀତି ସମ୍ପର୍କରେ ପୂର୍ବତନ ବାୟୁସେନା ଅଧ୍ୟକ୍ଷ ଏସ୍.ପି. ତ୍ୟାଗୀଙ୍କୁ ବୁଧବାର ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ବିଗିଡ଼ିଯାଇଥିଲେ। ତ୍ୟାଗୀ କହିଥିଲେ, ମୋତେ ଏଭଳି ପ୍ରଶ୍ନ କରିବାକୁ ତୁମେ କିଏ। ତୁମେ ମୋତେ ଏପରି ଡିଷ୍ଟର୍ବ କରିପାରିବ ନାହିଁ। ପ୍ରଶ୍ନ କଲାବେଳେ ସମ୍ମାନ ଦିଅ ବୋଲି ଉତ୍ତର ଦେବାକୁ ଏଡ଼ାଇ ଯାଇଥିଲେ ତ୍ୟାଗୀ।



## ଫୁର୍ସତ

### ପ୍ରତିରୋପିତ ଗର୍ଭାଶୟରୁ ପ୍ରଥମ ଶିଶୁ ଜନ୍ମ

**ଓ୍ୱାଶିଂଟନ୍**

ବିଶ୍ୱରେ ପ୍ରଥମକରି ଜଣେ ବ୍ରାଜିଲିଆନ୍ ମହିଳା ପ୍ରତିରୋପିତ ଗର୍ଭାଶୟରୁ ଏକ ଶିଶୁକନ୍ୟା ଜନ୍ମ କରିବାକୁ ସମର୍ଥ ହୋଇଛନ୍ତି। ଜଣେ ମୃତ ମହିଳାଙ୍କ ଗର୍ଭାଶୟ ଉକ୍ତ ମହିଳାଙ୍କଠାରେ ପ୍ରତିରୋପଣ କରାଯାଇଥିଲା। ମୃତ ମହିଳାଙ୍କଠାରୁ ଦାନରୂପେ ଗ୍ରହଣ କରାଯାଇଥିବା ଗର୍ଭାଶୟ କାର୍ଯ୍ୟକରିବା ସମ୍ଭବ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଯେଉଁ ମହିଳାଙ୍କର ଜରାୟୁ ଗର୍ଭଧାରଣ କରିବାକୁ ଅସମର୍ଥ ସେମାନେ ଜୀବନ୍ତ ମହିଳାଙ୍କଠାରୁ ଗର୍ଭାଶୟ ଲୋଡ଼ିବା ଆବଶ୍ୟକ ନାହିଁ। ତେବେ ପରିବାର ସଦସ୍ୟ ଚାହିଁଲେ ମୃତ ମହିଳାଙ୍କ ଜରାୟୁ କାଢ଼ି ଅନ୍ୟ ମହିଳାଙ୍କଠାରେ ପ୍ରତିରୋପଣ କରାଯାଇ ପାରିବ। ଉକ୍ତ ମହିଳା ଗର୍ଭଧାରଣ କରିବାକୁ ଅସମର୍ଥ ଥିବାରୁ ତାଙ୍କଠାରେ ଗର୍ଭାଶୟ ପ୍ରତିରୋପଣ କରାଯାଇଥିଲା। ଲାଟିନ୍ ଆମେରିକାରେ ଏହା ହେଉଛି ପ୍ରଥମ ଗର୍ଭାଶୟ ପ୍ରତିରୋପଣ।

### ଜିଏସ୍ଏଟି-୧୧ର ସଫଳ ଉତ୍କ୍ଷେପଣ

**ବେଙ୍ଗାଲୁରୁ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ନିର୍ମିତ ସବୁଠୁ ଓଜନିଆ ସାଟେଲାଇଟ୍ ଜିଏସ୍ଏଟି-୧୧କୁ ବୁଧବାର ଫ୍ରେଞ୍ଚ୍ଗାଏନା ଉତ୍କ୍ଷେପଣ ସ୍ଥଳରୁ ଏରିଏନସ୍ପେସ୍ ରକେଟ ଯୋଗେ ସଫଳତାର ସହିତ ଲଞ୍ଚ୍ କରାଯାଇଛି। ଏହି ଉପଗ୍ରହ ବ୍ରଡବ୍ୟାଣ୍ଡ ସେବାକୁ ତ୍ୱରାନ୍ୱିତ କରିବ। ଫ୍ରେଞ୍ଚ୍ଗାଏନାର କୁରୁସ୍ଥିତ ଏରିଏନ୍ ଲଞ୍ଚ୍ କମ୍ପ୍ଲେକ୍ସରୁ ଭାରତୀୟ ସ୍ଥାନୀୟ ସମୟ (ମଙ୍ଗଳବାର-ବୁଧବାର ରାତି) ୨ଟା ୭ମିନିଟରେ ଏରିଏନ୍-୫ ରକେଟ୍ରେ ଅଗ୍ନିସଂଯୋଗ କରାଯାଇଥିଲା। ଦୀର୍ଘ ୩୩ମିନିଟ୍ ପରେ ଉକ୍ତ ରକେଟ୍ ଜିଏସ୍ଏଟି-୧୧କୁ ପୃଥିବୀର କକ୍ଷପଥରେ ସ୍ଥାପନ କରିପାରିଥିଲା। ଭାରତ ଦ୍ୱାରା ନିର୍ମିତ ସବୁଠୁ ଓଜନିଆ ଓ ଶକ୍ତିଶାଳୀ ସାଟେଲାଇଟ୍କୁ ସଫଳତାର ସହ ଲଞ୍ଚ୍ କରାଯାଇଥିବା ଇସ୍ରୋ ଚେୟରମ୍ୟାନ୍ କେ. ଶିବନ୍ ଜଣାଇଛନ୍ତି। ଜିଏସ୍ଏଟି-୧୧କୁ 'ମହାର୍ଘ ମହାକାଶ ସମ୍ପଦ' ବୋଲି ବର୍ଣ୍ଣନା କରି ସେ କହିଲେ, ଉକ୍ତ ଉପଗ୍ରହର ୩୮ଟି ସ୍ପଟ୍ବିମ୍ ଏବଂ ୮ଟି ସବ୍ବିମ୍ ରହିଛି। ଏହାଦ୍ୱାରା ଦୁର୍ଗମ ସ୍ଥାନ ସମେତ ସମଗ୍ର ଦେଶରେ ୧୬ ଜିବିପିଏସ୍ ଡାଟା ସଂଯୋଗ ସେବା ପ୍ରଦାନ କରାଯାଇ ପାରିବ। ଏହାର ଓଜନ ପାଖାପାଖି ୫,୮୫୪ କିଲୋଗ୍ରାମ୍। ଇସ୍ରୋଦ୍ୱାରା ନିର୍ମିତ ଉପଗ୍ରହଗୁଡ଼ିକ ମଧ୍ୟରେ ଏହା ସବୁଠୁ ଓଜନିଆ। ପରବର୍ତ୍ତୀ ପିଢ଼ିର ଏହି ଯୋଗାଯୋଗ ଉପଗ୍ରହ ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ମିଳିଛି।





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୫ | ୧୩.୫ |
| ଚାନ୍ଦବାଲି | ୨୭.୫ | ୧୫.୯ |
| କଟକ | ୨୮.୦ | ୧୪.୪ |
| ପାରାଦ୍ୱୀପ | ୨୮.୯ | ୧୭.୪ |
| ଭୁବନେଶ୍ୱର | ୨୯.୮ | ୧୫.୭ |
| ଗୋପାଳପୁର | ୩୦.୫ | ୧୮.୫ |
| ପୁରୀ | ୨୯.୬ | ୧୮.୬ |
| ଅନୁଗୋଳ | ୨୭.୩ | ୧୨.୦ |
| ବାରିପଦା | ୨୬.୫ | ୧୩.୮ |
| ଝାରସୁଗୁଡ଼ା | ୨୮.୩ | ୧୩.୯ |
| କେନ୍ଦୁଝର | ୨୬.୭ | ୧୨.୧ |
| ସମ୍ବଲପୁର | ୩୦.୧ | ୧୪.୨ |
| ସୁନ୍ଦରଗଡ଼ | ୨୯.୦ | ୧୨.୫ |
| ହୀରାକୁଦ | ୨୯.୦ | ୧୫.୧ |
| ତାଳଚେର | ୨୯.୮ | ୧୬.୦ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୨୯.୧ | ୧୫.୬ |
| କୋରାପୁଟ | ୨୫.୦ | ୧୫.୪ |
| ଫୁଲବାଣୀ | --- | ୮.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୫ | ୨୦.୪ |
| ସୋନପୁର | ୨୯.୮ | ୧୭.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍ସିୟସ୍

## ମୋଦିଙ୍କୁ ଧନ୍ୟବାଦ ଦେଲେ ପ୍ରିୟଙ୍କା

**ନୂଆଦିଲ୍ଲୀ:** ନବବିବାହିତ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ତାଙ୍କ ଓ୍ୱେଡିଂ ରିସେପ୍ଶନ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିମନ୍ତ୍ରଣ ରକ୍ଷାକରି ମୋଦି ଏପରି ଏକ ମାଙ୍ଗଳିକ ଉତ୍ସବରେ ଯୋଗଦେଇଥିବାରୁ ପ୍ରିୟଙ୍କା ତାଙ୍କୁ ହୃଦୟଭରା ସ୍ୱାଗତ କରିଥିଲେ। ତାଙ୍କ ଆଶୀର୍ବଚନ ଏବଂ ଉପସ୍ଥିତିରେ ଅତ୍ୟନ୍ତ ଖୁସି ଥିବା ପ୍ରିୟଙ୍କା ଟୁଇଟର ପୃଷ୍ଠାରେ ବୁଧବାର ପ୍ରକାଶ କରିଛନ୍ତି। ଏଥିସହିତ ସେ, ସ୍ୱାମୀ ନିକ୍ ଜୋନ୍ସ ଏବଂ ତାଙ୍କ ମା' ମଧୁ ଚୋପ୍ରା ପ୍ରଧାନମନ୍ତ୍ରୀଙ୍କ ସହିତ ଏକ ଖୁସି ମୁହୂର୍ତ୍ତର ଫଟୋକୁ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ମୋଦି ଉଭୟଙ୍କୁ ଗୋଟିଏ ଲେଖା ଗୋଲାପଫୁଲ ଦେବା ସହିତ ସେଠାରେ ୧୦ମିନିଟ୍ ପାଇଁ ଉପସ୍ଥିତ ଥିଲେ। ସେ ନିକ୍ ଏବଂ ପ୍ରିୟଙ୍କାଙ୍କ ପରିବାରଙ୍କୁ ଯୋଡ଼ହସ୍ତରେ ସାକ୍ଷାତ କରି ଖୁସିର ବାର୍ତ୍ତା ବିନିମୟ କରିଥିଲେ। ଗତ ସପ୍ତାହରେ ଯୋଧପୁରର ଉମେଦ ଭବନ ପ୍ୟାଲେସରେ ପ୍ରିୟଙ୍କା ଓ ନିକ୍ଙ୍କ ଶୁଭପରିଣୟ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ରିସେପ୍ଶନ୍ ପାର୍ଟି ଆୟୋଜିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।









■ ଅତ୍ୟାଧୁନିକ ବର୍ଜ୍ୟଜଳ ବିଶୋଧନାଗାର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# 'ବଦଳିବ କଟକ ସହରର ପରିମଳ ରୂପରେଖ'





ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିମାନେ।

■ ଦୈନିକ ସହରବାସୀ ପାଇବେ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ଜଳ

■ ୩୦ବର୍ଷ ପର୍ଯ୍ୟନ୍ତ ରହିବନି ପିଇବା ପାଣି ସମସ୍ୟା

**କଟକ ଅଫିସ, ୫।୧୨**

ସ୍ୱଚ୍ଛ କଟକ, ସୁସ୍ଥ କଟକ। ଏଣିକି ବଦଳିଯିବ କଟକ ସହରର ପରିମଳ ରୂପରେଖ। ସହରବାସୀଙ୍କୁ ଦୈନିକ ମିଳିବ ୩ କୋଟି ୬୦ ଲକ୍ଷ ଲିଟର ବିଶୁଦ୍ଧ ପାନୀୟଜଳ। ବୁଧବାର ୧୧୦ କୋଟି ଟଙ୍କା ବ୍ୟୟରେ ସିଡିଏଠାରେ ନିର୍ମିତ ଅତ୍ୟାଧୁନିକ 'ବର୍ଜ୍ୟଜଳ ବିଶୋଧନାଗାର'କୁ ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ଏହି ପ୍ରକଳ୍ପରେ ପୋଲିସ କଲୋନୀଠାରେ ନିର୍ମିତ ଘଣ୍ଟାକୁ ୭୨ ଲକ୍ଷ ଲିଟର ଜଳ ନିଷ୍କାସନ କ୍ଷମତା ସମ୍ପନ୍ନ ଡ୍ରେନେଜ ପମ୍ପିଙ୍ଗ୍ ଷ୍ଟେଶନକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ବିଶୋଧନାଗାର ଓ ତତ୍‌ସଂଲଗ୍ନ ଭୂତଳ ସ୍ୱେରେଜ ଲାଇନ୍ ଦ୍ୱାରା ସହରର ଲୋକମାନେ ଉପକୃତ ହେବେ। ବୁଧବାରଠାରୁ ମହାନଦୀ ଓ କାଠଯୋଡି ରିଂରୋଡର ମଧ୍ୟବର୍ତ୍ତୀ ଅଞ୍ଚଳ ବିଡାନାସିଠାରୁ ମଙ୍ଗଳାବାଗ, ଫ୍ରେଣ୍ଡସ କଲୋନୀ, ଝୋଲାସାହି, ବଙ୍ଗାଳିସାହି ଓ ପୁରୀଘାଟ ଅଞ୍ଚଳର ଲୋକେ ଏହି ପ୍ରକଳ୍ପର ସେବା ନେଇ ପାରିବେ। ଏଥିସହ ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ମତଗଜପୁରଠାରେ ନିର୍ମାଣାଧୀନ ବିଶୋଧନାଗାର ଆଉ ଅଳ୍ପଦିନ ମଧ୍ୟରେ ଲୋକର୍ପିତ ହେବାପରେ ସହରରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ଆହୁରି ସୁଧାର ଆସିବ। ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ସହରବାସୀଙ୍କର ଜଳକଷ୍ଟ ଦୂର ହୋଇପାରିବ। ଆଜିପର୍ଯ୍ୟନ୍ତ ବର୍ଜ୍ୟଜଳ ଘରୁ ବାହାରିବା ପରେ ତାହା ନାଳଦ୍ୱାରା ଯାଇ ମହାନଦୀ ଏବଂ କାଠଯୋଡି ନଦୀରେ ମିଶି ଜଳ ପ୍ରଦୂଷିତ କରୁଛି। ନଦୀ ପ୍ରଦୂଷଣ ଓ ସହରର ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦୂର ପାଇଁ ଏହି ପ୍ରକଳ୍ପ ସେବା ଯୋଗାଇବ। ଘରୁ ବାହାରୁଥିବା ଦୂଷିତ ଜଳକୁ ଭୂତଳ ସ୍ୱେରେଜ ପାଇପ ମାଧ୍ୟମରେ ସଂଗ୍ରହ କରି ଅତ୍ୟାଧୁନିକ ପଦ୍ଧତିରେ ବିଶୋଧନ କରି ନଦୀରେ ଛଡାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦ଟି ଓମ୍‌ଫେଡ୍ ଡାଏରି ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥ ବ୍ୟାପାର ବିଭାଗର ଅତିରିକ୍ତ ସଚିବ ସି.ଏସ୍. ମହାପାତ୍ର, ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମଥିଭାଥନନ୍, ଜାଇକା ଇଣ୍ଡିଆର ମୁଖ୍ୟ ପ୍ରତିନିଧି କାଟସୁଅ ମାତସୁମୋଟୋ, ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଟି.ବି.କେ. ସରାଫ ଉପସ୍ଥିତ ଥିଲେ।

■ ଗ୍ୟାସ୍ ପାଇପ ଲାଇନ୍ ପ୍ରକଳ୍ପ

# ବିନିଯୋଗ ହେବ ୭୦ ହଜାର କୋଟି: ଧର୍ମେନ୍ଦ୍ର




■ ୧୯ତମ ଜାତୀୟ ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ ଉଦ୍‌ଘାଟିତ

■ ଡିସେମ୍ବରରୁ ପାରାଦୀପ ରିଫାଇନେରୀରୁ ପଲିପ୍ରୋପିଲିନ୍ ଉତ୍ପାଦନ

**ଭୁବନେଶ୍ୱର,୫।୧୨**

କେନ୍ଦ୍ର ସରକାର ଗ୍ୟାସ ଭିତ୍ତିକ ଅର୍ଥନୀତିକୁ ଅଗ୍ରାଧିକାର ଦେଉଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଯାଇ ଦେଶରେ ଗ୍ୟାସ ପାଇପ ଲାଇନ ବିଛାଯିବ। ଏଥିଲାଗି ପ୍ରାୟ ୭୦ ହଜାର କୋଟି ଟଙ୍କା ବିନିଯୋଗ କରାଯିବ। ଉକ୍ତ ଯୋଜନା ଅଧୀନରେ ଓଡ଼ିଶାରେ ପ୍ରାଥମିକ ପର୍ଯ୍ୟାୟରେ ୧୭୦୦ କିମିର ପାଇପ ଲାଇନ ନେଟ୍‌ୱର୍କ ବିଛାଯିବ। ଏଥିପାଇଁ ୪,୫୦୦ କୋଟି ପୁଞ୍ଜି ବିନିଯୋଗ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିଭଳି ଧାମରା–ବାଂଲାଦେଶ, ସିଲିଗୁଡ଼ି–ବାଂଲାଦେଶ ଏବଂ ବାଂଲାଦେଶ–ମ୍ୟାନ୍‌ମାରକୁ ଗ୍ୟାସ୍ ନେଟ୍‌ୱର୍କ ଯୋଡିବା ନେଇ ଯୋଜନା ରହିଥିବା କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି।

ଭୁବନେଶ୍ୱରଠାରେ ଆୟୋଜନ ହେଉଥିବା ୩ ଦିନିଆ ନ୍ୟାଶନାଲ କରୋଜନ କଣ୍ଟ୍ରୋଲ କନ୍‌ଫରେନ୍ସ (ଅବକ୍ଷୟ ନିୟନ୍ତ୍ରଣ ସମ୍ମିଳନୀ)କୁ ଉଦ୍‌ଘାଟନ କରି ପ୍ରଧାନ କହିଛନ୍ତି, ପୂର୍ବ ଭାରତକୁ ବିକାଶ କ୍ଷେତ୍ରରେ ପଶ୍ଚିମ ଭାରତ ସହ ସମକକ୍ଷ କରାଇବାକୁ ହେଲେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକୁ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏହି ଅବସରରେ ପାରାଦୀପ, ଧାମରା ଏବଂ ଗୋପାଳପୁରରେ ବନ୍ଦର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ସୂଚନା ଦେଇଛନ୍ତି।

ସେହିଭଳି ପାରାଦୀପ–ହାଇଦ୍ରାବାଦ ମଧ୍ୟରେ ୧୨୧୨ କିମିର ପାଇପ ଲାଇନ, ପାରାଦୀପ ବନ୍ଦରର ଗ୍ୟାସ୍ ପରିବହନ କ୍ଷମତା ବୃଦ୍ଧି, ତୈଳ ବିଶୋଧନାଗାରର କ୍ଷମତା ସମ୍ପ୍ରସାରଣ ଏବଂ ଚଳିତ ମାସରୁ ପାରାଦୀପ ରିଫାଇନେରୀରେ ପଲିପ୍ରୋପିଲିନ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଘରୋଇ ବଜାର ଲାଗି ଅବକ୍ଷୟ ନିରୋଧୀ ଜ୍ଞାନକୌଶଳ ଉଦ୍ଭାବନ ତଥା ଏହାର ଉପଯୋଗ ନେଇ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ଶିଳ୍ପ ବିଶେଷଜ୍ଞଙ୍କୁ ସେ ଆହ୍ୱାନ ଦେଇଛନ୍ତି। ନ୍ୟାଶନାଲ କରୋଜନ କାଉନସିଲ ଅଫ୍ ଇଣ୍ଡିଆ, କରାଇଗୁଡ଼ି, ସିଏସ୍‌ଆଇଆର୍ କରାଇଗୁଡ଼ି ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେଶନ(ପାଇପଲାଇନ) ଡିଭିଜନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଉକ୍ତ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହେବ।

## ଢେଙ୍କାନାଳକୁ ଗୌରବାନ୍ୱିତ କଲେ ରୀବାସ

# ଦୁଲ୍‌ଦୁଲିରେ ଦୁଲୁକିବ ତାମିଲ ଇଣ୍ଡଷ୍ଟ୍ରୀ

**ଢେଙ୍କାନାଳ ଅଫିସ, ୫।୧୨**

ବଲିଉଡ, ହଲିଉଡ୍ ପରେ ଏବେ ତାମିଲ ଇଣ୍ଡଷ୍ଟ୍ରୀରେ ଶୁଣିବାକୁ ମିଳିବ ସମ୍ବଲପୁରୀ ଫୋକ୍ ମ୍ୟୁଜିକ୍‌ର ଧୂନ। ଦୁଲ୍‌ଦୁଲି, ନିଶାଣର ଛାତିଥରା ଶବ୍ଦରେ ନାଚିବ ସାରା ଦକ୍ଷିଣ ଭାରତ। ସୁପରଷ୍ଟାର ରଜନୀକାନ୍ତଙ୍କ ଅପ୍‌କମିଂ ତାମିଲ ଫିଲ୍ମ 'ପେଟ୍ଟା'ରେ ସମ୍ବଲପୁରୀ ବାଦ୍ୟକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଆଉ ଏହି ଗୀତରେ ନିଜର ଟ୍ୟାଲେଣ୍ଟ ଦେଖାଇ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଛନ୍ତି ଢେଙ୍କାନାଳ ପୁଅ ରୀବାସ ନାଏକ। ନିକଟରେ ଉକ୍ତ ଗୀତର ଅଡ଼ିଓ ରିଲିଜ ହୋଇଥିବାବେଳେ ୟୁଟ୍ୟୁବ୍‌ରେ ଏହାକୁ ମିଳିଛି ଭଲ ରେସ୍‌ପନ୍ସ। ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦର, ଏସ୍. ବାଲସୁବ୍ରମଣ୍ୟମ ଉକ୍ତ ଗୀତରେ କଣ୍ଠଦାନ କରିଥିବାବେଳେ ଉଭୟେ ରୀବାସଙ୍କ ପ୍ରତିଭାକୁ କରିଛନ୍ତି ପ୍ରଶଂସା।

'ପେଟ୍ଟା' ଫିଲ୍ମ ଲାଗି ଆମନ୍ତ୍ରିତ ହୋଇଥିଲେ ମା' ଦକ୍ଷିଣକାଳୀ ଶିଙ୍ଗବାଜା ଗ୍ରୁପ୍। ଏହାର ନେତୃତ୍ୱ ନେଇଥିଲେ ୨୬ବର୍ଷୀୟ ରୀବାସ। ଅନୁଷ୍ଠାନର ୯ଜଣ ସହଯୋଗୀ ମାଡ୍ରାସ ଯାଇଥିଲେ। ସେଠାକାର ଏକ ଷ୍ଟୁଡିଓରେ ସମ୍ବଲପୁରୀ ବିଟ୍‌ରେ ରେକର୍ଡିଂ ହୋଇଥିଲା 'ମାସ୍ ୟୁ ମରନମ୍'।

ନିଜର ଅନୁଭୂତି ସମ୍ପର୍କରେ ରୀବାସ କୁହନ୍ତି, ବାଜା ବଜାଇବା ଦୃଶ୍ୟ ଶୁଟିଂ କରି ରୀବାସ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିଥିଲେ। ଏହାକୁ ଦେଖିଥିଲେ ରଜନୀକାନ୍ତଙ୍କ ସହଯୋଗୀ। ୟୁଟ୍ୟୁବ୍‌ରେ ଦିଆଯାଇଥିବା ମୋବାଇଲ୍ ଫୋନ୍‌ରେ ସେ ଯୋଗାଯୋଗ କରିଥିଲେ। ଏହାପରେ ତାଲିମ ଫିଲ୍ମରେ ପ୍ରତିଭା ପ୍ରଦର୍ଶନ ଲାଗି ବାଟ ଖୋଲିଯାଇଥିଲା। ଏହା ସଫଳତାର ପ୍ରଥମ ସୋପାନ। ବାଦ୍ୟଯନ୍ତ୍ର ପ୍ରତି ପିଲାଟି ଦିନରୁ ନିଶା ରହିଛି। ବାହାଘର ଶୋଭାଯାତ୍ରା, ପୂଜା ଭସାଣିରେ ନିଶାଣ ଓ ଦୁଲ୍‌ଦୁଲି ବଜାଉଥିଲୁ। ଏବେ ଫିଲ୍ମରେ ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଏସବୁ ପଛରେ ବାପା ସୁଧା ନାଏକ ଏବଂ ମା' ସରିତା ନାଏକ ପ୍ରେରଣା ଥିବା ସେ କହିଛନ୍ତି।

NECC NATIONAL EGG CO-ORDINATION COMMITTEE — 05.12.2018 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 74 | 124 | 134 |
| DKL | 76 | 127 | 137 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 77 | 128 | 138 |

*Conditions Apply
Eggs Retail Price- 48/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ବେଦ ପ୍ରକାଶ
ପରିବାରବର୍ଗ


ଆରାଧନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified

## real estate

### SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64389

ଭୁବନେଶ୍ୱର Sum Hospital, କାଟେଣୀ MITM, ZEE School ନିକଟରେ gharabari boundary 30' road patta plot 520/-. 9853144622. D-64757

ଭୁବନେଶ୍ୱର AIIMS Hospital, DOON International School ନିକଟରେ gharabari boundary patta plot. 7978274744. D-64758

## GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64372

## ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟସ ଘର (electricity+water) ଖୋଲା ଜାଗା ଆବଶ୍ୟକ। Contact: 8280082800. D-65223

## healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Experience full body massage with us by expert Enquiry: 06742597822, 7377048581. D-65206

Saishree ayurvedic full body massage ladies & gents. Contact: 7438896074. D-64653

All type of full body massage by expert therapist. 7609005923. D-65214

Herbal full body massage by smart/ expert therapist. Contact: 8338067247. D-65215

Newly opening ayurvedic massage smart therapist, Shree herbal. 7750020754. D-65216

Pamper yourself this Mansoon professional massage. Contact Purple Orchid. 9776598888. D-65217

Improving your health, skin care through expert therapist, excellent offer. 9668374480. D-65218



## ଜନ୍ମଦିନ ଶୁଭେଚ୍ଛା



**ବେଦ ପ୍ରକାଶ**
ନାହାଳପୁର, କଟକ

ଆଜି ତୋତେ ଚାରିବର୍ଷ ପୂରିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ମା, ବାପା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ଭାଇ, ବଡବାପା, ବଡବୋଉ ଓ ବନ୍ଧୁପରିବାରବର୍ଗ। ଧ-୧୪୫୫୭



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## କଟକରେ ଖୋଲିବ ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍

କଟକ ଅଫିସ, ୫।୧୨

କଟକରେ ସ୍ଥାପନ ହେବ ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍। ଏଠାରେ ପଲିଟେକ୍ନିକ୍ ଓ ଆଇଟିଆଇ ଇନ୍‌ଷ୍ଟିଚ୍ୟୁଟ୍ ଖୋଲିବ। ୨୦୧୯ରୁ ଆଇଟିଆଇ ଓ ୨୦୨୦ରେ ପଲିଟେକ୍ନିକ୍ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହେବ। ରାଜ୍ୟ ସରକାର ଏହି ପ୍ରତିଷ୍ଠାନ ପାଇଁ ୫ ଏକର ଜମି ଯୋଗାଇ ଦେଇଛନ୍ତି। ୟୁଜିସି ପକ୍ଷରୁ ୪୦ କୋଟି ଟଙ୍କା ଏଥିପାଇଁ ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିଡିଏ ସେକ୍ଟର-୧୩ସ୍ଥିତ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପ୍ରତିଷ୍ଠାନ ଶାଖାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ସେ ବହୁତ ଖୁସି ଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୭ ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ସେଣ୍ଟର

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) କୋଚିଂ ସେଣ୍ଟର ଖୋଲାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ରେଭେନ୍‌ଶା ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ନେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ସେହିପରି ରାଜ୍ୟରେ ସ୍ୱତନ୍ତ୍ର ଆଇଏଏସ୍ କୋଚିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଗ୍ରହୀ ସଂସ୍ଥାମାନଙ୍କୁ ସରକାର ଆହ୍ୱାନ ଦେଇଛନ୍ତି। ଏଥିନିମନ୍ତେ ଇଚ୍ଛୁକ ସଂସ୍ଥାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।


## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧା ସୁମନ**



**ସ୍ୱର୍ଗତ ନଟବର ଶିଶୁ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କୋଣାର୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୁଣେଇଁ
ଆବିର୍ଭାବ: ୨୬।୦୯।୧୯୩୧
ତିରୋଧାନ: ୨୮।୧୧।୨୦୧୬
ବାପା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ବନ୍ଧୁପରିବାରବର୍ଗ।
ଧ-୯୮୪୧

**ଷଷ୍ଠ ବାର୍ଷିକ ଶ୍ରାଦ୍ଧଦିବସ**



**ସ୍ୱର୍ଗତ ଗନ୍ଧର୍ବ ବିଶ୍ୱାଳ**
ଆରୁହାଁ, କୋଣାର୍କ, ପୁରୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ଶାନ୍ତିଲତା, ଭାଇ- ଭଗବାନ, ପୁଅ- ପିଣ୍ଟୁ, ବୋହୂ- ଲୋରି, ଝିଅ- ରୀତା, ଗୀତା, ସବିତା, ଶଶୀ, ଜ୍ୱାଇଁ- ସଂଗ୍ରାମ, ସାଗର, ନାତୁଣୀ- ପ୍ରିୟା, ନାତି-ରିଆସ, ଶୁଭମ୍, ଆୟଷମାନ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୯୮୪୦

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ସାହୁ**
ବାଲିଅନ୍ତା, ଭୁବନେଶ୍ୱର
ଆବିର୍ଭାବ: ୩୦।୦୬।୧୯୫୫
ତିରୋଧାନ: ୨୬।୧୧।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଭାଇ- ପ୍ରତାପ କୁମାର ସାହୁ, କ୍ଷୀରୋଦ କୁମାର ସାହୁ, ମନୋଜ କୁମାର ସାହୁ ଓ ପରିବାରବର୍ଗ। ଧ-୬୪୨୫୯

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସନାତନ ପାତ୍ର**
ଆବିର୍ଭାବ: ୦୫।୦୪।୧୯୩୨
ତିରୋଧାନ: ୨୮।୧୧।୨୦୧୬
ତୁମ ଅବର୍ତ୍ତମାନର ଦୁଇ ବର୍ଷ ଅତିକ୍ରାନ୍ତ। ତୁମର ଆଦର୍ଶ, ଅଦମ୍ୟ ସାହସ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ତଥା ସ୍ନେହ ଓ ଶ୍ରଦ୍ଧା ଆମର ଚିର ପାଥେୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି, ନାତୁଣୀବୋହୂ, ଝିଅ, ଜ୍ୱାଇଁ, ଭଣଜା ଏବଂ ସମସ୍ତ ଆତ୍ମୀୟସ୍ୱଜନ। ଧ-୯୮୩୬


## ଖଟିରେ ଖଟିରେ...

### ପାଣିଚିଆ

ରାଜଧାନୀକୁ ଏବେ ହକି ଜ୍ୱର। ଏ ଜ୍ୱର କୁଆଡ଼େ ଛାଡ଼ିବନି ଆହୁରି ୧୦ ଦିନ ରହିବ। ଖଟିରେ ଏବେ ରାଜନୀତି ଅପେକ୍ଷା ଖେଳ ଚର୍ଚ୍ଚା ଜମୁଛି। ହେଲେ ରାଜନୀତି ବା କୁଆଡ଼େ ଖଟିକୁ ଛାଡ଼ି ରହିବ। ସେଦିନ କେଶରୀ ଟକିଜ୍ ପାଖ ଖଟିରେ ଏମିତି ରାଜନୀତି ଆଲୋଚନା ଚାଲିଥିଲା। କଥା ପଡୁ ପଡୁ ଜଣେ ଫୁଲ ଦଳିଆ କହିଲେ, ଆମ ଦଳକୁ ମ୍ୟାଡାମ ଆସିବା ପରେ ଖେଳ ଜମିଗଲା। ଏତିକି ବେଳେ ଶଙ୍ଖ ଦଳିଆ ନଟିଆ କହିଲା, ଖେଳ ଜମିଲାନି। ଓଲଟି ପାଣିଚିଆ ହୋଇଗଲା। ଫୁଲ ଦଳିଆ ପଚାରିଲା କେମିତି। ଏହାଶୁଣି ନଟିଆ ଉତ୍ତର ଦେଲା, ମ୍ୟାଡାମ ଭାରି ହିସାବୀ। ନହେଲେ ପ୍ରଥମେ ବିଦେଶୀ କମ୍ପାନୀରେ ଚାକିରି କରିବେ ବୋଲି ଲେଖିଥିଲେ। ପରେ କିନ୍ତୁ କାରଣ ବଦଳେଇ ଦେଲେ। ତେଣୁ ଆରମ୍ଭରୁ ମିଛ ଧରାପଡ଼ିଲା। ଏମିତି ବେଳାରେ ଦଳକୁ ଆସିଲେ ଯେ, ଦିଲ୍ଲୀରେ ହାକିମାତି କରୁଥିବା ନେତାଙ୍କୁ ମୁଖିଆ ପ୍ରାର୍ଥୀ କିଏ, ସମସ୍ତଙ୍କୁ ଜଣାଇବାକୁ ପଡ଼ିଲା। ତା' ପରଦିନ ପୁଣି ପ୍ରଭାବୀ ଦିଲ୍ଲୀ ମାନ୍ୟବରଙ୍କୁ ଆଉଗୋଟେ କଥା କହିବାକୁ ପଡ଼ିଲା। ତେଣୁ ମ୍ୟାଡାମ୍ ଆରମ୍ଭ ପାଣିଚିଆ ହୋଇଗଲା। ଏକଥା ଶୁଣି ଫୁଲ ଦଳିଆ କି ସମ୍ଭାଳେ। ବାଇକ୍ ଧରି ସିଧା ଛୁ।

### କଲେ ଭଲ ନ ହେଲେ ମଲ

ସବୁବେଳେ ଶୁଣୁଥିଲି ହେଲେ ସତ ବୋଲି ଭାବି ନ ଥିଲି। ବୁଝିଲ ଭାଇ, ଆଜି ଆଖିରେ ଦେଖିଲା ପରେ ସତ ବୋଲି ଜାଣିଗଲି। ଏ ଖାକିବାଲାଗୁଡ଼ା ସବୁଠୁ ବଡ଼ ଚୋର ହୋ। ବାବୁଙ୍କ ଏମନ୍ତ କଥା ଶୁଣି ଶହୀଦ ନଗର ଚା ଖଟିରେ ତାଙ୍କ ସାଙ୍ଗ ପଚାରିଲେ କ'ଣ ହେଇଛି କହୁନୁ ନ ହେଲେ ଆମେ କ'ଣ ବୁଝିବୁ। ଆଉ ତା'ପରେ ବାବୁ ଜଣଙ୍କ ବଡ଼ ପାଟିରେ ବଖାଣିଲେ, ଇରେ ହେ ଗଲାକାଲି ପୁରୀର ଅମୁକ ହୋଟେଲରେ ବସିଥିଲି। ସେଇ ପାଖରେ ପୁରୀ ଜିଲାର ଗଡ ଏରିଆ ମାନ୍ୟବର ବସିଥାଆନ୍ତି। ଆଉ ତାଙ୍କ ନିକଟରେ ସେପଟର ପାନ ଏରିଆ ଖାକିବାବୁ ବି ବସିଥାଆନ୍ତି। ଆଉ ମାନ୍ୟବରଙ୍କ କଥା ଶୁଣି ଖାକି ବାବୁଜଣଙ୍କ ଖାଲି ଆଜ୍ଞା, ଆଜ୍ଞା ଚଲାଇ ଥାଆନ୍ତି। ଆଉ ଟିକେ କାନ ଡେରି ଶୁଣିଲା ପରେ ଜଣାପଡିଲା, ମାନ୍ୟବରଙ୍କ ଜଣେ କର୍ମୀ କୁଆଡେ ଗୋଟେ ମାମଲାରେ ଜଡିତ ଅଛନ୍ତି। ଆଉ ତାଙ୍କୁ ହାଜତ ନ ନେବାକୁ ଖାକିବାଲାଙ୍କୁ ତାଗିଦ କରୁଥାଆନ୍ତି। ଆଉ ଏମନ୍ତ ଦେଖିଲାପରେ ଭାବିଲି, ଏ ବ୍ୟବସ୍ଥାରେ ଲୋକେ ବଞ୍ଚିବେ ତ ? ସେଇଠୁ ତାଙ୍କ ସାଙ୍ଗ ଜଣଙ୍କ କହିଲେ, ଏଠି ଭାଇ କଲେ ଭଲ ନ ହେଲେ ମଲ।

# ଏଏସ୍‌ଓ ପରୀକ୍ଷା ଘୁଞ୍ଚିବା ପରେ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ଗ୍ରୁପ୍-ବି ଲିଖିତ ପରୀକ୍ଷା ଘୁଞ୍ଚାଯିବା ପରେ ପୁଣି ଅନେକ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଯେଉଁ ତାରିଖକୁ ପରୀକ୍ଷା ଘୁଞ୍ଚାଯାଇଛି ସେହିଦିନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ(ଆଇବିପିଏସ୍) କ୍ଲର୍କ ମେନ୍ ପରୀକ୍ଷା ରହିଛି। ତେଣୁ ଏଏସ୍‌ଓ ପରୀକ୍ଷା ତାରିଖ ପରିବର୍ତ୍ତନ କରିବାକୁ ଅନେକ ପ୍ରାର୍ଥୀ ଦାବି କରିଛନ୍ତି।

ସୂଚନା ମୁତାବକ, ଓପିଏସ୍‌ସି ପକ୍ଷରୁ ଡିସେମ୍ବର ୨୩ରେ ଏଏସ୍‌ଓ ପରୀକ୍ଷା ଅନୁଷ୍ଠିତ ହେବା ନେଇ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ବହୁ ସଂଖ୍ୟାରେ ପ୍ରାର୍ଥୀ ଆବେଦନ କରିଥିବାରୁ ପରୀକ୍ଷା ପରିଚାଳନାରେ ସମସ୍ୟା ହେବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହାକୁ ହୃଦ୍‌ବୋଧ କରି ଓପିଏସ୍‌ସି ପକ୍ଷରୁ ଆସନ୍ତା ୨୦୧୯ ଜାନୁୟାରୀ ୨୦କୁ ପରୀକ୍ଷା ଘୁଞ୍ଚାଇ ଦିଆଯିବା ସହ ଏ ନେଇ ଗତ ସୋମବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପରେ ବ୍ୟାଙ୍କିଙ୍ଗ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ପ୍ରାର୍ଥୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜଣେ ପରୀକ୍ଷାର୍ଥୀ ଅଭିମନ୍ୟୁ ସାହୁ କୁହନ୍ତି, ଗୋଟିଏ ଦିନରେ ଦୁଇଟି ପରୀକ୍ଷା ହେଲେ ବହୁ ପ୍ରାର୍ଥୀ ଅସୁବିଧାର ସମ୍ମୁଖୀନ ହେବେ। ଯଦି କେହି ଆଇବିପିଏସ୍ କ୍ଲର୍କର ପ୍ରିଲିମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାଏ, ତେବେ ମେନ୍ ପରୀକ୍ଷା ଦେବା କଷ୍ଟକର ହୋଇଯିବ। ପରୀକ୍ଷା ଲାଗି ବହୁତ ଦିନ ଧରି ଅଭ୍ୟାସ କରିଆସୁଛୁ। ତେଣୁ ପରିଶ୍ରମ ବୃଥା ହେବ। ଆଉ ଜଣେ ପରୀକ୍ଷାର୍ଥୀ ଧରିତ୍ରୀ ସାହୁ କୁହନ୍ତି, ଏଏସ୍‌ଓ ପରୀକ୍ଷା ତାରିଖ ଘୁଞ୍ଚିଲା ବୋଲି ପଢ଼ିବାକୁ ଅଧିକ ସମୟ ମିଳିଲା। କିନ୍ତୁ ଗୋଟିଏ ଦିନରେ ୨ଟି ପରୀକ୍ଷା କିପରି ଦେବୁ। ଓପିଏସ୍‌ସି କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନିଅନ୍ତୁ।

**କିଛି ତଥ୍ୟ**

୨୦୧୭ରେ ଭାରତ ବିଶ୍ୱର ପ୍ରମୁଖ ବଜାରଗୁଡ଼ିକୁ ୩୧ ବିଲିୟନ ଡଲାରର କୃଷିଜାତ ସାମଗ୍ରୀ ରପ୍ତାନି କରିଛି।
**-ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେସନ୍ସ**

ପ୍ରଥମ ପୃଷ୍ଠାରୁ...

## ସହଯୋଗ ଲୋଡ଼ିବ...


ନବୀନ ନିବାସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ପଟ୍ଟନାୟକ, ଅନନ୍ତ ଦାସ ଏବଂ ଅରବିନ୍ଦ ଢାଲି ତୃଣମୂଳ କଂଗ୍ରେସ, ଶଶିଭୂଷଣ ବେହେରା, ଅନଙ୍ଗ ଉଦୟ ସିଂଦେଓ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି), ସିପିଆଇ/ସିପିଏମ୍‌କୁ କଳିକେଶ ନାରାୟଣ ସିଂ ଦେଓ,କୁଳମଣି ସାମଲ ଏବଂ ରୀତା ତରାଇ ଭେଟିବେ। ବଦ୍ରିନାରାୟଣ ପାତ୍ର,ଅରୂପ ପଟ୍ଟନାୟକ ଏବଂ ଶକୁନ୍ତଳା ଲାଗୁରୀ ଏନ୍‌ସିପି, ସୂର୍ଯ୍ୟ ନାରାୟଣ ପାତ୍ର, ଅନୁଭବ ମହାନ୍ତି ଏବଂ ପ୍ରଭାସ ସିଂ ଆମ୍ ଆଦ୍‌ମୀ ପାର୍ଟି(ଏଏପି), ଦେବୀ ପ୍ରସାଦ ମିଶ୍ର ଏବଂ ସିଦ୍ଧାନ୍ତ ମହାପାତ୍ର ଡିଏମ୍‌କେ ଓ ଏଆଇଏଡିଏମ୍‌କେକୁ ଭେଟି ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ନେଇ ସମର୍ଥନ ମାଗିବେ। କିଶୋର ମହାନ୍ତି ଏବଂ ଯୋଗେନ୍ଦ୍ର ତ୍ରିପାଠୀ ଆଇଏନ୍‌ଏଲ୍‌ଡି , ଜେଡି(ଏସ୍) ଏବଂ ଜେଡି(ୟୁ)କୁ ନଗେନ୍ଦ୍ର ପ୍ରଧାନ ଏବଂ ରବୀନ୍ଦ୍ର ଜେନା, ନ୍ୟାଶନାଲ କନଫେରେନ୍ସ(ଏନ୍‌ସି) ଏବଂ ପିପୁଲ୍ସ ଡେମୋକ୍ରେଟିକ ପାର୍ଟି(ପିଡିପି)କୁ ପିନାକୀ ମିଶ୍ର ଏବଂ ଲଡୁ କିଶୋର ସ୍ୱାଇଁ ଭେଟିବେ ବୋଲି ସ୍ଥିର କରାଯାଇଛି। ସେହିପରି ଜେଏମ୍‌ଏମ୍‌କୁ ଅନୁଭବ ମହାନ୍ତି, ଝିନ୍ନ ହିକ୍କା ଏବଂ ବିମ୍ବାଧର କୁଅଁର, ଆରଜେଡିକୁ ପ୍ରସନ୍ନ ଆଚାର୍ଯ୍ୟ, ସରୋଜିନୀ ହେମ୍ବ୍ରମ, ଶିରୋମଣି ଅକାଳି ଦଳକୁ ତଥାଗତ ସତପଥୀ ଏବଂ ସୂର୍ଯ୍ୟ ନାରାୟଣ ପାତ୍ର, ଶିବସେନାକୁ ଅରୂପ ପଟ୍ଟନାୟକ ଏବଂ ବଳଭଦ୍ର ମାଝୀ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟିକୁ ଭର୍ତ୍ତୃହରି ମହତାବ ଏବଂ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଟିଡିପି ଏବଂ ଟିଆରଏସ୍‌କୁ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଏନ୍ ଭାସ୍କର ରାଓ ଭେଟି ସମର୍ଥନ ମାଗିବେ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ଦାଶରଥିଙ୍କୁ କେନ୍ଦ୍ର ...

ମଧ୍ୟରୁ ଜଣଙ୍କୁ ଏଥିପାଇଁ ଚୟନ କରାଯାଇଥାଏ। କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ ସମିତିର ନିଷ୍ପତ୍ତିକ୍ରମେ ଏଥର ପ୍ରଥମ ଥର ପାଇଁ ଅଣସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ଭାଷାକୁ ସମ୍ମାନିତ କରିବାକୁ ଘୋଷଣା କରାଯାଇଛି। ଡ. ପ୍ରଫୁଲ୍ଲ ତ୍ରିପାଠୀ ଓ ପଦ୍ମଶ୍ରୀ ହଳଧର ନାଗ ଏହି ପୁରସ୍କାର ପାଇବେ।

ଦାଶରଥିଙ୍କ ପ୍ରମୁଖ ସମୀକ୍ଷା ଗ୍ରନ୍ଥ ହେଉଛି, 'କାବ୍ୟ ସମ୍ବାଦ', 'ଆଧୁନିକ କାବ୍ୟ ଜିଜ୍ଞାସା: ଚିତ୍ରକଳ୍ପ', 'କବିସୂର୍ଯ୍ୟ କାବ୍ୟବିଭା', 'ମୃତ୍ୟୁଲୋକରେ ଋତୁ ସପ୍ତମ', 'ବିବିଧ ସମାଲୋଚନା', 'ଚିହ୍ନା ମାଟି ଅଚିହ୍ନା ଆକାଶ', 'ବିବିଧ ପ୍ରସ୍ତାବ', 'ବିଦଗ୍ଧ ମାନସ', 'ସାହିତ୍ୟ ବିବେକ' ଓ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ'। ୧୯୭୭ରେ 'କାବ୍ୟ ସମ୍ବାଦ' ଗ୍ରନ୍ଥ ପାଇଁ ତାଙ୍କୁ ମିଳିଛି


ହଳଧର ନାଗ


ଗଗନେନ୍ଦ୍ର ନାଥ ଦାଶ


ପ୍ରଫୁଲ୍ଲ ତ୍ରିପାଠୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ଏହାଛଡ଼ା ସମ୍ମାନଜନକ ସାରଳା ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଅତିବଡ଼ୀ ପୁରସ୍କାରରେ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ଗୁଣାତ୍ମକ ସାହିତ୍ୟ ସମାଲୋଚନା ପାଇଁ 'ଧରିତ୍ରୀ' ପକ୍ଷରୁ ସେ ପୁରସ୍କୃତ। ଜାତୀୟସ୍ତରରେ ଭାଷା ସମ୍ମାନରେ ସମ୍ମାନିତ ଡ. ଗଗନେନ୍ଦ୍ର ନାଥ ଦାଶ ମଧ୍ୟ ଅତିବଡ଼ୀ ପୁରସ୍କାର ପାଇଛନ୍ତି। 'ପୁନଶ୍ଚ ଜନଶ୍ରୁତି- କାଞ୍ଚିକାବେରୀ' ଓ 'ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ' ଆଦି ବହୁ ପ୍ରମୁଖ ଗ୍ରନ୍ଥର ସେ ରଚୟିତା।

ମୋଟ ୨୪ଟି ଭାରତୀୟ ଭାଷାରେ ଏଥର ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି। ପୁରସ୍କାର ପାଇଁ ମନୋନୀତ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ୬ଟି ଉପନ୍ୟାସ, ୭ଟି କବିତା ପୁସ୍ତକ, ୬ଟି କ୍ଷୁଦ୍ରଗଳ୍ପ, ୩ଟି ସମୀକ୍ଷା ପୁସ୍ତକ ଓ ୨ଟି ପ୍ରବନ୍ଧ ପୁସ୍ତକ ରହିଛି। ଆସନ୍ତା ଜାନୁୟାରୀ ୨୯ରେ ନୂଆଦିଲ୍ଲୀରେ ହେବାକୁ ଥିବା ଉତ୍ସବରେ ମନୋନୀତ ସମସ୍ତ ସାହିତ୍ୟିକଙ୍କୁ ପୁରସ୍କୃତ କରାଯିବ। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢ଼ୌକନ ପ୍ରଦାନ କରାଯିବ। କାର୍ଯ୍ୟକାରୀ ସମିତି ବୈଠକରେ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବର ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଶ୍ରୀନିବାସ ରାଓ ଓ ସଭ୍ୟ ଡ. ବିଜୟାନନ୍ଦ ସିଂ ଆଲୋଚନାରେ ଭାଗନେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଗ୍ରହ ପ୍ରଭାବରେ ବିଭିନ୍ନ ଦିଗରୁ ଅର୍ଥର ସମାଗମ ହେବ, କିନ୍ତୁ ସମସ୍ୟା ଛାଡ଼ିବ ନାହିଁ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି।

**ବୃଷ**
ଭାଗ୍ୟାଧିପ ଶନି ଅଷ୍ଟମ ଭାବସ୍ଥ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରିବା କଷ୍ଟକର ହୋଇପାରେ। ଫଳରେ ନିକଟ ସମ୍ପର୍କୀୟମାନଙ୍କ ଚକ୍ରାନ୍ତରୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ। ପରିବହନ ଓ ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ଭ୍ରାତୃ ସମ୍ପର୍କରେ ଅବନତି ଘଟିବ।

**ମିଥୁନ**
ମଙ୍ଗଳଙ୍କ ସ୍ଥିତି ଆପଣଙ୍କ ଅଭିଳାଷ ପୂରଣ ଦିଗରେ ସାହାଯ୍ୟ କରିବ। ନୂତନ ଭାବରେ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟାକଲେ ନିଶ୍ଚିତ ଉପକୃତ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ଯାହାକି ପରିସ୍ଥିତିକୁ ସରଳ କରିବାରେ ସହାୟକ ହେବ। ପ୍ରତିବନ୍ଧକ କାରଣରୁ ବ୍ୟବସାୟୀମାନଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ**
ଏକାଦଶ ଭାବକୁ ଏକାଧିକ ଗ୍ରହ ଦୃଷ୍ଟି ନିକ୍ଷେପ କରୁଥିବାରୁ ଆପଣ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବନାହିଁ। କିନ୍ତୁ କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ, ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ପକ୍ଷପାତିତା ଅଶାନ୍ତିର କାରଣ ହେବ।

**ସିଂହ**
କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଘଟିବ, କିନ୍ତୁ ଶନି ପ୍ରଭାବରେ କେତେକ କାମରେ ପଶ୍ଚାତାପ ଜନିତ ମନସ୍ତାପ କରିପାରନ୍ତି। ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ଦେହ ଭଲ ରହିବା ସାଙ୍ଗକୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଶା କରିଥିବା ଜିନିଷ ବିଳମ୍ବରେ ପାଇବେ।

**କନ୍ୟା**
ନିଜ ଲୋକମାନଙ୍କ ସହଯୋଗ ଲାଭ କରି ନୂତନ କର୍ମାରମ୍ଭ କରିବାରେ ସମର୍ଥ ହେବେ। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝି ପାରିବେନି। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ତୁଳା**
ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ବୃଦ୍ଧି ଅନୁଭବ କରି ଖୁସୀ ରହିବେ। ବନ୍ଧୁଙ୍କ ଜରିଆରେ କୌଣସି ବିଭ୍ରାନ୍ତିକର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। କର୍ମକ୍ଳାନ୍ତ ଶରୀର ସାଙ୍ଗକୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ମନକୁ ନ ପାଇବା ହେତୁ କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହେବା ସୂଚନା ରହିଛି।

**ବିଛା**
ରାଶିସ୍ଥ ଗ୍ରହମାନେ ଲକ୍ଷ୍ୟହୀନ ଭ୍ରମଣ ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରକୁ ଶୃଙ୍ଖଳିତ ରଖିବେ ନାହିଁ। ଆଶା କରୁଥିବା ଅର୍ଥ ପାଇବା ସହଜ ହେବନାହିଁ ବରଂ ଖର୍ଚ୍ଚାନ୍ତ ହୋଇ ମନସ୍ତାପ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରର ଘଟଣା ଗୁଡ଼ାକ ଅସାଧାରଣ ମନେହେବ। ପରିବାରରେ ନିଜ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ଆଜି ଅର୍ଥ ସମ୍ପର୍କିତ ସମସ୍ୟା ଦୁଶ୍ଚିନ୍ତାର କାରଣ ପାଲଟି ଯିବ। ଅବଶ୍ୟ ଆଶାନୁରୂପକ ସଫଳତା ହାସଲ କରିବାରେ ଜଣେ ବିଜାତୀୟ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନ କଲେ ପଶ୍ଚାତେ ଅନୁତାପ କରିବାକୁ ପଡ଼ିପାରେ।

**ମକର**
କୋଣଭାବକୁ ଚତୁର୍ଗ୍ରହଙ୍କ ଦୃଷ୍ଟି ଆପଣଙ୍କୁ ବନ୍ଧୁଙ୍କ ପ୍ରତି ଅନୁରକ୍ତି ସୃଷ୍ଟିକରି ପାରିବାରିକ କଳହକୁ ନିମନ୍ତ୍ରଣ କରିବ। ଅଫିସ୍ କାମରେ ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ। ପୂର୍ବ ଶତ୍ରୁତାକୁ ନେଇ ଈର୍ଷା ମନୋଭାବ ପୋଷଣ କରି ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି।

**କୁମ୍ଭ**
ଆନୁଷଙ୍ଗିକ ସାହାଯ୍ୟ ଲାଭକରି ଅଟକି ରହିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ। ଅତୀତର ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଏଣୁ ସାବଧାନତା ନିତାନ୍ତ ଦରକାର। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମୀନ**
ପ୍ରତ୍ୟେକ ଦୃଷ୍ଟିକୋଣରୁ ଗ୍ରହ ସ୍ଥିତି ଆଜିର ଜୀବନଯାତ୍ରା ପାଇଁ ଅନୁକୂଳ ରହିବ। ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଗୁରୁବାର, ଡିସେମ୍ବର ୬ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ରାଶି-ନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ। ଦିବା ଘ୧୦।୧୮ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୧।୦୦ମି. ଗତେ ଘ୨।୨୧ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୫ମି. ମଧ୍ୟେ ଘ୧୧।୪୦ମି ଗତେ, ଘ୧।୦୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୨।୫୯ମି. ଗତେ ଘ୨।୨୦ମି. ମଧ୍ୟେ ରାହୁକାଳ।




■ ସଡ଼କ ଦୁର୍ଘଟଣା: ୧୦ ବର୍ଷରେ ମଲେଣି ୪୩ ହଜାର

# ଗାଈ, ମଇଁଷି, ଶିଙ୍ଘରେ ଲାଗିବ ରିଫ୍ଲେକ୍ଟିଭ ଷ୍ଟିକର

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାସ୍ତାଘାଟରେ ଗୋରୁ, ମଇଁଷି ଭଳି ଗୃହପାଳିତ ପ୍ରାଣୀଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିରେ ବହୁ ଧନଜୀବନ ନଷ୍ଟ ହେଉଛି। ନିକଟରେ ମହାନଦୀ ପୋଲ ଉପରେ ମଇଁଷିକୁ ଧକ୍କାଦେଇ ଏକ ଯାତ୍ରୀବାହୀ ବସ ନଦୀକୁ ଖସିପଡ଼ିବାରୁ ୧୧ଜଣଙ୍କ ପ୍ରାଣହାନି ଘଟିବା ସହ ବହୁ ଯାତ୍ରୀ ଆହତ ହୋଇଥିଲେ। ଏଭଳି ଦୁର୍ଘଟଣାକୁ ଏଡ଼େଇବାକୁ ରାଜ୍ୟ ପରିବହନ ବିଭାଗ ଗାଈ, ମଇଁଷି ଆଦିଙ୍କ ଶିଙ୍ଘ ଓ ବେକରେ ରିଫ୍ଲେକ୍ଟିଭ (ଉଜ୍ଜ୍ୱଳ )ଷ୍ଟିକର ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ରାସ୍ତାଘାଟରେ ଶୋଇଥିବା କିମ୍ବା ଚଳପ୍ରଚଳ ହେଉଥିବା ଗୋରୁ, ମଇଁଷି ଆଦିଙ୍କୁ ସହଜରେ ଦୂରରୁ ଗାଡ଼ି ଚାଳକମାନେ ଦେଖିପାରିବେ। ସେହି ଅନୁଯାୟୀ ଗାଡ଼ିକୁ ନିଜ ନିୟନ୍ତ୍ରଣରେ ରଖି ପାରିବେ। ରାଜ୍ୟ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଏନେଇ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମଗ୍ର ରାଜ୍ୟରେ ଏହି ବ୍ୟବସ୍ଥାକୁ ଲାଗୁ କରାଯିବ। ରିଫ୍ଲେକ୍ଟର ଲଗାଇବା କାମରେ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ଦାୟିତ୍ୱ ଦିଆଯିବ। ପ୍ରତ୍ୟେକ ଗାଈ ପାଇଁ ୫୦ ଟଙ୍କା ପାଉଣା ଦିଆଯିବ। ଯେଉଁ ସଂସ୍ଥା ଯେତେ ଲାଗାଇବେ ସେହି ଅନୁଯାୟୀ ଦେୟ ପ୍ରଦାନ କରାଯିବ ବୋଲି ଜଣେ ବରିଷ୍ଠ ଆଞ୍ଚଳିକ ଅଧିକାରୀ କହିଛନ୍ତି।

ସହରାଞ୍ଚଳ ରାସ୍ତା ଓ ଜାତୀୟ ରାଜପଥରେ ଗାଈ, ଷଣ୍ଢ, ମଇଁଷି ବୁଲିବା ଯୋଗୁ ଅନେକ ସମୟରେ ଗାଡ଼ି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟ ଭିତରେ ଯାଇଥିବା ଜାତୀୟ ରାଜପଥରେ ୧ ଲକ୍ଷ ଦୁର୍ଘଟଣାରେ ୪୩ ହଜାର ୩୧୨ଜଣଙ୍କ ମୃତ୍ୟୁ ଘଟିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି। ୨୦୦୮ରୁ ୨୦୧୮ ମଧ୍ୟରେ ୬୧ ହଜାର ୮୮୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୨୦୦୮ରେ ୮୧୮୧ ରାସ୍ତା ଦୁର୍ଘଟଣାରେ ୩୦୭୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୪୩୬୩ ଜଣ ଗୁରୁତର ଆହତ ହୋଇଥିଲେ। ୫୫୯୪ ଜଣ ସାମାନ୍ୟ ଆହତ ହୋଇଥିଲେ। ସେହିପରି ୨୦୧୭ରେ ୧,୦୮,୫୫ ହଜାର ଦୁର୍ଘଟଣାରେ ୪୭୯୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୪୧୨ ଜଣ ଗୁରୁତର ଆହତ ହୋଇଥିଲେ। ୨୦୧୮ରେ ୮୨୯୨ ରାସ୍ତା ଦୁର୍ଘଟଣାରେ ୩୮୧୭ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୮୭୧୮ ଜଣ ଆହତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଗୋରୁ ଚଳପ୍ରଚଳ ଯୋଗୁ ମଧ୍ୟ ଅନେକ ଦୁର୍ଘଟଣା ଘଟୁଥିବା ପରିବହନ ବିଭାଗ ରିପୋର୍ଟ କହୁଛି।

## ମୋଟରଯାନ ଆଇନ ଉଲ୍ଲଂଘନ ଜରିମାନା

## ଆଜିଠୁ ମାନୁଆଲ ବଦଳରେ ଇ-ଚାଲାଣ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ଏଣିକି ଯାନବାହନ ସମ୍ପର୍କିତ ଜରିମାନା ଆଉ ମାନୁଆଲ ରସିଦ ବହି ଧରି ଆଦାୟ ହେବ ନାହିଁ। ଇଲେକ୍ଟ୍ରୋନିକ୍ ଚାଲାଣ(ଇ-ଚାଲାଣ)ମାଧ୍ୟମରେ ଆଦାୟ କରାଯିବ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ମାନବ ସମ୍ବଳ ବିନିଯୋଗ ହ୍ରାସ ପାଇବା ସହ ସମୟ ସଞ୍ଚୟ ହୋଇପାରିବ। ପଞ୍ଜୀକରଣ ସମୟରେ ଯାନବାହନର ମାଲିକମାନଙ୍କର ସମସ୍ତ ତଥ୍ୟ ପରିବହନ କାର୍ଯ୍ୟାଳୟରେ ରହିଛି। ଏଗୁଡ଼ିକ ମଧ୍ୟ ଆଧାର ଲିଙ୍କ୍ କରାଯାଇଛି। ସେଗୁଡ଼ିକୁ ଡାଟାବେସ କରାଯିବ। ଯେଉଁ ଗାଡ଼ି ଉପରେ ଜରିମାନା ଲଗାଯିବ ତୁରନ୍ତ ଅନ୍‌ଲାଇନ ଜରିଆରେ ଇ-ଚାଲାଣ ସମ୍ପୃକ୍ତ ଯାନବାହନର ମାଲିକମାନଙ୍କ ନିକଟରେ ପହଞ୍ଚିଯିବ। ମାଲିକମାନେ ଜରିମାନା ରାଶି ମଧ୍ୟ ଡେବିଟ କାର୍ଡ ଜରିଆରେ ପଇଠ କରି ପାରିବେ। ଏହାଛଡ଼ା ଘରେ ବସି ଅନଲାଇନରେ ମଧ୍ୟ ଜରିମାନା ଭରଣା କରି ପାରିବେ। ବାରମ୍ବାର ଆଇନ ଉଲ୍ଲଂଘନ କରୁଥିବା ଚାଳକମାନଙ୍କର ତାଲିକା ରେକର୍ଡ ହୋଇ ରହିବ। କେବେ କେଉଁ ଦିନ କେତେ ଦୁର୍ଘଟଣା ଘଟାଇଛି ସେହି ଅନୁଯାୟୀ ପରବର୍ତ୍ତୀ ସମୟରେ ଜରିମାନା ରାଶି ବୃଦ୍ଧି କରାଯାଇ ପାରିବ। ଯାନବାହନ ଆଇନ ଉଲ୍ଲଂଘନ କରୁଥିବା ସମସ୍ତ ଯାନବାହନ ପାଇଁ ଏହି ନୂତନ ବ୍ୟବସ୍ଥା ଗୁରୁବାରଠାରୁ କାର୍ଯ୍ୟକାରୀ ହେବ।

# ଅଭିଜିତ୍‌ଙ୍କୁ ହାଇକୋର୍ଟରୁ ମିଳିଲା ଜାମିନ

କଟକ ଅଫିସ, ୫।୧୨

■ ନିମ୍ନ ଅଦାଲତଙ୍କ ସର୍ତ୍ତ ଆଧାରରେ ଜେଲ୍‌ରୁ ମୁକୁଳିବେ

■ ପୂର୍ବରୁ ବିଧାନସଭା ଗୃହ କମିଟି, ରାଜ୍ୟ ସରକାର କ୍ଷମା ଦେଇଛନ୍ତି

ଶ୍ରୀମନ୍ଦିର, କୋଣାର୍କ ମନ୍ଦିର ଓ ଓଡ଼ିଶାର କଳା ସଂସ୍କୃତିକୁ ନେଇ ଅରୁଚିକର ମନ୍ତବ୍ୟ ଦେଇ ଜେଲ୍ ଯାଇଥିବା ଅଭିଜିତ ଆୟର ମିତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଏହି ଜାମିନ ଆବେଦନର ଶୁଣାଣି କରିଥିଲେ ବିଚାରପତି ଜଷ୍ଟିସ ଦେବବ୍ରତ ଦାସ। ତେବେ ନିମ୍ନ ଅଦାଲତ ଅଭିଜିତ୍‌ଙ୍କ ଜାମିନ ଉପରେ ସର୍ତ୍ତାବଳୀ ଲାଗୁ କରିବା ପରେ ସେ ଛାଡ ପାଇବେ ବୋଲି ବିଚାରପତି ଆଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମଙ୍ଗଳବାର ଅଭିଜିତ୍‌ଙ୍କ ବିରୋଧରେ ଥିବା ସମସ୍ତ ମାମଲାକୁ ରାଜ୍ୟ ସରକାର ପ୍ରତ୍ୟାହାର କରିନେବା ସହିତ ତାଙ୍କୁ କ୍ଷମା କରିଦେଇଛନ୍ତି।

ସୂଚନା ଥାଉକି, ଗତ ଅକ୍ଟୋବର ମାସରେ ଅଭିଜିତ ଓଡ଼ିଶା ବୁଲି ଆସିବା ସମୟରେ ସୋସିଆଲ ମିଡିଆରେ ନାନା ଅରୁଚିକର ମନ୍ତବ୍ୟ ଦେଇଥିଲେ। ଏପରିକି ଓଡ଼ିଶା ବିଧାନସଭାର ବିଧାୟକମାନଙ୍କ ପ୍ରତି ମଧ୍ୟ ଅସମ୍ମାନସୂଚକ ମନ୍ତବ୍ୟ ଦେବାକୁ ପଛାଇ ନ ଥିଲେ। ଏହାକୁ ନେଇ ଅଭିଜିତ୍‌ଙ୍କ ବିରୋଧରେ କୋଣାର୍କ ଏବଂ ଭୁବନେଶ୍ୱରର ଶହୀଦନଗର ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହା ପରେ ଓଡ଼ିଶା ପୋଲିସ ତାଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା। ଗିରଫ ପରେ ଦିଲ୍ଲୀର ସାକେତ କୋର୍ଟ ତତ୍କାଳ ଅଭିଜିତ୍‌ଙ୍କୁ ଜାମିନ ଦେବା ସହିତ କୋଣାର୍କ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସାକେତ କୋର୍ଟର ଆଦେଶ ସତ୍ତ୍ୱେ ସେ କୋଣାର୍କ ଥାନାରେ ହାଜର ହେବା ପରିବର୍ତ୍ତେ ସୁପ୍ରିମକୋର୍ଟଙ୍କୁ ଜାମିନ ପାଇଁ ଯାଇଥିଲେ। ସୁପ୍ରିମକୋର୍ଟ ଉକ୍ତ ଜାମିନ ଆବେଦନକୁ ଖାରଜ କରିଦେବା ଫଳରେ ଅଭିଜିତ୍ ଶେଷରେ ଅକ୍ଟୋବର ୨୩ରେ ଓଡ଼ିଶା ବିଧାନସଭା ଗୃହ କମିଟିରେ ହାଜର ହୋଇଥିଲେ। ଏହାପରେ ଶହୀଦନଗର ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଅଭିଜିତ୍ ଗୃହ କମିଟି ନିକଟରେ କ୍ଷମା ମାଗିବା ପରେ କମିଟି ପକ୍ଷରୁ ତାଙ୍କୁ କ୍ଷମା ଦିଆଯାଇଥିଲା।

ସୂଚନାଥାଉକି, ଝାରପଡ଼ା ଜେଲ୍‌ରେ ଅଭିଜିତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏହାପୂର୍ବରୁ ନଭେମ୍ବର ୨୦ରେ ଅଭିଜିତ୍ କ୍ଷମାପ୍ରାର୍ଥନା କରିବା ସହ ମାମଲା ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଏକ ଚିଠି ଲେଖିଥିଲେ।

# ମନ୍ତ୍ରୀ ବଦ୍ରି ପାତ୍ରଙ୍କ ପୁଅଙ୍କୁ ସର୍ତ୍ତମୂଳକ ଜାମିନ

କଟକ ଅଫିସ, ୫।୧୨

ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଦେବାଶିଷଙ୍କ ସମେତ ତାଙ୍କର ୪ ସହଯୋଗୀଙ୍କୁ ମଧ୍ୟ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ବିଚାରପତି ଜଷ୍ଟିସ ଦେବବ୍ରତ ଦାସ ଦେବାଶିଷଙ୍କ ଜାମିନ ଆବେଦନର ଶୁଣାଣି କରିଥିଲେ। ତେବେ ଜାମିନର ସର୍ତ୍ତାବଳୀ ଅନୁଯାୟୀ ଦେବାଶିଷ ଏବଂ ତାଙ୍କର ସହଯୋଗୀ ପ୍ରତି ୧୫ ଦିନରେ ଥରେ ଥାନାରେ ହାଜର ହେବେ। ସମାନ ଧରଣର ଅପରାଧ ସହିତ ଜଡ଼ିତ ରହିବେ ନାହିଁ ଓ ତଦନ୍ତରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ। ତେବେ କେତେଜଣ ଜାମିନଦାରଙ୍କ ବଦଳରେ ଦେବାଶିଷ ଜେଲ୍‌ରୁ ମୁକୁଳିବେ ସେ ନେଇ ତଳ କୋର୍ଟ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ସୂଚନା ଥାଉକି, ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଦେବାଶିଷଙ୍କୁ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ପୋଲିସ ଗତ ସେପ୍ଟେମ୍ବର ୨୦ରେ ଗିରଫ କରିଥିଲା। ତଳ କୋର୍ଟରେ ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଭାଜପା ଯୁବମୋର୍ଚ୍ଚାର ନୂଆ ଓଡ଼ିଶା ଯୁବ ସଂଯୋଜନ ସମ୍ମିଳନୀ**

# 'ଅନ୍ତିମ ୬ମାସର ନିର୍ଣ୍ଣାୟକ ଲଢ଼େଇରେ ସାମିଲ ହୁଅ'

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ରାଜ୍ୟର ଯୁବପିଢ଼ିଙ୍କୁ ରୋଜଗାର ଏବଂ ଶାସକ ଦଳର ପିସି କାରବାର ବିରୋଧରେ ଆନ୍ଦୋଳନକୁ ଓହ୍ଲାଇବ ଭାଜପା ଯୁବମୋର୍ଚ୍ଚା। ଆସନ୍ତା ୧୦ରୁ ୨୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଏବଂ ଏସଡିଓ ଅଫିସ ଆଗରେ ହରତାଳ କରାଯିବ। ଏହା ସହ ଡିସେମ୍ବର ୨୫ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମତିଥି ଅବସରରେ 'ରୋଜଗାର ପରାମର୍ଶ ପଦଯାତ୍ରା' ୧୪୭ ନିର୍ବାଚନମଣ୍ଡଳୀରେ ଆରମ୍ଭ ହେବ। ତେଣୁ ଓଡ଼ିଶାର ଯୁବପିଢ଼ି ପରିବର୍ତ୍ତନର ଅନ୍ତିମ ୬ମାସର ନିର୍ଣ୍ଣାୟକ ଲଢେଇରେ ସାମିଲ ହେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି।

ବୁଧବାର ସ୍ଥାନୀୟ ଏକ ହୋଟେଲରେ ଭାଜପା ଯୁବମୋର୍ଚ୍ଚାର ନୂଆ ଓଡ଼ିଶା ଯୁବ ସଂଯୋଜନ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର ରାଜ୍ୟ ସରକାରଙ୍କୁ କଟାକ୍ଷ କରି କହିଛନ୍ତି ଯେ, ଦୁଇଜଣଙ୍କ କଳିରେ ମାଙ୍କଡ ପିଠା ଖାଇଯିବା ପରି ଓଡ଼ିଶାର ରାଜସ୍ୱକୁ ଲୁଟ୍ କରୁଥିବା ଲୋକମାନେ ସ୍ୱଚ୍ଛତାର କି ପ୍ରକାର ବାର୍ତ୍ତା ଦେବେ। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରକଳ୍ପଗୁଡ଼ିକର ଘୋଷଣା କରୁଛନ୍ତି ସେହି କାର୍ଯ୍ୟଗୁଡ଼ିକ ଲୋକଙ୍କ ଇଚ୍ଛାରେ ନା ତୃତୀୟ ମହଲାର ଗୁମାସ୍ତାଙ୍କ ଯୋଜନା ହେଉଛି। ଏ ନେଇ ପ୍ରତି ମାସର ୧୫ରୁ ୨୦ରେ ବିଭିନ୍ନ ପଞ୍ଚାୟତରେ ହେବାକୁ ଥିବା ପୀଠା ସଭାଗୁଡ଼ିକରେ ଯୁବକମାନେ ପ୍ରଶ୍ନ କରିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଯୁବକମାନଙ୍କର ଜାଣିବାର ଅଧିକାର ଅଛି। ଏହି କାମଗୁଡ଼ିକ ଟେଣ୍ଡର କରି ସ୍ୱଚ୍ଛ ଭାବେ କାର୍ଯ୍ୟାଦେଶ ଦିଆଯାଉଛି ନା ହାତଗୁଞ୍ଜା ଦେଉଥିବା ଲୋକମାନେ କାମ ପାଉଛନ୍ତି ଓ କାହା ମାଧ୍ୟମରେ ଏହି କାମ ହେଉଛି ସରକାର ତାର ଉତ୍ତର ରଖନ୍ତୁ। ସରକାର ଥ୍ରୀ-ଟିର ମିଛ ବାହାନା କରି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବୁ କାମକୁ ଦଳୀୟ ଆଧାରରେ ବାଣ୍ଟି ଦେଉଛନ୍ତି। ରାଜ୍ୟ ରାଜକୋଷର ୧୦ହଜାର କୋଟି ଟଙ୍କାର କାମ କିଏ ପାଉଛି ବୋଲି ଯୁବକମାନେ ପୀଠା କାର୍ଯ୍ୟକ୍ରମରେ ପଚାରନ୍ତୁ। ପୀଠା ଯୋଜନା ନାଁରେ ସରକାର ସାଧାରଣଙ୍କୁ ବିଧା ମାରିବାକୁ ଯୋଜନା କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟ ସରକାର ଯେଉଁ ଲକ୍ଷ୍ମଣ କୁମ୍ବାରଙ୍କ ଫଟୋ ବିଜ୍ଞାପନରେ ମାରି ବାହାବା ନେଉଥିଲେ ତାହାର ସତ ପଦାକୁ ଆସିଛି। ଗୁଡ୍ ନ୍ୟୁଜ ଡ୍ରିମ୍ ଇଣ୍ଡିଆ ସେଣ୍ଟରରେ ଖୋଲାଖୋଲି ନିୟମର ଉଲ୍ଲଂଘନ କରାଯାଉ ଥିବାବେଳେ ସରକାର ନୀରବ ରହିବା କି ପ୍ରକାର ଦକ୍ଷ ପ୍ରଶାସନ। ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଚାଲିଯିବା ଭୟରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଯୁବକଙ୍କ ରୋଜଗାର ଉପରେ ବାଧା ସୃଷ୍ଟି କରୁଛନ୍ତି। ପ୍ଲାଷ୍ଟିକ ପାର୍କ ନିର୍ମାଣ ପାଇଁ ସବୁ ପ୍ରସ୍ତୁତି ସରିଛି। ଭାରତୀୟ ତୈଳ ନିଗମ(ଆଇଓସି) ସହ କମ୍ପାନୀ ଗଠନ କରି ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା କାମକୁ କାହିଁକି ଆଗକୁ ନିଆଯାଉ ନାହିଁ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ସୁଦ୍ଧା ଉତ୍ତର ଆସୁନାହିଁ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

## ଓଡ଼ିଶା ଉପକୂଳରେ ଟ୍ରଫ୍ ଲାଇନ

# ଫୁଲବାଣୀରେ ତାପମାତ୍ରା ୮.୮ ଡିଗ୍ରୀ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟରେ ହାଲ୍‌କା ଶୀତ ଜାରି ରହିଛି। ପାରଦ ତଳକୁ ଖସୁନାହିଁ। ଓଡ଼ିଶା ଉପକୂଳ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ରହୁଛି। ଫଳରେ ତାପମାତ୍ରା ତଳକୁ ଖସୁନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୩, ବାଲେଶ୍ୱର ୧୩.୫, ଅନୁଗୋଳ ୧୨, ବାରିପଦା ୧୩.୮, ଝାରସୁଗୁଡା ୧୩.୯, କେନ୍ଦୁଝର ୧୨.୧ ଏବଂ ସୁନ୍ଦରଗଡ଼ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି। ୬ ଓ ୭ ତାରିଖରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଡିସେମ୍ବର ଦ୍ୱିତୀୟ ସପ୍ତାହ ବେଳକୁ ରାଜ୍ୟରେ ଶୀତର ପ୍ରକୋପ ବଢିବ ବୋଲି ପୂର୍ବାନୁମାନ କରାଯାଇଛି।






❝ ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ-ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ





## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

# ଜୀବହତ୍ୟା ଓ ଭୂମିକମ୍ପ

ଡ଼. ମଦନମୋହନ ବଜାଜ ଜଣେ ପ୍ରାଣୀ କଲ୍ୟାଣ କର୍ମୀ ନୁହନ୍ତି। ସେ ନିଷ୍ଠୁରତା ବନ୍ଦ କରିବାକୁ ଚେଷ୍ଟା କରନ୍ତିନି କିମ୍ବା ପ୍ରତିବାଦ କରନ୍ତିନି କି କୋର୍ଟକୁ ବି ଯାଆନ୍ତିନି। ସେ ହେଉଛନ୍ତି ଅନ୍ତର୍ଜାତୀୟ ବିଜ୍ଞାନ ଗବେଷଣା ଓ ମଙ୍ଗଳ ସଂସ୍ଥାର ମହାନିର୍ଦ୍ଦେଶକ ତଥା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫିଜିକ୍ସ ଓ ଆଷ୍ଟ୍ରୋଫିଜିକ୍ସ ବିଭାଗ ଅନ୍ତର୍ଗତ ମେଡିକାଲ ଫିଜିକ୍ସ, ଇମ୍ୟୁନୋଫିଜିକ୍ସ, ନ୍ୟୁକ୍ଲିୟର ବାୟୋଫିଜିକ୍ସ ଏବଂ ବାୟୋମେଡିକାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଲାବୋରେଟୋରିର ମୁଖ୍ୟ। ଏଠାରେ ସେ ୧୯୬୮ ମସିହାରୁ ଅଧ୍ୟାପନା କରିଆସୁଛନ୍ତି। ସେ ହେଉଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଗବେଷଣା ନିବନ୍ଧର ଲେଖକ ଏବଂ ଇଣ୍ଡିଆନ୍ ସୋସାଇଟି ଅଫ୍ ଜେନେଟିକ୍ସ ଆଣ୍ଡ୍ ପ୍ଲାଣ୍ଟ ବ୍ରିଡିଂ, ଇଣ୍ଡିଆନ୍ ଏକାଡେମୀ ଅଫ୍ ମେଡିକାଲ ଫିଜିକ୍ସ, ଆମେରିକାନ୍ କେମିକାଲ ସୋସାଇଟି, ଫିଜିକାଲ ସୋସାଇଟି ଅଫ୍ ଜାପାନ୍, ଜାପାନ୍ ସୋସାଇଟି ଅଫ୍ ମେଡିକାଲ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ବାୟୋମେଡିକାଲ ଇଞ୍ଜିନିୟରିଂ, ଫିଜିକାଲ ସୋସାଇଟି ଅଫ୍ ନେପାଳ, ଏସିଆନ୍ ଫିଜିକାଲ ସୋସାଇଟି, ଇଣ୍ଡିଆନ୍ ସୋସାଇଟି ଫର୍ କ୍ୟାନ୍ସର କେମୋଥେରାପି, ଇଣ୍ଡିଆନ୍ ସୋସାଇଟି ଫର୍ କ୍ୟାନ୍ସର ରିସର୍ଚ୍ଚ, ମ୍ୟାଥମେଟିକାଲ ଆସୋସିଏଶନ ଅଫ୍ ଇଣ୍ଡିଆ, ସୋସାଇଟି ଅଫ୍ ଫିଜିଓଲୋଜିଷ୍ଟ୍ସ ଆଣ୍ଡ୍ ଫାର୍ମାକୋଲୋଜିଷ୍ଟ୍ସ ଅଫ୍ ଇଣ୍ଡିଆର ସଦସ୍ୟ। ସେ ଇଣ୍ଡିଆନ୍ ଏକାଡେମୀ ଅଫ୍ ମେଡିକାଲ ଫିଜିକ୍ସର ସେକ୍ରେଟାରି ଏବଂ ଭାରତ ସରକାରଙ୍କ ପାରମାଣବିକ ଶକ୍ତି ବିଭାଗ ଦ୍ୱାରା ଆୟୋଜିତ ଅନେକ ସଂଗୋଷ୍ଠୀର ଅଧ୍ୟକ୍ଷ ଥିଲେ।

ଡ଼. ବଜାଜ ୧୮ ଜଣ ପିଏଚ୍.ଡି. ଛାତ୍ର, ୮ ଜଣ ଏମ୍.ଫିଲ୍. ଛାତ୍ରଙ୍କ ଗାଇଡ୍ ଥିଲେ ଏବଂ ୨ ଜଣ ଡି.ଏସ୍‌ସି. ଛାତ୍ରଙ୍କୁ ସହାୟତା କରିଥିଲେ। ସେ ମଧ୍ୟ ୧୫ଟି ବିଜ୍ଞାନଭିତ୍ତିକ ପୁସ୍ତକର ସହଲେଖକ। ସେ ମହାତ୍ମା ଗାନ୍ଧୀ ସ୍କୁଲ୍ ଫର୍ ଦ ଚିଲ୍ଡ୍ରେନ୍ ଅଫ୍ ଲେପ୍ରସ୍ ଫ୍ୟାମିଲିଜ୍‌ର ପ୍ରତିଷ୍ଠାତା। ସଂକ୍ଷେପରେ କହିଲେ ସେ ଜଣେ ପ୍ରତିଭାଧର ବୈଜ୍ଞାନିକ ଓ ମାନବବାଦୀ।

ଡ଼. ବଜାଜ ଅନ୍ୟ ପଦାର୍ଥବିଜ୍ଞାନୀଙ୍କ ସହ ମିଶି ଏକ ପୁସ୍ତକ ଲେଖିଛନ୍ତି, ଯେଉଁଥିରେ କେତେକ ନୂତନ ଦୃଷ୍ଟିକୋଣ ପ୍ରକାଶ ପାଇଛି। ପୁସ୍ତକର ନାମ ହେଉଛି ଏଟିଓଲୋଜି ଅଫ୍ ଆର୍ଥକ୍ୱେକ୍ସ, ଏ ନ୍ୟୁ ଆପ୍ରୋଚ୍' ଏବଂ ଏହାର ସହଲେଖକମାନେ ହେଉଛନ୍ତି ଏମ୍.ଏମ୍. ବଜାଜ, ଇବ୍ରାହିମ୍ ଓ ବିଜୟରାଜ ସିଂ। ଏଚ୍.ବି. ପ୍ରକାଶନ, ଇନ୍ଦୋର ଏହାକୁ ପ୍ରକାଶ କରିଛି। ସୁଡଲ, ରୁଷିଆଠାରେ ଜୁନ୍ ୧୯୯୫ରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ସମ୍ମେଳନରେ ଉପସ୍ଥାପିତ ଏକ ଗବେଷଣା ନିବନ୍ଧ ଉପରେ ପୁସ୍ତକଟି ଆଧାରିତ।

ଏପର୍ଯ୍ୟନ୍ତ ଭୂମିକମ୍ପର ପୂର୍ବାନୁମାନ କରିବା ସମ୍ଭବ ହୋଇନାହିଁ, କାରଣ ଲୋକମାନେ ଏହାର କାରଣ ଜାଣନ୍ତି ନାହିଁ। ଉକ୍ତ ପୁସ୍ତକର ଲେଖକମାନେ ଦାବି କରନ୍ତି ଯେ, ନିର୍ଦ୍ଦୟଭାବରେ ଏବଂ ନିରବଚ୍ଛିନ୍ନ ଭାବରେ ପଶୁ, ପକ୍ଷୀ ଏବଂ ମାଛମାନଙ୍କୁ ହତ୍ୟା କରାଯାଉଥିବାରୁ ସେମାନଙ୍କ କରୁଣ ଚିତ୍କାର, ଭୟ ଓ ଯନ୍ତ୍ରଣା ଘନୀଭୂତ ହୋଇ ଭୂମିକମ୍ପ ସୃଷ୍ଟି କରୁଛି। ସେମାନଙ୍କ ମତରେ ଯନ୍ତ୍ରଣା ବାସ୍ତବରେ ଭୌତିକ ତରଙ୍ଗ ସୃଷ୍ଟି କରୁଛି। ଅବଶ୍ୟ ଭୂବିଜ୍ଞାନୀମାନେ ଏ ତତ୍ତ୍ୱକୁ ଗ୍ରହଣ କରି ନ ପାରନ୍ତି ଏବଂ ଅନ୍ୟ ବୈଜ୍ଞାନିକମାନେ ଏ କଥା ଶୁଣି ହସିପାରନ୍ତି। କିନ୍ତୁ ଏ କଥା ସ୍ମରଣ ରଖିବା ଉଚିତ ଯେ, ଡ୍ରାଇଭରବିହୀନ କାର୍, କର୍ଡଲେସ୍ ଟେଲିଫୋନ୍, ଗୋଟିଏ କୋଷକୁ ବହୁଗୁଣିତ କରି ମାଂସ ପ୍ରସ୍ତୁତି ଏବଂ ଆହୁରି ଅନେକ ଜିନିଷ ବାହାରିବା ପୂର୍ବରୁ ଏସବୁର ଥିଓରୀ ଓ ସମ୍ଭାବନାକୁ ନେଇ ଲୋକେ ହସୁଥିଲେ। ଉରି ଗେଲର ମନର ଶକ୍ତି ଦ୍ୱାରା ଏକ ଚାମଚକୁ ବଙ୍କା କରିପାରୁଥିବାରୁ ବିଶ୍ୱବିଖ୍ୟାତ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ପରି ଅନେକେ ଏହି କାମ କରିପାରୁଛନ୍ତି। ମାନସିକ ଶକ୍ତିର ବିକାଶ ଲାଗି ବର୍ତ୍ତମାନ ରୁଷିଆଠାରୁ ଆରମ୍ଭ କରି ଇଟାଲି ପର୍ଯ୍ୟନ୍ତ ବିଶ୍ୱ ସାରା ଅନେକ ସ୍କୁଲ ପ୍ରତିଷ୍ଠା ହେଲାଣି ଏବଂ ମୁଁ ଏପରି କେତେକ ସ୍କୁଲ ଦେଖିଛି। ଭାରତରେ କେତେକ ବାବା ମାନସିକ ଶକ୍ତି ଦ୍ୱାରା ରୋଗ ଆରୋଗ୍ୟ କରିପାରୁଛନ୍ତି। ମାନସିକ ଶକ୍ତିକୁ ଆଉ କିପରି ବୁଝାଯାଇପାରିବ? ଏହାର ଏକ ସହଜ ପନ୍ଥା ମୁଁ ୨୦୧୪ରେ 'ଲୁସି ମେଡ୍ ବାଇ ଲକ୍ ବ୍ରେସନ୍'ରୁ ପାଇଛି।

ସଂଯୋଗ ବା କାକତାଳିକ ବୋଲି ଆମେ କାହାକୁ କହୁ? ଯେତେବେଳେ ଆମେ ଗୋଟିଏ କଥା ଭାବୁ ଓ କିଛି ଘଟଣା ଅଳ୍ପ ସମୟ ଭିତରେ ଘଟେ ତାକୁ ଆମେ ସଂଯୋଗ କହୁ। ମନସ୍ତତ୍ତ୍ୱବିତ୍ କାର୍ଲ ଜଙ୍ଗ୍ କହିଥିଲେ ମିନିଙ୍ଗଫୁଲ କଏନ୍ସିଡେନ୍ସ ବା ସାର୍ଥକ ସଂଯୋଗର କଥା। କୌଣସି ଅସାଧାରଣ ଘଟଣାର ବ୍ୟାଖ୍ୟା କରିବା ପାଇଁ ଜଙ୍ଗ୍ ଏହି ତତ୍ତ୍ୱର ବ୍ୟବହାର କରିଆସୁଥିଲେ। କିନ୍ତୁ ଏଥିସହ ସେ ଯୋଗ କଲେ ଆମର ଉପଲବ୍ଧ ଜ୍ଞାନ ଦ୍ୱାରା ଆମେ ଅତିମାନସ ତତ୍ତ୍ୱର ବ୍ୟାଖ୍ୟା କରିପାରିବା ନାହିଁ।

ମନ କ'ଣ ଶକ୍ତିର ତରଙ୍ଗ ସୃଷ୍ଟି କରେ? ସ୍ୱାମୀ ବିବେକାନନ୍ଦ ଶିକାଗୋ ଆକାଶରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ଦୃଷ୍ଟିନିବଦ୍ଧ କରିବାରୁ ତାଙ୍କୁ ଜଣାଗଲା ତାହା ହେଉଛି ଏକ ବିଷାଦର ଘନ କଳା ବାଦଲ। ପ୍ରକୃତରେ ତାହା ଥିଲା ଆମେରିକାର ଏକ ଷ୍ଟକ୍‌ୟାର୍ଡ/କଂସେଇଖାନା, ଯେଉଁଠିକୁ ଗୋରୁମାନେ ବହୁ ସଂଖ୍ୟାରେ ମରାହେବା ପାଇଁ ଆସନ୍ତି। ତା'ହେଲେ ସେହି କଳା ବାଦଲ ଗୋରୁମାନଙ୍କ ଯନ୍ତ୍ରଣାର ଘନୀଭୂତ ରୂପ ନୁହେଁ ତ? ଜଙ୍ଗ୍ ଏକମାତ୍ର ବୈଜ୍ଞାନିକ ନୁହନ୍ତି ଯିଏ ଅସାଧାରଣ ତତ୍ତ୍ୱରେ ବିଶ୍ୱାସ କରୁଥିଲେ। ଆଧୁନିକ ବିଜ୍ଞାନର ଜନକ ଆଲ୍‌ବର୍ଟ ଆଇନଷ୍ଟାଇନ୍ ମଧ୍ୟ ଭୂବିଜ୍ଞାନରେ ଇପିଡବ୍ଲ୍ୟୁ ବା ଆଇନଷ୍ଟାଇନ୍ ପେନ୍ ୱେଭ୍‌ସ ତତ୍ତ୍ୱର ପ୍ରଚାର କରିଥିଲେ। ଯାହା ମନେହୁଏ ବିଆଇଏସ୍ (ବଜାଜ-ଇବ୍ରାହିମ୍-ସିଂ) ଆଇନଷ୍ଟାଇନ୍‌ଙ୍କର ଇପିଡବ୍ଲ୍ୟୁ ତତ୍ତ୍ୱର ହିଁ ବିକାଶ କରିଛନ୍ତି। ସେମାନଙ୍କ ଯୁକ୍ତି ଅନୁସାରେ ପ୍ରାଣୀମାନଙ୍କ ଗଣହତ୍ୟା ହିଁ ଭୂମିକମ୍ପର କାରଣ।

ଭୂମିକମ୍ପ କାହିଁକି ଓ କେତେବେଳେ ଘଟେ? କେହି ଜାଣନ୍ତି ନାହିଁ। ତେଣୁ ଏ ତତ୍ତ୍ୱକୁ ଅସ୍ୱୀକାର କରିହେବ ନାହିଁ। ହୁଏତ ଭବିଷ୍ୟତରେ ଭୂକମ୍ପ ବିଜ୍ଞାନୀମାନେ ପ୍ରମାଣ କରିପାରନ୍ତି ଯେ, ଅତୀତର ମୁନିଋଷିମାନେ ଯାହା କହିଆସିଛନ୍ତି– ବିଶ୍ୱ ମାନସ ହେଉଛି ସବୁଠାରୁ ଶକ୍ତିଶାଳୀ। ବିଶ୍ୱର ଯେଉଁଠି ଯେଉଁଠି ଭୂମିକମ୍ପ ଘଟିଛି ଓ ଯେଉଁସବୁ ସ୍ଥାନ ଭୂକମ୍ପପ୍ରବଣ, ସେଠାରେ ବା ଆଖପାଖରେ ନିଯୁତ ନିଯୁତ ପ୍ରାଣୀଙ୍କୁ ହତ୍ୟା କରାଯାଉଥିବା ଉକ୍ତ ପୁସ୍ତକରେ ପ୍ରକାଶ ପାଇଛି। ଇପିଡବ୍ଲ୍ୟୁ ତତ୍ତ୍ୱ କହେ, ପ୍ରାଥମିକ ଓ ଦ୍ୱିତୀୟକ ତରଙ୍ଗ ଶୀଘ୍ର ଗତି କଲାବେଳେ ଏକ କାଳଖଣ୍ଡରେ ଯନ୍ତ୍ରଣା ତରଙ୍ଗ ଘନୀଭୂତ ହୋଇ ଚାପ ସୃଷ୍ଟି କରେ। ଯେତେବେଳେ ତାହା ଚରମ ସୀମାରେ ପହଞ୍ଚେ ଫାଟିଯାଏ ଓ ଭୂମିକମ୍ପ ରୂପରେ ପ୍ରତିକ୍ରିୟା ପ୍ରକାଶ କରେ।

ଉକ୍ତ ପୁସ୍ତକରେ ଲେଖାଯାଇଛି ଯେ, ସେମାନେ ନୋସିସେପ୍ଟିଭ୍ ୱେଭ୍ (ଯନ୍ତ୍ରଣାଜାତ ତରଙ୍ଗ)ର ଜଟିଳ ଭୂମିକା ଉପରେ ଅନୁଧ୍ୟାନ କରିଛନ୍ତି। ପ୍ରାଣୀମାନଙ୍କ ଯନ୍ତ୍ରଣା ଓ ଆର୍ତ୍ତ ଚିତ୍କାରରୁ ଯେଉଁ ତରଙ୍ଗ ସୃଷ୍ଟି ହୁଏ, ତାହା ଭୂତ୍ୱକ୍ ଦେଇ ପୃଥିବୀର ଅଭ୍ୟନ୍ତରକୁ ପ୍ରବେଶ କରେ। ଏହି ତରଙ୍ଗ ହିଁ ଶକ୍ତିଶାଳୀ ହୋଇ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତିକରି ପୃଥିବୀକୁ ଫଟାଇଦିଏ। ଲେଖକମାନଙ୍କ ମତରେ ଶବ୍ଦତରଙ୍ଗ ପଥର ଉପରେ ଗଭୀର ଚାପ ସୃଷ୍ଟି କରେ। ବର୍ଷ ବର୍ଷ ଧରି ପ୍ରତିଦିନ ହଜାର ହଜାର ପ୍ରାଣୀଙ୍କୁ ନିରବଚ୍ଛିନ୍ନ ଭାବରେ ହତ୍ୟା କରାଯିବା ଯୋଗୁ ସେମାନଙ୍କ ଯନ୍ତ୍ରଣାଜନିତ ଚିତ୍କାର ଆଇନଷ୍ଟାଇନ୍ ପେନ୍ ୱେଭ୍ ଯୋଗୁ ଆକଷ୍ଟିକ୍ ଆନିସୋଟ୍ରୋପି (ଶବ୍ଦ ତରଙ୍ଗ) ସୃଷ୍ଟି କରେ। ଉକ୍ତ ପୁସ୍ତକ ମତରେ ଯେହେତୁ ଇପିଡବ୍ଲ୍ୟୁ ବହୁଦୂର ଗତି କରିପାରେ, ତେଣୁ ଗୋଟିଏ ଦେଶର କଂସେଇଖାନାଗୁଡ଼ିକରେ ହେଉଥିବା ଗଣ ଜୀବହତ୍ୟା ଯୋଗୁ ଅନ୍ୟ ଦେଶରେ ଭୂମିକମ୍ପ ସୃଷ୍ଟି ହୋଇପାରେ। ଲେଖକମାନେ ଲାଟୁର ଭୂମିକମ୍ପଠାରୁ ଆରମ୍ଭ କରି ଉତ୍ତରକାଶୀଠାରେ ହୋଇଥିବା ଭୂମିକମ୍ପ ଏବଂ ଆମେରିକା, ରୁଷିଆ, ଜାପାନ ପ୍ରଭୃତି ଦେଶରେ ହୋଇଥିବା ଭୂମିକମ୍ପଗୁଡ଼ିକର ଉଦାହରଣ ଦେବା ସହ ତାହାର କାରଣ ବିଭିନ୍ନ କଂସେଇଖାନାରେ ବ୍ୟାପକ ପ୍ରାଣିହତ୍ୟା ବୋଲି ଉଲ୍ଲେଖ କରିଛନ୍ତି। ଆଜି ହୁଏତ ଆମେ ସାମୂହିକ ଯନ୍ତ୍ରଣା, ତା'ର ବାରମ୍ବାରତା ଓ ପ୍ରଭାବକୁ ପରିମାପ କରିପାରି ନାହୁଁ ଏବଂ ଉକ୍ତ ବୈଜ୍ଞାନିକମାନଙ୍କ ତତ୍ତ୍ୱକୁ ବୁଝିପାରୁ ନାହୁଁ, କିନ୍ତୁ ସମୟ ଆସିବ, ଆମେ ତାହା ବୁଝିପାରିବୁ।

Email: gandhim@nic.in

# ରାଜନୀତିରେ ତାଳମେଳ



**ମାନସ କୁମାର ପାଢ଼ୀ**

କମ୍ପାଟିବିଲିଟିର ଅର୍ଥ ବୁଝାଇବାକୁ ଯାଇ ବାବୁ ସୁସଙ୍ଗତି, ସମନ୍ୱୟ ଓ ତାଳମେଳ ଆଦି ଶବ୍ଦ ପ୍ରୟୋଗ କରୁଥିବା ବେଳେ ବାବୁଙ୍କ ଖୁଡ଼ୀ କାମରେ ଆସିଲେ ସେତିକିବେଳେ। ତୁମର ସାନଖୁଡ଼ୀଙ୍କ କଥା ମନେଅଛି ନା?

ବାବୁଆଣୀ ପଚାରିଲେ, ମନେ ନ ଥା'ନ୍ତା ନା କ'ଣ? ତାଙ୍କ ସହିତ ଏ କଥାର କ'ଣ ସମ୍ପର୍କ ଅଛି?

ସେ ବହୁତ ଥର ଚା' ପିଉଥିଲେ। କକା ବି। ତେଣୁ କକା ଛୁଟିରେ ଗାଁକୁ ଆସିଲେ ଗୋଟେ ଦୁଧିଆଳୀ ଗାଈ କିଣିଦେବା ପାଇଁ ସବୁବେଳେ ଖୁଡ଼ୀ ପରାମର୍ଶ ଦେଉଥିଲେ। ବାବୁଆଣୀ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। ବାବୁ କହିଚାଲିଥିଲେ, ଖୁଡ଼ୀ ଥରେ ଜିଦ୍ ଧରିବାରୁ କକା କହିଲେ, ତୁମେ ଆସିବା ଦିନଠାରୁ, ଦୀର୍ଘ ୧୨ ବର୍ଷ ହେଲାଣି ମୁଁ ଗାଈଟିଏ ଖୋଜୁଛି। କିନ୍ତୁ ଛୋଟୀ ଗାଈଟିଏ ମଳିଲେ ସିନା କିଣିବି?

ବାବୁଆଣୀଙ୍କ ଆଖି ବଡ଼ ବଡ଼ ହୋଇଗଲା।

ଖୁଡ଼ୀଙ୍କର ପିଲାବେଳେ ଗୋଟେ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ଟିକେ ବଙ୍କେଇ ବଙ୍କେଇ ଚାଲନ୍ତି। ତାଙ୍କ ପାଇଁ ଗୋଟେ ଛୋଟୀ ଗାଈ ହେଲେ ଗୁହାଳରୁ ଫିଟାଇ ବାହାରେ ବାନ୍ଧିବା, ଗୋଠରୁ ଆସିଲେ ତାକୁ ଅଡ଼େଇ ଆଣି ଗୁହାଳରେ ଭର୍ତ୍ତି କରିବାକୁ ସୁବିଧା ହେବ। ଉଭୟଙ୍କ ମଧ୍ୟରେ ସୁସଙ୍ଗତି ରହିବ। କାମ ଠିକ୍ ଚାଲିବ। ସେହି ସୁସଙ୍ଗତିକୁ ଇଂଲିଶରେ କମ୍ପାଟିବିଲିଟି କୁହାଯାଉଛି।

ବାବୁଆଣୀ କହିଲେ, ଏ କମ୍ପାଟିବିଲିଟି ୱାର୍ଡଟା କମ୍ପ୍ୟୁଟର ଆଦି ଇଲେକ୍ଟ୍ରୋନିକ୍ସ ଯନ୍ତ୍ର ପାଇଁ ବ୍ୟବହାର ହୁଏ ତାହା ମଣିଷ ପାଇଁ ନୁହେଁ। ବାବୁ ହସିଲେ, କମ୍ପାଟିବିଲିଟି ଶବ୍ଦଟି ମନ୍ତ୍ରୀଠାରୁ ମୂଳିଆ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ବ୍ୟବହାର କରିହେବ। ବିଶେଷକରି ରାଜନୀତି କ୍ଷେତ୍ରରେ ଏହାର ତାତ୍ପର୍ଯ୍ୟ ଯିଏ ନ ବୁଝିବ ସେ ରାଜନୀତିରେ ଫେଲ୍ ବୋଲି ଜାଣ। ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଡ଼. ହର୍ଷବର୍ଦ୍ଧନଙ୍କ ନେତୃତ୍ୱରେ ଭାଜପା ୩୨ଟି, କେଜ୍‌ରିୱାଲଙ୍କ ନେତୃତ୍ୱରେ ଆମ୍ ଆଦ୍‌ମୀ ପାର୍ଟି ୨୮ଟି, କଂଗ୍ରେସ ଶୀଲା ଦୀକ୍ଷିତଙ୍କ ନେତୃତ୍ୱରେ ୮ଟି ସିଟ୍ ପାଇଥିଲା। ସେତେବେଳେ ପୂର୍ବ ନିର୍ବାଚନ ଅପେକ୍ଷା ଭାଜପା ୮ଟି ସିଟ୍ ଅଧିକ ପାଇଥିଲା। କିନ୍ତୁ ୨୦୧୫ ବିଧାନସଭା ନିର୍ବାଚନରେ ଭାଜପା କିରଣ ବେଦୀଙ୍କ ନେତୃତ୍ୱରେ ମାତ୍ର ୩ଟି ସିଟ୍ ହାତେଇ ପାରିଥିଲା। ଏହାର ଅର୍ଥ ନୁହେଁ ଯେ, କିରଣ ବେଦୀ ଜଣେ ଟାଣୁଆ ନେତ୍ରୀ ନୁହନ୍ତି କିମ୍ବା ସଚ୍ଚୋଟ, ଦକ୍ଷ ନୁହନ୍ତି। ମୂଳ କଥା ହେଲା, କମ୍ପାଟିବିଲିଟି। ସଙ୍ଗଠନ ସହ ତାଳମେଳ ରଖି ନ ପାରିଲେ, ପୁରୁଣା କର୍ମୀମାନେ ତୁମ ପଛରେ ନ ରହିଲେ, ଯେତେ ଟାଣୁଆ, ସଚ୍ଚୋଟ ହୋଇଥାଅ ପଛେ, ଫେଲ ମାରିବା ଥୟ। ତମେ କହିପାର କଂଗ୍ରେସ ଭୋଟରମାନେ ଆପ୍‌କୁ ସମର୍ଥନ କଲେ ତ କିରଣ ବେଦୀ କ'ଣ କରିପାରିଥାନ୍ତେ। କିନ୍ତୁ ଯେଉଁ ଭାଜପା ୨୦୧୩ ନିର୍ବାଚନରେ ୮ଟି ସିଟ୍ ଅଧିକ ପାଇପାରିଥିଲା, ସେ ୨୦୧୫ରେ ଏକାବେଳକେ ୨୯ଟା ସିଟ୍ ହରାଇବା ଗୋଟେ ବଡ଼ ପ୍ରଶ୍ନ ନେତୃତ୍ୱ ଉପରେ।

ବାବୁଆଣୀ ନୀରବ ରହିଲେ। ବାବୁ କହିଲେ, ପୁରୁଣା ନେତା, ଆଶାୟୀ (ପ୍ରାର୍ଥୀ) ନେତା, କର୍ମୀ ଯଦି ନୂଆନେତାଙ୍କ ସହିତ କମ୍ପାଟିବୁଲ୍ ନ ହେଲେ, ସେ କୋଣଠେସା ହୋଇ ପଡ଼ିରହିବା ନିଶ୍ଚିତ। ସେଠାରେ ନୂଆନେତା ସଚ୍ଚୋଟ କି ଦକ୍ଷ ପ୍ରଶ୍ନ ଉଠେନି କିମ୍ବା କର୍ମୀଙ୍କ ଦଳ ପ୍ରତି ଆନୁଗତ୍ୟରେ ମଧ୍ୟ ସନ୍ଦେହ ପ୍ରକାଶ କରାଯାଏ ନାହିଁ। ମୁଖ୍ୟ କଥା ହେଲା ନେତାଙ୍କର କର୍ମୀମାନଙ୍କ ସହ କମ୍ପାଟିବିଲିଟି। ନ କହିଲେ ବି ତୁମେ ଜାଣିପାରିବ କେଡ଼େ କେଡ଼େ ନେତା ଦଳବଦଳ କରି ଅନ୍ୟ ଦଳକୁ ଯାଇଛନ୍ତି ହେଲେ କମ୍ପାଟିବିଲିଟି ଅଭାବରୁ ସେମାନେ ଦଳରେ ଏବେ ଅଛନ୍ତି କି ନାହିଁ ଜଣାପଡୁନି।

ତମେ କ'ଣ କହୁଛ ଦଳୀୟ ସିଷ୍ଟମ ସହିତ ଆମ ମ୍ୟାଡାମ୍ କମ୍ପାଟିବୁଲ୍ ହେବେନାହିଁ? ମୁଁ କହୁନାହିଁ। ସନ୍ଦେହ ପ୍ରକାଶ କରୁଛି। ଭବିଷ୍ୟତ କହିବ। ମୁଁ କହୁଛି କିରଣ ବେଦୀଙ୍କ ନେତୃତ୍ୱରେ ଦଳ ତ ହାରିଲା ସେ ନିଜେ ବି ନିର୍ବାଚନରେ ପରାଜିତ ହେଲେ। ତାଙ୍କ ପରି ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳାଙ୍କର ରାଜନୀତି କ୍ଷେତ୍ରରେ ଏପରି ବିଫଳତାର କାରଣ କ'ଣ ହୋଇପାରେ ମ୍ୟାଡାମ୍ ଅନୁଧ୍ୟାନ କରିବା ଉଚିତ।

ଆଉ ଜଣେ ରମଣ ମାଗାସେସେ ଆୱାର୍ଡି ଟି.ଏନ୍. ଶେଷାନ୍‌ଙ୍କ ଉଦାହରଣ ନିଆଯାଉ। ୧୯୯୦ରେ ସାଉଥ୍ ମୁମ୍ବାଇରେ ରୋଟାରୀ କ୍ଲବ୍‌ର ଗୋଟେ ମିଟିଂରେ ଶେଷାନ୍‌ଙ୍କୁ ପଚରାଗଲା ଆପଣ ନିର୍ବାଚନ ଲଢ଼ିବେ? ସେତେବେଳେ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ କରିଥିବା ନିର୍ବାଚନୀ ସଂସ୍କାର ପାଇଁ ଦେଶରେ ଖୁବ୍ ଜନପ୍ରିୟ ଥିଲେ। ଯେହେତୁ ପ୍ରଶ୍ନର ଉତ୍ତର ସେ ପ୍ରଶ୍ନରେ ଦିଅନ୍ତି। କହିଲେ, ହଁ! ମୁଁ ନିର୍ବାଚନ ଲଢ଼ିବି; କିନ୍ତୁ ଆପଣମାନଙ୍କ ମଧ୍ୟରୁ କେତେଜଣ ମୋତେ ସମର୍ଥନ କରିବେ? ସଭାରେ ଉପସ୍ଥିତ ସମସ୍ତେ ହାତ ଉଠାଇଲେ ସମର୍ଥନ ଜଣାଇ। ମାତ୍ର ବାସ୍ତବ ରଣକ୍ଷେତ୍ରଟି ଶୀତତାପ ନିୟନ୍ତ୍ରିତ କୌଣସି ନାମୀଦାମୀ କ୍ଲବ୍‌ର ସଭାଗୃହ ନୁହେଁ। ୧୯୯୯ ସାଧାରଣ ନିର୍ବାଚନରେ ଜାତୀୟ କଂଗ୍ରେସର ସମର୍ଥନ ସତ୍ତ୍ୱେ ସେ ୧,୮୮,୯୪୪ ଖଣ୍ଡ ଭୋଟ ବ୍ୟବଧାନରେ ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡ୍‌ଭାନୀଙ୍କଠାରୁ ପରାସ୍ତ ହୋଇଥିଲେ।

ବାବୁଆଣୀ ଚିନ୍ତାରେ ପଡ଼ିଗଲେ। ସରକାରୀ ସେବା କ୍ଷେତ୍ରରୁ ଆସି ହଠାତ୍ ଏମ୍‌ଏଲ୍‌ଏ, ଏମ୍‌ପି ହେବା ତ କିଛି ବିଚିତ୍ର କଥା ନୁହେଁ। ଅନେକେ ହୋଇଛନ୍ତି। କିନ୍ତୁ ଗୋଟେ ରାଜ୍ୟର ଦଳୀୟ ମୁଖ୍ୟ ହେବା କି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନିଶ୍ଚିତ ଏକ ଚମତ୍କାରିତା। ଅବଶ୍ୟ ସରକାରୀ ସେବାକ୍ଷେତ୍ରରୁ ଆସି ଆଇଆରଏସ୍ ଅଫିସର ଅରବିନ୍ଦ କେଜ୍‌ରିୱାଲ୍ ଜିତାପଟ ମାରିନେଲେ। କାରଣ ସେ ଗୋଟେ ନୂଆ ସିଷ୍ଟମ୍ ଆରମ୍ଭ କଲେ; ନୂଆ ଦଳ ଗଢ଼ିଲେ। ତାଙ୍କ ମତ ସହ ସହମତ ନେତା ଓ ସମର୍ଥକଙ୍କୁ ନେଇ ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ତେଣୁ କମ୍ପାଟିବିଲିଟିରେ ସମସ୍ୟା ତାଙ୍କ କ୍ଷେତ୍ରରେ ଦେଖାଯାଇ ନ ଥିଲା, ଯାହା ବାବୁଆଣୀ ଏଥର ସବୁ ବୁଝିଗଲା ପରି ଜଣାପଡ଼ିଲେ। ବାବୁ ଆଉ କଥା ଆଗକୁ ବଢ଼ାଇଲେ ନାହିଁ।

ବ୍ରାହ୍ମଣ ସାଇଲୋ, କଟକ, ମୋ– ୯୪୩୮୭୫୭୯୨

## ଏଇ ଭାରତରେ

ଦୁନିଆରେ କିଏ କେତେବେଳେ କୌଣସି କାରଣ ପାଇଁ ହଜିଯାଆନ୍ତି ତାହାର ହିସାବ କେହି ରଖନ୍ତିନି। ହଜି ଯାଇଥିବା ମଣିଷଙ୍କ ମଧ୍ୟରୁ କିଏ ସବୁଦିନ ପାଇଁ ନିଖୋଜ ହୋଇଯାଆନ୍ତି ତ କିଏ ବିଳମ୍ବ ହେଲେ ବି କୌଣସି ଯୋଗସୂତ୍ର ମାଧ୍ୟମରେ ଘରକୁ ଫେରିଆସନ୍ତି। ଜଣେ ବାଳିକା ନିଖୋଜ ହେବାର ଦୁଇବର୍ଷ ପରେ ଘରକୁ ଫେରିଆସିବା ପରେ ପରିବାର ସଦସ୍ୟଙ୍କ ଖୁସି କହିଲେ ନ ସରେ। ଏପରି ଏକ ଘଟଣା ଘଟିଛି ହରିୟାଣାର ଅମ୍ବାଲା ଜିଲାରେ। ନୈନା ନାମ୍ନୀ ଏହି ବାଳିକାକୁ ଜିଲା ପୋଲିସ ତାଙ୍କ ପରିବାର ସହ ମିଳିତ କରାଇପାରିଛି। ଉକ୍ତ ପରିବାର ସଦସ୍ୟ ଭାବିଥିଲେ ତାଙ୍କ ଝିଅକୁ ସେମାନେ ଆଉ ପାଇବେ ନାହିଁ। କିନ୍ତୁ ବିଧିର ବିଧାନ ବିଚିତ୍ର। ବାଳିକାର ପିତା ଗିରିଶ ନାଗପାଲ କହନ୍ତି, ୨୦୧୬ରେ ତାଙ୍କ ଝିଅର ଚିକିତ୍ସା କରାଇବା ଲାଗି ସେ ମିରଟ ନେଇ ଯାଇଥିଲେ। ଝିଅକୁ ଏକ ବାରଣ୍ଡାରେ ବସାଇ ସେ ଖାଇବା ଆଣିବା ପାଇଁ ଯାଇଥିଲେ। ଫେରିଆସି ଦେଖନ୍ତି ବସିବା ସ୍ଥାନରେ ଝିଅ ନାହିଁ। ସେହିଦିନଠାରୁ ସେ ଅନେକ ଜାଗାରେ ଖୋଜିଛନ୍ତି। କିନ୍ତୁ ପାଇନାହାନ୍ତି। ଝିଅକୁ ନ ପାଇ ପରିବାର ଲୋକେ ମରିଯାଇଛି ବୋଲି ଭାବି ନେଇଥିଲେ। ତେବେ ଦୁଇଦିନ ତଳେ ଜିଲା ପୋଲିସ ନୈନା ସମ୍ପର୍କରେ ପରିବାରକୁ ସୂଚନା ଦେଇଥିଲେ ଯେ, ତାଙ୍କ ଝିଅ ଅମ୍ବାଲାସ୍ଥିତ ମଦର ତେରେସା ହୋମ୍‌ରେ ରହୁଛି। ଏହାପରେ ପରିବାର ସଦସ୍ୟମାନେ ଅମ୍ବାଲା ଯାଇ ନିଜ ହଜିଲା ଝିଅକୁ ଘରକୁ ନେଇଯାଇଛନ୍ତି। ଏବେ ତାଙ୍କ ପରିବାରରେ ଖାଲି ଖୁସି ଆଉ ଖୁସି।

## ଚିରନ୍ତନୀ

ଆକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ!
(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | C | | | | | 7 | | 5 | 9 | 4 | | D |
| 9 | 8 | | | | 6 | B | | | | | | | | 2 |
| 5 | | | 0 | | 3 | | | | | | A | | | |
| 1 | | | | D | | | 5 | A | E | C | | | | |
| | | | | 1 | 4 | | | 3 | 0 | 6 | | | | |
| 3 | | | | | C | 1 | | 9 | | | E | 8 | | |
| | 7 | 4 | | | E | | | | | | 0 | | | C |
| | | | B | A | 9 | | | 8 | 2 | | | 0 | 5 | E |
| | E | | | | | | 0 | | 4 | | 5 | 6 | 7 | |
| 6 | | 9 | | | | A | | | | | | 1 | 2 | |
| 2 | | | | | A | | | | | | | | E | 9 |
| E | | | | | | 7 | 6 | | 3 | | C | D | | |
| 4 | | 0 | D | | | | | 1 | 9 | | 7 | | | B |
| D | | 3 | 1 | | | C | B | 0 | | | | | | 7 |
| | 1 | | 6 | 3 | | | A | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 0 | 5 | 1 | 4 | 6 | 2 | 8 | C | B | E | 7 | A | 3 |
| C | B | 1 | 0 | 9 | A | E | 3 | 4 | 5 | 7 | 2 | 8 | 6 | D |
| 2 | 7 | A | 6 | 3 | 8 | 1 | 0 | C | 9 | 4 | D | 5 | E | B |
| 6 | E | 4 | 7 | D | C | B | 9 | 5 | A | 8 | 3 | 0 | 2 | 1 |
| 5 | 8 | 3 | 2 | E | B | A | D | 7 | 1 | 0 | 6 | C | 9 | 4 |
| A | D | B | C | 2 | 5 | 3 | 1 | 0 | 7 | 9 | 4 | E | 8 | 6 |
| E | 2 | C | 9 | 7 | 1 | 5 | B | 6 | 8 | D | 0 | 3 | 4 | A |
| 4 | 3 | 7 | B | 8 | 0 | 9 | A | D | 6 | E | C | 1 | 5 | 2 |
| 8 | 5 | 9 | A | 6 | 3 | 7 | 4 | E | B | 2 | 1 | D | C | 0 |
| 0 | 1 | 6 | D | 4 | E | 8 | C | 2 | 3 | 5 | A | B | 7 | 9 |
| 3 | C | E | 4 | B | 7 | 2 | 6 | A | D | 1 | 5 | 9 | 0 | 8 |
| 1 | A | 2 | 8 | 5 | D | 4 | E | 9 | 0 | 3 | 7 | 6 | B | C |
| 7 | 0 | 8 | 1 | A | 9 | C | 5 | 3 | 2 | 6 | B | 4 | D | E |
| 9 | 4 | D | 3 | C | 6 | 0 | 7 | B | E | A | 8 | 2 | 1 | 5 |
| B | 6 | 5 | E | 0 | 2 | D | 8 | 1 | 4 | C | 9 | A | 3 | 7 |

ଗତକାଲିର ଉତ୍ତର

# ବିଦେଶରେ ଭାରତୀୟଙ୍କ ସମ୍ମାନ



**ଡା. ସୁରେନ୍ଦ୍ରନାଥ ପତି**

କିଛିମାସ ତଳେ ଏକ ଦଳ ସହ ୟୁରୋପ ଭ୍ରମଣରେ ଯାଇଥିଲି। ସମୁଦାୟ ୧୦ଟି ଦେଶ ବୁଲି ବିଭିନ୍ନ ଦର୍ଶନୀୟ ସ୍ଥାନ ଦେଖିଲୁ। ୪୮ ଜଣ ଯାତ୍ରୀ ବିଭିନ୍ନ ସହରରୁ ଦିଲ୍ଲୀରେ ଏକତ୍ରିତ ହୋଇ ଏୟାରଇଣ୍ଡିଆ ଫ୍ଲାଇଟ୍‌ରେ ଲଣ୍ଡନ ଅଭିମୁଖେ ଯାତ୍ରା ଆରମ୍ଭ କଲୁ। ଲଣ୍ଡନ ସହରର ଲୋକସଂଖ୍ୟା ପ୍ରାୟ ଏକକୋଟି, ଭାରତର ପୂର୍ବତନ ଶାସକମାନଙ୍କ ସହର। ଏଠାରେ ଥିବା ଟେମ୍ସ ନଦୀ ଚଉଡ଼ାରେ ଦୀର୍ଘ ନୁହେଁ କିନ୍ତୁ ସ୍ରୋତସ୍ୱିନୀ। ତା'ର କୂଳେ କୂଳେ ବୁଲିଲୁ। ବହୁତ ବ୍ୟାଙ୍କ, ବାଣିଜ୍ୟ କେନ୍ଦ୍ର, ହୋଟେଲ ଇତ୍ୟାଦି ଅଛି। ଆମର ବେଶପୋଷାକ ଦେଖି କେତେକ ଇଂରେଜ କହିଲେ, 'ଇଣ୍ଡିଆନ୍, ଦି ଗ୍ରେଟ୍ କଣ୍ଟ୍ରି, ପ୍ଲିଜ୍ ହାଓ ଏ ଫାର୍ ଟୁର୍, ଇଟ୍ ଦି ଟେମ୍ସ ୱିଥ୍ ଅସ୍।' ଆମେ ଗଲୁ କେନ୍ଦ୍ରସ୍ଥଳ 'ଟ୍ରାଫଲଗାର ସ୍କୋୟାର'କୁ। ଭିଡ଼ ଥାଏ। ସେଠାରେ ଏକ କୃତ୍ରିମ ଝରଣା ଅଛି। ଶୁଣିଲୁ 'ଓଃ, ଇଣ୍ଡିଆନ୍, ଇୟୋର ଗାନ୍ଧୀ କମ୍ପେଲ୍ଡ ଦ ବ୍ରିଟିଶ୍ ଟୁ ଭ୍ୟାକେଟ୍ ୟୋର୍ କଣ୍ଟ୍ରି। ଉଇ ହାଭ୍ ଏଜୁକେଟେଡ୍ ହିମ୍।' ଆମର ବସ୍ ଅଗ୍ରଗତି କଲା। ଗାଇଡ୍ ବୁଝାଇଦେଲେ ଏକ ବୃହତ୍ କୋଠାକୁ ନିର୍ଦ୍ଦେଶ କରି– 'ଦି ଟେମ୍ପଲ', ବିଖ୍ୟାତ ଆଇନ କଲେଜ, ଏହିଠାରୁ ଗାନ୍ଧିଜୀ ତାଙ୍କ ଯୁବାବସ୍ଥାରେ ବାରିଷ୍ଟରି ଡିଗ୍ରୀ ହାସଲ କରିଥିଲେ। ଏହା ନିକଟରେ ବ୍ରିଟିଶ୍ ପାର୍ଲାମେଣ୍ଟ ହାଉସ୍, ପ୍ରଧାନମନ୍ତ୍ରୀଙ୍କ ବାସସ୍ଥାନ– ଟିକିଏ ଗଳି ଭିତରକୁ, ସୁରକ୍ଷା ପାଇଁ ବୋଧହୁଏ। 'ହାଇଡ୍ ପାର୍କ'ରେ ଯେକୌଣସି ବ୍ୟକ୍ତି ଟେବୁଲ ଉପରେ ଦଣ୍ଡାୟମାନ ହୋଇ ଭାଷଣ ଦେଇପାରିବ, କେବଳ ରାଣୀଙ୍କ ବିରୋଧରେ କିଛି କହିପାରିବ ନାହିଁ। ଇଂଲିଶ ଚାନେଲ ପାରିହେଲୁ ଡୋଭରଠାରେ।

ପ୍ୟାରିସର ଇଫେଲ ଟାୱାର ପୃଥିବୀର ପ୍ରସିଦ୍ଧ ଲୌହନିର୍ମିତ କୀର୍ତ୍ତି, ଯାହାକୁ ହିଟ୍‌ଲରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଜର୍ମାନମାନେ ଭାଙ୍ଗିବାକୁ ରାଜି ହୋଇ ନ ଥିଲେ। ସେଠାକାର ଗାଇଡ୍ କହୁଥିଲେ, 'ଇଣ୍ଡିଆନ୍ ଟୁରିଷ୍ଟ ଭେରି ଡିସିପ୍ଲିନ୍ଡ, ଦେ କମ୍ ଇନ୍ ଏ କ୍ୟୁ, ୟୁ ସି ଅଦର କଣ୍ଟ୍ରି ପିପୁଲ, ହାଓ ଦେ ଆର୍ ପୁସିଙ୍ଗ ଇଚ୍ ଅଦର।' ଟିକେଟ୍ କରି ଲିଫ୍ଟରେ ସର୍ବୋଚ୍ଚ ଉଚ୍ଚତାକୁ ଯାଇହୁଏ। ରାତି ୧୨ଟାରେ ଏହି ଟାୱାର ବିଦ୍ୟୁତ୍ ଆଲୋକରେ ଝଲସିଉଠେ ମାତ୍ର ପାଞ୍ଚମିନିଟ୍ ପାଇଁ। ଫ୍ରାନ୍ସର ପୋଲିସ ଆମକୁ ଧନ୍ୟବାଦ ଦେଲେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ, ଯଦିଓ ଏଠାରେ ନିଗ୍ରୋ ବିକ୍ରେତାମାନେ ଯାତ୍ରୀମାନଙ୍କୁ ବ୍ୟସ୍ତ କରୁଥାନ୍ତି। ଆମଷ୍ଟରଡାମ୍‌ରେ ବୋଟ ଯୋଗେ 'କେନାଲଟୁର'– ବହୁତ ପୁରୁଣା ସହର। ଯାତାୟାତର ମାଧ୍ୟମ ପ୍ରଧାନତଃ ସାଇକେଲ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବୋଟରେ 'ଟଏଲେଟ' ବ୍ୟବହାର କରିପାରିବେ। ସୁଇଜରଲାଣ୍ଡର ସୁଉଚ୍ଚ ଆଲ୍‌ପସ ପର୍ବତମାଳା, ତା' ଉପରେ ହୋଟେଲମାନ।

ଆଞ୍ଜେଲବର୍ଗରେ 'ଟେସାସ' ହୋଟେଲରେ ଭାରତୀୟଙ୍କ ପାଇଁ ବ୍ରେକ୍‌ଫାଷ୍ଟ–ଉପମା, ଇଡ୍‌ଲି, ଚୁଡ଼ାସନ୍ତୁଳା, ସମ୍ବର, ଚଟ୍‌ନି, ମସଲା ଚା' ଆଦି ଉପଲବ୍ଧ। ସର୍ବୋଚ୍ଚ ଶିଖର ୱାମ୍‌ପ୍ରେଠରେ ବରଫ ଗଦାଗଦା, ଭାରତୀୟ ରେଷ୍ଟୁରାଣ୍ଟରେ 'ବଫେ', ହିନ୍ଦୀ ସିନେମାର ଗୀତ ବାଜୁଥାଏ, ମନେହୁଏ ଆମେ ଭାରତର ପର୍ବତ ଉପରେ ଅଛୁ। ଏହା ହିମାଳୟର ଶିଖର ପ୍ରାୟ, ତଳ ଭାଗରେ ଇଣ୍ଟରସାକେର୍ନ ସହର। ଟୁରିଷ୍ଟ କେନ୍ଦ୍ର। ଏଠାରେ ଏକ କେନ୍ଦ୍ରସ୍ଥଳରେ ମୁମ୍ବାଇ ସିନେମା ଜଗତର ପ୍ରଡ୍ୟୁସର-ଡାଇରେକ୍ଟର ଯଶ୍ ଚୋପ୍ରାଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ବହୁ ସମ୍ମାନର ଅଧିକାରୀ ସେ ଥିଲେ ସୁଇଜରଲାଣ୍ଡରେ। ତାଙ୍କର କେତେକ ସିନେମାର ସୁଟିଂ ଏହିଠାରେ ହିଁ ସେ କରିଥିଲେ। ଫଳକରେ ତାଙ୍କ ବିଷୟରେ ତଥ୍ୟ ଉଲ୍ଲେଖ ଅଛି। ନିକଟସ୍ଥ ଅନ୍ୟ ଏକ ବରଫାବୃତ୍ତ ଶୃଙ୍ଗ, ନାମ 'ଟିଟ୍‌ଲିସ' ସର୍ବୋଚ୍ଚ ସ୍ଥଳରେ ହିନ୍ଦୀ ସିନେମା 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାଏଙ୍ଗେ'ର କଳାକର–ଶାହରୁଖ ଖାଁ ଓ କାଜଲଙ୍କର ବିଶାଳ କଟ୍‌ଆଉଟ୍ ବିଦ୍ୟମାନ। ଏଥିରୁ ଜଣାଯାଏ ସୁଇଜରଲାଣ୍ଡର ଅଧିବାସୀ କେତେ ଭଲପାଆନ୍ତି ଭାରତର କଳାକାରଙ୍କୁ। ଏଠାକାର ଏକ ଫଟୋ ଷ୍ଟୁଡିଓରେ ଭାରତୀୟ କ୍ରିକେଟ ଷ୍ଟାର ଓ ମୁମ୍ବାଇ ଷ୍ଟାରଙ୍କର କଷ୍ଟ୍ୟୁମ୍ ମିଳୁଛି, ଯାହାକୁ ଭଡାରେ ନେଇ ଜଣେ ଫଟୋ ଉଠାଇପାରିବେ। ଇଟାଲୀର 'ପିସା' ଟାୱାର ନିକଟରେ ଗୁଜରାଟ ବ୍ୟବସାୟୀଙ୍କର ସୌଖୀନ ଷ୍ଟୋର, ସବୁ ଭାରତୀୟ ଉପହାର ସାମଗ୍ରୀ ମିଳେ, ବିଦେଶର ଯାତ୍ରୀମାନେ ଏଠାରୁ ଆଗ୍ରହରେ ଭାରତର ସାମଗ୍ରୀ କିଣି ପ୍ରଶଂସା କରୁଥାନ୍ତି। ସମୁଦ୍ର ମଧ୍ୟସ୍ଥ ଭେନିସ୍ ଦ୍ୱୀପରେ ଫେରି ଯାତ୍ରା କଲାବେଳେ ଭାରତୀୟ ମେନୁର ଖାଦ୍ୟ ଓ ଗୀତ। ଭଟିକାନସିଟି ପ୍ୟାଲେସ ରୋମର କଲୋସିଅମ, ସବୁଠାରେ ଭାରତର ଯାତ୍ରୀ ମାଳ ମାଳ। ସେଠାକାର ସ୍ଥାନୀୟ ଯାତ୍ରୀ ଆମକୁ ସାହାଯ୍ୟ କରି କେଉଁଦିଗକୁ ଗତି କରିବାକୁ ହେବ, କ'ଣ କୀର୍ତ୍ତି ଦେଖିବାକୁ ହେବ, ଭାରତୀୟ ବୋଲି, ଇଂଲିଶ ଭାଷାରେ ବୁଝାଇ ଦିଅନ୍ତି। ଟିକେଟ୍ କରି ପ୍ରବେଶ କରିବା, କ୍ୟୁ ତିଆରି କରିବା, ଗାଇଡ୍‌ଙ୍କ ନିର୍ଦ୍ଦେଶ ମାନିବା ଆଦି କାର୍ଯ୍ୟର ପ୍ରଶଂସା ସବୁଠାରେ ମିଳିଲା। ଯେଉଁ ଯେଉଁ ସହରକୁ ଆମେ ଭ୍ରମଣ କରିଛୁ, ସବୁଠାରେ ଭାରତୀୟ ରେଷ୍ଟୁରାଣ୍ଟରେ ଗାଇଡ୍ ଆମକୁ ସ୍ୱାଦିଷ୍ଟ ଭାରତୀୟ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଡିନର ଖୁଆଇଛନ୍ତି। ୟୁରୋପରେ ଥିବା ଆମେ ଅନୁଭବ କରିପାରି ନାହୁଁ, କେବଳ ରାସ୍ତା, ହୋଟେଲ, ଦର୍ଶନୀୟ କୀର୍ତ୍ତି ବ୍ୟତୀତ। ଡେନ୍‌ମାର୍କର ରାଜଧାନୀ କୋପେନ୍‌ହାଗେନ୍‌ରେ ସାଇକେଲର ବ୍ୟବହାର ଅଧିକ। ଏଠାରେ ବହୁତ ଦୁର୍ଗ ଦେଖାଯାଏ। ଦିନାମାରମାନେ ଯୁଦ୍ଧଖୋର ଜାତି ଥିଲେ। ୟୁରୋପର ଅନ୍ୟ ଦେଶଗୁଡ଼ିକୁ ପରାଜିତ କରି ତାଙ୍କର ମୂଲ୍ୟବାନ ଧନସମ୍ପଦ ଅପହରଣ ପରେ ଏହି ଦୁର୍ଗମାନଙ୍କରେ 'ଏକ୍‌ଜିବିଶନ ହଲ୍' ନିର୍ମାଣ କରିଛନ୍ତି। ଭାରତରୁ ମଧ୍ୟ ନେଇଥିବା ସୁନା, ହୀରା ଓ ଶାଗୁଆନ କାଠର ଉପକରଣ ସେଠାରେ ସ୍ଥାନିତ ହୋଇଛି। କୋପେନହାଗେନରୁ ୧୦ କି.ମି. ସମୁଦ୍ର ପଥରେ ଫେରି 'ବଲଟିକ୍ ସାଗର' ଅତିକ୍ରମ କରି ସ୍ୱିଡେନରେ ପ୍ରବେଶ କଲୁ। ସହର ମଧ୍ୟକୁ ଚାଲିଚାଲି ଗତିକରି ବହୁ ଭାରତୀୟ ପୁରୁଷ ଓ ମହିଳାଙ୍କୁ ଅଫିସରୁ ଫେରୁଥିବାର ଦେଖିଲୁ। ସେଠାରେ ମଧ୍ୟ କେତେକ ଭାରତୀୟ ରେଷ୍ଟୁରାଣ୍ଟ ଅଛି। ଖାଦ୍ୟ ଖାଇଲୁ।

ଆମ ଦେଶର ବହୁ ଯୁବତୀଯୁବକ କର୍ମସଂସ୍ଥାନ ପାଇଁ ୟୁରୋପ ଯାଇଛନ୍ତି। ସେଠାରେ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ଆଇଟି, ଶିଳ୍ପସଂସ୍ଥା ଛୋଟବଡ଼ କମ୍ପାନୀରେ କାର୍ଯ୍ୟ କରିବାର ସୁଯୋଗ ପାଇଛନ୍ତି। ସେମାନଙ୍କର ସେବା ପାଇଁ ରୁଚିକର ଦେଶୀୟ ଖାଦ୍ୟ ରାନ୍ଧି ପରଷିବା ପାଇଁ କେତେକ ଗୁଜରାଟ, ପଞ୍ଜାବ, ଉତ୍ତରପ୍ରଦେଶର ବ୍ୟକ୍ତି ସହଯୋଗୀ କର୍ମଚାରୀମାନଙ୍କୁ ନେଇ ଘରଭଡ଼ା ମାଧ୍ୟମରେ ଖାଦ୍ୟଶାଳା ଖୋଲିଛନ୍ତି। ଏହା ସେଠାକାର ୟୁରୋପୀୟ ଅଧିବାସୀଙ୍କ ଦ୍ୱାରା ଆଦୃତ ହୋଇଛି। ଆମେ ଲକ୍ଷ୍ୟ କଲୁ ଆମ ସହିତ ଗୋରା, କଳା ବ୍ୟକ୍ତିମାନେ ମଧ୍ୟ ସେଠାରେ ଆନନ୍ଦରେ ଭୋଜନ କରୁଛନ୍ତି। ଭାରତର ମସଲାଯୁକ୍ତ ସୁସ୍ୱାଦୁ ଖାଦ୍ୟ, ପାୟସ (ଖିରି), ଦକ୍ଷିଣଭାରତୀୟ ଦୋସା, ଇଡ୍‌ଲି, ଉପମା, ସମ୍ବର ଆଦି ଜଳଖିଆ ସାମଗ୍ରୀର ସେଠାରେ ଚାହିଦା ଅଛି। ତେଣୁ ଆମେ ଯେଉଁ ଦୁଇସପ୍ତାହ ୟୁରୋପରେ ବିତାଇଲୁ, ତାହା ଆଦୌ ବିଦେଶ ଭଳି ଲାଗୁ ନ ଥିଲା।

ରେଣୁକା ଏନ୍‌କ୍ଲେଭ, ପୁରୀ, ମୋ– ୯୪୩୭୪୯୪୭୭୬

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଜଳ ଅମଳ ଉପରେ ଗୁରୁତ୍ୱ ଦିଆଯାଉ

ମହାଶୟ,

ବିଶ୍ୱବ୍ୟାଙ୍କର ଏକ ଆକଳନରୁ ଜଣାଯାଏ ଯେ ଖାଦ୍ୟାଭାବଜନିତ ମୃତ୍ୟୁସଂଖ୍ୟାଠାରୁ ଜଳାଭାବ ଜନିତ ମୃତ୍ୟୁସଂଖ୍ୟା ଅଧିକ। ଆମ ଦେଶର ଗ୍ରାମାଞ୍ଚଳର ପ୍ରାୟ ୭୦ ଶତାଂଶ ଓ ସହରାଞ୍ଚଳର ପ୍ରାୟ ୪୫ ଶତାଂଶ ଲୋକ ନିରାପଦ ପାନୀୟ ଜଳରୁ ବଞ୍ଚିତ। ଭାରତର ଗ୍ରାମାଞ୍ଚଳରେ ଦେଖାଯାଉଥିବା ୧୦ଟି ପ୍ରମୁଖ ରୋଗ ମଧ୍ୟରୁ ୭ଟି ବିଶୁଦ୍ଧ ପାନୀୟ ଜଳ ଅଭାବରୁ ହିଁ ହେଉଛି। ଖରାଦିନେ ଗ୍ରାମାଞ୍ଚଳର ମହିଳାମାନେ ମାଠିଆଏ ପାଣି ପାଇଁ ମାଇଲ ମାଇଲ ବାଟ ଯିବା ଏକ ନିୟମିତ ଦୃଶ୍ୟ। ପ୍ରତିବର୍ଷ ଖରାଦିନେ ଆମ ରାଜ୍ୟରେ ଜଳାଭାବ ଉତ୍କଟ ରୂପ ଧାରଣ କରୁଛି। ତେଣୁ ବର୍ଷାଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ସରକାର ଏ ବାବଦରେ ଲୋକମାନଙ୍କୁ ସଚେତନ କରାନ୍ତୁ। ପ୍ରତି ଗାଁରେ ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ କରାଯାଉ। ତା' ଛଡା ପୁରୁଣା ବନ୍ଧ, ପୋଖରୀ ଓ କଟା ଆଦିର ପୁନରୁଦ୍ଧାର କରାଯାଉ।

ଅଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର

### କଥାବାର୍ତ୍ତାରେ ସଂଯମ

ଗଣତନ୍ତ୍ର ଜନପ୍ରତିନିଧିମାନଙ୍କ ଦ୍ୱାରା ପରିଚାଳିତ ହୁଏ। ତେଣୁ ସେମାନେ ଚିନ୍ତାଶୀଳ, ଦୂରଦର୍ଶୀ ଓ ସଚ୍ଚୋଟ ହେବା ବିଧେୟ। କୋଟି କୋଟି ଜନତା ତାଙ୍କୁ ପ୍ରତିଦିନ ଗଣମାଧ୍ୟମରେ ଦେଖନ୍ତି, ବିବୃତି ଶୁଣନ୍ତି ଆଉ କାର୍ଯ୍ୟକଳାପକୁ ଅନୁଧ୍ୟାନ କରନ୍ତି। ସେମାନେ ପୁଣି ଦେଶ ଓ ରାଜ୍ୟର କର୍ଣ୍ଣଧାର ରୂପେ ନିଜକୁ ପ୍ରଦର୍ଶନ କରୁଛନ୍ତି। ତେଣୁ ସେମାନେ କଥାବାର୍ତ୍ତାରେ ସଂଯତ ଓ ନୀତିବାନ୍ ହେବା ଆବଶ୍ୟକ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୬ ଡିସେମ୍ବର ୧୯୯୩**

- ଆଙ୍ଗୋଲା ସରକାର ଏବଂ ୟୁନିଟା ବିଦ୍ରୋହୀଙ୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଦୀର୍ଘ ୧୮ ବର୍ଷ ବ୍ୟାପୀ ଦେଶରେ ଚାଲିଥିବା ଗୃହଯୁଦ୍ଧର ଅବସାନ।
- ପାକିସ୍ତାନର କେନ୍ଦ୍ରୀୟ ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ସରାଇ ଆଲମଗିରି ସହରରେ ଏକ ବସ୍ କେନାଲକୁ ଖସିପଡିବା ଫଳରେ ୩୭ ଜଣଙ୍କ ମୃତ୍ୟୁ।

# ୩୩ ଉଠାଜଳସେଚନ ପ୍ରକଳ୍ପ ଅଚଳ

**ନାଉଗାଁ,୫।୧୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ପ୍ରାୟ ୭୫ ଭାଗ ଲୋକ ଚାଷ ଉପରେ ନିର୍ଭରକରି ଚଳନ୍ତି। ତେବେ ଜଳସେଚନ ବ୍ୟବସ୍ଥା ଆଶାନୁରୂପ ହୋଇପାରି ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ପଞ୍ଚାୟତରେ ଜଳସେଚନ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିଲେ ମଧ୍ୟ ସେସବୁ ପୁନରୁଦ୍ଧାର କରାଯାଉନାହିଁ। ଏହି ବ୍ଲକରେ ୮୬ଟି ଜଳସେଚନ ପ୍ରକଳ୍ପ ଥିବାବେଳେ ସେଥିମଧ୍ୟରୁ ୫୩ଟି ସଚଳ ଅଛି। ଅଚଳ ପ୍ରକଳ୍ପ ମଧ୍ୟରୁ ୧୨ଟି ସମ୍ପୂର୍ଣ୍ଣ ଅଚଳ ଓ ୨୧ଟି ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନାହିଁ। ଏସବୁ ପ୍ରକଳ୍ପ ମରାମତି କରିବାର ଆବଶ୍ୟକତା ରହିଛି। ସେହିପରି କେତେକ ପ୍ରକଳ୍ପରେ ଦୀର୍ଘଦିନ ହେଲା ବିଦ୍ୟୁତ୍ ଦେୟ ବାକି ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରୁନି। କେତେକ ପ୍ରକଳ୍ପ ଚାଷୀମାନେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ମରାମତି କରିଛନ୍ତି।

ବ୍ଲକର ଗଳଦାରି ପଞ୍ଚାୟତରେ ୫ ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି ରହିଛି। ଏଥିପାଇଁ ମାତ୍ର ଗୋଟିଏ ଉଠାଜଳସେଚନ ପ୍ରକଳ୍ପ ରହିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ୪ଟି ପ୍ରକଳ୍ପ ବସାଇବାକୁ ସର୍ଭେ କରାଯାଇଥିଲା। ମାତ୍ର ତାହା ଅଦ୍ୟାବଧି ବସି ନ ଥିବା ସମିତି ସଭ୍ୟ ପ୍ରଭାତ କୁମାର ସ୍ୱାଇଁ କହିଛନ୍ତି। ଗଜରାଜପୁର ପଞ୍ଚାୟତର ଗନ୍ଧଣଠାରେ ୧୯୯୫-୯୬ରେ ଗୋଟିଏ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ଏଠାରେ ଆଉ ୨ଟି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଦାବି ହୋଇଛି। ଅଲଣା ପଞ୍ଚାୟତରେ ଆଦୌ ଉଠାଜଳସେଚନ ପଏଣ୍ଟ ନ ଥିବା ଜଣାପଡିଛି। ନୂଆଗାଁ ପଞ୍ଚାୟତରେ ୩ଟି ପ୍ରକଳ୍ପ ରହିଛି। ଜାମୁଗାଁ ପଞ୍ଚାୟତର ଛତିଆନା ନିକଟରେ ୧୯୯୫-୯୬ରେ ଗୋଟିଏ ପ୍ରକଳ୍ପ ହୋଇଥିଲା। ଏବେ ତାହା ଅଚଳ ହୋଇପଡିଛି। ଏହି ପଞ୍ଚାୟତର ଜାମୁଗାଁ, ଚକୁଳିପଡ଼ା, ଶୁଣ୍ଠଳ ଆଦି ଗ୍ରାମରେ ଚାଷୀଙ୍କ ସୁବିଧା ନିମନ୍ତେ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ସରପଞ୍ଚ ଲଲାଟେନ୍ଦୁ ପରିଡ଼ା ଦାବି କରିଛନ୍ତି। ଘୋଡ଼ାଂଶ ପଞ୍ଚାୟତରେ ଥିବା ୬ ପ୍ରକଳ୍ପ ଅଚଳ ହୋଇପଡିଛି। ରୋହିଆରେ ୮ ପ୍ରକଳ୍ପରୁ ୪ଟି କାର୍ଯ୍ୟକ୍ଷମ ଅଛି। ବଛାଳୋରେ ୫ ପ୍ରକଳ୍ପରୁ ୨, ନାଉଗାଁରେ ୧୧ ପ୍ରକଳ୍ପରୁ ୩ , ବାଂଶ ପଞ୍ଚାୟତରେ ୬ ପ୍ରକଳ୍ପରୁ ୪, ଶିଖର ପଞ୍ଚାୟତରେ ୧୦ ପ୍ରକଳ୍ପରୁ ୧ କାର୍ଯ୍ୟକ୍ଷମ ଅଛି। ଅନ୍ୟ ପ୍ରକଳ୍ପଗୁଡିକ କେବଳ ଫଳକରେ ସୀମିତ ରହିଛି। ଡେରିକି ପଞ୍ଚାୟତରେ ୪ଟି ପ୍ରକଳ୍ପ ଥିବାବେଳେ ୨ଟି ନିର୍ମାଣ ପରଠାରୁ ଅଚଳ ରହିଛି। ଓଷକଣା ପଞ୍ଚାୟତରେ ୪ ପ୍ରକଳ୍ପ ରହିଛି। ସେଥିମଧ୍ୟରୁ ୨ଟି ପ୍ରକଳ୍ପ ଆଗ୍ରୋଇଣ୍ଡଷ୍ଟ୍ରି ପକ୍ଷରୁ ଦେବୀ ନଦୀ କୂଳରେ ବସାଯାଇଥିଲା। ଗୋଟିଏ ପ୍ରକଳ୍ପ ନିର୍ମାଣର ୩ ମାସ ପରେ ଅଚଳ ହୋଇପଡିଛି। କୋରୁଅ ପଞ୍ଚାୟତରେ ୨ ପ୍ରକଳ୍ପ ଥିବାବେଳେ ଗୋଟିଏ କାର୍ଯ୍ୟକ୍ଷମ ଅଛି। ତିରୁଣା ପଞ୍ଚାୟତରେ ୧୯୯୫ରେ ୭ଟି ଓ ପରେ ଆଉ ୭ଟି ପ୍ରକଳ୍ପ ନିର୍ମାଣ ହୋଇଛି। ମୋଟ୍ ୧୪ ପ୍ରକଳ୍ପ ଥିଲେ ମଧ୍ୟ ୧୨ଟି ପ୍ରକଳ୍ପ ନିର୍ମାଣ ପରଠାରୁ କେବେ ପାଣି ପଡିନାହିଁ। ଡାବର ପଞ୍ଚାୟତରେ ଗୋଟିଏ ହେଲେବି ପ୍ରକଳ୍ପ ନାହିଁ। ଏ ସମ୍ପର୍କରେ ରାଜ୍ୟ ଉଠାଜଳସେଚନ ନିଗମ କନିଷ୍ଠଯନ୍ତ୍ରୀ ସରୋଜ କୁମାର ବେହେରାଙ୍କୁ ପଚାରିବାରେ ସେ କହିଲେ ଯେ ୩ ବର୍ଷ ମଧ୍ୟରେ ୮ ପ୍ରକଳ୍ପ ନୂତନ ଭାବେ ବସିଛି। ମହାବାତ୍ୟା ପରେ ଯେଉଁ ପ୍ରକଳ୍ପ ନଷ୍ଟ ହୋଇଛି, ଉପରସ୍ତରରୁ ନିର୍ଦ୍ଦେଶ ଆସିଲେ ତାହା ମରାମତି କରାଯିବ। ବର୍ତ୍ତମାନ ଅନେକ ପ୍ରକଳ୍ପ କାର୍ଯ୍ୟକ୍ଷମ ଥିବା ସେ କହିଛନ୍ତି।

**ନାଉଗାଁ ବ୍ଲକ**

- ୧୨ଟି ସମ୍ପୂର୍ଣ୍ଣ ଅଚଳ, ୨୧ଟି ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନି
- କେତେକ ପଞ୍ଚାୟତରେ ଆଦୌ ପ୍ରକଳ୍ପ ନାହିଁ
- ତୁରନ୍ତ ମରାମତି କରିବାକୁ ଦାବି



## ସଂକ୍ଷେପରେ

### ମୋବାଇଲ ଦୋକାନରୁ ଚୋରି



**ବାଲିଆ,୫।୧୨:** ବିରିଡ଼ି ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଏହି ଥାନା ଅଧୀନ ଅଣଖିଆ ବଜାରର ଏକ ମୋବାଇଲ ଓ ମିଠା ଦୋକାନରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଅଡଙ୍ଗ ମଜୁରାଇର ଶୀକାନ୍ତ ସାହୁଙ୍କ ମୋବାଇଲ ଦୋକାନ ସ୍କାଇଲାଇଟ ତାଡ଼ି ଦୁର୍ବୃତ୍ତମାନେ ୧୫ରୁ ଊର୍ଦ୍ଧ୍ୱ ମରାମତି ପାଇଁ ରଖାଯାଇଥିବା ସ୍ମାର୍ଟ ଫୋନ, ୮ଟି ନୂଆ ଫୋନ, ୧୦ଟି ମେମୋରି ଚିପ୍, ୫ଟି ପେନଡ୍ରାଇଭ, ୨୦ ଟି ମୋବାଇଲ ବ୍ୟାଟେରି, ୧୦ଟି ବ୍ଲୁଟୁଥ, ୨୦ଟି ଇଅର ଫୋନ ସହ ୪୦୦୦ ଟଙ୍କା ନେଇଯାଇଛନ୍ତି। ସେହିପରି ଅଭିମନ୍ୟୁ ଭୋଳଙ୍କ ମିଠା ଦୋକାନ କବାଟ ତାଡ଼ି ୨୫୦୦ଟଙ୍କା ଚୋରି କରିନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଣଖିଆ ବଜାର କମିଟି ସଭାପତି ବିଜୟ କୁମାର ଦାସ, ଅଶୋକ କୁମାର ସିଂ, ହେମନ୍ତ କୁମାର ଜେନା, ଅମୂଲ୍ୟ ମହାନ୍ତି, ରବି ନାରାୟଣ ମହାନ୍ତି, ବାପି ଜେନା, ଲୁଟୁ ସିଂ ପ୍ରମୁଖ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଓ ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି କରିଛନ୍ତି। ନିକଟରେ ସଢେଇ ଶାସନ ସରପଞ୍ଚ ଅମିତ ରାଉଳଙ୍କ ମା'ଙ୍କ ଠାରୁ ସୁନାଚେନ୍ ଲୁଟ୍ ହୋଇଥିଲା। ସେହିପରି ବାଲିଆ ଷ୍ଟୋର ଛକରୁ ୨ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ସମ୍ପାଦକ ମାହାତଳ ଗ୍ରାମର ଭାସ୍କର ବେହେରା ଓ ହଳଦିଆପଡା ଗ୍ରାମର ନାରାୟଣ ବେହେରାଙ୍କଠାରୁ ୨ ଲକ୍ଷ ୭୯ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏସବୁ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଠାବ କରିବାରେ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ

**ବାଲିକୁଦା,୫।୧୨(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଓଷକଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୩ ତମ ବାର୍ଷିକ ଉତ୍ସବ ଓ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ନମିତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ପର୍ଯ୍ୟାୟ ଉତ୍ସବରେ ଶିକ୍ଷାବିକାଶ ସମିତି ଓଡିଶାର ଜଗତ୍‌ସିଂହପୁର ବିଭାଗ ପ୍ରମୁଖ ରଶ୍ମିକାନ୍ତ ସାହୁ ମୁଖ୍ୟଅତିଥି, ଶିକ୍ଷକ ଅରୁଣ କୁମାର ମହାନ୍ତି ମୁଖ୍ୟବକ୍ତା, ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ଭୀମସେନ ମହାରଣା, ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସରୋଜ କୁମାର କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଦ୍ୟାଳୟର ପରିଚାଳନା ପରିଷଦ ସଭାପତି ଭାଗୀରଥି ପାଳ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧାପକ ପ୍ରଫେସର କୁମରବର ମହାନ୍ତି ମୁଖ୍ୟବକ୍ତା, ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସୁମନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ ମହାନ୍ତି ବିବରଣୀ ପାଠ କରିଥିଲେ। ସରୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ହେମନ୍ତ କୁମାର ବିଶ୍ୱାଳ, ନୃସିଂହ ବିଶ୍ୱାଳଙ୍କ ସମେତ ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ସିସିବି ଏଟିଏମ ଉଦ୍‌ଘାଟିତ

**କୁଜଙ୍ଗ,୫।୧୨(ସ୍ୱ.ପ୍ର.)**

କୁଜଙ୍ଗସ୍ଥିତ କଟକକେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ଶାଖା ପକ୍ଷରୁ ଏକ ନୂତନ ଏଟିଏମ ଉଦ୍‌ଘାଟିତ ହୋଇଛି। ସିସିବିର ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା ଉଦ୍‌ଘାଟନ କରିଥିଲେ। ଉପସଭାନେତ୍ରୀ ଗୀତାରାଣୀ ନାୟକ, ସମ୍ପାଦକ ନୀରଞ୍ଜନ ପଟ୍ଟନାୟକ, ଉପନିବନ୍ଧକ କଟକ-୧ର କୁଳମଣୀ ପାଢ଼ୀ, ନିର୍ଦ୍ଦେଶକ ନାରାୟାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅତ୍ୟାଧୁନିକ ବ୍ୟାଙ୍କ ସେବାରେ ସିସିବିର ପାରଦର୍ଶିତା ସମ୍ପର୍କରେ କହିଥିଲେ। କୁଜଙ୍ଗ ଶାଖା ପରିଚାଳକ ସୁଜିତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ହିସାବ ରକ୍ଷକ ସନ୍ତୋଷ ଦାସ, କ୍ଷେତ୍ର ପରିଦର୍ଶକ ଚରଣ ବିଶ୍ୱାଳ, ଜଗନ୍ନାଥପୁର ସେବା ସମବାୟ ସମିତି ସଭାପତି ଦିଲୀପ ଦାସ, ସମ୍ପାଦକ ରାଜକିଶୋରର ପରିଡ଼ା, ଧ୍ରୁନଚନ୍ଦ୍ର ରାଉତ, ଶତୃଘ୍ନ ବାରିକ, କେଶବଚରଣ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ଦାସ, ଅଭୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବିଶାଖାପାଟଣା ଓ ଜବାହରଲାଲ ନେହେରୁ ପୋର୍ଟ ଟିମ୍‌ର ଖେଳାଳି।

## ଘରୁ ଚୋରି, ୪ ସ୍ଥାନରେ ଲୁଟ୍ ଉଦ୍ୟମ

**ରଘୁନାଥପୁର,୫।୧୨(ଡି.ଏନ.ଏ.):**

ଯାତ୍ରା ଦେଖିବା କାଳ ହେଲା। ଏହାର ସୁଯୋଗ ନେଇ ରଘୁନାଥପୁର ଥାନା ତାରପୁର ମୁହାଣେଶ୍ୱରର ଜଣେ ବ୍ୟକ୍ତିଙ୍କ ଘରୁ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଏହି ଗ୍ରାମର ଅନ୍ୟ ୪ଟି ଘରୁ ଦୁର୍ବୃତ୍ତମାନେ ଚୋରି କରିବାକୁ ଉଦ୍ୟମ କରି ବ୍ୟର୍ଥ ହୋଇଛନ୍ତି। ମଙ୍ଗଳବାର ତାରପୁର ପୁରୁଣାବଜାରରେ ଆରମ୍ଭ ହୋଇଛି ଯାତ୍ରା ପରିବେଷଣ। ଆଖପାଖର ଲୋକେ ଯାତ୍ରା ମୋହରେ ମସଗୁଲ ଥିବାବେଳେ ଏଥିରୁ ଫାଇଦା ଉଠାଇଛନ୍ତି ଦୁର୍ବୃତ୍ତ। ପ୍ରଭାତ ରଞ୍ଜନ ଦାଶଙ୍କ ଘର ଗ୍ରୀଲ ତାଲା ଭାଙ୍ଗି ଉପର ମହଲା ଘରେ ପଶିଥିଲେ। ଗଡ୍ରେଜ୍ ଲକ୍ ଭାଙ୍ଗି ଭିତରେ ଥିବା କେତେଗୋଟି ସୁନା ମୁଦି, ନଗଦ ଟଙ୍କା ଓ ୪ ଖଣ୍ଡ ଦାମୀ ପାଟ ଶାଢି ଦୁର୍ବୃତ୍ତ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଉପର ଓ ତଳ ମହଲାରେ ପରିବାର ଲୋକେ ଶୋଇଥିଲେ ବି ଦୁର୍ବୃତ୍ତମାନେ କିଛି ରସାୟନିକ ପଦାର୍ଥ ସ୍ପ୍ରେ କରିଥିବା ଅଭିଯୋଗ ଉଲ୍ଲେଖ କରିଛନ୍ତି ଏତଲାକାରୀ। ଗାଁର ଦୀପକ ଦାଶ, ଗୁଜୁନା ପଣ୍ଡା, ଉତ୍ତମ ପରିଡା ଏବଂ ପ୍ରମୋଦ ଦାଶଙ୍କ ଗ୍ରୀଲ ତଥା କବାଟର କୋଲପ ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରି ଦୁର୍ବୃତ୍ତମାନେ ବ୍ୟର୍ଥ ହୋଇଛନ୍ତି। ଗୋଟିଏ ରାତିରେ ୪ଟି ଘରୁ ଚୋରି କରିବାକୁ ଉଦ୍ୟମ ହୋଇଥିବା ଘଟଣା ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି କରିଛି। ତେବେ ଯେଉଁ ଘରେ ବାହାରପଟୁ ତାଲା ପଡିଛି, ସେହି ଘରଗୁଡିକରେ ହିଁ ଚୋରି ଉଦ୍ୟମ କରାଯାଇଥିବା ଦେଖାଯାଇଛି।

### ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ

## ସେମିରେ କଲିକତା-ବମ୍ବେ, ପାରାଦୀପ-ଜେଏନ୍‌ପିଟି

**ପାରାଦୀପ,୫।୧୨(ସ୍ୱ.ପ୍ର.)**

ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ବୃହତ ବନ୍ଦର କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ କଲିକତା ଓ ଜେଏନ୍‌ପିଟି ବିଜୟୀ ହୋଇ ସେମିକୁ ଉନ୍ନୀତ ହୋଇଛନ୍ତି। ଗୁରୁବାର କଲିକତା-ବମ୍ବେ ଓ ପାରାଦୀପ-ଜେଏନ୍‌ପିଟି ମଧ୍ୟରେ ସେମିଫାଇନାଲ ହେବ। ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବିଶାଖାପାଟଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୨୬ ରନ୍ କରିଥିଲା। ଜବାବରେ ଜେଏନ୍‌ପିଟି ୧୬.୫ ଓଭରରେ ୪ ଉଇକେଟ ହରାଇ ୧୨୮ ରନ୍ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଗୋଆ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୪୮ ରନ୍ କରିଥିଲା। ଜବାବରେ କଲିକତା ମାତ୍ର ୧୧.୨ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ୍ କରିନେଇଥିଲା।

**TENDER NOTICE**

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की अपूर्ति के लिए बोलियों आमंत्रित की जा रही है, जिनके विवरण निम्नानुसार हैं:- Regional Passport Office, Bhubaneswar is inviting the tender for hiring of car, details of which are as follows:-

| क्रमिक S. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid Submission end date | Tender ID |
|---|---|---|---|---|
| 1. | किराए पर कार (निविदा दस्तावेज में विवरण) Hiring of Car (Details in tender document) | 05.12.2018 | 27.12.2018 | 2018_MEA_415031_1 |
| 2. | Hiring of House Keeping Service (Details in tender document) | 08.12.2018 | 31.12.2018 | 2018_MEA_415225_1 |

उपरोक्त वर्णित निविदा आईडी का अपयोग करके, निविदा दस्तावेज **www.eprocure.gov.in** से डाउनलोड किया जा सकता है। Tender document may be downloaded from website: **www.eprocure.gov.in** using tender ID mentioned above.

**Sd./- सुधांशु शेखर मिश्र**
**Sudhansu Sekhar Mishra**
**पासपोर्ट अधिकारी / Passport Officer, Bhubaneswar**

## ଓଡ଼ିଶା ଟେଲର ଶ୍ରମିକ ସଂଘ ବୈଠକ




ବୈଠକରେ ଉପସ୍ଥିତ ଟେଲର ଶ୍ରମିକ ସଂଘର କର୍ମକର୍ତ୍ତା।

**ପାରାଦୀପ,୫।୧୨(ସ୍ୱ.ପ୍ର.)**

ଟେଲର କାମ କରି ଚଳୁଥିବା କାରିଗରମାନେ ବୁଧବାର ପ୍ରଥମ କରି ଏକ ସଂଘ ଗଠନ କରିବା ସହ ସଭା କରିଛନ୍ତି। ସ୍ଥାନୀୟ ବଡ଼ପଡ଼ିଆସ୍ଥିତ ଶ୍ରମିକ ସଂଘ ପରିସରରେ ଆୟୋଜିତ ଏହି ସଭାରେ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ଏହି ଅବସରରେ ୭ଟି ପ୍ରସଙ୍ଗ ଉପସ୍ଥାପନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। କୋଠାବାଡ଼ିର ସୌନ୍ଦର୍ଯ୍ୟକରଣ, ଗୃହ ପରଦା ଓ ଗାଲିଚା ଆଦି କାମ କରୁଥିବା ଟେଲରଙ୍କୁ ନିର୍ମାଣ ଶ୍ରମିକ ଭାବେ ପଞ୍ଜୀକୃତ କରିବା, ପ୍ରତି ଜିଲାରେ ଟେଲର ଇଣ୍ଡଷ୍ଟ୍ରି କରି ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ସମ୍ପର୍କରେ ଶିକ୍ଷା ଦେବା, ପ୍ରତି ବ୍ଲକରେ ଟେଲର ତାଲିମ କେନ୍ଦ୍ର ପ୍ରତିଷ୍ଠା, ଟେଲରମାନଙ୍କ ପାଇଁ ସ୍ୱତନ୍ତ୍ର ଭତ୍ତା, ଇପିଏଫ୍, ଇଏସ୍‌ଆଇ ବ୍ୟବସ୍ଥା କରିବା ଓ ସେମାନଙ୍କୁ କୁଶଳୀ କାରିଗର ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଏହି ସଭାରେ ଟେଲର ସଂଘ ରାଜ୍ୟ ସଭାପତି ସେକ୍ ନିଜାମଉଦ୍ଦିନ, ସମ୍ପାଦକ କୃଷ୍ଣଚନ୍ଦ୍ର ବିନ୍ଧାଣୀରତ୍ନ, ପାରାଦୀପ ଶାଖାର ଚୁନିଲାଲ ଦାସ, ଶ୍ରମିକ ନେତା ଅନନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟେଲର ସଂଘ ସଭା ସହ ଜଗତସିଂହପୁର ଜିଲା ଶିଳ୍ପକେନ୍ଦ୍ରର ସ୍ୱତନ୍ତ୍ର ଦକ୍ଷତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ରମାନାଥ ମହାପାତ୍ର, ଜିଲା ଶିଳ୍ପ ବିକାଶ ଅଧିକାରୀ ହୃଷିକେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଉଚ୍ଚବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ୮ରେ ଯୋଗଦେବେ ରାଜ୍ୟପାଳ

**କୁଜଙ୍ଗ,୫।୧୨(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ କୋଠିସ୍ଥିତ ରଘୁନାଥ ନୋଡ଼ାଲ ଉଚ୍ଚବିଦ୍ୟାଳର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ୮ ତାରିଖରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାରୋହ ଉଦ୍‌ଘାଟନ କରିବେ ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ବିଧାୟକ ଦାମୋଦର ରାଉତ, ଜଗତସିଂହପୁର ଏମ୍‌ପି କୁଳମଣୀ ସାମଲ, ରାଜ୍ୟସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ସନ୍ଧ୍ୟାରେ ମନ୍ମଥ ମିଶ୍ର ସଙ୍ଗୀତ ପରିବେଷଣ କରିବେ। ଉଦ୍‌ଯାପନ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ପଦ୍ମବିଭୂଷଣ ରଘୁନାଥ ମହାପାତ୍ର, ବିଧାୟକ ଦାମୋଦର ରାଉତ, ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ, ଜିଲା ଶିକ୍ଷା ଅଧିକାରୀ ପ୍ରତିଭାମଞ୍ଜରୀ ଦାସ ପ୍ରମୁଖ ଯୋଗଦେବେ କମିଟି ସମ୍ପାଦକ ମେଜର କୁଳମଣୀ ସୂତାର ପ୍ରକାଶ କରିଛନ୍ତି।




### ମଡେଲ ଥାନା ସାଙ୍ଗକୁ ମାଳ ମାଳ ସିସିଟିଭି

## ଅପରାଧୀଙ୍କୁ ଧରିପାରୁନି ପୋଲିସ

**ପାରାଦୀପ,୫।୧୨(ସ୍ୱ.ପ୍ର.)**

- ଗୁଳିମାଡ଼ କରି ୭ଲକ୍ଷ ଲୁଟ୍ ଘଟଣାରେ ଅଭିଯୁକ୍ତଙ୍କ ପତ୍ତା ମିଳୁନି
- ହନୁମାନ ପଇସା ଲୋଭରେ ୨୮ ଲକ୍ଷ ଠକେଇ ଘଟଣା ରହସ୍ୟାବୃତ୍ତ

ପାରାଦୀପ ଥାନାକୁ ଜଗତ୍‌ସିଂହପୁର ଜିଲାର ଏକମାତ୍ର ମଡେଲ ଥାନା କରାଯାଇଛି। ସହରସାରା ମାଳମାଳ ସିସିଟିଭି ଲାଗିଛି। ଥାନାକୁ ବିଭିନ୍ନ ପ୍ରକାର ଆନୁସଙ୍ଗିକ ସୁବିଧା ଦିଆଯାଇଛି। ମାତ୍ର ପରିତାପର ବିଷୟ ଦିନ ଦି'ପହରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଘଟଣାର ଦୀର୍ଘଦିନ ପରେ ମଧ୍ୟ ପୋଲିସ ସେମାନଙ୍କ ଟେର ପାଉନି। ସୂଚନା ଅନୁଯାୟୀ, ଇଫ୍‌କୋ ଛକପାଖରେ ଗତ ମାସ ୩୦ ତାରିଖରେ ସ୍ୱଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଗୁଳିମାଡ଼ କରି ୭ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଇତିମଧ୍ୟରେ ଘଟଣାକୁ ୬ଦିନ ବିତିଲାଣି। ଅଥଚ ଅଭିଯୁକ୍ତମାନଙ୍କୁ ପୋଲିସ ଠାବ କରିପାରିନି। ଜିଲାର ଏକମାତ୍ର ମଡେଲ ଥାନା ଓ ସେଥିରେ ୧୦ ଦିନ ହେଲା ଯୋଗଦେଇଥିବା ଆଇଆଇସି ରଜନୀକାନ୍ତ ସାମଲଙ୍କ ପାଇଁ ଏହା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୩ଟି ଟିମ୍ ଏହି ଚୋରି ଘଟଣାର ତଦନ୍ତ ଚଳାଇଛନ୍ତି। ଏପରିକି ଅଭିଯୁକ୍ତଙ୍କ ଠୋସ୍ ପ୍ରମାଣ ମିଳିସାରିଛି। କିନ୍ତୁ ସେମାନେ ବିକ୍ଷିପ୍ତ ଭାବେ ରହୁଥିବା ଓ ପ୍ରତିଦିନ ଜାଗା ବଦଳାଉଥିବାରୁ ଧରାପଡୁନାହାନ୍ତି। ଏମିତି ଦେଖିବାକୁ ଗଲେ ବିଗତ ଦିନରେ ହୋଇଥିବା ଅନେକ ଚୋରି ଘଟଣା ରହସ୍ୟାବୃତ୍ତ ହୋଇରହିଛି। ଗତ ଏପ୍ରିଲ ମାସରେ ବାଲିକୁଦା ଅଞ୍ଚଳର ଚନ୍ଦ୍ରମଣି ସ୍ୱାଇଁ ନାମକ ଜଣେ ଅବସରପ୍ରାପ୍ତ ବନ୍ଦର କର୍ମଚାରୀଙ୍କଠାରୁ ୨ ଜଣ ଦୁର୍ବୃତ୍ତ ୩ଲକ୍ଷ ଟଙ୍କା ଛଡ଼ାଇନେଇ ବାଇକରେ ଫେରାର ହୋଇଯାଇଥିଲେ। ଏହାର ୨ ମାସ ପରେ ପୋଲିସ ଏକ ଲୁଟେରା ଗ୍ୟାଙ୍ଗକୁ ଧରିଲା, ଯାହାକୁ ଏରାଗୁଲା ଗ୍ୟାଙ୍ଗ ବୋଲି କୁହାଯାଇଥିଲା। କିନ୍ତୁ ଟଙ୍କା ଉଦ୍ଧାର ହୋଇପାରି ନ ଥିଲା। ସେହିପରି ଲକ୍ ଥାନା ଅଞ୍ଚଳରେ ହନୁମାନ ପଇସା ଲୋଭରେ ଏପ୍ରିଲ ୧୩ରେ ୨୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିଲା। ସେହି ଘଟଣା ରହସ୍ୟାବୃତ୍ତ ହୋଇରହିଛି। ଅପରାଧ ରୋକିବା ପାଇଁ ପାରାଦୀପରେ ଏବେ ସୁଦ୍ଧା ୫ଟି ଥାନା ହେଲାଣି। ସହରର ବିଭିନ୍ନ ଛକରେ ୧୬ଟି ସିସିଟିଭି ଲାଗିଛି। ସେହିପରି ଧନିକ ଶ୍ରେଣୀ ରହୁଥିବା ଘର, ବ୍ୟବସାୟିକ କେନ୍ଦ୍ର ଆଦି ସ୍ଥାନରେ କ୍ୟାମେରା ଲାଗିଛି। ଏହା ସତ୍ତ୍ୱେ ଲୁଟେରାମାନେ ଦିବାଲୋକରେ ଲୁଟ୍ କରି ଖସିଯାଉଛନ୍ତି। ୩୦ ତାରିଖ ଲୁଟ୍ ପ୍ରସଙ୍ଗରେ ଥାନା ଅଧିକାରୀ ସାମଲ କୁହନ୍ତି, ପୋଲିସ ଉଚିତ ଢଙ୍ଗରେ କାମ କରୁଛି। ନିଶ୍ଚୟ ଲୁଟେରାଙ୍କୁ ଗିରଫ କରାଯିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ଭିନ୍ନକ୍ଷମଙ୍କୁ ପିପିଏଲର ସହାୟତା



ପାରାଦୀପ,୫।୧୨(ସ୍ୱ.ପ୍ର.): ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ (ପିପିଏଲ) ପକ୍ଷରୁ ସ୍ଥାନୀୟ ବାଲିଝରା ବସ୍ତିରେ ଭିନ୍ନକ୍ଷମ, ଅସହାୟ ବୃଦ୍ଧାବୃଦ୍ଧଙ୍କୁ ସହାୟତା ସାମଗ୍ରୀ ପ୍ରଦାନ କରାଯାଇଛି। ଆଶବାଡ଼ି, ଚଷମା, ସାଇକେଲ, ଟର୍ଚ୍ଚ ଆଦି ସେମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ପିପିଏଲ ପ୍ରବନ୍ଧକ ଜଗନ୍ନାଥ ଖୁଣ୍ଟିଆ, ସ୍ଥାନୀୟ କାଉନ୍‌ସିଲର ପ୍ରତିମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ଅଧାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିରିଡ଼ି,୫।୧୨(ଡି.ଏନ.ଏ.): ବିରିଡ଼ି ବ୍ଲକ ୨୨ ମୌଜା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧାପକ ନିରଞ୍ଜନ ମହାପାତ୍ରଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଯୁକ୍ତ ୨ ଅଧକ୍ଷ ବିଭୁଦତ୍ତ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଦିକବି ଶାରଳା ଦାସ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ବ୍ରଜ ସୁନ୍ଦର ମିଶ୍ର ମୁଖ୍ୟଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ପ୍ରଫେସର ରାଜକିଶୋର ମିଶ୍ର ମୁଖ୍ୟବକ୍ତା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ପାଦକ ନିକୁଞ୍ଜ କିଶୋର ଦାସ, ମହାବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ଅରୁଣ କୁମାର ଦାସ, ସୁଦର୍ଶନ ଭୋଇ, ସେଖ ହେଦାୟତ ଉଲ୍ଲା, ଅଲେଖ ଚରଣ ବେହେରା, ପୂର୍ବତନ ପରିଚାଳନା କମିଟି ସଦସ୍ୟ ରତିକାନ୍ତ ପାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ସ୍ୱର୍ଗତ ବୈଷ୍ଣବ ପରିଡ଼ାଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଯୁକ୍ତ ୩ ଅଧକ୍ଷ ଶିଶିର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ଆଦିତ୍ୟ ମିଶ୍ର ଓ କ୍ଷୀରୋଦ ସେନାପତି, ମୁଖ୍ୟକିରାଣୀ ଲିଙ୍ଗରାଜ ମିଶ୍ର ପରିଚାଳନା କରିଥିଲେ। ଅଧାପିକା ଭାରତୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରଘୁନାଥପୁର,୫।୧୨(ଡି.ଏନ.ଏ.): ଜଗତ୍‌ସିଂହପୁର ଶିକ୍ଷା ଜିଲା ଅନ୍ତର୍ଗତ ନାନପୁର ସାଧୁଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସ୍ମିତାରାଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରଘୁନାଥପୁର ବିଇଓ ରାଜ୍ୟଶ୍ରୀ ସାହୁ ମୁଖ୍ୟଅତିଥି ଓ ନାଉଗାଁ ବିଇଓ ଗଣେଶ ଚନ୍ଦ୍ର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ପରିଚାଳନା କମିଟି ସଭାପତି ରଶ୍ମିରଞ୍ଜନ ସାହୁ, ସହକାରୀ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ବ୍ରହ୍ମାଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ବିକଳ ଚରଣ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ରଖିଥିବାବେଳେ ବିଶ୍ୱମ୍ବର ରାଉତ ଧନ୍ୟବାଦ ଦେଇଥିଲେ। ସଭାରେ ଛାତ୍ରୀଛାତ୍ରଙ୍କ ସମେତ ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।

■ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷଙ୍କ ସମୀକ୍ଷା ବୈଠକ

# ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ବିନିଯୋଗରେ ବିଳମ୍ବକୁ ନେଇ ଅସନ୍ତୋଷ

ଜଗତ୍‌ସିଂହପୁର ଅଫିସ, ୫।୧୨



ସମୀକ୍ଷା ବୈଠକରେ ଉପସ୍ଥିତ ରାଜ୍ୟ ଯୋଜନାବୋର୍ଡ ଉପାଧକ୍ଷ ବିଷ୍ଣୁଚରଣ ଦାସ ଓ ଅନ୍ୟମାନେ।

■ ୨୮୪ ପ୍ରକଳ୍ପ ପାଇଁ ଆସିଛି ୬କୋଟି ୭୪ଲକ୍ଷ ୮୦ହଜାର ଟଙ୍କା

■ ଜଗତ୍‌ସିଂହପୁର ପୌର ପରିଷଦ ଓ ରଘୁନାଥପୁର ବ୍ଲକରେ ଟଙ୍କାଟିଏ ବି ଖର୍ଚ୍ଚ ହୋଇନି

ସ୍ୱତନ୍ତ୍ର ସମସ୍ୟା ପାଣ୍ଠି (ସ୍ପେଶାଲ ପ୍ରୋବ୍ଲେମ ଫଣ୍ଡ) ଦ୍ୱାରା ଚଳିତବର୍ଷ ଜଗତ୍‌ସିଂହପୁର ଜିଲାରେ ୨୮୪ ପ୍ରକଳ୍ପ କରିବାକୁ ୬କୋଟି ୭୪ଲକ୍ଷ ୮୦ହଜାର ଟଙ୍କା ଅନୁଦାନ ଆସିଛି। କିନ୍ତୁ ପରିତାପର ବିଷୟ ପ୍ରାୟ ୧୦ମାସ ହେବ ଏହି ଅନୁଦାନ ଆସିଥିଲେ ସୁଦ୍ଧା ଖର୍ଚ୍ଚ ହେବାରେ ବିଳମ୍ବ ହେଉଛି। ବିଶେଷକରି ଜଗତ୍‌ସିଂହପୁର ପୌର ପରିଷଦ ଓ ରଘୁନାଥପୁର ବ୍ଲକ ପକ୍ଷରୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରାଯାଇନାହିଁ। ଏଥିପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ ବୁଧବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ କ୍ଷୋଭ ପ୍ରକାଶ କରିଛନ୍ତି। ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ଦାୟିତ୍ୱହୀନତା ଯୋଗୁ ଏହି ପାଣ୍ଠି ଖର୍ଚ୍ଚ ହୋଇପାରୁ ନ ଥିବାରୁ ସେ ତାଗିଦ୍ କରିଛନ୍ତି। ଏପରିକି ଅନୁଦାନ ବିନିଯୋଗ କରି ନ ପାରିଲେ ଜଗତ୍‌ସିଂହପୁର ପୌର ପରିଷଦକୁ ଆସିଥିବା ଅର୍ଥ ବ୍ଲକକୁ ପ୍ରଦାନ କରିଦିଆଯିବ ବୋଲି ସେ କହିଥଲେ। ଏଥିସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସେ ସମୀକ୍ଷା କରିଛନ୍ତି।

ଚଳିତବର୍ଷ ମାର୍ଚ୍ଚରେ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରେ ଅନୁଦାନ ଆସିଥିଲା। ସେତେବେଳେ ପଲ୍ଲୀସଭା ମାଧ୍ୟମରେ କାର୍ଯ୍ୟାଦେଶ ଦେବାର ନିର୍ଦ୍ଦେଶ ଥିଲା। କିନ୍ତୁ ପଲ୍ଲୀସଭା ମାଧ୍ୟମରେ କାର୍ଯ୍ୟାଦେଶ ବାଣ୍ଟିବାକୁ ପୌର ପରିଷଦ ଓ ବ୍ଲକଗୁଡିକ ଆନ୍ତରିକତା ପ୍ରକାଶ କରି ନ ଥିଲେ। ତେଣୁ ଯୋଜନାର ବାସ୍ତବ ରୂପାୟନ ହେବାରେ ସମସ୍ୟା ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସରକାର ବିନା ପଲ୍ଲୀସଭାରେ ଅର୍ଥାତ୍ ୧୦ ଲକ୍ଷ ଟଙ୍କା ଭିତରେ ବିଭାଗ ଦ୍ୱାରା କାର୍ଯ୍ୟ କରାଯାଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ୧୦ ଲକ୍ଷ ଟଙ୍କା ଉପରେ ହେଲେ ଟେଣ୍ଡର ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ ପାଇଲା ପରେ ଡିଆର୍‌ଡିଏ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବିଡିଓମାନେ ଆନ୍ତରିକତା ପ୍ରକାଶ କରିଥିଲେ। କିନ୍ତୁ କାର୍ଯ୍ୟରେ ସନ୍ତୋଷଜନକ ଅଗ୍ରଗତି ହୋଇନାହିଁ। ସୂଚନା ଅନୁଯାୟୀ, ମୋଟ ଅନୁଦାନ ମଧ୍ୟରୁ ଜଗତ୍‌ସିଂହପୁର ପୌର ପରିଷଦକୁ ୬୮ଟି ପ୍ରକଳ୍ପ ପାଇଁ ୧କୋଟି ୪୨ଲକ୍ଷ ୭୦ହଜାର ଟଙ୍କା ଅନୁଦାନ ଆସିଛି। ସେହିପରି ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୮୧ ପ୍ରକଳ୍ପ ପାଇଁ ୨କୋଟି ୧ ଲକ୍ଷ ୬୦ହଜାର, ନାଉଗାଁର ୨୧ ପ୍ରକଳ୍ପ ବାବଦରେ ୫୬ ଲକ୍ଷ, ବାଲିକୁଦାର ୨୧ ପ୍ରକଳ୍ପ ପାଇଁ ୬୧ଲକ୍ଷ, ଏରସମାର ୬ ପ୍ରକଳ୍ପ ବାବଦରେ ୭ଲକ୍ଷ ୮୦ହଜାର, ତିର୍ତ୍ତୋଲ ବ୍ଲକର ୨୦ ପ୍ରକଳ୍ପ ପାଇଁ ୪୮ଲକ୍ଷ, ବିରିଡ଼ିର ୪୭ ପ୍ରକଳ୍ପ ପାଇଁ ୧କୋଟି ୧୬ଲକ୍ଷ ୭୦ହଜାର ଓ ରଘୁନାଥପୁର ବ୍ଲକର ୨୦ ପ୍ରକଳ୍ପ ପାଇଁ ୪୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଜଗତ୍‌ସିଂହପୁର ପୌରାଞ୍ଚଳ ଓ ରଘୁନାଥପୁର ବ୍ଲକରେ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ଅନ୍ୟ ବ୍ଲକରେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ତେଣୁ ଚଳିତ ଆର୍ଥିକ ବର୍ଷରେ ଏହି କାର୍ଯ୍ୟ ଶେଷ କରିବାକୁ ଦାସ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟ ପ୍ରସଙ୍ଗ ଯଥା ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ପଟା ପ୍ରଦାନ, ଘରପୋଡି ସହାୟତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ ସଂଗ୍ରହ, ବିଜ୍ଞାନ ମେଳା, କୃଷି ଉପନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟକୁ ବିଦ୍ୟୁତ ସଂଯୋଗ ଓ ଆପ୍ରୋଚ୍ ରୋଡ, ଆଟ୍ରୋସିଟି ମାମଲା, ସହରରେ ହାଇମାଷ୍ଟ ଲାଇଟ୍, ରାସ୍ତା ଉନ୍ନତିକରଣ ଉପରେ ଆଲୋଚନା ହୋଇଥିଲା। ଡାହାଣିଖିଆ ସୁଆକଣ ସେତୁ, କଣ୍ଟିଲୋ-ଗେଲପୁର ସେତୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବା ପାଇଁ ଦାସ ପରାମର୍ଶ ଦେଇଥିଲେ। ଜିଲପାଳ ଯାମିନୀ ଷଡ଼ଙ୍ଗୀ, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉପଜିଲାପାଳ ମହାନ୍ତି ଧନ୍ୟବାଦ ଦେଇଥିଲେ। ଯୋଜନା ଉପନିର୍ଦ୍ଦେଶକ ପାଣି କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ଆଲୋଚନାକୁ ଆଗେଇ ନେଇଥିଲେ।

### ଏକ୍ସଚେଞ୍ଜ ବ୍ୟାଟେରି ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ରଘୁନାଥପୁର,୫।୧୨(ଡି.ଏନ.ଏ.)

ରଘୁନାଥପୁର ଥାନା ଅନ୍ତର୍ଗତ ଗୋକୁଳପୁରସ୍ଥିତ ତାରପୁର ବିଏସଏନ୍‌ଏଲ୍ ଏକ୍ସଚେଞ୍ଜରୁ ରବିବାର ବ୍ୟାଟେରି ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଏସ୍‌ଡିପିଓ ଶିବଚରଣ ମଲ୍ଲିକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ମଞ୍ଜେଶ୍ୱର ଥାନା ରଙ୍ଗମାଟିଆର ଲିଙ୍ଗରାଜ ସେଠୀ ଓରଫ କବି, ଏରସମା ଥାନା ବଚ୍ଛାପୁର ଗ୍ରାମର ଅଟୋ ମାଲିକ ସାଗର ମଲ୍ଲିକ ଓ ଚୋରା ବ୍ୟାଟେରିକୁ ରଖୁଥିବା ଭୁବନେଶ୍ୱର ଭୀମଟାଙ୍ଗି ଅଞ୍ଚଳର ଶ୍ୟାମନାରାୟଣ ଗୁପ୍ତା। ପୋଲିସ ଦଫା ୪୫୭, ୩୮୦ ଓ ୩୪ ଆଇପିସିରେ ନଂ. ୧୦୧/୧୮ରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ ଏକ୍ସଚେଞ୍ଜର ୧୯ ଟି ବ୍ୟାଟେରି ଓ ଗୋଟିଏ ଜେନେରେଟର୍ ବ୍ୟାଟେରିକୁ ଚୋରି କରି ଅଟୋ ସ୍ଥାନାନ୍ତର କରୁଥିବା ବେଳେ କେତେଜଣ ବ୍ୟକ୍ତି ଏହାକୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବ୍ୟାଟେରିଗୁଡିକ ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖିଥିଲା। ପରେ ତଦନ୍ତକୁ କ୍ରିୟାଶୀଳ କରି ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। ଏଥିରେ ବହୁ ଅଭିଯୁକ୍ତ ସାମିଲ ଥାଇ ଫେରାର୍ ହୋଇଯାଇଥିବା ଏଏସ୍‌ଆଇ ଜଗବନ୍ଧୁ ସେଠୀ କହିଛନ୍ତି।

## ଓଡ଼ିଶା ମୋଟର ଚାଳକ ସଂଘ ଜିଲା କମିଟି ପୁନର୍ଗଠନ

ବାଲିକୁଦା,୫।୧୨(ସ୍ୱ.ପ୍ର.)



କମିଟି ପୁନର୍ଗଠନ ଅବସରରେ ଉପସ୍ଥିତ ମୋଟର ଚାଳକ ସଂଘ କର୍ମକର୍ତ୍ତା।

ଓଡ଼ିଶା ମୋଟର ଚାଳକ ସଂଘ ଜଗତ୍‌ସିଂହପୁର ଜିଲା କମିଟି କର୍ମକର୍ତ୍ତା ଚୟନ କରାଯାଇଛି। ଏହି ଅବସରରେ ସଂଘର ଏକ ବୈଠକ ଏରସମାର ଶିଆଳି ବେଲାଭୂମିଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ଅରୁଣ କୁମାର ମହାନ୍ତି ଅଧକ୍ଷତା କରିଥିଲେ। ଆଗାମୀ ଦିନରେ ଜିଲା କମିଟି ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଚାଳକମାନଙ୍କ ସ୍ୱାର୍ଥ ପାଇଁ ଷ୍ଟିୟରିଂ ଛାଡ ଆନ୍ଦୋଳନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। କମିଟିର ପୂର୍ବତନ ସଭାପତି ଓ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ ଅଜୟ କୁମାର ପରିଡାଙ୍କୁ ପୁନର୍ବାର ମନୋନିତ କରାଯାଇଥିଲା। ପୂର୍ବତନ ଉପସଭାପତି ଶରତ କୁମାର ମଲ୍ଲିକଙ୍କ ସ୍ଥାନରେ ସିଦ୍ଧେଶ୍ୱର ବାରିକଙ୍କୁ ମନୋନିତ କରାଯାଇଥିଲା। ଏରସମା ଶାଖା ସଂଘ ସଭାପତି ଅଜୟ ପରିଡା, ସମ୍ପାଦକ ଅମୂଲ୍ୟ ସ୍ୱାଇଁ, କୋଷାଧକ୍ଷ ସୁଚିତ ଖଟୁଆ, ବାଲିକୁଦା ଶାଖା ସଭାପତି ସେକ୍ ସଫିଉଲ୍ଲା(ଚାଚା), ସମ୍ପାଦକ କମଳ ଲୋଚନ ସେନାପତି, କୋଷାଧକ୍ଷ ଅଭୟ ଗୋଚ୍ଛାୟତ, ଜଗତ୍‌ସିଂହପୁର ଶାଖା ସମ୍ପାଦକ ଦୀପ୍ତିରଞ୍ଜନ ଦାସ, କୋଷାଧକ୍ଷ ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ କରିବା ସହିତ ଏକ ମନ ଓ ଏକ ପ୍ରାଣ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ସାହୁ, ନାରାୟଣ ସାହୁ, ସୋମନାଥ ସେଠୀ, ସନ୍ତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଦୀପକ ସ୍ୱାଇଁ, ନିତ୍ୟାନନ୍ଦ ମଲ୍ଲିକ, ଜିତେନ୍ଦ୍ର ଦାସ, ସୁବାଶିଷ ମହାନ୍ତି, ରାମଚନ୍ଦ୍ର ଦାସ, ପ୍ରଶାନ୍ତ ଗୋଚ୍ଛାୟତ, ଅଭୟ ଦାସ, ଦୁଃଖିଶ୍ୟାମ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଦୀଲପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ

ବିରିଡି,୫।୧୨(ଡି.ଏନ.ଏ.)

ବିରିଡ଼ି ବ୍ଲକ ଅଲାଣ୍ଡୋ ଗ୍ରାମସ୍ଥିତ ଅନନ୍ତ ବାସୁଦେବଙ୍କ ପୀଠରେ ନଭେମ୍ବର ୨୫ରୁ ଆରମ୍ଭ ହୋଇଥିବା ଶ୍ରୀରାମ ଚରିତମାନସ ନବାହ୍ନ ପାରାୟଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ନବ ଦିନ ବ୍ୟାପୀ ପାରାୟଣରେ ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ, ପଣ୍ଡିତ ରଶ୍ମିରଞ୍ଜନ ମହାରାଜ, ପଣ୍ଡିତ ବସନ୍ତ ବିଶୋଇ, ସନ୍ତୋଷ ଚୈତନ୍ୟ ମହାରାଜ ଓ ଉଦ୍‌ଯାପନୀ ଉତ୍ସବରେ ପ୍ରମୋଦ କୁମାର ପଣ୍ଡା ପ୍ରବଚକଭାବେ ଯୋଗଦେଇ ଶ୍ରୀରାମଙ୍କ ଆଦର୍ଶ ଓ ଜୀବନଶୈଳୀକୁ ଅନୁଧ୍ୟାନ କଲେ ଏକ ଉତ୍ତମ ପୁତ୍ର, ଉତ୍ତମ ସନ୍ତାନ ସହ ଉତ୍ତମ ଭାଇର କର୍ତ୍ତବ୍ୟ କ'ଣ ବେଶ ଜାଣି ହୁଏ ବୋଲି କହିଥିଲେ। ବ୍ୟାସ ସନ୍ଥ ସୁଶାନ୍ତ ମହାପାତ୍ର, ଯଜ୍ଞର ଆଚାର୍ଯ୍ୟ ଗୌରୀ ପ୍ରସାଦ ମିଶ୍ର ଓ ଗଜେନ୍ଦ୍ର ମିଶ୍ର ଯୋଗଦେଇ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ତିମ ଦିବସରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଦାସ ଯୋଗ ଦେଇଥିଲେ।

## ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା କର୍ମଶାଳା

ବାଲିକୁଦା,୫।୧୨(ସ୍ୱ.ପ୍ର.)

ନିଜ ଉତ୍ପାଦିତ ଦ୍ରବ୍ୟର ଚାହିଦା ବୃଦ୍ଧି କର। ପ୍ରତିଯୋଗିତାମୂଳକ ମନୋଭାବ ନେଇ ବ୍ୟବସାୟ କରି ନିଜକୁ ପ୍ରତିଷ୍ଠିତ କରିବାକୁ ମଙ୍ଗଳବାର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଆନୁଷ୍ଠିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କର୍ମଶାଳାରେ ଯୋଗ ଦେଇଥିବା ଅତିଥି କହିଛନ୍ତି। ବ୍ଲକ ସଭାଗୃହରେ ଭାରତ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଓ ଜିଲା ଅଗ୍ରଣୀ ବ୍ୟାଙ୍କ୍ ସହାୟତାରେ ଆୟୋଜିତ ଦିନିକିଆ କର୍ମଶାଳାର ଅନୁଷ୍ଠିତ ସଭାରେ ଓଡିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରତାପରୁଦ୍ର ନନ୍ଦ ଅଧକ୍ଷତା କରିଥିଲେ। ଅନିଲ କୁମାର ପଟ୍ଟନାୟକ, ଓରମାସର ସହ ନିର୍ଦ୍ଦେଶକ ସତ୍ୟ ଶିବରାମ ପାଟାଳ, ଜୟନ୍ତ ଜଗଦିଶ ମୁଣ୍ଡ, ଜିଲା ଶିଳ୍ପ ତାଲିମ କେନ୍ଦ୍ର ପରିଚାଳକ ଆରଏନ ମହାପାତ୍ର ପ୍ରମୁଖ ଯୋଗଦେଇ ଉତ୍ପାଦକ ଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହିତ ବ୍ୟବସାୟ କ୍ଷେତ୍ର ପାଇଁ କେତେକ ଆବଶ୍ୟକ ପରାମର୍ଶ ଦେଇଥିଲେ। ନିଜର ଅଭିବୃଦ୍ଧି ହାର ବଢାଇବା ପାଇଁ ବ୍ୟାଙ୍କ ଗୁଡିକରୁ ସହଜ ଓ ସରଳରେ ଋଣ ଯୋଗାଇ ଦିଆଯିବ ବୋଲି କର୍ମଶାଳାରେ ସୂଚନା ଦିଆଯାଇଥିଲା। ଏଥିରେ ବାଲିକୁଦା ୟୁକୋ ବ୍ୟାଙ୍କ ଶାଖା ପରିଚାଳିକା ସୁଲିଳା ସାହୁ, ସିଣ୍ଡିକେଟ ବ୍ୟାଙ୍କ ପରାହାଟର ଶାଖା ପରିଚାଳକ ରାମେଶ୍ୱର ବେହେରା, ଜନତା କୋଠି ଶାଖା ପରିଚାଳକ ଈଶ୍ୱର ଚନ୍ଦ୍ର ସିଂହ, ଈଶ୍ୱରପୁର ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ଶୁଭ୍ରାଂସୁ ଦାସ, ୟୁକୋ ବ୍ୟାଙ୍କ ବୋରିକିନା ଶାଖା ପରିଚାଳକ ପ୍ରମୁଖ ଯୋଗଦେଇ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ ବ୍ୟାଙ୍କ ସହଯୋଗ କରିବ ବୋଲି କହିଥିଲେ। କର୍ମଶାଳାରେ ଉଦ୍ୟୋଗୀ ଜିଏସ୍‌ଟିର ବ୍ୟବହାର, ବଜାର ଚାହିଦ ବୃଦ୍ଧି ଓ ବିକ୍ରୟ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଜୀବିକା ମିଶନ ସଂଯୋଜିକା ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରତୀମୟୀ ମହାନ୍ତି, ସ୍ମୃତି ସରିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚାପମୁକ୍ତ ଜୀବନ ସମ୍ପର୍କରେ ଆଲୋଚନାଚକ୍ର

ପାରାଦୀପ,୫।୧୨(ସ୍ୱ.ପ୍ର.)

ସ୍ଥାନୀୟ ମଧୁବନସ୍ଥ ଅଫିସର୍ସ କ୍ଲବ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାପମୁକ୍ତ ଜୀବନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ବିଶ୍ୱବିଦ୍ୟାଳୟର ପ୍ରମୁଖ ସାଧିକାସାଧକ ଯୋଗ ଦେଇଥିଲେ। ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମୁଖ୍ୟଅତିଥି ଓ ଇ.ଭି.ସ୍ୱାମୀନାଥନ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କର୍ମମୟ ଜୀବନରେ ବେଳେବେଳେ ଅତ୍ୟଧିକ ଚାପ ମଣିଷକୁ ଭାରକ୍ରାନ୍ତ କରିଥାଏ। ସେହି ସମୟରେ ନିଜକୁ କିପରି ସେଥିରୁ ମୁକୁଳାଯାଇ ପାରିବ ଏଥିରେ ଆଲୋଚନା ହୋଇଥିଲା। ବିଶେଷକରି ଖୋଲମନରେ ହସିବା ପାଇଁ କୁହାଯାଇଥିଲା। ଆଲୋଚନାଚକ୍ରରେ ପ୍ରଜାପିତା ପରିବାର ସହ ଶତାଧିକ ସାଧାରଣ ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପାରାଦୀପ ଶାଖାର ମୁଖ୍ୟ ସଞ୍ଚାଳିକା ସୁମନଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### କ୍ରୀଡ଼ା ଉପକରଣ ବିତରଣ

କୁଜଙ୍ଗ,୫।୧୨(ସ୍ୱ.ପ୍ର)

ବିଜୁ ଯୁବବାହିନୀ ପକ୍ଷରୁ କୁଜଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ଶାଖାକୁ ବୁଧବାର କ୍ରୀଡ଼ା ସାମଗ୍ରୀ ବିତରଣ କରାଯାଇଛି। କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି କୁଳମଣୀ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଯୁବ ବାହିନୀ ବ୍ଲକ ସଂଯୋଜକ ମଧୁସ୍ମିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଙ୍କପାଳ, କାଠକୋଟ, ନୂଆଗଡ, ବିଶ୍ୱାଳି ଆଦି ପଞ୍ଚାୟତର ବିଜୁ ଯୁବବାହିନୀ ପ୍ରତିନିଧିଙ୍କୁ କ୍ରୀଡ଼ା ଉପକରଣ ଦିଆଯାଇଥିଲା।

## ଶିଳ୍ପ, ରାସାୟନିକ ସାର ଯୋଗୁ ମାଟି ପ୍ରଦୂଷିତ

ଜଗତ୍‌ସିଂହପୁର ଅଫିସ, ୫।୧୨

**ବିଶ୍ୱ ମୃତ୍ତିକା ଦିବସ ପାଳିତ**

ବ୍ୟାପକ ଶିଳ୍ପ ପ୍ରତିଷ୍ଠା ଯୋଗୁ କେବଳ ବାୟୁମଣ୍ଡଳ ନୁହେଁ, ଜଳ ଓ ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ବାୟୁମଣ୍ଡଳର ଧୂଆଁରେ ଥିବା ରାସାୟନିକ ପଦାର୍ଥ ବର୍ଷା ପାଣିରେ ମିଶି ମାଟିକୁ ବିଷାକ୍ତ କରୁଛି। ରାସାୟନିକ ସାର, ଔଷଧର ବହୁଳ ପ୍ରୟୋଗ ଯୋଗୁ ମଧ୍ୟ ମାଟି ପ୍ରଦୂଷଣ ହେଉଛି। ତେଣୁ ଚାଷ କଲାବେଳେ ଉପଯୁକ୍ତ ପରିମାଣର ରାସାୟନିକ ସାର ସହିତ ଜୈବିକ ସାର ପ୍ରୟୋଗ କଲେ ଏହା ମୃତ୍ତିକା ପାଇଁ ହିତକାରକ ହୋଇଥାଏ। ବୁଧବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ବିଶ୍ୱ ମୃତ୍ତିକା ଦିବସ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। ଏଥିରେ ଜଗତ୍‌ସିଂହପୁର ଏମ୍‌ପି କୁଳମଣୀ ସାମଲ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ, କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ବିଶ୍ୱରଞ୍ଜନ ପଟ୍ଟନାୟକ, ଜିଲା କୃଷି ଅଧିକାରୀ ଅଶୋକ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣ ଓ ପ୍ରଦୂଷଣ ରୋକିବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ପ୍ରାରମ୍ଭରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବିଜୟ କୁମାର ରାଉତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ କୃଷି ଅଧିକାରୀ ନୀଳମଣି ଦାଶ, ଜିଲାର ବିଭିନ୍ନ କୃଷକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଜିଲା ଓକିଲ ସଂଘ ଯୁଗ୍ମ ସମ୍ପାଦକଙ୍କ ବିୟୋଗ

ଜଗତ୍‌ସିଂହପୁର ଅଫିସ, ୫।୧୨

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ଯୁଗ୍ମ ସମ୍ପାଦକ ତଥା ତିର୍ତ୍ତୋଲ ଜଗନ୍ନାଥପୁରର ସଏଦ୍ ରାଜାୟୀ ହବିବ୍(ରାଜା)ଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୨ ବର୍ଷ ହୋଇଥିଲା। ରାଜା ହଠାତ୍ ତଳେ ପଡି ସଂଜ୍ଞାହୀନ ହୋଇ ପଡିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଭୋର ପ୍ରାୟ ୪ଟା ବେଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ପକ୍ଷରୁ ଶୋକସଭା ହୋଇଥିଲା। ସଂଘ ସଭାପତି ରାଜକିଶୋର ବେହେରା, ସମ୍ପାଦକ ଦେବେନ୍ଦ୍ର ସ୍ୱାଇଁ, ଉପସଭାପତି ଗିରିଜା ପ୍ରସନ୍ନ ଦାଶ, କୋଷାଧକ୍ଷ ଉମା ଶଙ୍କର ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରାଜକିଶୋର ଖଟୁଆ, ଦୋଳଗୋବିନ୍ଦ ଦାଶ, ଶ୍ରୀକାନ୍ତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

■ ଜେଇଙ୍କୁ ଆଇଆଇସି ଉଠାଇ ନେବା ଘଟଣା

## ଏସ୍‌ଡିପିଓଙ୍କ ଉଦ୍ୟମରେ ଅପୋସ ସମାଧାନ

ରଘୁନାଥପୁର,୫।୧୨(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଖଣ୍ଡତିରି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଗତ ଶନିବାର କାର୍ଯ୍ୟରତ ବେଳେ ଆରଆଣ୍ଡବିର ଯନ୍ତ୍ରୀ ବିନୟ କୁମାର ସାହୁଙ୍କୁ ଆଇଆଇସି ସନ୍ଦେହରେ ଥାନାକୁ ନେଇଯାଇଥିଲେ। କୌଣସି କାରଣ ନ ଥାଇ ଅଯଥାରେ ଥାନାକୁ ନେଇଯିବା ଘଟଣାକୁ ଜେଇ ସାହୁ ସହଜରେ ହଜମ କରି ନ ପାରି ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ତିର୍ତ୍ତୋଲ ଏସଡିପିଓ ଶିବଚରଣ ମଲ୍ଲିକ ଘଟଣାର ତଦନ୍ତ କରିବା ସହ ନିଜ ଉଦ୍ୟମରେ ଘଟଣାର ଅପୋଷ ସମାଧାନ କରାଇଥିଲେ। ଆରଆଣ୍ଡବି ଗେଷ୍ଟ ହାଉସ୍‌ରେ ଉଭୟ ଯନ୍ତ୍ରୀ ସାହୁ ଓ ଆଇଆଇସି ଅରବିନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଆଲୋଚନା ହୋଇ ଏହାର ଅପୋଷ ସମାଧାନ ହୋଇଥିଲା। ଆଲୋଚନା ସମୟରେ ଉପସ୍ଥିତ ଥିବା ବିଭାଗୀୟ ଏସ୍‌ଡିଓ ରତିକାନ୍ତ ବେହେରା କୁହନ୍ତି, ଆଲୋଚନା ସନ୍ତୋଷଜନକ ଥିଲା। ଯନ୍ତ୍ରୀ ସାହୁଙ୍କୁ ବୁଝାଇ ଦେବା ପରେ ବିବାଦର ଅବସାନ ଘଟିଛି। ଅନ୍ୟପକ୍ଷରେ ପୋଲିସ ଏଥିପ୍ରତି ଯଥେଷ୍ଟ ସଚେତନ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ତିର୍ତ୍ତୋଲ,୫।୧୨(ଡି.ଏନ.ଏ.)



ବିଧାୟିକା ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି।

ତିର୍ତ୍ତୋଲ ବ୍ଲକ ଗୋବିନ୍ଦପୁର ଓ କୃଷ୍ଣାନନ୍ଦପୁର ପଞ୍ଚାୟତରେ ବୁଧବାର ଆମ ଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ବିଧାୟିକା ରାଜଶ୍ରୀ ମଲ୍ଲିକ ପ୍ରଥମେ ଗୋବିନ୍ଦପୁର ପଞ୍ଚାୟତର ସାଁହାଶରେ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ପରେ ଗୋବିନ୍ଦପୁରଠାରେ ମିଶନ ଶକ୍ତି ଗୃହର ଶିଳାନ୍ୟାସ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏଥିସହ ଅରଡଙ୍ଗ, ବାରବାଟିଆ, ଭଟ୍ଟଗ୍ରାମଠାରେ ଗୋଷ୍ଠୀ କେନ୍ଦ୍ର ଶିଳାନ୍ୟାସ କରିଥିଲେ। ଭରସମ୍ପାଠାରୁ ଭଟ୍ଟଗ୍ରାମ ଭାୟା ସାଁହାଶ ଶାସନ କିନାଇଲୋ ଦେଇ ଅର୍ଜୁନ ମଠ ପର୍ଯ୍ୟନ୍ତ ରାସ୍ତା ଉନ୍ନତି କରଣ ନିମନ୍ତେ ମଧ୍ୟ ଶିଳାନ୍ୟାସ କରିଥିଲେ। ସରପଞ୍ଚ ରମେଶ ଚନ୍ଦ୍ର କୁଅଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ଜିଲା ପରିଷଦ ସଭ୍ୟ ଲିପାଲି ରାଉଳ, ତପନ ମହାନ୍ତି, ସର୍ବେଶ୍ୱର ସ୍ୱାଇଁ, ନାରାୟଣ ଭୋଳ, ଶିକ୍ଷାବିତ ଦିବାକର ନନ୍ଦ, ବିଜୟ ସୂତାର, ସାରଦା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ବିଧାୟିକା ମଲ୍ଲିକ କୃଷ୍ଣାନନ୍ଦପୁର ପଞ୍ଚାୟତର କୈବର୍ତ୍ତ ସାହି ଠାରେ ମିଶନ ଶକ୍ତି ଗୃହ, ଆଜାଦ ହିନ୍ଦ ପାଠାଗାର ଓ ଅବସର ବିନୋଦନ କେନ୍ଦ୍ର ଗୃହ, ଗଣେଶ୍ୱରୀ ମିଶନ ଶକ୍ତି ଗୃହ, ପାଇକା କୂଳ ଖେଳପଡିଆ ଉନ୍ନତିକରଣ, ମୀର ମହଲାଠାରେ ଗୋଷ୍ଠି କେନ୍ଦ୍ରର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଶେଖ ଆୟୁବ ଅଲ୍ଲୀ, ମହମ୍ମଦ ଆଜାଦ ଅହମ୍ମଦ, ମହମ୍ମଦ ଅବଦୁଲ ମାଜୁଦ(ଲକି), ଶେଖ ଅସଗର ଅଲ୍ଲୀ, ମୁବାରକ ଅଲ୍ଲୀ ଖାନ, ଅବଦୁଲ କରିମ, ତାବରେଜ ଅହମ୍ମଦଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଡିକି ଭାଙ୍ଗି ୨୮ ହଜାର ଲୁଟ୍

ମାର୍ଶାଘାଇ,୫।୧୨ (ଡି.ଏନ୍.ଏ.): ମାର୍ଶାଘାଇ ୟୁକୋ ବ୍ୟାଙ୍କରୁ ମାର୍ଶାଘାଇ ଗ୍ରାମର ପ୍ରେମାନନ୍ଦ ସ୍ୱାଇଁ ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ଟଙ୍କା ଉଠାଇ ଗାଡ଼ି ଡିକିରେ ରଖି ଜଳ ସମ୍ପଦ ଅଫିସ ନିକଟ ଲୁଣା ନଦୀ ଗଡ଼ାକୁ ଯାଇଥିଲେ। ସେଠାରେ ଗାଡ଼ି ରଖି ନିକଟସ୍ଥ ଏକ ଚାଳିଆ ଭିତରକୁ ଯାଇ କିଛି ସମୟ ପରେ ଫେରିବା ପରେ ଗାଡ଼ିର ଡିକି ଭଙ୍ଗା ଯାଇଥିବା ଦେଖିଥିଲେ। ତେବେ କେହି ଦୁର୍ବୃତ୍ତ ତାଙ୍କ ଗାଡ଼ି ଡିକି ଭାଙ୍ଗି ସେଥିରୁ ୨୮ ହଜାର ଟଙ୍କା ଲୁଟ୍ କରିଥିବା ବେଳେ ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡିଛି।

### ସତ୍ୟସାଇ ବାବାଙ୍କ ପ୍ରେମ ପ୍ଲାବନ ରଥ ପରିକ୍ରମା




ଡେରାବିଶ,୫।୧୨(ସ୍ୱ.ପ୍ର.)-ଶ୍ରୀସତ୍ୟସାଇ ବାବାଙ୍କ ୯୩ ତମ ଜୟନ୍ତୀ ଅବସରରେ ଗତ ନଭେମ୍ବର ୨୩ ତାରିଖଠାରୁ ଶ୍ରୀସତ୍ୟସାଇ ସେବା ସଂଗଠନ, ଓଡ଼ିଶା ପକ୍ଷରୁ ରାଜ୍ୟବ୍ୟାପୀ ସତ୍ୟସାଇ ବାବାଙ୍କ ପ୍ରେମ ପ୍ଲାବନ ରଥ ପରିକ୍ରମା କରୁଛି। ସୋମବାର ସଂଧ୍ୟାରେ ଏହି ରଥ ଡେରାବିଶ ବ୍ଲକ ଅଞ୍ଚଳରେ ପହଞ୍ଚିଥିବା ବେଳେ ବୁଧବାର ଏହା ପଲେଇ ପଞ୍ଚାୟତ ସମେତ ଖମୋଳ, କାଉପଡ଼ା, ବାଘିଲୋ ବାମନପୁର, ଚାଟରାଚକଡା, ଗୋଲରାହାଟ, ଡେରାବିଶ ହାଟ ଛକ, ଡେରାବିଶ ଫାଣ୍ଡି ବଜାର, ଲକ୍ଷ୍ମୀନାରାୟଣପୁର, ରଘୁଦେଇପୁର ଓ କୁରୁଜଙ୍ଗା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ପ୍ରବେଶ କରିଥିଲା। ସେହିପରି ସନ୍ଧ୍ୟାରେ ହୋଇଥିବା ସତ୍‌ସଙ୍ଗରେ ବିଶିଷ୍ଟ ପ୍ରବଚକ ଇଂ. ନରେନ୍ଦ୍ର ନାଥ ପତି, କସ୍ତୁରୀ ସ୍ୱାଇଁ ଓ ଉମେଶ ସେନାପତି ପ୍ରବଚନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଶଚନ୍ଦ୍ର ଦାସ, ଅତୁଲ୍ୟ କୁମାର ରଥ, ଅଶ୍ୱିନୀ କୁମାର ରାଉତ, ଅଭିମନ୍ୟୁ ବେହେରା, ବିପିନ ବିହାରୀ ସାହୁ, ଉତ୍ତମ କୁମାର ସିଂହ, ମାଧବାନନ୍ଦ ରଥ, ପ୍ରଭାତ କୁମାର ବେହେରା, ଲଚ୍ଛମନ ଭୂୟାଁ ଓ ଭକ୍ତଚରଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

କେନ୍ଦ୍ରାପଡା ଅଫିସ,୫।୧୨-ସହରର ନସଡିପୁରସ୍ଥିତ ଗୋଖାସାହି ଗ୍ରାମର ଦୈତାରୀ ସେଠୀଙ୍କ ଘର ଗତ ୪ ତାରିଖରେ ସମ୍ପୂର୍ଣ୍ଣ ପୋଡିଯାଇଛି। ଏହି ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ଆସବାବପତ୍ର ନଷ୍ଟ ହୋଇଥିବାରୁ କେନ୍ଦ୍ରାପଡା କୋ ଅପରେଟିଭ ସୋସାଇଟି ପକ୍ଷରୁ ବୁଧବାର ସହାୟତା ଯୋଗାଇ ଦିଆଯାଇଛି। ସୋସାଇଟି ସଭାପତି ତଥା ବରିଷ୍ଠ ବିଜେଡି ନେତା ପ୍ରମୋଦ ସାହୁ ଏହି ଅଗ୍ନିବିପନ୍ନ ପରିବାରଙ୍କୁ ଆର୍ଥିକ ସହାୟତା ସହ ବାସନ, ପୋଷାକ ଆଦି ପ୍ରଦାନ କରିଛନ୍ତି। ସୋସାଇଟିର ମୁଖ୍ୟ ଶାଖା ପରିଚାଳକ ରମେଶ ସେଠୀ, କର୍ମଚାରୀ ରଣଜିତ ଦାସ ଓ ସୁଶାନ୍ତ ସେଠୀ ଏଥିରେ ସାମିଲ ହୋଇଥିଲେ।

### କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

କେନ୍ଦ୍ରାପଡ଼ା ଅଫିସ୍,୫।୧୨- କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାହବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନିମନ୍ତେ ବୁଧବାର ଏକ ପ୍ରସ୍ତୁତି ବୈଠକ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। କଲେଜ ଅଧକ୍ଷ ବିନ୍ଦୁମିତ୍ର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଫେବୃୟାରୀରେ ହେବାକୁ ଥିବା ହୀରକ ଜୟନ୍ତୀ ଉତ୍ସବକୁ ୩ଦିନ ଧରି ପାଳନ କରିବାକୁ ପ୍ରସ୍ତୁବ ଆଗତ ହୋଇଥିଲା। ଏହି ଅବସରରେ ରାଜ୍ୟ ଓ ରାଜ୍ୟ ବାହାରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରିବାକୁ ସ୍ଥିର କରାଯାଇଥିଲା। ଏଥିସହ କଲେଜର ଏକ ସ୍ମରଣିକା ଉନ୍ମୋଚନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପୂରାତନ ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ କର୍ମଚାରୀମାନଙ୍କ ଦ୍ୱାରା ଲେଖା ଯାଇଥିବା କବିତା ଗଳ୍ପ ଆଦି ଏଥିରେ ସ୍ଥାନ ପାଇବ। ଆସନ୍ତା ଜାନୁୟାରୀ ୫ତାରିଖ ସୁଦ୍ଧା ସ୍ମରଣିକା ଓ ସମସ୍ତ କାର୍ଯକ୍ରମ ପ୍ରସ୍ତୁତି ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କଲେଜ ଅଧାପିକା, ଅଧାପକ ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ■ ପ୍ରବଳ ବର୍ଷା ଓ ବନ୍ୟାଜନିତ କ୍ଷୟକ୍ଷତି

# ଚାଷୀଙ୍କୁ ଜିଲା ପ୍ରଶାସନର ଅଣଦେଖା

**ଜିଲା ପ୍ରଶାସନ ରିପୋର୍ଟ ନେଇ ସନ୍ଦେହ**

- ୯ ବ୍ଲକରେ ମୋଟ ୧୯, ୭୬୦ ଘର ଭାଙ୍ଗିଛି
- ୫ ବ୍ଲକରେ ଚାଷ କ୍ଷତି ହୋଇ ନଥିବା ଦର୍ଶାଯାଇଛି
- ଚାଷ ପ୍ରତି ଅବହେଳା, ଚାଷୀ ମହଲରେ ଅସନ୍ତୋଷ

କେନ୍ଦ୍ରାପଡା ଅଫିସ, ୫।୧୨

ଗତ ସେପ୍ଟେମ୍ବରରେ ହୋଇଥିବା ପ୍ରବଳ ବର୍ଷା ଓ ବନ୍ୟା ପ୍ରଭାବିତଙ୍କ ସମ୍ପର୍କରେ ରିପୋର୍ଟ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ଜିଲା ପ୍ରଶାସନ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରି ସାରିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଭୁଲ୍ ରିପୋର୍ଟ ଚାଷୀଙ୍କୁ କ୍ଷତି ପହଞ୍ଚାଇବ ବୋଲି ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ଏ ନେଇ ଅଭିଯୋଗ କରିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ରିପୋର୍ଟକୁ ନେଇ ସନ୍ଦେହ ଉପୁଜିଛି।

ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରବଳ ବର୍ଷା ଓ ଏହା ପ୍ରଭାବରେ ହୋଇଥିବା ବନ୍ୟାରେ ଜିଲାର ବହୁଲୋକ ବାସହରା ହୋଇଥିବା ବେଳେ ବ୍ୟାପକ ଫସଲ ହାନି ହୋଇଥିଲା। ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ତଥ୍ୟ ଅନୁସାରେ, ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ୧୫, ୬୩୫ କଚ୍ଚା ଘର, ୧୧୧୭ କୁଡ଼ିଆ, ୨୬୩୨ ଗୁହାଳ ସମେତ ମୋଟ ୧୯, ୭୬୦ ଘର ଭାଙ୍ଗିଥିଲା। ଏହି ଘର ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୯,୫୮,୯୬,୫୦୦ ଟଙ୍କା ଅନୁଦାନ ଆସିଛି। ସେହିପରି ମହାକାଳପଡ଼ା, ଗରଦପୁର, ପଟ୍ଟାମୁଣ୍ଡାଇ ଓ ରାଜକନିକା ବ୍ଲକ ଅଞ୍ଚଳରେ ଲୋକଙ୍କ ପୋଷାକ ଓ ବାସନ କୁସନ କ୍ଷୟକ୍ଷତି ପାଇଁ ୩,୧୫,୪୦୦ ଟଙ୍କା ଆସିଛି। ମୋଟ ଉପରେ ଘର ଓ ବାସନ ଆଦି କ୍ଷତିପୂରଣ ବାବଦକୁ ରାଜ୍ୟ ସରକାର ୯,୬୨,୧୧,୯୦୦ ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି। ସମସ୍ତ ବ୍ଲକ ଅଞ୍ଚଳରେ ଘର ଭାଙ୍ଗିଥିବା ଦର୍ଶାଯାଇଥିବା ବେଳେ କେବଳ କେନ୍ଦ୍ରାପଡ଼ା, ଡେରାବିଶ, ଗରଦପୁର ଓ ରାଜନଗର ବ୍ଲକ ଅଞ୍ଚଳରେ ଚାଷ କ୍ଷତି ହୋଇଥିବା ଦର୍ଶାଯାଇଛି। ତେବେ ମାର୍ଶାଘାଇ ସମେତ ମହାକାଳପଡ଼ା, ରାଜକନିକା, ଆଳି ଓ ପଟ୍ଟାମୁଣ୍ଡାଇରେ ଫସଲ କ୍ଷତି ହୋଇ ନଥିବା ଦର୍ଶାଯାଇଥିବାରୁ ଏ ନେଇ ଗତ ଜିଲା ପରିଷଦ ବୈଠକରେ ବହୁ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ସମସ୍ତ ବ୍ଲକରେ ଘର ଭାଙ୍ଗିଥିବା ନେଇ ପ୍ରଶାସନ ପକ୍ଷରୁ ଦର୍ଶାଯାଇଥିବା ବେଳେ ଫସଲ କ୍ଷତି ହୋଇ ନଥିବା ରିପୋର୍ଟ ଦିଆଯାଇଥିବାରୁ ଚାଷ ପ୍ରତି ଏଭଳି ଅବହେଳା ଚାଷୀ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ସର୍ବାଧିକ ୯୧୯୬.୨୭୨ ହେକ୍ଟର ଧାନ ଫସଲ ବାତ୍ୟା ଓ ବନ୍ୟାରେ କ୍ଷତି ହୋଇଛି। ସେହିପରି ଡେରାବିଶ ବ୍ଲକ ଅଞ୍ଚଳର ୪୦୯.୭୯୭ ହେକ୍ଟର, ଗରଦପୁରର ୭୮୧୩ ହେକ୍ଟର ଓ ରାଜନଗରର ୩୪୩୯.୪୧ ହେକ୍ଟର ଖରିଫ ଚାଷ ନଷ୍ଟ ହୋଇଛି। ଅନ୍ୟ ବ୍ଲକ ଅଞ୍ଚଳରେ ଚାଷ କ୍ଷତି ସମ୍ପର୍କରେ ରିପୋର୍ଟ ପାଇଁ କ୍ରପ୍ କଟିଂକୁ ଅପେକ୍ଷା ରହିଥିବା ଜିଲା କୃଷି ବିଭାଗ ସୂଚନା ଦେଇଛି। କ୍ରପ୍ କଟିଂକୁ ନେଇ ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁ ଗ୍ରାମର ଚାଷୀ ବିଜୟ କୁମାର ଭୂୟାଁ କୁହନ୍ତି, ଗତ ସୋମବାର ତାଙ୍କର ପୂଜା ଧାନ ଫସଲର କ୍ରପ କଟିଂ ସର୍ଭେ ହୋଇଥିଲା। ୫ ମିଟରରେ ୫ ମିଟର ଧାନ କଟାଯାଇ ଅମଳ କରାଯିବା ପରେ ମାତ୍ର ଦେଢ଼ କିଗ୍ରା ଧାନ ବାହାରି ଥିଲା। ତେବେ ଏହି କ୍ରପ କଟିଂକୁ ତନଖି କରୁଥିବା ଦୁଇ ସରକାରୀ କର୍ମଚାରୀ ଏଥିରେ ୧୦.୧୭୦ କିଗ୍ରା ଧାନ ଅମଳ ହୋଇଥିବା ରିପୋର୍ଟ ଦେଇଥିଲେ। ଏହାକୁ ବିରୋଧ କରିବାରୁ ସରକାରୀ କର୍ମଚାରୀମାନେ ସେଠାରୁ ପଳାଇଥିବା ବିଜୟ କହିଛନ୍ତି। ଏ ନେଇ କୃଷି ଉପନିର୍ଦ୍ଦେଶକ ମିତ୍ରୋଦୟ ଦାଶ କୁହନ୍ତି ପ୍ରବଳ ବର୍ଷା ଓ ବନ୍ୟା ସମୟରେ ରାଜସ୍ୱ ବିଭାଗ ପକ୍ଷରୁ ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଥିଲା। କ୍ରପ କଟିଂରେ ଏପରି ଭୁଲ୍ ହୋଇଥିଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ବିଲିକଣା ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

ପଟ୍ଟାମୁଣ୍ଡାଇ, ୫।୧୨ (ସ୍ୱ.ପ୍ର.)

**ଥାନାରେ ଅଭିଯୋଗ କଲେ ମାଆ**



ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ସରପଞ୍ଚ ବିଜୟ କୁମାର ରାଉତଙ୍କୁ ବୁଧବାର ସକାଳ ସାଢ଼େ ୮ଟା ବେଳେ ତେରୋହି ଗ୍ରାମର ୨ ଜଣ ଯୁବକ ଓ ଜଣେ ମହିଳା ମରଣାନ୍ତକ ଆକ୍ରମଣ କରିଥିଲେ। ବିଜୟଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବିଜୟଙ୍କ ମା' ଗୋଲାପ ପଟ୍ଟାମୁଣ୍ଡାଇ ଥାନରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପଞ୍ଚାୟତ ଅଧୀନ ବଡ଼େଇପଡ଼ା ଗ୍ରାମରୁ ବିଜୟ ସକାଳୁ ଏକ ବାଇକ୍ (ବୁଲେଟ୍)ରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିଲେ। ଏହି ସମୟରେ ତେରୋହି ଗ୍ରାମର ଶେଷ ମୁଣ୍ଡରେ ପୂର୍ବରୁ ପ୍ରସ୍ତୁତ ହୋଇରହିଥିବା ସେହି ଗ୍ରାମର ୩ ଜଣ ବିଜୟଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଯୁକ୍ତି ତର୍କ ଚାଲିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଏକ ଲୁହା ରଡ୍‌ରେ ବିଜୟଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେତୁ ସେଠାରେ ବିଜୟ ଚେତାଶୂନ୍ୟ ହୋଇ ପଡ଼ିଯିବା ପରେ ଅନ୍ୟ ଦୁଇ ଜଣ ତାଙ୍କୁ ନିସ୍ତୁକ ପିଟିଥିଲେ। ଏଥିସହ ତାଙ୍କ ବାଇକ୍‌କୁ ପିଟି ଅଧାଭଙ୍ଗା କରିଦେଇଥିବା ବେଳେ ବିଜୟ ପିନ୍ଧିଥିବା ସୁନା ଚେନ୍, ଗାଡି ଚାବି ଓ ମୋବାଇଲ ମଧ ସେମାନେ ଛଡ଼ାଇ ନେଇଥଲେ। ବିଜୟଙ୍କ ଘର ପାର୍ଶ୍ୱର ଜନୈକ ବ୍ୟକ୍ତ ବିଜୟ ଘରୁ ବାହାରି ଥିବା ସମ୍ପର୍କରେ ଆକ୍ରମଣକାରୀଙ୍କୁ ସୂଚନା ଦେଇଥିବା ଏତଲାରେ ଉଲ୍ଲେଖ ହୋଇଛି। ଏ ନେଇ ସକାଳ ସାଢ଼େ ୧୦ଟାରୁ ଗୋଲାପ ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ରାତି ୧୦ଟା ପର୍ଯ୍ୟନ୍ତ ପୋଲିସ ଏ ସମ୍ପର୍କରେ ମାମଲା ରୁଜୁ କରି ନଥିବା ଜଣାପଡ଼ିଛି।

## ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ

ଡେରାବିଶ, ୫।୧୨ (ସ୍ୱ.ପ୍ର.)



ସ୍ୱେଚ୍ଛାସେବୀ ଦିବସ ପାଳନ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତ ସବଳଙ୍ଗସ୍ଥିତ ଜୟଭାରତୀ ସାଥୀସମାଜ ପରିସରରେ ବୁଧବାର ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରତାପ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ସାମାଜିକ କର୍ମୀ କ୍ଷୀରୋଦ ଚନ୍ଦ୍ର ସାମନ୍ତରାୟ ମୁଖ୍ୟଅତିଥି, ପ୍ରମୋଦ କୁମାର ପ୍ରତାପ ଓ ମହିଳା ଶିଶୁ ବିକାଶ ଯୋଜନାର ଅବସରପ୍ରାପ୍ତ ପରିଦର୍ଶିକା ଅଞ୍ଜୁଶ୍ରୀ ଦେବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସାଥୀସମାଜ ପରିସରରେ ଥିବା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ସାଥୀସମାଜ ସମ୍ପାଦକ ନିରଞ୍ଜନ ସାହୁ ସମାଜରେ ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତା ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସାଥୀସମାଜ ତରଫରୁ ହରିଅଙ୍କର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଓ ଡେରାବିଶ ବ୍ଲକ ଯଶୋର ଗ୍ରାମର ମୂର୍ତ୍ତିଶିଳ୍ପୀ ସାମାଜିକ କର୍ମୀ ବ୍ରଜସୁନ୍ଦର ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ 'ସ୍ୱେଚ୍ଛାସେବୀ ସାଥୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ମା' କୌଶଲ୍ୟା ଘୋଡ଼ାଚା ପରିଷଦର ୯ ଜଣ କୃତୀ କଳାକାରଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। 'ସମାଜ ସଂସ୍କାରରେ ସ୍ୱେଚ୍ଛାସେବୀଙ୍କ ଭୂମିକା' ଶୀର୍ଷକରେ ଆୟୋଜିତ ଆଲୋଚନା ଚକ୍ରରେ ସମ୍ପାଦକ ସାହୁ, ମୁଖ୍ୟ ଅତିଥି ସାମନ୍ତରାୟ, ଅଞ୍ଜୁଶ୍ରୀ ଦେବ, ସମ୍ବର୍ଦ୍ଧିତ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପସ୍ଥିତ ଯୁବତୀଯୁବକମାନଙ୍କୁ ସଭାପତି ଶପଥପାଠ କରାଇଥିଲେ। ସ୍ୱେଚ୍ଛାସେବୀ ମନୋରମା ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ଉତ୍ସବକୁ ସାଥୀସମାଜର ସ୍ୱେଚ୍ଛାସେବୀ ସୂର୍ଯ୍ୟକାନ୍ତ ବେହେରା ଓ ନିରୁପମା ମହାକୁଡ଼ ପରିଚାଳନା କରିଥିଲେ।

## ପୋଲିସକୁ ଆକ୍ରମଣ: ଶାଶୁବୋହୂ ଗିରଫ

ମାର୍ଶାଘାଇ,୫।୧୨(ଡି.ଏନ୍.ଏ.)

ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଆସିଥିବା ବେଳେ ପୋଲିସକୁ ଅଟକାଇବାକୁ ଉଦ୍ୟମ କରିଥିବା ମାର୍ଶାଘାଇ ଥାନା ତେରଗାଁ ପଞ୍ଚାୟତ ସୋବଳା ଗ୍ରାମର ଦୁଇ ଶାଶୁବୋହୂଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗ୍ରାମର କୁଞ୍ଜ ବିହାରୀ ସ୍ୱାଇଁଙ୍କ ସ୍ତ୍ରୀ ସରସ୍ୱତୀ ଓ ବୋହୂ ରୋଜାଲିନ୍। ଏ ନେଇ ଥାନାରେ ୨୦୯/୧୯ ନଂ. ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସୋବଳା ଗ୍ରାମର ଜଣେ ପୂଜାରୀଙ୍କୁ ଗତ ୨୫ ତାରିଖରେ କୁଞ୍ଜ ବିହାରୀ ସ୍ୱାଇଁଙ୍କ ପୁଅ ବୁଦ୍ଧଦେବ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ବୁଦ୍ଧଦେବଙ୍କୁ ମଙ୍ଗଳବାର ଗିରଫ କରିବାକୁ ଯାଇଥିବା ବେଳେ ରୋଜାଲିନୀ ଓ ସରସ୍ୱତୀ ପୋଲିସକୁ ଅଟକାଇଥିଲେ। ଫଳରେ ପୋଲିସ କର୍ମଚାରୀଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିବାରୁ ପୋଲିସ ଉଭୟଙ୍କୁ ଗିରପ କରି କୋର୍ଟ ଚାଲାଣ କରିଛି।

## ୨ ଟ୍ରଲର ଜବତ, ୧୫ ମତ୍ସ୍ୟଜୀବୀ ଗିରଫ



ଗିରଫ ହୋଇଥିବା ମତ୍ସ୍ୟଜୀବୀ।

ରାଜନଗର,୫।୧୨(ଡି.ଏନ୍.ଏ.)

ରାଜନଗର ବ୍ଲକ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନବିଭାଗ ପାଟ୍ରୋଲିଂ ଟିମ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉବେଳେ ଗୋଟିଏ ଟ୍ରଲର, ଗିଲନେଟର ଓ ୬୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ଜବତ କରାଯାଇଛି। ବେଆଇନ ଭାବେ ମାଛ ଧରିବା ଅଭିଯୋଗରେ ୧୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ମାନସ କୁମାର ସାହୁ, ପଙ୍କଜ ସାହୁ, ରବୀନ୍ଦ୍ର ସିଂ, ଜିତେନ୍ଦ୍ର ରାମ, ପ୍ରଦୀପ ମଣ୍ଡଳ, ହୃଦାନନ୍ଦ ପାତ୍ର, ଚନ୍ଦନ ମଲ୍ଲିକ, ହରିହର ସେଠୀ, ଛୋଟରାୟ ସୋରେନ, ପେରୁସୋରେନ, ସେକ ହବିବ, ଲକ୍ଷ୍ମଣ ରାଏ, ଭାନୁ ଜେନା, ମଦନ ସର୍ଦ୍ଦାର ଓ ରବୀନ୍ଦ୍ର ମଲ୍ଲିକ। ଗହୀରମଥା ଏସିଏଫ୍ ଶ୍ରୀରାମପଦ ଅରିବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ ପକ୍ଷରୁ ଏହି ଚଢ଼ାଉ ହୋଇଥିଲା। ସୂଚନାଯୋଗ୍ୟ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଏବେ ଅଲିଭରିଡଲେଙ୍କ ପ୍ରଜନନ ପ୍ରକ୍ରିୟା ଚାଲିଛି। ଏଥିଲାଗି ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୨ ଟ୍ରଲର ଓ ୨୭୩ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି।

## ■ ପୋଲିସ ନିର୍ଯାତନା ଅଭିଯୋଗ

# ଏସ୍‌ପିଙ୍କୁ ଭେଟିବା ପୂର୍ବରୁ ଉଠାଇ ନେଲା ପୋଲିସ

କେନ୍ଦ୍ରାପଡା ଅଫିସ, ୫।୧୨

ସାଧାରଣ ଜନତାଙ୍କୁ ସୁରକ୍ଷା ଦେଉଥିବା ପୋଲିସ ଲୋକଙ୍କୁ ରକ୍ଷା କରିବା ବଦଳରେ ନିର୍ଯାତନା ଦେଉଛି। ଏଭଳି ଅଭିଯୋଗ କରିଛନ୍ତି ମାର୍ଶାଘାଇ ଥାନା ସୁବଳା ଗ୍ରାମର ବୁଦ୍ଧଦେବ ସ୍ୱାଇଁଙ୍କ ସ୍ତ୍ରୀ ରୋଜାଲିନ। ଥାନା ପୋଲିସର ନିର୍ଯାତନା ବିରୋଧରେ ଏସପିଙ୍କ ନିକଟରେ ଅଭିଯୋଗ କରିବା ପୂର୍ବରୁ ପୋଲିସ ତାଙ୍କୁ ଉଠାଇ ନେଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବ ବିବାଦକୁ କେନ୍ଦ୍ର କରି ଗ୍ରାମର ଜନୈକ ବ୍ୟକ୍ତି ତାଙ୍କ ପରିବାର ବିରୋଧରେ ଗତ ନଭେମ୍ବରରେ ଏକ ମାମଲା ରୁଜୁ କରିଥିଲେ। ମଙ୍ଗଳବାର ତଦନ୍ତ କରିବା ଆଳରେ ମାର୍ଶାଘାଇ ପୋଲିସ ରୋଜାଲିନଙ୍କ ଘରକୁ ଯାଇ ମାଡ ମାରିବା ସହ ଶାଶୁ ସରସ୍ୱତୀଙ୍କୁ ନେଇ ଥାନାରେ ଅଟକ ରଖିଛି। ଏନେଇ ସେ ବୁଧବାର ଅପରାହ୍ନରେ ଜିଲା ଆଇନସେବା ପ୍ରାଧିକରଣଙ୍କ ନିକଟରେ ଅଭିଯୋଗ କରିବା ପରେ ଏସପିଙ୍କ ପାଖକୁ ଯାଉଥିବା ବେଳେ ସହରର ଗରାପୁର ଛକରୁ ଥାନା ପୋଲିସ ଉଠାଇ ନେଇଛି। ପୂର୍ବରୁ ମଧ ଥାନା ପୋଲିସ ତାଙ୍କୁ ନିର୍ଯାତନା ଦେଇଥିଲା। ଏନେଇ ସେ ସେତେବେଳେ ପୋଲିସ ବିରୋଧରେ କୋର୍ଟରେ ମାମଲା ରୁଜୁ କରିଥିବାବେଳେ ଏବେ ଉକ୍ତ ଘଟଣାର ପୁନରାବୃତ୍ତି ଘଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା କୁହନ୍ତିଯେ, ରୋଜଲିନ୍‌ଙ୍କ ବିରୋଧରେ ଥିବା ମାମଲାର ତଦନ୍ତ ଆରମ୍ଭ ହେଉଥିବାରୁ ସେ ଫେରାର ହୋଇଯାଉଥିଲେ। ଏଥିଲାଗି ତଦନ୍ତ ନିମନ୍ତେ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି।

## ୫୦ ଟଙ୍କାରେ ନବମ ପାସ୍ ସାର୍ଟିଫିକେଟ୍

ପଟ୍ଟାମୁଣ୍ଡାଇ, ୫।୧୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଜୀବନବୀମା ନିଗମ କାର୍ଯ୍ୟାଳୟରେ ଅବୈତନିକ କର୍ମଚାରୀ ଭାବେ କାର୍ଯ୍ୟରତ ଜନୈକ କର୍ମଚାରୀ ନକଲି ସାର୍ଟିଫିକେଟ୍ କାରବାର କରୁଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ମାତ୍ର ୫୦ ଟଙ୍କାରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଲୋକଙ୍କୁ ନକଲି ଫିଟ୍‌ନେସ୍ ସାର୍ଟିଫିକେଟ ପ୍ରଦାନ କରୁଥିବା ବେଳେ ସ୍ଥାନୀୟ ଏକ ଯୁଜି ଏମଇ ସ୍କୁଲର ନବମ ଶ୍ରେଣୀ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି। ବେଲତଳ ଗ୍ରାମର ଜନୈକ ନବମ ଶ୍ରେଣୀ ଛାତ୍ରଙ୍କର ସ୍କୁଲ ସାର୍ଟିଫିକେଟ ଆବଶ୍ୟକ ପଡ଼ିବାରୁ ସେ ତାଙ୍କୁ ଉକ୍ତ ସ୍କୁଲର ୯ମ ଶେଣୀ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହା ଜଣାପଡିବା ପରେ ସେହି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବାବେଳେ ଏ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି। ଏଭଳି ଜାଲିଆତି କାର୍ଯ୍ୟ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରୁଛି ବୋଲି ଆନ୍ତର୍ଜାତିକ ମାନବାଧିକାର କାଉନ୍‌ସିଲର ଜିଲା ମୁଖ୍ୟ ପ୍ରତାପ ପାଢୀ କହିଛନ୍ତି। ତେବେ ଜୀବନ ବୀମା ନିଗମ କର୍ତ୍ତୃପକ୍ଷ ସମ୍ପୃକ୍ତ ଅବୈତନିକ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ମଙ୍ଗଳବାରଠାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଫେରାର ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଚାଷ କାମରେ ଲାଗୁନି ସୁନାମୁହିଁ ଯୋର

ଆଳି, ୫।୧୨ (ଡି.ଏନ୍.ଏ.)



ଆଳି ବ୍ଲକ ଅଞ୍ଚଳର ଲୁଣି ଭେଡ଼ାର ଚାଷ ଜମିରେ ଜଳସେଚନର ସୁବିଧା ପାଇଁ ସୁନାମୁହିଁ ଯୋର ଉପରେ ଚାଷୀମାନେ ନିର୍ଭର କରନ୍ତି। ଏଥିପାଇଁ ଯୋର ସଫା ଓ ପୁନରୁଦ୍ଧାର ପାଇଁ କୋଟି କୋଟି ଖର୍ଚ୍ଚ ହେଉଛି। ମାତ୍ର ଚାଷୀମାନେ ଏହାଦ୍ୱାରା ଉପକୃତ ହେଇପାରୁ ନ ଥିବା ଅଭିଯୋଗ ହୋଇଛି। ଗତ କିଛିଦିନ ହେବ କେତେକ ସ୍ଥାନରେ ଦଳରେ ଭର୍ତ୍ତି ହୋଇଥିବାରୁ ଯୋରରେ ସମସ୍ତ ସ୍ଥାନରେ ପାଣି ପହଞ୍ଚି ପାରୁନି। ଏଣୁ ଚାଷୀମାନେ ଖରିଫ ଚାଷ କିମ୍ବା ରବି ଚାଷ ସମୟରେ ଜମିରେ ଜଳସେଚନ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ଯୋରଟି ଆଳି ରାଜବାଟୀ ନିକଟରୁ ଖରସ୍ରୋତା ନଦୀରୁ ବାହାରି ଅରେହିକଣା ନିକଟରେ ବ୍ରାହ୍ମଣୀ ନଦୀରେ ମିଶିଛି। ଏଥିରୁ ଜଳସେଚନ ପାଇଁ ଅରେହିକଣା, ନିଆଳ, ମେଣ୍ଟପୁର, ବଡାମ୍ବିଳା, ବାଲକାଟି ଓ ଦେମାଳ ଆଦି ୬ ପଞ୍ଚାୟତର ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରିଥାନ୍ତି। ଗତ ୧୦ ବର୍ଷ ପୂର୍ବେ ଏହି ଯୋର ଖୋଳା ଯାଇଥିବାରୁ ଚାଷ କାର୍ଯ୍ୟ ସୁରୁଖୁରୁରେ ହୋଇପାରୁଥିଲା। ଏହାର ୨-୩ ବର୍ଷ ପରେ ଯୋରଟି ଧୀରେଧୀରେ ପୋତି ହେବା ଆରମ୍ଭ ହେବା ସହ ଦଳ ଭର୍ତ୍ତି ହୋଇଯାଇଥିଲା। ଏ ନେଇ ଚାଷୀମାନେ ଅଭିଯୋଗ କରିଆସୁଥିଲେ ହେଁ ଏ ଦିଗରେ ଦୃଷ୍ଟି ଦିଆଯାଉ ନଥିବା ମେଣ୍ଟପୁର, ବଡାମ୍ବିଳା, ବାଲକାଟି ଆଦି ପଞ୍ଚାୟତର ଚାଷୀମାନେ ପ୍ରକାଶ କରିଛନ୍ତି। ଗତ କିଛିମାସ ପୂର୍ବେ ଉକ୍ତ ଯୋର ସଫେଇ କରାଯାଇଥିଲେ ହେଁ ତାହା ନିମ୍ନମାନର ବୋଲି ବହୁ ଚାଷୀ କହିଛନ୍ତି। ଠିକାଦାର ଜଣକ ନାମକୁ ମାତ୍ର ଯୋରକୁ ଖୋଳି କାମ ସାରିଦେଇଥିଲେ। ତୁରନ୍ତ ବିଭାଗ ପକ୍ଷରୁ ଏହି ଯୋରକୁ ସମ୍ପୂର୍ଣ୍ଣ ଭାବେ ଖୋଳି ଚାଷ ଉପଯୋଗୀ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ମାଟିର ଯତ୍ନ ନେଲେ ଫସଲ ଉତ୍ପାଦନ ବଢ଼ିବ

କେନ୍ଦ୍ରାପଡା ଅଫିସ, ୫।୧୨



ଅତିଥିମାନେ ଜଣେ ସଫଳ ମହିଳାଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

କେନ୍ଦ୍ରାପଡା ବ୍ଲକ ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ପାଳନ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ କୃଷି ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମାଟିର ଯତ୍ନ, ସରକାରୀ ପ୍ରୋତ୍ସାହନ, ଚାଷୀ ଓ ଚାଷ ସମ୍ପର୍କରେ ଆଲୋଚନା ହୋଇଥିଲା । ସଭାରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲାପାଳ ଦାଶରଥି ଶତପଥି, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, କୃଷି ଉପନିର୍ଦ୍ଦେଶକ ମିତ୍ରୋଦୟ ଦାସ, ଡ. ଗୋକୁଳ ବିହାରୀ ଦାସ, କନ୍ଧ ଜେନା, ଚନ୍ଦ୍ରକାନ୍ତ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ଜନସଂଖ୍ୟା ବୃଦ୍ଧି ଯୋଗୁ ଚାଷ ଜମି କମୁଛି। ସୀମିତ ଚାଷ ଜମିରୁ ଅଧିକ ଫସଲ ଉତ୍ପାଦନ ଏବେ ଆବଶ୍ୟକତା ହେଉଥିବାରୁ ଚାଷୀ ମାଟି ପରୀକ୍ଷା ନ କରି ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି। ଫଳରେ ମାଟିର ସ୍ୱାସ୍ଥ୍ୟାବସ୍ଥା ଧୀରେ ଧୀରେ ବିଗୁଡୁଛି। ପୂର୍ବେ ମାଟିରେ ଜୈବିକ ଖତସାରର ପ୍ରୟୋଗ କରାଯାଉଥିବାରୁ ଗୌଣସାର ସ୍ୱେଚ୍ଛାକୃତ ଭାବେ ମିଳୁଥିବା ବେଳେ ଏବେ ଏହାର ଅଭାବ ଦେଖାଦେଇଛି।

ଫସଲ ଉତ୍ପାଦନ ପାଇଁ ସହନଶୀଳ ବିହନ ସହ ଉପଯୁକ୍ତ ପରିମାଣର ସାରର ଆବଶ୍ୟକତା ରହିଛି । ସାରର ପରିଣାମ ଜାଣିବା ପାଇଁ ଜିଲା କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରରେ ମାଟି ପରୀକ୍ଷଣ ବ୍ୟବସ୍ଥା ଥିବା ବେଳେ ଜିଲାର ସବୁ ଅଞ୍ଚଳ ପାଇଁ ଗୋଟିଏ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ କେନ୍ଦ୍ର କାର୍ଯ୍ୟକାରୀ କରୁଛି । ଏଠାରେ ମାଟିର ନମୁନା ପରୀକ୍ଷଣ କରାଯାଇ ଉପଯୁକ୍ତ ଫସଲ, ସାରର ପରିମାଣ ଓ ଆବଶ୍ୟକୀୟ ଯତ୍ନ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯାଉଛି। ଏହାଦ୍ୱାରା ଫସଲ ଉତ୍ପାଦନ ବଢ଼ିବା ସହିତ ଚାଷୀର ଆର୍ଥିକ ବିକାଶ ଘଟିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଓୟୁଏଟି ପକ୍ଷରୁ ପ୍ରକାଶିତ ମୃତ୍ତିକା ସଂରକ୍ଷଣ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସେହିପରି ଜିଲାର ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କେତେଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ଏହାକୁ ବୈଜ୍ଞାନିକ ନମିତା ମହାପାତ୍ରଙ୍କ ସମେତ କୃଷି ବିଭାଗ କର୍ମଚାରୀମାନେ ପରିଚାଳନା କରିଥିଲେ।


ବରୁଣ ଧାୱନ-ନତାଶା

# ସରପ୍ରାଇଜ୍ ଡେଟ୍‌କୁ ଅପେକ୍ଷା

ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ ବଲିଉଡ୍‌ରେ ଏଣ୍ଟ୍ରି କରିସାରିଛନ୍ତି। ଏବେ ସେ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ସେ ଖୁବ୍‌ଶୀଘ୍ର ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଅର୍ଥାତ୍, ପ୍ରେମିକା ନତାଶା ଦଲାଲଙ୍କୁ ସେ ଧର୍ମପତ୍ନୀ ଭାବରେ ଗ୍ରହଣ କରିବେ ବୋଲି ଚର୍ଚ୍ଚା ଚାଲିଛି। ସେପଟେ ସେହି ସରପ୍ରାଇଜ ଡେଟ୍‌କୁ ଅପେକ୍ଷା ଯେଉଁଦିନ ଦୁହେଁ ସତସତିକା ବର-କନ୍ୟା ସାଜିବେ। ଯଦିଓ ଏହି ଡେଟ୍‌କୁ ନେଇ ବରୁଣ ଦିନ ଗଡେଇ ଚାଲିଛନ୍ତି ହେଲେ ସେହି ଶୁଭ ଦିନ ଖୁବ୍‌ଶୀଘ୍ର ଆସିବ ବୋଲି ତାଙ୍କର ଜଣେ ସାଙ୍ଗ ସୋସିଆଲ ମିଡିଆରେ ମେସେଜ ପୋଷ୍ଟ କରିଛନ୍ତି। ସ୍କୁଲ କ୍ୟାରିୟରରୁ ନତାଶାଙ୍କ ପ୍ରେମରେ ପଡିଥିଲେ ବରୁଣ। ତେବେ ଦୁହେଁ କେବେ ଘର ସଂସାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଜୀବନର୍ ଚଲାପଥେ

ରିଲିଜ୍ ଅପେକ୍ଷାରେ...

ଜୀବନର ଚଲାପଥରେ ଅନେକ ଘଟଣା ଘଟିଥାଏ। ସେଗୁଡିକ ମଧ୍ୟରୁ କେତେକ ସ୍ମୃତି ହୋଇ ମନଭିତରେ ରହିଯାଏ। ଜଣେ ସ୍କୁଲ ମାଷ୍ଟର ଜୀବନରେ କ'ଣ ଘଟଣା ଘଟୁଛି ଏବଂ ତାହାର କି ପ୍ରକାର ପ୍ରଭାବ ପରିବାର ସଦସ୍ୟଙ୍କ ଉପରେ ପଡୁଛି ତାହାକୁ ଆଧାର କରି ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ଜୀବନର ଚଲାପଥେ'। ଚିତ୍ରଟିର ପ୍ରଯୋଜନା କରିଛନ୍ତି ବର୍ଷାଭାବନା ଖଟୁଆ, ଅଦ୍ୱିତୀ ଦାସ ଏବଂ ସୌମ୍ୟକାନ୍ତ ଖଣ୍ଡାଇ। ଏହାବ୍ୟତୀତ ଚଳଚ୍ଚିତ୍ରର କାହାଣୀ, ସଂଳାପ, ଗୀତ ରଚନା କରିବା ସହ ସ୍ୱର ସଂଯୋଜନା ଭାର ସମ୍ଭାଳିଛନ୍ତି ସୌମ୍ୟକାନ୍ତ। ସେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରଥିବାବେଳେ ମିହିର ଦାସ, ଅନୀତା ଦାସ, ତ୍ରିଲୋଚନ ଖୁଣ୍ଟିଆ, ଜ୍ୟୋତି ବସ୍ତିଆ, ମିଲି, ଲିପ୍‌ସାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଦିଲୀପ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟି ଚଳିତ ମାସ ଦ୍ୱିତୀୟ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

## ଖବରଟବର

❖ଏକ ସାନ୍ତାଳି ନାଟକକୁ ଆଧାର କରି ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ତଥା ଦେବୀଦତ୍ତ ମହାନ୍ତିଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଚାଲ ଟିକେ ଦୁଷ୍ଟ ହେବା'। ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ତାପସ ସରଘରିଆ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ବିଭୂତି ଭୂଷଣ ଗଡନାୟକ। ଏଥିରେ ନୂଆ ନାୟକ ରିସାନଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇ ଜଣ ନବାଗତା ସାୟଲ ଏବଂ ମହିମା।

❖ହାସ୍ୟାଭିନେତା ପପୁ ପମପମ ନିର୍ଦ୍ଦେଶକ ସାଜିବାକୁ ଯାଉଛନ୍ତି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଓଡିଆ ସିନେମା 'ଚିରକୁଟ୍'ର ନିର୍ଦ୍ଦେଶନା ସହ ସଙ୍ଗୀତ ଦାୟିତ୍ୱ ତୁଲାଇବେ ସେ।

❖ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'ର ଶୁଟିଂ ଚାଲୁ ରହିଛି। ବାପୁନ କୁମାରଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଉଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)। ସ୍ୱରାଜ, ଶିବାନୀଙ୍କ ବ୍ୟତୀତ ମିହିର ଦାସ, ଉଷସୀ ମିଶ୍ର, ହରିହର ମହାପାତ୍ର, ଅମର, ଗୁଣ୍ଡୁ, ସଲିଲ ମିତ୍ର, ବ୍ରଜ ସିଂ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ।

# ଅଭୁଲା ହୋଇ ରହିବ

ପୁରୁଷ ବିଶ୍ୱକପ ହକି-୨୦୧୮ର ଆୟୋଜନ କରିଛି ଓଡ଼ିଶା। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଟାଇଟଲ ହାସଲ ପାଇଁ ଚାଲିଛି କସରତ। ଏହି ଅବସରରେ ଉଦ୍‌ଘାଟନୀ ସମାରୋହର କିଛି ସମୟ ପା ଇଁ ସଞ୍ଚାଳନ ଦାୟିତ୍ୱକୁ ବେଶ୍ ସୂଚାରୁ ଭାବରେ ସମ୍ପାଦନ କରିଥିଲେ ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ସବ୍ୟସାଚୀ-ଅର୍ଚ୍ଚିତା। ତେବେ ମଞ୍ଚ ଉପରେ ସେମାନେ ସାଉଁଟିଥିଲେ ଏଭଳି କେତୋଟି ଅନୁଭୂତି, ଯାହା ସେମାନେ କଦାପି ଭୁଲିପାରିବେ ନାହିଁ ବୋଲି ମିଳିତ ସ୍ୱରରେ କହନ୍ତି...


ଅତିଥିଙ୍କ ଗହଣରେ ସବ୍ୟସାଚୀ-ଅର୍ଚ୍ଚିତା

**ଅର୍ଚ୍ଚିତା :** ଯେତେବେଳେ ଆମକୁ ଏହି ଦାୟିତ୍ୱ ବିଷୟରେ ଅବଗତ କରାଗଲା ସେତେବେଳେ ଆମେ କେତେ ଖୁସି ହୋଇଥିଲୁ ତାହା ଅବର୍ଣ୍ଣନୀୟ। ସବୁଠାରୁ ଖାସ୍ କଥା ହେଲା ଉଦ୍‌ଘାଟନୀ ଉତ୍ସବର ଗୋଟିଏ ଦିନ ପୂର୍ବରୁ ଆମକୁ ଜଣାଇ ଦିଆଗଲା ଯେ ଷ୍ଟେଜ୍ ଉପରେ ୧୯୭୫ ପୁରୁଷ ହକି ବିଶ୍ୱକପ ବିଜେତା ଭାରତୀୟ ଦଳକୁ ମଞ୍ଚ ଉପରେ ସମ୍ବର୍ଦ୍ଧନା ଦିଆଯିବ। ଯେହେତୁ ଆମେ ସେ ସମୟରେ ମଞ୍ଚ ସଂଚାଳନ କରୁଥିବୁ ତେଣୁ ଏହା ଆମ ପାଇଁ ଏକ ଗୌରବର କଥା ଥିଲା। ଯେତେବେଳେ ସେହି ବିଜୟୀ ଦଳର ବର୍ଷୀୟାନ ଖେଳାଳି ମଞ୍ଚ ଉପରକୁ ଆସିଲେ ମୁଁ ଭାବବିହ୍ୱଳ ହୋଇଯାଇଥିଲି। ସେମାନଙ୍କ ସହ କଥା ହେବା, ସେମାନଙ୍କର ସେ ସମୟର ସ୍ମୃତିକୁ ଶେୟାର କରିବା ମୋ ମନରୁ କଦାପି ଲିଭିବ ନାହିଁ। ସେହି ଅଭୁଲା ମୁହୂର୍ତ୍ତ ସବୁବେଳେ ମୋ ଆଖି ସାମ୍‌ନାରେ ସତେଜ ହୋଇ ରହିଥିବ।

**ସବ୍ୟସାଚୀ :** ସତରେ ଜୀବନରେ ଏପରି ଏକ ସମୟ ଆସିବ ତାହା ମୁଁ ଏବେ ମଧ କଳ୍ପନା କରିପାରୁନି। ପୁରୁଷ ବିଶ୍ୱକପ ହକି-୨୦୧୮ର ଉଦ୍‌ଘାଟନୀ ସମାରୋହରେ ଆଙ୍କରିଂ କରିବା ଛୋଟ କି ସହଜ କଥା ନୁହେଁ। ଏହି ସମୟରେ ଦର୍ଶକଙ୍କ ସହ ଭାବବିନିମୟ ମୋତେ ପାଗଳ କରିଦେଇଥିଲା। ମୋ ସହ ସେମାନେ ତାଳ ମିଳାଇ ହକି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଯେତେବେଳେ ୧୯୭୫ ବିଶ୍ୱକପ ହକି ଟାଇଟଲ ହାସଲକାରୀ ଭାରତୀୟ ଦଳର ବୀରପୁଙ୍ଗବମାନେ ମଞ୍ଚ ଉପରୁ ଆସିଲେ ଆଉ ମୁଁ ଏବଂ ଅର୍ଚ୍ଚିତା ସେମାନଙ୍କୁ ସ୍ୱାଗତ କଲୁ ସେ ମୁହୂର୍ତ୍ତ ଅପାସୋରା। ସେମାନେ କହିଲେ ଯେ, 'ଅଭି ଭି ହମାରା ଦିଲ୍ ହକି କେ ଲିୟେ ଧଡକ୍‌ତା ହୈ'। ଏହାର ଉତ୍ତରରେ ମୁଁ ଏକ ସାୟରୀ କହିଥିଲି, ଯାହାକୁ ଭରପୂର ଷ୍ଟାଡିୟମର ସବୁ ଦର୍ଶକ ଷ୍ଟାଣ୍ଡିଙ୍ଗ ଓବେସନ ଦେଇଥିଲେ। ସାୟରୀଟି ଥିଲା 'ଭଗୱାନ କରେଁ ଏ ଦିଲ୍ ଐସେ ହି ହମେଶା ଧଡକତେ ରହେଁ, ହିନ୍ଦୁସ୍ତାନକି ରଙ୍ଗୋ ମେଁ ଜିତ୍ କି ଖ୍ୱାବ୍ ଐସେ ବୁଲନ୍ଦ କରତେ ରହେଁ।' ଆଉ ଏକ କଥା- 'ଦିଲ୍ ତୋ ପାଗଲ ହୈ', 'ଧୁମ-୪' ପରି ଅନେକ ସୁପରହିଟ୍ ହିନ୍ଦୀ ଫିଲ୍ମର କୋରିଓଗ୍ରାଫି କରିଥିବା ବଲିଉଡ୍‌ର ନାମୀ କୋରିଓଗ୍ରାଫର ସାମକ ଡାଭରଙ୍କ ସହ ଯେଉଁ ସମୟ ବିତାଇଥିଲୁ ତାହାକୁ କଦାପି ଭୁଲିପାରିବୁ ନାହିଁ।






> ୨୦୧୯ ସୁଦ୍ଧା ଦେଶରେ ୨୦ ଓନିକ୍ସ ଏଲ୍ଇଡି ସିନେମା ସ୍କ୍ରିନ ସ୍ଥାପନ କରିବାକୁ ଯୋଜନା ରହିଛି।
> **– ପୁନିତ୍ ସେଠୀ, ଉପସଭାପତି, ସାମ୍ସଙ୍ଗ ଇଣ୍ଡିଆ**



> ମାର୍ଚ୍ଚ ସୁଦ୍ଧା କେନ୍ଦ୍ର ସରକାର ସାର ସବ୍ସିଡି ବକେୟା ବାବଦକୁ ୧୦,୦୦୦ କୋଟି ଟଙ୍କା ପ୍ରଦାନ କରିବେ।
> **– ସଦାନନ୍ଦ ଗୌଡ଼ା, କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ**



## ସଂକ୍ଷେପରେ

### ବ୍ୟାଙ୍କର ମୂଳଧନ ଫେରାଇବାକୁ ମାଲ୍ୟା ରାଜି



**ଲଣ୍ଡନ,୫-୧୨:** ପଳାତକ ମଦ ବ୍ୟବସାୟୀ ବିଜୟ୍ ମାଲ୍ୟା ଭାରତୀୟ ବ୍ୟାଙ୍କ ସମୂହଙ୍କ ଋଣ ପରିଶୋଧ କରିବା ଲାଗି ପ୍ରସ୍ତାବ ଦେଇଛନ୍ତି। ସେ ଟୁଇଟ୍ ଜରିଆରେ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକର ୧୦୦ ପ୍ରତିଶତ ମୂଳଧନ (କେବଳ ଋଣ, ସୁଧ ନୁହେଁ) ଫେରାଇବାକୁ ପ୍ରସ୍ତୁତ। ବୁଧବାର ମାଲ୍ୟା ତାଙ୍କ ଟୁଇଟ୍ରେ ଲେଖିଛନ୍ତି ଯେ, ଭାରତୀୟ ମିଡିଆ ଓ ନେତାମାନେ ତାଙ୍କୁ ପଳାତକ କହୁଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ତେବେ ସେ କହିଛନ୍ତି ଯେ, ବ୍ୟାଙ୍କ ଗୁଡ଼ିକ ତାଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ ସେ ସେମାନଙ୍କର ସମସ୍ତ ଋଣ ଫେରସ୍ତ କରିବାକୁ ରାଜି। ଲଣ୍ଡନରେ ରହୁଥିବା ମାଲ୍ୟା ଏବେ ପ୍ରତ୍ୟର୍ପଣ ମାମଲାର ସମ୍ମୁଖୀନ ହୋଇଛନ୍ତି। ସେ ତାଙ୍କ ଟୁଇଟ୍ରେ ଲେଖିଛନ୍ତି ଯେ, ସେ ଦେଶକୁ ବହୁ ହଜାର କୋଟି ଟଙ୍କାର ଟିକସ ଦେଇଛନ୍ତି।

### ଡିଜିଟାଲ ନୋଟ୍ ଆସିପାରେ

**ନୂଆଦିଲ୍ଲୀ,୫-୧୨:** ବିମୁଦ୍ରୀକରଣ ପରେ କେନ୍ଦ୍ର ସରକାର ଆର୍ଥିକ ସଂସ୍କାର ଦିଗରେ ଆଉ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ସବୁକିଛି ଠିକ୍ ଚାଲିଲେ ସରକାର କାଗଜ ନୋଟ୍ ଢ଼ାଞ୍ଚାରେ ଡିଜିଟାଲ ନୋଟ୍ (ମୁଦ୍ରା) ଜାରି କରିପାରନ୍ତି। ଏ ଦିଗରେ ସରକାର ବହୁ ବାଟ ଆଗେଇ ଗଲେଣି ବୋଲି ପ୍ରାପ୍ତ ସୂଚନାରୁ ପ୍ରକାଶ। ମିଡିଆ ରିପୋର୍ଟ ଅନୁଯାୟୀ ଆର୍ଥିକ ବ୍ୟାପାର ସଚିବଙ୍କ ଅଧକ୍ଷତାରେ ଗଠିତ କମିଟି ନିଜର ଚିଠା ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। କମିଟି ଏ ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଛନ୍ତି। ଏଥିରେ କୁହାଯାଇଛି ଯେ, ସରକାର ଡିଜିଟାଲ ନୋଟ୍ ପ୍ରଚଳନକୁ ଗୁରୁତ୍ୱର ସହ ବିଚାର କରନ୍ତୁ। ପ୍ରଚଳିତ ଟଙ୍କା ସହିତ ଡିଜିଟାଲ ନୋଟ୍ ଜାରି କରିବା ଦ୍ୱାରା ବିଟ୍କଏନ ଭଳି ଭର୍ଚୁଆଲ ମୁଦ୍ରା ପ୍ରଚଳନକୁ ମୁକାବିଲା କରାଯାଇପାରିବ। ତେବେ ଏହି ନୋଟ୍ ଜାରି ଓ ପ୍ରଚଳନର ସମ୍ପୂର୍ଣ୍ଣ ଦାୟିତ୍ୱ ଆର୍ବିଆଇ ହାତରେ ରହିବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

### ଟାଳଟୁଳ ନୀତି ଛାଡ଼ିଲା ଚାଇନା
### ଭାରତରୁ ଆମଦାନୀ ବଢ଼ାଇବ

**ନୂଆଦିଲ୍ଲୀ,୫-୧୨:** ଭାରତୀୟ ବେଦାନା, ଅଙ୍ଗୁର, ସୋୟାମିଲ୍, ଫିଶ୍ ଅଏଲ ଏବଂ ଫିଶ୍ ମିଲ୍ ଆମଦାନୀ କରିବାକୁ ଚାଇନା ରାଜି ହୋଇଛି। ଏହାପୂର୍ବରୁ ପଡୋଶୀ ଦେଶ ଅଣ-ବାସମତି ଚାଉଳ ଓ ଚିନି ଆମଦାନୀ କରିବାକୁ ରାଜି ହୋଇଥିଲା। ଚଳିତ ମାସରେ ଚାଇନାର ଏକ ବିଶେଷଜ୍ଞ ଦଳ ବେଦାନା, ଅଙ୍ଗୁର, ସୋୟା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ କରିବ। ଗତ ସପ୍ତାହରେ ଚାଇନାର ଭାଇସ ମିନିଷ୍ଟର ହୁ ୱେଇଙ୍କ ସହ ଆଲୋଚନା କାଳରେ ଓକ୍ରା, ସପେଟା(ଚିକୁ), କ୍ଷୀର ଏବଂ ବୋଭାଇନ ମାଂସ ଚାଇନାକୁ ରପ୍ତାନି ଲାଗି ଭାରତ ଜୋର୍ ଦେଇଥିଲା। ଅନ୍ୟପକ୍ଷରେ କ୍ଷୀର ଓ ଡେୟାରୀ ସାମଗ୍ରୀ, ଆପଲ ଓ ପିଜୁଳି ଆଦି ଚାଇନାରୁ ଆମଦାନୀ ପାଇଁ ସେ ଦେଶ ଜୋର୍ ଦେଇଥିଲା। ସୂଚନାଥାଉ କି, ୨୦୧୭-୧୮ରେ ଭାରତର ରପ୍ତାନୀ ୩୩ ବିଲିୟନ ଡଲାର ଥିବା ବେଳେ ଆମଦାନୀ ୭୬.୨ ବିଲିୟନ ଡଲାରରେ ପହଞ୍ଚିଯାଇଛି।

ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରିନାହିଁ।

## ■ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ସମୀକ୍ଷା

# ସୁଧ ହାର ଅପରିବର୍ତ୍ତିତ

**ମୁମ୍ବାଇ,୫-୧୨**

ଯାହା ଆଶାକରାଯାଉଥିଲା, ଠିକ୍ ତାହା ହିଁ ହେଲା। ଗଭର୍ନର ଉର୍ଜିତ ପଟେଲଙ୍କ ଅଧକ୍ଷତାରେ ୬ ସଦସ୍ୟଙ୍କୁ ନେଇ ଗଠିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ମୁଦ୍ରା କମିଟି ବର୍ତ୍ତମାନ ପାଇଁ ରେପୋ ରେଟକୁ ୬.୫%ରେ ଅପରିବର୍ତ୍ତିତ ରଖିଛନ୍ତି। ବୁଧବାର ଗଭର୍ନର ଏ ସମ୍ପର୍କରେ ଏଠାରେ ଘୋଷଣା କରିଛନ୍ତି। ଏହାର ଅର୍ଥ ବର୍ତ୍ତମାନ ପାଇଁ ବ୍ୟାଙ୍କ ସୁଧ ହାର ବଢ଼ିବା ସମ୍ଭାବନା ନାହିଁ। ତେବେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଜିଡିପି ହାର ୭.୪% ରହିବ ବୋଲି କମିଟି ଅନୁମାନ କରିଛି। ସେହିପରି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ୬ ମାସ(ଅକ୍ଟୋବର-ମାର୍ଚ୍ଚ)ରେ ମୁଦ୍ରାସ୍ଫୀତି ହାର ୨.୭ରୁ ୩.୨% ରହିବ ବୋଲି ଅନୁମାନ କରାଯାଇଛି। ଚଳିତ ବର୍ଷର ୫ମ ମୁଦ୍ରା ନୀତି ସମୀକ୍ଷା କରିବା ପରେ କମିଟି ରିଭର୍ସ ରେପୋ ରେଟ ୬.୨୫% ଓ ସିଆର୍ଆର୍ ୬.୭୫%ରେ କାଏମ ରଖିଛନ୍ତି।

୬ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟିର ୩ ଦିନିଆ ବୈଠକ ଶେଷରେ ଆର୍ବିଆଇର ମୁଦ୍ରା ନୀତି ସମ୍ପର୍କରେ ଘୋଷଣା କରି ଗଭର୍ନର ପଟେଲ କହିଛନ୍ତି ଯେ, ଦ୍ୱିତୀୟ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୨%ରୁ ୭.୩% ରହିବ ବୋଲି ଅନୁମାନ କରାଯାଉଛି। ସେହିପରି ୨୦୧୯-୨୦ର ପ୍ରଥମ ୬ ମାସ (ଏପ୍ରିଲ-ସେପ୍ଟେମ୍ବର)ରେ ଏହା ୦.୧%ର ସାମାନ୍ୟ ବୃଦ୍ଧି ସହିତ ୭.୫% ରହିବ ବୋଲି ଆଶା କରାଯାଉଛି। ତେବେ ଏହା ହ୍ରାସ ପାଇପାରେ ବୋଲି କମିଟି ଆଶଙ୍କା ମଧ୍ୟ ବ୍ୟକ୍ତ କରିଥିବା ସେ କହିବାକୁ ପଛାଇ ନାହାନ୍ତି।

### ■ ୨୦୧୮-୧୯ରେ ୭.୪% ରହିବ ଜିଡିପି



### ନିୟନ୍ତ୍ରଣରେ ମୁଦ୍ରାସ୍ଫୀତି

ଚଳିତ ମାସ ୩ରୁ ୫ ପର୍ଯ୍ୟନ୍ତ ଚାଲିଥିବା ବୈଠକ ଶେଷରେ କମିଟି ପକ୍ଷରୁ କୁହାଯାଇଛି ଯେ, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥିଲେ ହେଁ ଏହା ଆଗାମୀ ଦିନରେ ଆହୁରି ହ୍ରାସ ପାଇବ। ଏଥିରେ କୁହାଯାଇଛି ଯେ, ଦ୍ୱିତୀୟ ୬ ମାସ ପାଇଁ ମୁଦ୍ରାସ୍ଫୀତି ଅନୁମାନକୁ ହ୍ରାସ କରାଯାଇ ୨.୭ରୁ ୩.୨% କରାଯାଇଛି। ଏଥିପୂର୍ବରୁ ଅକ୍ଟୋବର ମୁଦ୍ରାନୀତିରେ ଏହା ୩.୯ରୁ ୪.୫% ରହିବ ବୋଲି ଅନୁମାନ କରାଯାଇଥିଲା। ତେବେ ଅକ୍ଟୋବରରେ ମୁଦ୍ରାନୀତି ସମୀକ୍ଷା ବେଳେ ଯେଉଁସବୁ ବିଷୟ ଉପରେ ଆଶଙ୍କା ବ୍ୟକ୍ତ କରାଯାଇଥିଲା ସେଥିରୁ ଅଧିକାଂଶ ଟଳିଯାଇଛି ବୋଲି ଗଭର୍ନର ଉଲ୍ଲେଖ କରିଛନ୍ତି। କିନ୍ତୁ ଏବେ ମଧ୍ୟ କିଛି ଅନିଶ୍ଚିତତା ଅଛି, ଯାହାର ପ୍ରଭାବରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ କିଛି ଖାଦ୍ୟପଦାର୍ଥ ଅସାମାନ୍ୟ ରୂପରେ ସର୍ବନିମ୍ନ ସ୍ତରରେ ରହିଛି। ଯାହାକି ଅଚାନକ ବଢ଼ିବାର ଆଶଙ୍କା ରହିଛି। ଜୁଲାଇରେ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବୃଦ୍ଧିକରିବା ସତ୍ତ୍ୱେ ମୁଦ୍ରାସ୍ଫୀତି ଉପରେ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଆଗକୁ ଏହାର ପ୍ରଭାବ ଉପରେ ନଜର ରହିବ। ଏବେ ଅଶୋଧିତ ତେଲ ଦର କମିଛି ସତ, ଆଗକୁ ବିଭିନ୍ନ କାରଣରୁ ଏହା ବଢ଼ିବାର ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଏହାକୁ ଦୃଷ୍ଟିରେ ରଖିଲେ ମୁଦ୍ରାସ୍ଫୀତି ବଢ଼ିବାର ସମ୍ଭାବନାକୁ ଟାଳି ହେବନି ବୋଲି ଉର୍ଜିତ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ମୁଦ୍ରାସ୍ଫୀତି ୩.୮ରୁ ୪.୨% ରହିବ ବୋଲି ଅନୁମାନ କରାଯାଇଛି।

### ଡିଜିଟାଲ ଟ୍ରାଞ୍ଜାକ୍ଶନ ଲାଗି ଅମ୍ବୁଡ୍ସମ୍ୟାନ

ଦେଶରେ ଡିଜିଟାଲ କାରବାର ବୃଦ୍ଧି ପାଉଥିବାରୁ ଏହା ଉପରେ ନଜର ରଖିବା ଲାଗି ଏକ ଆଇନଗତ ସଂସ୍ଥା ଗଠନ କରିବାକୁ କମିଟି ନିଷ୍ପତ୍ତି ନେଇଛନ୍ତି। ଡିଜିଟାଲ ଟ୍ରାଞ୍ଜାକ୍ଶନ ଲାଗି ଜଣେ ଅମ୍ବୁଡ୍ସମ୍ୟାନ ନିଯୁକ୍ତ କରିବା ଲାଗି ଆସନ୍ତାବର୍ଷ ଜାନୁୟାରୀ ଶେଷରେ ଏକ ବିଜ୍ଞପ୍ତି ଜାରି କରାଯିବ।

### ପରବର୍ତ୍ତୀ ବୈଠକ ଫେବୃୟାରୀ ୫ରେ

ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ଦ୍ୱିମାସିକ ମୁଦ୍ରା ନୀତି ବୈଠକ ଆସନ୍ତା ବର୍ଷ ଫେବୃୟାରୀ ୫ରୁ ବସିବ। ଏହା ୫ରୁ ୭ ତାରିଖ ଯାଏ ଚାଲିବ ବୋଲି ଗଭର୍ନର ପଟେଲ ପ୍ରକାଶ କରିଛନ୍ତି।

## ପ୍ରଶ୍ନ ଟାଳି ଗଲେ ଉର୍ଜିତ

**ସରକାରଙ୍କ ସହ ବିବାଦ**



ଭାରତୀୟ ରିଜର୍ଭ ବ୍ୟାଙ୍କ ସହ କେନ୍ଦ୍ର ସରକାରଙ୍କ ଉପୁଜିଥିବା ବିବାଦକୁ ନେଇ ଗଭର୍ନର ଉର୍ଜିତ ପଟେଲ ଚୁପ୍ ରହିବାକୁ ଶ୍ରେୟସ୍କର ମଣିଛନ୍ତି। ପଞ୍ଚମ ଦ୍ୱିମାସିକ ମୁଦ୍ରା ନୀତି ସମୀକ୍ଷା ପରେ ନିଆଯାଇଥିବା ନିଷ୍ପତ୍ତି ନେଇ ମୁମ୍ବାଇରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି। ତେବେ ବିବାଦକୁ ନେଇ ଆଗତ ସମସ୍ତ ପ୍ରଶ୍ନର କୌଣସି ଉତ୍ତର ଦେଇନାହାନ୍ତି। ମୁଦ୍ରା ନୀତି ସମ୍ପର୍କରେ ଏଠାରେ ଘୋଷଣା କରିବାକୁ ଆସିଥିବାରୁ ଏଭଳି ବିବାଦୀୟ ପ୍ରଶ୍ନର ଉତ୍ତର ସେ ଦେବାକୁ ଚାହାନ୍ତି ନାହିଁ। ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟଙ୍କ ପକ୍ଷରୁ ସ୍ୱାୟତ୍ତତା ନେଇ ଦିଆଯାଇଥିବା ମନ୍ତବ୍ୟ ଉପରେ ମଧ୍ୟ ସେ କିଛି କହି ନ ଥିଲେ।

## ଏନ୍ବିଏଫ୍ସିଙ୍କ ଲାଗି ଆଉ ପଦକ୍ଷେପ ନେବାର ଆବଶ୍ୟକତା ନାହିଁ



ଗତ ଦୁଇ ମାସ ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ପକ୍ଷରୁ ଏନ୍ବିଏଫ୍ସିଙ୍କ ଲାଗି କେତେଗୁଡ଼ିଏ ପଦକ୍ଷେପ ନିଆଯାଇଛି। ସଙ୍କଟରେ ଥିବା ଏହି ସେକ୍ଟର ପାଇଁ ଏବେ ଆଉ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ ବୋଲି ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ସଙ୍କଟ ଦୂର କରିବାର ଶେଷ ସୀମା ଭାବେ ଆର୍ବିଆଇ ରହିଛି। ସେ କହିଛନ୍ତି ଯେ, ବ୍ୟବସ୍ଥାଗତ ଭାବେ ନଗଦ ଆବଶ୍ୟକତା ଉପରେ ନଜର ଦେବା କେନ୍ଦ୍ରୀୟ ବ୍ୟାଙ୍କର ନୀତି ରହିଛି। ଏ ସମ୍ପର୍କରେ ଆର୍ବିଆଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ମୁଦ୍ରାନୀତି ଘୋଷଣା ଅବସରରେ ଗଭର୍ନର ଉର୍ଜିତ ପଟେଲଙ୍କ ସହ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଆଚାର୍ଯ୍ୟ କହିଛନ୍ତି ଯେ, ଋଣ ପ୍ରଦାନକାରୀ ଭାବେ ଆର୍ବିଆଇ ଶେଷ ଆଶା ହେବା ଉଚିତ୍। ତେବେ ସଙ୍କଟ ଅତ୍ୟନ୍ତ ଗୁରୁତର ହୋଇଥିଲେ ସେ କ୍ଷେତ୍ରରେ ଆର୍ବିଆଇ ପଦକ୍ଷେପ ନେବ। ଆର୍ବିଆଇ ହିସାବରେ ଏବେ ଏନ୍ବିଏଫ୍ସି କ୍ଷେତ୍ରରେ ସେଭଳି ସଙ୍କଟ ଉପୁନ୍ନ ହୋଇନି। ଦେଶର ଅର୍ଥନୀତି ଭଲ ରହିଥିବାରୁ ଜିଡିପି ହିସାବରେ ଋଣ ଅଭିବୃଦ୍ଧି ସନ୍ତୋଷଜନକ ବୋଲି ସେ କହିଛନ୍ତି।

## ଟିଭିଏସ୍ର ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି ଆଇ-ଟଚ୍ ଷ୍ଟାର୍ଟ

**ଭୁବନେଶ୍ୱର,୫-୧୨**




ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଟିଭିଏସ୍ ଏକ୍ସଏଲ୍ ୧୦୦ ହେଭି ଡ୍ୟୁଟି 'ଆଇଟଚ୍ ଷ୍ଟାର୍ଟ 'ଓଡ଼ିଶା ବଜାରରେ ପ୍ରବେଶ କରିଛି। କମ୍ପାନୀର ପୂର୍ବାଞ୍ଚଳ ଜାତୀୟ ମାର୍କେଟିଂ ପ୍ରବନ୍ଧକ ଅରବିନ୍ଦ କୁମାର ଗୁପ୍ତା, ମାର୍କେଟିଂ ଏଜିଏମ୍ ଏନ୍.ଆର୍ ବିଗ୍ନେଷ ଏହାକୁ ବଜାରରେ ପ୍ରବେଶ କରାଇଥିଲେ। ଏହା ଇଲେକଟ୍ରିକ ଷ୍ଟାର୍ଟ ପ୍ରଯୁକ୍ତି ଆଇ ଟଚ୍ ଷ୍ଟାର୍ଟ ସହ ଆସିଛି। ପ୍ରଥମଥର ଷ୍ଟାର୍ଟର ଜେନେରେଟର ସହ ଏହାକୁ ସମନ୍ୱିତ କରାଯାଇଛି। ଗ୍ରାହକମାନେ ଏଥିରେ ହାଇ ସ୍ପାର୍କ ଇଞ୍ଜିନ, ଉନ୍ନତ ପିକ୍ ଅପ୍, ସୁଦୃଢ ପ୍ରଦର୍ଶନ ଲାଭ କରିବେ। ସେହିଭଳି ବିଏସ୍ ୪ କ୍ଷମତାର ୯୯.୭ ସିସି ଫୋର ଷ୍ଟ୍ରୋକ ଇଞ୍ଜିନ, ୬ ହଜାର ଆରପିଏମ୍, ୩.୨୦ କେଡବ୍ଲ୍ୟୁ ପାୱାର, ୬.୫ ଏନ୍ ଏମ୍ ଟର୍କ ସୃଷ୍ଟି କରୁଛି। ସେହିଭଳି ଏଥିରେ ୟୁଏସ୍ବି ମୋବାଇଲ ଚାର୍ଜ ସୁବିଧା, ହେଭି ଡ୍ୟୁଟି ଡ୍ୟୁରୋ ଗ୍ରିପ ଟାୟାର ରହିଛି। ଏହା ସବୁଜ, ଲାଲ, ଟି ଗ୍ରେ, ନୀଳ, କପର ସାଇନରେ ବର୍ତ୍ତମାନ ଉପଲବ୍ଧ ହେଉଥିବା ବେଳେ ମିନେରାଲ ପର୍ପଲ ରଙ୍ଗକୁ ନୂଆ କରି ସଂଯୋଗ କରାଯାଇଛି। ଏହାର ବଜାର ଦର ୩୬,୯୧୩ ଟଙ୍କା ରହିଛି। ଗ୍ରାହକଙ୍କ ବିବିଧ କାର୍ଯ୍ୟ, ଦୀର୍ଘ ସ୍ଥାୟିତ୍ୱ ଏବଂ ଆରାମଦାୟକ ଅନୁଭୂତି ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା କମ୍ପାନୀର ୟୁଟିଲିଟି ଉତ୍ପାଦ ଉପସଭାପତି ଏସ୍. ବୈଦ୍ୟନାଥନ କହିଛନ୍ତି।

## ଯାନ ଦର ବଢ଼ାଇବ ମାରୁତି ସୁଜୁକି

**ନୂଆଦିଲ୍ଲୀ,୫-୧୨**

ମାରୁତି ସୁଜୁକି ଇଣ୍ଡିଆ ଆସନ୍ତା ମାସଠାରୁ ଏହାର ବିଭିନ୍ନ ମଡେଲ ଯାନଗୁଡିକ ଉପରେ ମୂଲ୍ୟ ବଢ଼ାଇବ। ବିଦେଶୀ ବିନିମୟ ହାରରେ ଏବଂ ସାମଗ୍ରୀ ମୂଲ୍ୟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। କେଉଁ ମଡେଲ ଉପରେ କେତେ ଟଙ୍କା ମୂଲ୍ୟ ବଢ଼ିବ, ସେ ନେଇ କମ୍ପାନୀ ପକ୍ଷରୁ ସ୍ପଷ୍ଟ ସୂଚନା ମିଳି ନାହିଁ। ଏହା ଉପରେ କମ୍ପାନୀ ଆଗାମୀ ଦିନରେ ନିଷ୍ପତ୍ତି ନେବ ବୋଲି ବୁଧବାର ରେଗୁଲେଟୋରୀ ଫାଇଲିଂରେ ସୂଚନା ଦେଇଛି। ମାରୁତି ସୁଜୁକି ଅଲ୍ଟୋ ୮୦୦ ମଡେଲଠାରୁ ଆରମ୍ଭ କରି ପ୍ରିମିୟମ ଏସ୍ କ୍ରସ ବଜାରରେ ଉପଲବ୍ଧ କରାଉଛି। କମ୍ପାନୀର କାର୍ ମୂଲ୍ୟ ୨.୫୩ ଲକ୍ଷ ଟଙ୍କାରୁ ୧୧.୪୫ ଲକ୍ଷ ଟଙ୍କା ରହିଛି। ମଙ୍ଗଳବାର ଇସୁଜୁ ମୋଟର ଇଣ୍ଡିଆ ମଧ୍ୟ ଏହାର ଯାନ ଉପରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ନେଇ ଘୋଷଣା କରିଛି।



ଇନପୁଟ ଖର୍ଚ୍ଚ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ପଦକ୍ଷେପ ନେଇଛି। ଗତ ମାସରେ ଟୟୋଟା କିର୍ଲୋସ୍କାର ମୋଟର ଯାନ ବୃଦ୍ଧି ନେଇ ଘୋଷଣା କରିଥିଲା। କମ୍ପାନୀ ଜାନୁୟାରୀରୁ ଏହାର ବିଭିନ୍ନ ମଡେଲଗୁଡିକ ୪% ପର୍ଯ୍ୟନ୍ତ ମୂଲ୍ୟ ବଢାଇବ। ମାନୁଫାକଚରିଂ ଖର୍ଚ୍ଚ ବୃଦ୍ଧି, ଟଙ୍କା ମୂଲ୍ୟ ହ୍ରାସ ହେବାକୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଥିବା କହିଛି।

**SEALED TENDER NOTICE**

Sealed tender are invited in plain paper for sale of Govt. vehicle bearing No. OR-07-J-777 (Ambassodor) as per details given below to be received by Regd. Post in the Office of RDC(SD), Berhampur on or before 04.01.2019 at 3.30 P.M.
The same will be opened in the presence of tenderers or their authorised representatives at 4.00 P.M. on 04.01.2019. The intending tenderers shall have to deposit earnest money of Rs.1000/- (Rupees one thousand) only in the Office of RDC, SD, Berhampur and the original money receipt acknowledging the deposit should be attached to each tender paper. The tenderer shall write in red ink on the top of the envelope, "Tender paper for Govt. Vehicle No. OR-07-J-7777" (Ambassodor). The RDC, SD, Odisha, Berhampur reserves the right to reject all or any tender without assigning any reason thereof and his decision shall be final. Other terms & conditions are available in the Office of the undersigned and can be obtained from the Nazir, RDC Office. The intending tenderers or their authorised agents may inspect the vehicle on any working day prior to date of tender in the garage of Office of the RDC, SD, Berhampur during office hours.

**Details of Vehicles**
1. Regiatration No.: OR-07-J-7777
2. Type of Vehicle - Ambassodor
3. Date of Purchase - 22.01.2003
4. Cost Price - Rs.3,80,000.00
5. Total KMs Covered - 175314
6. Upset price fixed - Rs.10,000.00 (Rupees ten thousand only)

**By order of RDC, SD**
**Sd./- Additional Secretary**

**DISTRICT SUPPLY & MARKETING SOCIETY, KENDRAPARA**

Notice No.: 304 Date: 04.12.18

**TENDER CALL NOTICE**

Sealed tenders are invited from the experienced Firm/Agencies/ Event Management Firms having successful track record on Tentage & Allied Works and Event Management Services for organization of the **State Level Pallishree Mela - 2018** from **20th - 26th December' 2018** at Kendrapara Autonomous College Ground, Kendrapara. The request for Proposal (RFP) along with the details specifications and Eligibility Criteria of the said event can be downloaded from the website: **www.kendrapara.nic.in** and **www.ormas.org** from 06th December'2018 to 12th December' 2018.

**Sd./- Project Director, DRDA-cum-**
**Vice Chairman, DSMS, Kendrapara**

**OFFICE OF THE ASKA COOP. SUGAR INDUSTRIES LTD, NUAGAM (ASKA)**

**PO: NUAGAM (ASKA)- 761111, GANJAM DISTRICT, ODISHA**
**Phones: 06822-273464, email.askasugar@yahoo.co.in, website: www.askasugar.com**

**Tender No: 1929** **Date: 04.12.2018**

**Revised Sealed Tender Call Notice**

The Aska Cooperative Sugar Industries Ltd., Aska invites sealed tenders from the interested Associations of Truck Owners (having their valid registration number)/ Truck Owners for engagement of 60 (Sixty) number of trucks of 10 MT capacity for transportation of sugarcane from cane field of growers to Aska Cooperative Sugar Industries Ltd premises within a radious of 70 KM for the Crushing Season 2018-19. The cane transportation will commence tentatively from 2nd Fortnight of December 2018 till end of the curshing operation of the Industry. The last date of filling of tender is 5.00 PM of 08.12.2018 and tender will be opened on date 10.12.2018 at 11.30 AM. Interested Associations/ Truck owners can visit to our website www.askasugar.com for detail of the tender call notice and terms & condition of engagement of trucks.

**Sd./- Managing Director**

**ODISHA STATE HOUSING BOARD**

**SACHIVALAYA MARG, BHUBANESWAR-751001**
**Phones EPABX: (0674)_ 2393524, 2390141, 2391542, FAX: (0674) 2393952**
**Visit us at: http://www.oshb.org**

**'ଅନୁଗୁଳ ଏନ୍କ୍ଲେଭ' ନିମନ୍ତେ ପରିବେଶ ମଞ୍ଜୁରୀ**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ଅନୁଗୁଳଠାରେ ପ୍ରସ୍ତାବିତ ଗୃହ ନିର୍ମାଣ ପ୍ରକଳ୍ପ 'ଅନୁଗୁଳ ଏନକ୍ଲେଭ୍' ନିମନ୍ତେ State Environment Impact Assessment Authority (SEIAA) ଙ୍କ ଦ୍ୱାରା ପରିବେଶ ମଞ୍ଜୁରୀ ଦିଆଯାଇଛି। ଏହି ଚିଠି 6210/SEIAA/ dt. 09.11.2018 ର ନକଲ SEIAA, Odisha ଏବଂ Odisha State Pollution Control Board ର Website ରେ ଉପଲବ୍ଧ।

**Sd./- Executive Engineer**
**P.H. Division**
**OSHB, Bhubaneswar**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧, ଫୋନ୍ – (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫ୍ୟାକ୍ସ: (୦୬୭୪)୨୩୯୩୯୫୨, ୱେବ୍ସାଇଟ୍: www.oshb.org

**ବିଜ୍ଞାପନ ସଂଖ୍ୟା: 13342** **ତାରିଖ: 24 Nov. 2018**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ✓ ଅଦ୍ୱୈତ ଚନ୍ଦ୍ର ପଣ୍ଡା<br>✓ ଗତିକୃଷ୍ଣ ପଣ୍ଡା<br>ଗ୍ରାମ/ପୋ: ଭାପୁର,<br>ଥାନା: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳ | ଏଲ୍.ଡ଼ି.ଏଲ୍ – ୧୪୧<br>ସାନଶାତ ବାଟିଆ<br>ଢେଙ୍କାନାଳ | ୧. ଜଗତକୃଷ୍ଣ ପ୍ରହରାଜ (ପୁଅ)<br>୨. ଦେବକୃଷ୍ଣ ପ୍ରହରାଜ (ପୁଅ)<br>୩. ରାଧାରାଣୀ ଦେବୀ (ଝିଅ)<br>୪. ରମାରାଣୀ ଦେବୀ (ଝିଅ) |
| ୨. | ✓ ବାବାଜୀ ପ୍ରସାଦ ନାୟକ<br>ପିତା: ✓ ନବଘନ ନାୟକ<br>ଗ୍ରାମ/ପୋ: କାଳିଓ, ଥାନା: ବାଲିକୁଦା<br>ଜିଲ୍ଲା: ଜଗତସିଂହପୁର | ଘର ନଂ.– FL - ୨୦୯<br>ବାସନ୍ତୀ କଲୋନୀ,<br>ପର୍ଯ୍ୟାୟ–୪, ରାଉରକେଲା | ୧. ରୀତାଞ୍ଜଳି ନାୟକ (ସ୍ତ୍ରୀ)<br>୨. ଅନୁରାଧା ନାୟକ (ବିବାହିତା କନ୍ୟା)<br>୩. ଅମ୍ରିତା ନାୟକ (ବିବାହିତା କନ୍ୟା)<br>୪. କୁନ୍ମୁନ୍ ନାୟକ (ଅବିବାହିତା କନ୍ୟା)<br>୫. ଦେବୀପ୍ରସାଦ ନାୟକ (ପୁତ୍ର) |
| ୩. | ✓ ସୁରେଶ ଚନ୍ଦ୍ର ଦୋରା<br>ପିତା: ✓ ବସନ୍ତ ବିହାରୀ ଦୋରା<br>ଗ୍ରାମ: ଚେରୁଆପଡ଼ା<br>ଥାନା: ଟାଉନ, ଜିଲ୍ଲା: ସମ୍ବଲପୁର–୨ | ଘର ନଂ.– ଏମ୍ଆଇଜି–୧–୧୯/୩, ମୋଦିପଡ଼ା,<br>ପର୍ଯ୍ୟାୟ–୧, ସମ୍ବଲପୁର | ୧. ✓ ଉଷାରାଣୀ ଦୋରା (ସ୍ତ୍ରୀ)<br>୨. କେ. ସଂଘମିତ୍ରା ଦୋରା (ବିବାହିତା କନ୍ୟା)<br>୩. ରଚୟିତା ଦୋରା (ବିବାହିତା କନ୍ୟା)<br>୪. ନିବେଦିତା ଦୋରା (ଅବିବାହିତା କନ୍ୟା)<br>୫. ସୁଚରିତା (ଅବିବାହିତା କନ୍ୟା)<br>୬. ଜିତେଶ ଚନ୍ଦ୍ର ଦୋରା (ଅବିବାହିତା ପୁତ୍ର) |
| ୪. | ✓ ପ୍ରମୋଦ କୁମାର ନାଥ<br>ପିତା: ✓ ନରେଶ ଚନ୍ଦ୍ର ନାଥ<br>ଗ୍ରା/ପୋ.: ଗୌଡ଼ପଲ୍ଲୀ<br>ଥାନା: ଜମନକିରା, ଜିଲ୍ଲା: ସମ୍ବଲପୁର | ଘର ନଂ.– ଏମ୍ଆଇଜି–୨–୧/୧, ମୋଦିପଡ଼ା,<br>ପର୍ଯ୍ୟାୟ–୨, ସମ୍ବଲପୁର | ୧. ଅନିତା ମାଝୀ (ସ୍ତ୍ରୀ)<br>୨. ଅମିତ୍ ନାଥ (ପୁଅ)<br>୩. ପ୍ରିୟଙ୍କା ନାଥ (ଝିଅ) |
| ୫. | ✓ ସତ୍ୟନାରାୟଣ ପାତ୍ର<br>ପିତା: ✓ ଦାମୋଦର ପାତ୍ର<br>ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ପୁରୀ<br>ପୋ./ଥାନା/ଜିଲ୍ଲା: ପୁରୀ | ଏଲ୍ଆର୍–୫୨<br>ରାୟଗଡ଼ ଫେଜ୍ – ୧<br>ରାୟଗଡ଼ା | ୧. ସବିତା ପାତ୍ର (୪୬) ସ୍ତ୍ରୀ<br>୨. ସୋନାଲି ପାତ୍ର (୨୪) ବିବାହିତା ଝିଅ<br>୩. ଶୁଭାଙ୍ଗି ପ୍ରିୟଦର୍ଶିନୀ (୧୯) ଅବିବାହିତା ଝିଅ |
| ୬. | ✓ ଶ୍ରୀ ସୁନୀଲ୍ କୁମାର ଗଡ଼ନାୟକ<br>ପିତା: ✓ ରାମଚନ୍ଦ୍ର ଗଡ଼ନାୟକ | ଏମ୍–୨, ସି.ଆର୍.–୨୩,<br>ପ୍ରଥମ ପର୍ଯ୍ୟାୟ, ଛେଣ୍ଡ,<br>ରାଉରକେଲା | ୧. ଶ୍ରୀମତୀ ସୁଦେଷ୍ଣା ଗଡ଼ନାୟକ (ସ୍ତ୍ରୀ)<br>୨. ଶ୍ରୀମତୀ ଅନିତା ଗଡ଼ନାୟକ (ବିବାହିତା ଝିଅ)<br>୩. ଅନିଲ୍ କୁମାର ଗଡ଼ନାୟକ (ପୁଅ)<br>୪. ଅମିତା ଗଡ଼ନାୟକ (ବିବାହିତା ଝିଅ)<br>୫. ଅସିତ୍ କୁମାର ଗଡ଼ନାୟକ (ପୁଅ) |

**ସ୍ୱା./– ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**



# ହକି ବିଶ୍ୱକପ







# ନେଦରଲାଣ୍ଡକୁ ହରାଇଲା ଜର୍ମାନୀ

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ଶେଷ କ୍ୱାର୍ଟରରେ ୩ଟି ଗୋଲ ଦେଇ ଜର୍ମାନୀ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ନେଦରଲାଣ୍ଡକୁ ହରାଇବା ସହ ହକି ବିଶ୍ୱକପ୍ କ୍ୱାର୍ଟର ଫାଇନାଲର ନିକଟତର ହୋଇଛି। ୭ ମିନିଟ ମଧ୍ୟରେ ଏହି ୩ ଗୋଲ ସ୍କୋର କରିଥିଲା ଜର୍ମାନୀ। ଫଳରେ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପୁଲ୍ 'ଡି' ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ନେଦରଲାଣ୍ଡକୁ ପରାସ୍ତ କରିଛି। ଜର୍ମାନୀ କ୍ରମାଗତ ଦ୍ୱିତୀୟ ବିଜୟ ସହ ୬ ପଏଣ୍ଟ ପାଇଥିବାବେଳେ ନେଦରଲାଣ୍ଡ ୨ ମ୍ୟାଚ ଖେଳି ୩ ପଏଣ୍ଟରେ ସ୍ଥିର ରହିଛି। ପ୍ରଥମ ମ୍ୟାଚରେ ନେଦରଲାଣ୍ଡ ୭-୦ ଗୋଲରେ ମାଲେସିଆକୁ ଏବଂ ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୯ ତାରିଖରେ ଜର୍ମାନୀ-ମାଲେସିଆ ଓ ନେଦରଲାଣ୍ଡ-ପାକିସ୍ତାନ ମ୍ୟାଚ ପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ ଏବଂ କେଉଁ ୨ ଦଳ କ୍ରସ୍ ଓଭର ମ୍ୟାଚ ଖେଳିବେ ତାହା ସ୍ଥିର ହେବ। ବୁଧବାର ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ସମାହିତ ବଳ ଅତିଥିଭାବେ ଯୋଗଦେଇ ଜର୍ମାନୀର ଫ୍ଲୋରିଆନ ଫୁଚ୍ସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ଫୁଚ୍ସଙ୍କୁ ୫୦,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।

ବିଶ୍ୱର ୪(ନେଦରଲାଣ୍ଡ) ଓ ୬ (ଜର୍ମାନୀ) ନମ୍ବର ଦଳ ମଧ୍ୟରେ ମୁକାବିଲା ସ୍ୱାଭାବିକ ଭାବେ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୮ମ ମିନିଟରେ ନେଦରଲାଣ୍ଡ ଅଧିନାୟକ ବିଲି ବାକର ଦଳ ପାଇଁ ପ୍ରଥମ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଜର୍ମାନୀ ଗୋଲକିପର ୱାଲ୍ଟର ଟୋବିଆସଙ୍କ ଚମତ୍କାର ସେଭ୍ ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ୧୩ତମ ମିନିଟରେ ରବର୍ଟ କେମ୍ପରମ୍ୟାନ ଗୋଲ ଦେବାରୁ ବଞ୍ଚିତ ହୋଇଥିଲେ ହେଁ ଫେରିଆସୁଥିବା ବଲ୍‌କୁ ଗୋଲପୋଷ୍ଟକୁ ପଠାଇ ୧୦ ନମ୍ବର ଖେଳାଳି ଭାଲେଣ୍ଟିନ ଭର୍ଗା ନେଦରଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଜର୍ମାନୀ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ୩ ଖେଳାଳିଙ୍କ ପାସ୍ ରଣନୀତି ଫେଲ୍ ମାରିଥିଲା। ପ୍ରଥମ କ୍ୱାର୍ଟରରେ ନେଦରଲାଣ୍ଡ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଜର୍ମାନୀର ମିଡ୍‌ଫିଲ୍ଡରେ ତ୍ରୁଟି ଯୋଗୁ ନେଦରଲାଣ୍ଡ ୮ ଥର ଏହାର ସର୍କଲରେ ପ୍ରବେଶ କରିବା ସୁଯୋଗ ପାଇଥିଲା। ମାତ୍ର ଜର୍ମାନୀ ଡିଫେଣ୍ଡରମାନେ ଦକ୍ଷତାର ଏହାକୁ ପ୍ରତିହତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଜର୍ମାନୀ ଗୋଲ ପରିଶୋଧ ପାଇଁ ଉଦ୍ୟମକୁ ଜୋରଦାର କରିଥିବାବେଳେ ନେଦରଲାଣ୍ଡ ଆକ୍ରମଣ ରଣନୀତି ବଳବତ୍ତର ରଖିଥିଲା। ୨୧ ତମ ମିନିଟରେ ଜର୍ମାନୀ ଗୋଲ ପୋଷ୍ଟ ନିକଟରେ ଗ୍ୟାପ୍‌ର ସୁଯୋଗ ନେଇ ବିଲି ବାକର ଏକ ଚମତ୍କାର ପାସ ଦେଇଥିଲେ ହେଁ କୌଣସି ନେଦରଲାଣ୍ଡ ଖେଳାଳି ପ୍ରତିପକ୍ଷ ଗୋଲପୋଷ୍ଟ ନିକଟରେ ଉପସ୍ଥିତ ନ ଥିଲେ। ୨୯ତମ ମିନିଟରେ ଜର୍ମାନୀକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଧିନାୟକ ମାର୍ଟିନ ହାନେରଙ୍କ ଫ୍ଲିକ୍ ସେଭ୍ ହୋଇ ଯାଇଥିଲା। ତେବେ ଜର୍ମାନୀକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ପରିବର୍ତ୍ତିତ ରଣନୀତିରେ ବଲ୍ ଷ୍ଟପ୍ ପରେ ରୁହର ଖ୍ରିଷ୍ଟୋଫର ବଲ୍‌କୁ ସିଧା ନ ମାରି ମାଥିଆସ ମୁଲରଙ୍କ ନିକଟକୁ ବଢ଼ାଇ ଦେଇଥିଲେ। ୩୦ତମ ମିନିଟରେ ମୁଲର ଗୋଲ କରିବାରେ କୌଣସି ଭୁଲ କରି ନ ଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା।

ତୃତୀୟ କ୍ୱାର୍ଟରରେ ନେଦରଲାଣ୍ଡ ପୁଣି ଅଗ୍ରଣୀ ନେବା ପ୍ରୟାସରେ ରହିଥିଲା। ଦଳପାଇଁ ୪୧ତମ ମିନିଟରେ ସୁଯୋଗ ଆସିଥିଲା। ପେନାଲ୍ଟି କର୍ନର ସମୟରେ ଜର୍ମାନୀର ଟୋବିଆସ ହୁକ୍ ଆଗୁଆ ବାହାରି ଆସିଥିବାରୁ ରେଫରି କାର୍ଡ ଦେଖାଇ ପଡ଼ିଆରୁ ବାହାର କରି ଦେଇଥିଲେ। ନେଦରଲାଣ୍ଡ କ୍ରମାଗତ ୩ଟି ପେନାଲ୍ଟି କର୍ନର ପାଇଥିଲା। ଏହା ସତ୍ତ୍ୱେ ଜେରନ ହର୍ଜବର୍ଗର ଗୋଲ ସ୍କୋର କରିପାରି ନ ଥିଲେ। ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ୪ର୍ଥ କ୍ୱାର୍ଟର ଜର୍ମାନୀ ପାଇଁ ସ୍ମରଣୀୟ ହୋଇ ଯାଇଥିଲା। ୫୧ତମ ମିନିଟରେ ଫ୍ଲୋରିଆନ ଫୁଚ୍ସ ଜର୍ମାନୀ ପାଇଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ। ୫୨ତମ ମିନିଟରେ ଲୁକାସ ୱିଣ୍ଡଫେଡର ଏହାକୁ ଗୋଲରେ ପରିଣତ କରି ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ଏହାର ୨ ମିନିଟ ପରେ ଜର୍ମାନୀର ମାର୍କୋ ମିଲ୍ଟକାଉ ଏକ ଫିଲ୍ଡ ଗୋଲ ଦେଇ ନେଦରଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ନେଦରଲାଣ୍ଡ ଚାପକୁ ଆସି ଯାଇଥିବା ସୁଯୋଗ ନେଇ ଜର୍ମାନୀ ଘନ ଘନ ଆକ୍ରମଣ କରିଥିଲା। ୫୮ତମ ମିନିଟରେ ଜର୍ମାନୀକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଚ୍ୟାଲେଞ୍ଜ କରି ଭିଡିଓ ରେଫରାଲ ମାଗିଥିଲା ନେଦରଲାଣ୍ଡ। ଏହି ଦଳ ରେଫରାଲରେ ଭୁଲ ପ୍ରମାଣିତ ହେବାରୁ ଦଣ୍ଡ ସ୍ୱରୂପ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ଅଫର କରାଯାଇଥିଲା। ୧୭ ନମ୍ବର ଖେଳାଳି ଖ୍ରିଷ୍ଟୋଫର ରୁହର ନେଦରଲାଣ୍ଡ ଗୋଲକିପର ପିରମିନ୍ ବ୍ଲାକ୍‌ଙ୍କୁ ବିଟ୍ କରି ଗୋଲ ସ୍କୋର କରିଥିଲେ ଫଳରେ ଜର୍ମାନୀ ୪-୧ ଗୋଲରେ ବିଜୟୀ ହୋଇଥିଲା। ଚଳିତ ବିଶ୍ୱକପରେ ଏହା ତୃତୀୟ ପେନାଲ୍ଟି ଷ୍ଟ୍ରୋକ୍ ଥିଲା।



ଜର୍ମାନୀ ଓ ନେଦରଲାଣ୍ଡ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଗୋଲ ସ୍କୋରର

**ଜର୍ମାନୀ-୪**

- ମାଥିଆସ ମୁଲର: ୩୦ତମ ମିନିଟ
- ଲୁକାସ ୱିଣ୍ଡଫେଡର: ୫୨ତମ ମିନିଟ
- ମାର୍କୋ ମିଲ୍ଟକାଉ: ୫୪ତମ ମିନିଟ
- ଖ୍ରିଷ୍ଟୋଫର ରୁହର: ୫୮ତମ ମିନିଟ୍

**ନେଦରଲାଣ୍ଡ-୧**

- ଭାଲେଣ୍ଟିନ ଭର୍ଗା: ୧୩ ତମ ମିନିଟ

## ପଏଣ୍ଟ ଟେବୁଲ୍

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| **ପୁଲ୍-ଏ** | | | | | | | | |
| ଆର୍ଜେଣ୍ଟିନା | ୨ | ୨ | ୦ | ୦ | ୭ | ୩ | +୪ | ୬ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୨ | ୪ | -୨ | ୩ |
| ସ୍ପେନ୍ | ୨ | ୦ | ୧ | ୧ | ୪ | ୫ | -୧ | ୧ |
| ଫ୍ରାନ୍ସ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | ୨ | -୧ | ୧ |
| ମାଲେସିଆ | ୨ | ୦ | ୧ | ୧ | ୧ | ୮ | -୭ | ୧ |

(**ବି.ଦ୍ର:** ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ବାପାଙ୍କୁ ଦେଖିବାକୁ ଘରକୁ ଗଲେ ଶ୍ରୀଜେସ

ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ହୃଦ୍‌ଘାତ୍‌ର ଶିକାର ହୋଇଥିବା ତାଙ୍କ ବାପା ପି.ଭି. ରବୀନ୍ଦ୍ରନ୍‌ଙ୍କୁ ଦେଖିବା ପାଇଁ ଘରକୁ ଫେରିଛନ୍ତି। ତେବେ ଶନିବାର ଖେଳାଯିବାକୁ ଥିବା ଭାରତ ଅନ୍ତିମ ପୁଲ୍ ସି' ମ୍ୟାଚ୍‌ବେଳକୁ ସେ ଦଳରେ ସାମିଲ ହେବେ ବୋଲି ଆଶା କରାଯାଉଛି। ୩୦ ବର୍ଷୀୟ ଗୋଲକିପର ଶ୍ରୀଜେସ ଭାରତୀୟ ଦଳର ଜଣେ ନିୟମିତ ସଦସ୍ୟ ରହିଆସିଛନ୍ତି। ଚଳିତ ବିଶ୍ୱକପ୍‌ରେ ଦଳ ପାଇଁ ତାଙ୍କର ଯଥେଷ୍ଟ ଭୂମିକା ରହିଛି। ଉଚ୍ଚକୋଟୀର ଗୋଲ କିପିଙ୍ଗ୍ କରିବା ସଙ୍ଗେ ସଙ୍ଗେ ଶ୍ରୀଜେସ ଗୋଲ ପୋଷ୍ଟ ନିକଟରୁ ସାଥୀ ଖେଳାଳିଙ୍କୁ ମ୍ୟାଚ୍ ଅବସରରେ ନିର୍ଦ୍ଦେଶ ଦେଉଥିବାର ଦେଖାଯାଇଥାଏ। କାନାଡ଼ା ବିପକ୍ଷ ମ୍ୟାଚ୍‌ରେ ଦଳରେ ଶ୍ରୀଜେସଙ୍କ ଉପସ୍ଥିତି ନିହାତି ଜରୁରୀ। ଏହି ମ୍ୟାଚ୍‌ର ଫଳାଫଳ ଉପରେ ପୁଲ୍ ସି'ରେ ଭାରତ ସ୍ଥାନ ନିର୍ଭର କରୁଛି। ଯଦି ଭାରତ ପୁଲ ସି'ରେ ଶୀର୍ଷସ୍ଥାନ ଅଧିକାର ନ କରୁଛି ତେବେ ଏହି ଆୟୋଜକ ଦଳକୁ କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେବ। ଏହି କ୍ରସ୍ ଓଭର ମ୍ୟାଚ୍‌ରେ ଭାରତ ପୁଲ ଡି'ରେ ସାମିଲ ଥିବା ଜର୍ମାନୀ, ନେଦରଲାଣ୍ଡ, ମାଲେସିଆ ଓ ପାକିସ୍ତାନ ମଧ୍ୟରୁ ଗୋଟିଏ ଦଳ ବିପକ୍ଷରେ ପଡିଆକୁ ଓହ୍ଲାଇବ। ଉଲ୍ଲେଖଥାଉ କି, ଭାରତ ଚଳିତ ବିଶ୍ୱକପ୍‌ରେ ତା'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରିଥିଲା। ତେବେ ବେଲଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଏବେ ପୁଲ୍ ଶୀର୍ଷରେ ରହିବା ପାଇଁ ଭାରତକୁ ବୃହତ୍ ବ୍ୟବଧାନରେ ହରାଇବା ଅପରିହାର୍ଯ୍ୟ ହୋଇ ପଡିଛି।

## ମାଲେସିଆ-ପାକିସ୍ତାନ ମ୍ୟାଚ ଡ୍ର

ଭୁବନେଶ୍ୱର, ୫।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମାଲେସିଆ-ପାକିସ୍ତାନ ପୁଲ୍'ଡି' ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଫଳରେ ଦୁଇ ଦଳ ପଏଣ୍ଟ ଭାଗ କରିଛନ୍ତି। ତେଣୁ ଏଥିରୁ ଗୋଟିଏ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବା ନିଶ୍ଚିତ ହୋଇଛି। ଅନ୍ୟପକ୍ଷରେ ଏହି ମ୍ୟାଚର ଫଳାଫଳ ନେଦରଲାଣ୍ଡକୁ ଫାଇଦାରେ ମଧ୍ୟ ରଖିଛି। କାରଣ ପୁଲ୍'ଡି'ରେ ଜର୍ମାନୀ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଥିବାବେଳେ ନେଦରଲାଣ୍ଡ ସମାନ ମ୍ୟାଚରୁ ୩ ପଏଣ୍ଟ ପାଇଥିବାରୁ ସିଧାସଳଖ କ୍ୱାର୍ଟର ଫାଇନାଲ ପ୍ରବେଶ ସମ୍ଭାବନା ଉଜ୍ଜୀବିତ କରିଛି। ଅନ୍ୟପକ୍ଷରେ ପାକିସ୍ତାନ ଓ ମାଲେସିଆ ୧ ପଏଣ୍ଟ ଲେଖାଏ ପାଇଥିବାରୁସେମାନଙ୍କ ଭାଗ୍ୟ ଶେଷ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ପୁଲ୍‌ର ଦ୍ୱିତୀୟ ଓ ତୃତୀୟ ସ୍ଥାନୀୟ ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ୪ର୍ଥ ସ୍ଥାନୀୟ ଦଳ ପୁଲ୍ ପର୍ଯ୍ୟାୟରୁ ବିଦାୟ ନେବ। ତେଣୁ ନେଦରଲାଣ୍ଡ ୩ ପଏଣ୍ଟ ପାଇ ସାରିଥିବାରୁ ଅତିକମ୍‌ରେ ପୁଲ୍ ପର୍ଯ୍ୟାୟରୁ ବାଦ୍ ପଡ଼ିବା ସମ୍ଭାବନାକୁ ଏଡ଼ାଇ ଦେଇ ପାରିଛି। ମାଲେସିଆ ଏହାର ପ୍ରଥମ ମ୍ୟାଚରେ ନେଦରଲାଣ୍ଡଠାରୁ ୦-୭ ଗୋଲରେ ହାରିଥିଲା। ସେହିପରି ପାକିସ୍ତାନ ୦-୧ ଗୋଲରେ ଜର୍ମାନୀଠାରୁ ପରାଜିତ ହୋଇଥିଲା। ପାକିସ୍ତାନ ଏହାର ଶେଷ ପୁଲ୍ ମ୍ୟାଚରେ ୯ ତାରିଖରେ ନେଦରଲାଣ୍ଡକୁ ଭେଟିବ। ସେହିଦିନ ମାଲେସିଆ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବ।

ବିଶ୍ୱ ର୍‍ୟାଙ୍କିଂରେ ୧୨ ନମ୍ବର ମାଲେସିଆ ଓ ୧୩ ନମ୍ବର ର୍‍ୟାଙ୍କପ୍ରାପ୍ତ ପାକିସ୍ତାନ ସମକକ୍ଷ ଦଳ ହୋଇଥିବାରୁ ଆରମ୍ଭରୁ ପରସ୍ପର ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ୪ର୍ଥ ମିନିଟରେ ଅଗ୍ରଣୀ ନେବାପାଇଁ ମାଲେସିଆ ନିକଟରେ ସୁଯୋଗ ଆସିଥିଲା ମାତ୍ର ଦଳ ପେନାଲ୍ଟି କର୍ନରର ସଦୁପଯୋଗ କରିପାରି ନ ଥିଲା। ଏହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୪ର୍ଥ ମିନିଟରେ ପାକିସ୍ତାନକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଏହା ମଧ୍ୟ ବେକାର ଯାଇଥିଲା। କଡ଼ା ସଂଘର୍ଷସତ୍ତ୍ୱେ ପ୍ରଥମ ତିନି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ତେଣୁ ଅନ୍ତିମ କ୍ୱାର୍ଟରରେ ଗୋଲ ସ୍କୋରିଂ ଉପରେ ଉଭୟ ଦଳ ଗୁରୁତ୍ୱ ଦେଇଥିଲେ। ୫୧ତମ ମିନିଟରେ ଆତିକ୍ ମହମ୍ମଦ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଏହାର ୪ ମିନିଟ ପରେ ଅର୍ଥାତ୍ ୫୫ତମ ମିନିଟରେ ମାଲେସିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସାରି ଫୈଜଲ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଶେଷରେ ଫୈଜଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ମଧ୍ୟ ବିବେଚିତ ହୋଇଥିଲେ। ଖେଳ ଶେଷ ହେବାର ଶେଷ ମୁହୂର୍ତ୍ତରେ ପାକିସ୍ତାନ ପେନାଲ୍ଟି କର୍ନର ପାଇଁ ଏକ ରେଫରାଲ ମାଗିଥିଲା। ମାତ୍ର ତାହା ନାକଚ ହୋଇ ଯାଇଥିଲା। ପାକିସ୍ତାନର ମହମ୍ମଦ ଅନ୍‌ସାରି ୩୯ ଓ ମାଲେସିଆର ସୁମନ୍ତ୍ରୀ ନୁର୍‌ସ୍ୟାଫିକ୍ ୪୮ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ। ମ୍ୟାଚରେ ମାଲେସିଆ ୫୪.୫୦ ଓ ପାକିସ୍ତାନ ୪୫.୫୦ ଭାଗ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲେ। ମାଲେସିଆ ୧୮ ଥର ପାକିସ୍ତାନ ସର୍କଲରେ ପଶିଥିବାବେଳେ ପାକିସ୍ତାନ ୧୩ଥର ମାଲେସିଆ ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇଥିଲା। ମାଲେସିଆ ୭ଟି ଓ ପାକିସ୍ତାନ ୪ଟି ପେନାଲ୍ଟି କର୍ନର ପାଇଥିଲା। ସେଥିରୁ ମାଲେସିଆ କେବଳ ଗୋଟିଏକୁ ଗୋଲରେ ପରିଣତ କରି ପାରିଥିଲା। ଏହାକୁ ମିଶାଇ ମାଲେସିଆ-ପାକିସ୍ତାନ ମ୍ୟାଚ ବିଶ୍ୱକପରେ ୩ୟ ଥରପାଇଁ ଡ୍ର ରହିଛି। ୧୫ ମୁକାବିଲାରୁ ମାଲେସିଆ ୪ ଓ ପାକିସ୍ତାନ ୮ ମ୍ୟାଚରେ ବିଜୟୀ ହୋଇଛି।



ମାଲେସିଆ-ପାକିସ୍ତାନ ମଧ୍ୟରେ ବୁଧବାର ଅନୁଷ୍ଠିତ ମ୍ୟାଚ।

## ଗୋଲ ସ୍କୋରର

**ପାକିସ୍ତାନ-୧**

- ଆତିକ୍ ମହମ୍ମଦ: ୫୧ତମ ମିନିଟ

**ମାଲେସିଆ-୧**

- ସାରି ଫୈଜଲ: ୫୫ତମ ମିନିଟ


ବୁଧବାର ଧଉଳି ଭ୍ରମଣରେ ଯାଇଥିବା ଆୟର୍ଲାଣ୍ଡ ହକି ଦଳର ଖେଳାଳିମାନେ।



ଜଣେ କୁନି ପ୍ରଶଂସକ।


ଫ୍ୟାନ ଭିଲେଜରେ କିଛି ବିଦେଶୀ ପ୍ରଶଂସକ।

❝ ସୀମିତ ଓଭର କ୍ରିକେଟରେ ମନୋନିବେଶ ପାଇଁ ମୁଁ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେବାକୁ ଚାହେଁନା ।
–ଦୀନେଶ କାର୍ତ୍ତିକ, ଭାରତୀୟ କ୍ରିକେଟର



❝ ଗୁରୁବାରଠାରୁ ଆରମ୍ଭ ହେବାକୁଥିବା ଟେଷ୍ଟ ସିରିଜରେ ଆମ ଭଳି ଭାରତୀୟ ଦଳ ମଧ୍ୟରେ ଚାପରେ ରହିବ ।
–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲୀୟ କ୍ରିକେଟ କୋଚ୍



# ଭାରତ–ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ଆଜିଠାରୁ

**ଆଡିଲେଡ୍, ୫।୧୨(ପି.ଟି.)**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଦଳ ମଧ୍ୟରେ ବହୁପ୍ରତୀକ୍ଷିତ ଟେଷ୍ଟ ସିରିଜ ଗୁରୁବାରଠାରୁ ଆରମ୍ଭ ହେଉଛି। ଚାରି ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଖେଳାଯିବ। ଏଥିଲାଗି ଉଭୟ ଭାରତ ଓ ଅଷ୍ଟ୍ରେଲିଆ ଦଳ ଜୋର୍‌ଦାର ଅଭ୍ୟାସ ଚଳାଇଛନ୍ତି । ଭାରତୀୟ କ୍ରିକେଟ ଦଳ ୭୦ ବର୍ଷର ଇତିହାସରେ ଅଷ୍ଟ୍ରେଲିଆ ମାଟିରେ ୧୧ଟି ଟେଷ୍ଟ ସିରିଜ ଖେଳିଛି। ସେଥିରୁ ଭାରତ ୨ଟି ସିରିଜ ଡ୍ର ରଖିଥିବାବେଳେ ଗୋଟିଏ ବି ଜିତିବାରେ ସଫଳ ହୋଇନାହିଁ। ୧୯୮୦–୮୧ ଗସ୍ତରେ ସୁନୀଲ ଗାଭାସ୍କର ଓ ୨୦୦୩–୦୪ ଗସ୍ତରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଏହି ୨ଟି ସିରିଜ ଡ୍ର ରଖିଥିଲା । ବଲ୍ ଟ୍ୟାମ୍ପରିଂ ଘଟଣାରେ ଅଷ୍ଟ୍ରେଲିଆର ଦୁଇ ବରିଷ୍ଠ ଖେଳାଳି ଡେଭିଡ୍ ୱାର୍ନର ଓ ଷ୍ଟିଭେନ ସ୍ମିଥ୍ ବାସନ୍ଦ ହୋଇଥିବାରୁ ସେମାନଙ୍କ ଅନୁପସ୍ଥିତିରେ ଭାରତ ଚଳିତ ଗସ୍ତରେ ଏହି



ଟ୍ରଫି ସହ ଦୁଇ ଦଳର ଅଧିନାୟକ ବିରାଟ କୋହଲି ଓ ଟିମ୍ ପାଇନ୍।

## ଆଡିଲେଡ୍ ଓଭାଲରେ ଭାରତର ରେକର୍ଡ

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସିରିଜର ପ୍ରଥମ ମ୍ୟାଚ୍ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯିବ। ଏହି ଗ୍ରାଉଣ୍ଡରେ ଭାରତର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିନାହିଁ। ୧୯୪୮ରୁ ଭାରତ ଏହି ଗ୍ରାଉଣ୍ଡରେ ଟେଷ୍ଟ ମ୍ୟାଚ୍ ଖେଳିବା ଆରମ୍ଭ କରିଥିଲା । ବର୍ତ୍ତମାନ ସୁଦ୍ଧା ଭାରତ ଏଠାରେ ୧୧ଟି ମ୍ୟାଚ୍ ଖେଳିଥିବାବେଳେ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ୭ଟି ମ୍ୟାଚ୍‌ରେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିବାବେଳେ ୩ଟି ଟେଷ୍ଟ ଡ୍ର ରହିଥିଲା। ୨୦୦୩–୦୪ ଗସ୍ତରେ ରାହୁଲ ଦ୍ରାବିଡ୍ ଭାରତକୁ ଏହି ସ୍ମରଣୀୟ ବିଜୟ ଭେଟି ଭାରତକୁ ଦେଇଥିଲେ।

**ଭାରତୀୟ ଦଳ (୧୨ ଜଣିଆ):** ବିରାଟ କୋହଲି (ଅଧିନାୟକ), ଲୋକେଶ ରାହୁଲ, ମୂରଲୀ ବିଜୟ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ରୋହିତ୍ ଶର୍ମା, ହନୁମା ବିହାରୀ, ରିଷଭ ପନ୍ତ (ଉଇକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ଇଶାନ୍ତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମି।

**ଅଷ୍ଟ୍ରେଲିଆ ଦଳ (ଚୂଡ଼ାନ୍ତ ଏକାଦଶ):** ଟିମ୍ ପାଇନ୍ (ଅଧିନାୟକ ଓ ଉଇକେଟ୍‌କିପର), ମାର୍କସ ହାରିସ, ଆରୋନ୍ ଫିଞ୍ଚ, ଉସମାନ ଖ୍ୱାଜା, ଟ୍ରାଭିସ ହେଡ୍, ଶନ୍ ମାର୍ଶ, ପିଟର ହ୍ୟାଣ୍ଡସ୍କମ୍ବ, ନାଥନ ଲିୟନ, ମିଚେଲ ଷ୍ଟାର୍କ, ପ୍ୟାଟ୍ କୁମିନ୍ସ ଓ ଜୋଶ୍ ହାଜେଲଉଡ୍।

- **ମ୍ୟାଚ୍ ଆରମ୍ଭ: ସକାଳ ୫ଟା ୩୦**
- **ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱାର୍କ**

## ଅଷ୍ଟ୍ରେଲିଆ ଦଳରୁ ମିଚେଲ ମାର୍ଶ ବାଦ୍

ଆଡିଲେଡ୍,୫।୧୨

ଭାରତୀୟ ଦଳ ଭଳି ଆଡିଲେଡ୍ ଟେଷ୍ଟ ପାଇଁ ଅଷ୍ଟ୍ରେଲିଆ ଦଳ ମଧ୍ୟ ଘୋଷିତ ହୋଇଯାଇଛି। ଦଳରୁ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ବଦଳରେ ବ୍ୟାଟ୍ସମ୍ୟାନ ଉସମାନ ଖ୍ୱାଜା ଦଳକୁ ଫେରିଛନ୍ତି। ସେ ଆହତ ସମସ୍ୟା ଯୋଗୁ ପାକିସ୍ତାନ ବିପକ୍ଷ ଅନ୍ତିମ ଟେଷ୍ଟରୁ ବାଦ୍ ପଡ଼ିଥିଲେ। ତାଙ୍କ ଭାଇ ଗତ ମଙ୍ଗଳବାର ଗିରଫ ହୋଇଥିବାରୁ ସେ ବୁଧବାର ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରିବାକୁ ଓହ୍ଲାଇ ନ ଥିଲେ। ଉଇକେଟକିପର ଟିମ ପେଇନଙ୍କ ନେତୃତ୍ୱାଧୀନ ଦଳରେ ଟ୍ରାଭିସ ହେଡ, ପିଟର ହାଣ୍ଡସ୍କମ୍ବ, ମାର୍କସ ହାରିସ, ଶନ ମାର୍ଶ ଓ ଆରୋନ ଫିଞ୍ଚଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ଦଳରେ ବୋଲର ଭାବେ ଜୋଶ ହାଜେଲଉଡ, ମିଚେଲ ଷ୍ଟାର୍କ, ପାଟ କୁମିନ୍ସ ଓ ସ୍ପିନର ନାଥନ ଲିଓନ ସ୍ଥାନ ପାଇଛନ୍ତି। ଅଷ୍ଟ୍ରେଲିଆ ଦଳ: ଟିମ ପେଇନ (ଅଧିନାୟକ), ଆରୋନ ଫିଞ୍ଚ, ଉସମାନ ଖ୍ୱାଜା, ଶନ ମାର୍ଶ, ମାର୍କସ ହାରିସ, ଟ୍ରାଭିସ ହେଡ, ପିଟର ହାଣ୍ଡସ୍କମ୍ବ, ଜୋଶ ହାଜେଲଉଡ, ପାଟ କୁମିନ୍ସ ଓ ନାଥନ ଲିଓନ।

## ସଂକ୍ଷେପରେ

### ଟେଷ୍ଟରୁ ହାଫିଜଙ୍କ ଅବସର ଘୋଷଣା

ଆବୁଧାବି,୫।୧୨- ଖରାପ ଫର୍ମ ସହ ସଂଘର୍ଷ କରୁଥିବା ପାକିସ୍ତାନ ଦଳର ଓପନର ମହମ୍ମଦ ହାଫିଜ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଯାଉଛନ୍ତି। ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ୩ୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ତାଙ୍କ ଟେଷ୍ଟ କ୍ୟାରିୟରର ଅନ୍ତ କରିବେ। ଏ ନେଇ ୩୮ ବର୍ଷୀୟ ବ୍ୟାଟ୍ସମ୍ୟାନ ସୂଚନା ଦେଇଛନ୍ତି। ଦୀର୍ଘ ୨ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ଦଳକୁ ଫେରିବା ପରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ଶତକ ମାରିଥିଲେ। ଏହାପରେ ସେ ୭ଟି ଇନିଂସରୁ ମାତ୍ର ୬୬ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ଆବୁଧାବି ଟେଷ୍ଟ ହାଫିଜଙ୍କ କ୍ୟାରିୟରର ୫୫ତମ ମ୍ୟାଚ୍। ୨୦୦୩ରେ ବାଂଲାଦେଶ ବିପକ୍ଷରେ ପଦାର୍ପଣ କରିବା ପରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏପର୍ଯ୍ୟନ୍ତ ୧୦ ଶତକ ଓ ୧୨ ଅର୍ଦ୍ଧଶତକ ସହ ମୋଟ ୩୬୪୪ ରନ୍ କରିଛନ୍ତି। ମୁଁ ଟେଷ୍ଟ କ୍ରିକେଟରୁ ଅବସର ନେବା ଲାଗି ଗତ ଦୁଇ ସପ୍ତାହ ହେଲା ଚିନ୍ତା କରୁଥିଲି। ଭାବୁଛି, ୫ ଦିନିଆ ଫର୍ମାଟରୁ ଅଲ୍‌ବିଦା କରିବାକୁ ସମୟ ଆସିଯାଇଛି। ଟେଷ୍ଟ କ୍ରିକେଟରେ ମୁଁ ଯେଉଁ ସଫଳତା ପାଇଛି, ସେଥିରେ ସନ୍ତୁଷ୍ଟ। କିନ୍ତୁ ମୁଁ ସୀମିତ ଓଭର କ୍ରିକେଟରେ ଖେଳିବା ଜାରି ରଖିବି। ଏହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ହାଫିଜ କହିଛନ୍ତି। ସେ ୨୦୧୫ରେ ବାଂଲାଦେଶ ବିପକ୍ଷରେ କ୍ୟାରିୟରର ଶ୍ରେଷ୍ଠ ୨୨୪ ରନ୍‌ର ଇନିଂସ ଖେଳିଥିଲେ। ଉଲ୍ଲେଖଥାଉ କି, ହାଫିଜ ଟେଷ୍ଟ ବ୍ୟତୀତ ୨୦୩ ଦିନିକିଆ ଓ ୮୯ ଟି୨୦ ଖେଳିଛନ୍ତି।

### କିଙ୍ଗ୍ସ ଏକାଦଶର ବୋଲିଂ କୋଚ୍ ର୍ୟାନ ହାରିସ

ନୂଆଦିଲ୍ଲୀ,୫।୧୨- ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳରେ ପରବର୍ତ୍ତୀ ସଂସ୍କରଣ ଲାଗି ଜୋରଦାର ପ୍ରସ୍ତୁତି ଜାରି ରଖିଛି। ପୂର୍ବତନ ଅଷ୍ଟ୍ରେଲିଆନ ପେସର ର୍ୟାନ ହାରିସଙ୍କୁ ଦଳର ବୋଲିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ପୂର୍ବରୁ ଭେଙ୍କଟେଶ ପ୍ରସାଦ ଏହି ଦାୟିତ୍ୱରେ ଥିଲେ। ଗତ ସଂସ୍କରଣରେ ଦଳ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହାପରେ ଦଳୀୟ କୋଚିଂ ଷ୍ଟାଫ୍‌ରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ମୁଖ୍ୟ କୋଚ୍ ପଦରୁ ବ୍ରାଡ ହଜ ବିଦା ହେବା ପରେ ମେଣ୍ଟର ଦାୟିତ୍ୱରେ ଥିବା ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ, ବୋଲିଂ କୋଚ୍ ଭେଙ୍କଟେଶ ପଦ ତ୍ୟାଗ କରିଥିଲେ। ଏହାପରେ ହଜଙ୍କ ସ୍ଥାନରେ ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍ ମାଇକ ହେସନଙ୍କୁ ନିଯୁକ୍ତ କରାଯାଇଛି। ଏହାବାଦ୍ ନ୍ୟୁଜିଲାଣ୍ଡର କ୍ରେଗ ମ୍ୟାକମିଲନଙ୍କୁ ଫିଲ୍ଡ କୋଚ୍, ବ୍ରେଟ ହାରୋପ (ଫିଜିଓ), ଶ୍ରୀଧରନ ଶ୍ରୀରାମ (ବ୍ୟାଟିଂ କୋଚ୍) ଓ ପ୍ରସାନା ରାମନ (ହାଇପରଫର୍ମାନ୍ସ କୋଚ୍)ଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। କେବଳ କୋଚିଂ ଷ୍ଟାଫ୍‌ରେ ନୁହେଁ ଦୁଇ ବିଦେଶୀଙ୍କ ସମେତ ୧୧ ଜଣ ଖେଳାଳିଙ୍କୁ ମଧ ଦଳରୁ ବିଦା କରାଯାଇଛି।

### ଅଷ୍ଟ୍ରେଲିଆ ଓପନରେ ଖେଳିବେ ନାଡାଲ, ସେରେନା, ମୁରେ

ମେଲବୋର୍ନ,୫।୧୨- ମହିଳା ସିଙ୍ଗଲ୍ସ ବର୍ଗର ଚାମ୍ପିୟନ ଖେଳାଳି ସେରେନା ୱିଲିୟମ୍ସ ୨୦୧୯ ଅଷ୍ଟ୍ରେଲିଆ ଓପନରେ ଖେଳିବେ। ୨୦୧୭ ସଂସ୍କରଣ ପରେ ପ୍ରଥମ ଥର ଏଠାରେ ଖେଳିବାକୁ ଯାଉଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ପୁରୁଷ ସିଙ୍ଗଲ୍ସ ବର୍ଗର ଶୀର୍ଷ ର୍ୟାଙ୍କଧାରୀ ଖେଳାଳି ରାଫାଲ ନାଡାଲ ଓ ଆଣ୍ଡି ମୁରେ ମଧ ଏଥିରେ ଅଂଶଗ୍ରହଣ କରିବେ। ଏ ନେଇ ବୁଧବାର ଆୟୋଜକ କମିଟି ସ୍ପଷ୍ଟ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ସେରେନା ରେକର୍ଡ ୨୫ ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ରହିବେ। ଅନ୍ତିମ ଥର ୟୁଏସ୍ ଫାଇନାଲରେ ହାରିବା ପରଠାରୁ ସେ ପଡ଼ିଆକୁ ଓହ୍ଲାଇ ନ ଥିଲେ।

## ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଆର୍ଜେଣ୍ଟିନା

**ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ପୁଲ ଏ'ରେ ଗୁରୁବାର ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ଫେଭରାଇଟ ଆର୍ଜେଣ୍ଟିନା ଅପେକ୍ଷାକୃତ ଦୁର୍ବଳ ଫ୍ରାନ୍ସକୁ ଭେଟିବ। ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନା ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟ ହାସଲ କରି ୬ ପଏଣ୍ଟ ପାଇ ଅଧିକ ଗୋଲ ବ୍ୟବଧାନ ବଳରେ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛି। ପ୍ରଥମ ମ୍ୟାଚ୍‌ରେ ଆର୍ଜେଣ୍ଟିନା ୪–୩ ଗୋଲରେ ସ୍ପେନ୍‌କୁ ହରାଇ ବିଜୟ ଅଭିଯାନ ଆରମ୍ଭ କରିଥିଲା । ଏହା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩–୦ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚ୍‌ରେ ବିଜୟୀ ହେବା ପାଇଁ ଆର୍ଜେଣ୍ଟିନାକୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା । ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନା କୌଣସି ତ୍ରୁଟି କରି ନ ଥିଲା । କ୍ରମାଗତ ଦୁଇଟି ବିଜୟ ପରେ ପୁଲ୍ ପର୍ଯ୍ୟାୟର ତୃତୀୟ ମ୍ୟାଚ୍ ଜିତି ଆର୍ଜେଣ୍ଟିନା ପୂରା ଢଙ୍ଗରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ଲକ୍ଷ୍ୟରେ ରହିଛି। ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ଫେଭରାଇଟ ମନେ ହେଉଛି।

ଅପରପକ୍ଷରେ ଫ୍ରାନ୍ସ ପୁଲ ଏ'ରେ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ଗୋଟିଏ ପରାଜୟ ସହ ୧ ପଏଣ୍ଟ ପାଇ ସର୍ବନିମ୍ନ ସ୍ଥାନରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଫ୍ରାନ୍ସ ୨–୧ ଗୋଲରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସ୍ପେନ୍ ବିପକ୍ଷରେ ଫ୍ରାନ୍ସ ୧–୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରଖିଥିଲା । କ୍ରସ୍ ଓଭର ମ୍ୟାଚ୍ ଖେଳିବାକୁ ହେଲେ ଏବେ ଫ୍ରାନ୍ସକୁ ବୃହତ୍ ବ୍ୟବଧାନରେ ଆର୍ଜେଣ୍ଟିନାକୁ ପରାସ୍ତ କରିବାକୁ ହେବ। ତେବେ ଏହା ଆଦୌ ସହଜ ନୁହେଁ ବୋଲି ଫ୍ରାନ୍ସ ଅବଗତ ହୋଇଥିଲା । ତେବେ ଦଳ ଏହି ମ୍ୟାଚ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିବ ବୋଲି ଫ୍ରାନ୍ସ କୋଚ୍ ଜୋରେନ ହେଲମି ଓ ଅଧିନାୟକ ଭିକ୍ଟର ଚାର୍ଲେଟ କହିଛନ୍ତି।

### ଆଜିର ମ୍ୟାଚ୍

**ସ୍ପେନ ବନାମ ନ୍ୟୁଜିଲାଣ୍ଡ**
ପୁଲ୍–ଏ
ସମୟ : ଅପରାହ୍ନ ୫ଟା

**ଆର୍ଜେଣ୍ଟିନା ବନାମ ଫ୍ରାନ୍ସ**
ପୁଲ୍–ଏ
ସମୟ: ରାତି ୭ଟା

ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

## ସ୍ପେନ୍–ନ୍ୟୁଜିଲାଣ୍ଡ ମୁକାବିଲା

**ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ହକି ବିଶ୍ୱକପ୍‌ର ଚଳିତ ୧୪ତମ ସଂସ୍କରଣରେ ବୁଧବାର ପୁଲ ଏ'ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପୁଲ୍ ତଥା ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଆର୍ଜେଣ୍ଟିନା ଓ ଫ୍ରାନ୍ସ ପରସ୍ପରକୁ ଭେଟିବେ । ସ୍ପେନ୍ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଥିଲେ ମଧ୍ୟ ପଏଣ୍ଟ ଟେବୁଲରେ ନ୍ୟୁଜିଲାଣ୍ଡ ତଳେ ରହିଛି। ଏପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ପାଇଁ ପୁଲ ଏ' ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ସ୍ପେନ୍ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ଗୋଟିଏ ଡ୍ର' ୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଫଳରେ କ୍ୱାର୍ଟର ଫାଇନାଲ ଦୌଡରେ ସାମିଲ ହେବା ପାଇଁ ଉଭୟ ଦଳକୁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇ ପଡିଛି।

ସ୍ପେନ୍ ତାର ପ୍ରଥମ ମ୍ୟାଚ୍‌ରେ ଲଢେଇ କରି ଆର୍ଜେଣ୍ଟିନାଠାରୁ ୪–୩ ଗୋଲରେ ପରାସ୍ତ ହୋଇଥିଲା । ସେହିପରି ଫ୍ରାନ୍ସ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ସ୍ପେନ୍ ୧–୧ ଗୋଲରେ ଅମୀମାଂସିତ ରଖିଥିଲା। ଫ୍ରାନ୍ସ ଅପେକ୍ଷାକୃତ ଦୁର୍ବଳ ହୋଇଥିଲେ ମଧ ସ୍ପେନ୍ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା । ଫଳରେ ମ୍ୟାଚ୍ ଡ୍ର' ରହିଥିଲା । ଏହି ମ୍ୟାଚ୍‌ର ଫଳାଫଳ ଏବେ ସ୍ପେନ୍ ପାଇଁ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି। ସ୍ପେନ୍ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବା ଆଶା ଆଦୌ ନାହିଁ। କିନ୍ତୁ ବିଜୟୀ ହେଲେ କ୍ରସ୍ ଓଭର ମ୍ୟାଚ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ବିଜୟୀ ହେବା ପାଇଁ ଉଭୟ ଦଳ ପ୍ରାଣପଣେ ଚେଷ୍ଟା କରିବେ।

ସ୍ପେନ୍ ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍ୟାଙ୍କିଂର ଅଷ୍ଟମସ୍ଥାନରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ରହି ନବମସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ କୋଚ ଡାରେନ ସ୍ମିଥ୍ ଓ ଅଧିନାୟକ ବ୍ଲେୟାର ଟାରେଣ୍ଟ ଦଳର ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସେହିପରି ସ୍ପେନ୍ କୋଚ୍ ଫ୍ରେଡେରିକ ସୋଏଜ ଓ ଅଧିନାୟକ ମିଗୁଏଲ ଡେଲାସ ଦଳ ବିଜୟୀ ହେବାପାଇଁ ସବୁମତେ ଚେଷ୍ଟା କରିବ ବୋଲି କହିଛନ୍ତି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଦୁଇ ଦଳ ସାମର୍ଥ୍ୟ ଓ ଦକ୍ଷତା ଦୃଷ୍ଟିକୋଣରୁ ପାଖାପାଖି ସମାନ ମନେ ହେଉଛନ୍ତି। ଫଳରେ ଏହି ମ୍ୟାଚ୍‌ରେ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ବ୍ଲେୟାର ଟାରେଣ୍ଟ

# ଭିଭି କରାଟେ ସ୍କୁଲକୁ ସଫଳତା

**ଭୁବନେଶ୍ୱର, ୫।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଗତ ନଭେମ୍ବର ୨୯ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା କମନ୍‌ୱେଲଥ୍ କରାଟେ ଚାମ୍ପିୟନଶିପ୍‌ର ୯ମ ସଂସ୍କରଣରେ ଅଂଶଗ୍ରହଣ କରିଥିବା ଓଡ଼ିଶାର ଭାଲେନା ଭାଲେଣ୍ଟିନା (ଭିଭି) କରାଟେ ସ୍କୁଲ ସଫଳତା ଅର୍ଜନ କରିଛି। ଭାଲେନା ଭାଲେଣ୍ଟିନା ସିନିୟର ମହିଳା ବ୍ୟକ୍ତିଗତ କାଟାରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସତ୍ୟଭାମାପୁର ବିଜେଇଏମ୍ ସ୍କୁଲର ୩ୟ ଶ୍ରେଣୀର ଛାତ୍ରୀ ଆଲିସା ସୁବୁଦ୍ଧି ବ୍ୟକ୍ତିଗତ କାଟା ସ୍ୱର୍ଣ୍ଣ ଓ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ବିଦ୍ୟା କିରଣ ଓ ଅଂଶିକା ମହାପାତ୍ର ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ଜସ୍ମିନ ପି. ମିଶ୍ର ୨ଟି ଏବଂ ଦିବ୍ୟ ନାୟକ ଓ ରୁଦ୍ର ପ୍ରସାଦ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ବେଦାନ୍ତ ଦାସ ବ୍ୟକ୍ତିଗତ କାଟାରେ ରୌପ୍ୟ ପଦକ ଜିତିଛନ୍ତି। ବାଳିକା ଟିମ୍ କାଟାରେ ଭି.ଭି. କରାଟେ ସ୍କୁଲ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ବାଳକ ଦଳ ବ୍ରୋଞ୍ଜ ପଦକ ପାଇଥିଲା। ଭି.ଭି. କରାଟେ ସ୍କୁଲର ଏହି ସଫଳତା ଲାଗି ଚାରିଆଡ୍ରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।



ପଦକ ବିଜୟୀ କୃତୀ ପ୍ରତିଯୋଗୀମାନେ।

# ଓଟିପିଏଲ୍ ସିଜନ–୨ ଜାନୁୟାରୀ ୯ରୁ

**ଭୁବନେଶ୍ୱର, ୫।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ନୀଳାଚଳ ଟେନିସ୍ ଏକାଡେମୀ ଦ୍ୱାରା ଆୟୋଜିତ ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍ (ଓଟିପିଏଲ୍)ର ଦ୍ୱିତୀୟ ସଂସ୍କରଣ ଆସନ୍ତା ଜାନୁୟାରୀ ୯ ରୁ ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ସମାଜର ସମସ୍ତ ଯୁବବର୍ଗଙ୍କ ମଧ୍ୟରେ ଟେନିସ୍ ଖେଳ ପ୍ରତି ଏକ ସ୍ୱତନ୍ତ୍ର ମନୋଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଆର୍ଥିକ ଅନଗ୍ରସର ଶ୍ରେଣୀ ତଥା ପ୍ରତିଭାସମ୍ପନ୍ନ ଯୁବବର୍ଗଙ୍କୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ନୀଳାଚଳ ଟେନିସ୍ ଏକାଡେମୀ ପକ୍ଷରୁ ନିୟମିତ ବ୍ୟବଧାନରେ ଦେଶର ବିଭିନ୍ନ ସ୍ଥାନରେ ଏହି ପ୍ରକାର ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଅଛି। ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଖଟୁଆ, ମହାନିର୍ଦ୍ଦେଶକ (ଆଇସିସିଆର୍) ତଥା ସେକ୍ରେଟାରୀ (ସ୍ପେଶାଲ ଆସାଇନ୍‌ମେ), ଗୋକୁଳ ପଟ୍ଟନାୟକ, ଆଇଏଏସ୍(ଅବସରପ୍ରାପ୍ତ), ନିଶ୍ଚିନ୍ତ ବର୍ଦ୍ଦୋଲୋଇ (ପୂର୍ବତନ କ୍ରିକେଟର) ଏବଂ ଆଦିତ୍ୟ ଖାନ୍ନା (ଟେନିସ୍ ଖେଳାଳି)ଙ୍କ ଉପସ୍ଥିତିରେ ଏହି ଓଟିପିଏଲ୍ ସିଜନ–୨ ଟ୍ରଫିକୁ ଉନ୍ମୋଚନ କରାଯାଇଛି।

ଏହି ସଂସ୍କରଣରେ ଅନୁଗୁଳ ଏକର୍ସ, ଭଦ୍ରକ ଭିକ୍ଟରର୍ସ, କଟକ କନ୍‌କର୍ସ, ଖୋର୍ଦ୍ଧା ୱାରିୟର୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, ପୁରୀ ୱେଭର୍ସ, ସମ୍ବଲପୁର ସୁଟର୍ସ ଏବଂ ସୁନ୍ଦରଗଡ଼ ବିରାନ୍ସକୁ ମିଶାଇ ୮ଟି ଦଳ ଅଂଶଗ୍ରହଣ କରିବେ ବୋଲି ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦିଲୀପ ମହାନ୍ତି ଏହି ଅବସରରେ କହିଥିଲେ। ଏହି ୮ଟି ଦଳରେ ୪୦ ଜଣ ଖେଳାଳି (୧୬ ଜଣ ପୁରୁଷ, ୮ ଜଣ ମହିଳା ଏବଂ ୧୬ ଜଣ ବରିଷ୍ଠ ଖେଳାଳି) ଭାଗ ନେଉଛନ୍ତି। ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ଓ ସିନିୟର ଡବଲ୍ସରେ ମ୍ୟାଚ୍ ଖେଳାଯିବ। ଏଥିରେ ଏଟିପି, ଡବ୍ଲ୍ୟୁଟିଏ, ଆଇଟିଏଫ୍ ଏବଂ ଏଆଇଟିଏର ବହୁ ଅଭିଜ୍ଞ ଖେଳାଳି ଭାଗ ନେବେ। ସେମାନଙ୍କ ମଧ୍ୟରୁ ବିଷ୍ଣୁ ବର୍ଦ୍ଧନ, ନିକ୍କି ପୁନାଚା, ସୂରଜ ପ୍ରବୋଧ, କୁନାଲ ଆନନ୍ଦ, ମୋହିତ ମୟୂର, ଦଲୱିନ୍ଦର ସିଂ, ପ୍ରଜ୍ୱଳ ଦେବଙ୍କ ପରି ଆହୁରି ଅନେକ ବରିଷ୍ଠ ଖେଳାଳି ରହିଛନ୍ତି।




ଅତିଥିଙ୍କ ଦ୍ୱାରା ଓଟିପିଏଲ୍ ସିଜନ–୨ର ଟ୍ରଫି ଉନ୍ମୋଚନ କରାଯାଉଛି।



ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୬/୨୦୧୮ Bhubaneswar, Thursday, December 6/ 2018

## ସଂକ୍ଷେପରେ

### ଭୋଟର ତାଲିକା ସଂଶୋଧନ ବୈଠକ

**ଯାଜପୁର ଅଫିସ, ୫।୧୨:** ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଭୋଟର ତାଲିକା ସଂଶୋଧନ ସଂପର୍କରେ ବୁଧବାର ଯାଜପୁର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି।

ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଏଥିରେ ଅଧକ୍ଷତା କରି ଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତର ଲକ୍ଷ୍ୟ ରଖି ନିର୍ବାଚନ କମିଶନ ସଂଶୋଧନ ବ୍ୟବସ୍ଥା କରିଛନ୍ତି। ନିର୍ଦ୍ଧାରିତ ସମୟ ସୀମା ମଧରେ ପ୍ରାପ୍ତ ଆବେଦନଗୁଡିକୁ ତନଖି କରାଯାଇ ଦାୟିତ୍ୱରେ ଥିବା ଭେଣ୍ଡରଙ୍କୁ ପ୍ରଦାନ କରାଯାଇଛି ଏବଂ ଏହି କାର୍ଡ ଗୁଡିକ ପ୍ରସ୍ତୁତ ହେବା ପରେ ଜାତୀୟ ମତଦାତା ଦିବସରେ ଭୋଟରଙ୍କୁ ବଣ୍ଟନ କରାଯିବ ବୋଲି ମହାନ୍ତି ସୂଚନା ଦେଇଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ନିର୍ବାଚନ କମିଶନଙ୍କ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି ନୂତନ ନାମ ଯୋଗ ପାଇଁ ୫୩୭୪୬ ଫର୍ମ, ବାଦ ପାଇଁ ୨୫୫୬୦, ସଂଶୋଧନ ପାଇଁ ୨୩୧୮୫ ଓ ସ୍ଥାନାନ୍ତର ପାଇଁ ୧୩୨୬ ଗୋଟି ଆବେଦନ ପତ୍ର ମିଳିଥିବାର ସୂଚନା ଦେଇଥିଲେ। ଡିସେମ୍ବର ୧୦ ତାରିଖରୁ ୧୨ ତାରିଖ ଓ ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ବୁଥ୍ ସ୍ତରରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ରାଜନୈତିକ ଦଳର ବୁଥ୍ ଏଜେଣ୍ଟମାନେ ଯୋଗଦେବାକୁ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ ଅନୁରୋଧ କରିଥିଲେ। ଏଥିରେ ଭାଜପା ଜିଲା ସମ୍ପାଦକ ସୁଦିପ୍ତ କୁମାର ପଣ୍ଡା, କମ୍ୟୁନିଷ୍ଟ ପାର୍ଟିର ଜିଲା ସମ୍ପାଦକ ମଳୟ ପଣ୍ଡା, କଂଗ୍ରେସ ଜିଲା ସମ୍ପାଦକ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**କଳିଙ୍ଗନଗର, ୫।୧୨(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅନ୍ତର୍ଗତ ବାରାଖାଇ ଗ୍ରାମର ଜଣେ ମହିଳାଙ୍କ ଅସଦାଚରଣ ମାମଲାରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋକର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଗ୍ରାମର ସାନ୍ତନୁ ପରେଇ (୪୪)। ଏକ ମାସ ତଳେ ଗ୍ରାମର ବିଳାସିନୀ ପରେଇ ଘରେ ଏକୁଟିଆ ଥିବାବେଳେ ସାନ୍ତନୁ ତାଙ୍କୁ ଅସଦାଚରଣ କରିଥିଲେ। ଗ୍ରାମବାସୀ ଏହାର ସମାଧାନ ପାଇଁ ଉଦ୍ୟମ କରି ବିଫଳ ହେବାରୁ ବିଳାସିନୀ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା (୧୬୮/୨୦୧୮) କରିଛି। ଗରୁବାର ସାନ୍ତନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ■ କଳିଙ୍ଗନଗରରେ ପୁନର୍ବାସ, ଥଇଥାନ ସମସ୍ୟା

# ଜାତୀୟସ୍ତରରେ କମିଶନ ଗଠନ ଦାବି ତେଜିଲା

**ଯାଜପୁରର ଅଫିସ, ୫।୧୨**



ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ଜନଶୁଣାଣିରେ ଉପସ୍ଥିତ ଅତିଥିବୃନ୍ଦ।

କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ସୁକିନ୍ଦା ଖଣି ଅଞ୍ଚଳର ବିସ୍ଥାପିତଙ୍କୁ ନ୍ୟାୟ ଓ ଅଧିକାର ପାଇଁ ଜାତୀୟସ୍ତରରେ ଏକ ସ୍ଥାୟୀ କମିଶନ ଗଠନ କରିବା ଦାବିରେ ଏକ ଆନ୍ଦୋଳନ ମୁଣ୍ଡ ଟେକିଛି। ଲୋକଶକ୍ତି ଅଭିଯାନ ପକ୍ଷରୁ ବୁଧବାର ଲୋହିଆ ଏକାଡେମୀ ଭୁବନେଶ୍ୱରଠାରେ ଅନୁଷ୍ଠିତ ଜନଶୁଣାଣିରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଫେସର ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ମହାପାତ୍ର, ଗୋଲକବିହାରୀ ନାଥ, ବିଦ୍ୟୁତଲତା ମହାନ୍ତି, ସୁଧିର ପଟ୍ଟନାୟକ, ଚାଷୀନେତା ଲିଙ୍ଗରାଜ, ବିଜୟ ଉପାଧାୟ ଓ ଗ୍ରୀନନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରାୟ ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିସ୍ଥାପିତ ଜନତାଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି ବିଚାରକ ମଣ୍ଡଳି ମତବ୍ୟକ୍ତ କରିଥିଲେ। ଏହାସହ ଧରିତ୍ରୀରେ ନିୟମିତ ଭାବେ କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଓ ସ୍ଥାନୀୟ ନିଯୁକ୍ତି ଉପରେ ପ୍ରକାଶ ପାଉଥିବା ଖବରଗୁଡିକ ଉପରେ ଆଲୋଚନା ହୋଇଥିଲା। ଶୁଣାଣିରେ ଯାଜପୁର ଜିଲାର ବହୁତ ଆଦିବାସୀ, ଦଳିତ ସଂପ୍ରଦାୟର ବିସ୍ଥାପିତ ପରିବାର ଏପର୍ଯ୍ୟନ୍ତ କ୍ଷତିପୂରଣ କିମ୍ବା ପୁନଃବାସ ପାଇନାହାନ୍ତି। ଟାଟା କମ୍ପାନୀ ଦ୍ୱାରା ପ୍ରଭାବିତ ହୋଇଥିବା ସୁନୀଲ ଗାଗରାଇ କହିଥିଲେ ଯେ, ବିସ୍ଥାପିତ ପରିବାରଗୁଡିକ ଘରଡିହ ପଟ୍ଟା ପାଇବା ପାଇଁ ବାରମ୍ବାର ସରକାର ଓ କମ୍ପାନୀକୁ ଦୌଡ଼ି ଦୌଡ଼ି ହତାଶ ହୋଇଗଲେଣି। ସୁକିନ୍ଦା ଅଞ୍ଚଳର ଲମ୍ବୋଦର ମାହାତୋ କହିଥିଲେ ଟାଟା ମାଇନ୍ସ ଦ୍ୱାରା ନିର୍ଗତ ହୋଇଥିବା ପ୍ରଦୂଷଣ ଦ୍ୱାରା ବହୁ ଗ୍ରାମ ପ୍ରଭାବିତ ହୋଇଛି। ଖଣିରୁ ନିର୍ଗତ ହେଉଥିବା ନିକେଲ ଜମିରେ ମିଶି ମାଟିର ଉର୍ବରତାକୁ ନଷ୍ଟ କରି ଦେଇଛି। ୩୫ଟି ଚିରସ୍ରୋତା ଝରଣା ବନ୍ଦ ହୋଇ ଯାଇଛି। ଶତାଧିକ ଛୋଟ ପିଲା ଓ ଯୁବକଙ୍କୁ ଚର୍ମରୋଗ ହେଉଥିବା ଦେଖିବାକୁ ମିଳୁଛି ବୋଲି ସେ କହିଛନ୍ତି। ଜଙ୍ଗଲ ଅଧିକାର ଆଇନ ୨୦୦୭ ଓ ଜମି ଅଧିଗ୍ରହଣ ପୁର୍ନବାସ ଓ ଥଇଥାନ ଆଇନ ୨୦୧୮ଗୁଡିକୁ କାର୍ଯ୍ୟକାରୀ କରା ନ ଯାଇ ବିସ୍ଥାପିତଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଇଛି। ଶିଳ୍ପାୟନଜନିତ ବିସ୍ଥାପିତଙ୍କ ଥଇଥାନ ଓ ପୁର୍ନବାସ ତଥା ପ୍ରଦୂଷଣ ସମସ୍ୟାକୁ ଆଖିବୁଜି ଦିଆଯାଇଛି । କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳରେ ୮୯୫ଟି ପୁର୍ନବାସ ଓ ଥଇଥାନ ମାମଲା ଗଡୁଛି। ଏଥିପାଇଁ ପ୍ରଶାସନସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଶୁଣାଣିରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ଜନଶୁଣାଣିଗୁଡିକର ରିପୋର୍ଟକୁ ନେଇ ବିସ୍ଥାପିତଙ୍କୁ ନ୍ୟାୟ ଓ ଅଧିକାର ଦେବାକୁ ଜାତୀୟସ୍ତରରେ ଏକ ସ୍ଥାୟୀ କମିଶନ ଗଠନ ପାଇଁ ଆନ୍ଦୋଳନ କରାଯିବ ବୋଲି ଲୋକଶକ୍ତି ଅଭିଯାନ ତରଫରୁ ଘୋଷଣା କରାଯାଇଥିଲା।

## କାର୍ତ୍ତିକେଶ୍ୱର ମେଢ଼ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ

# ୧୦ ଆହତ, ୬ ଗିରଫ

**ଚଣ୍ଡିଖୋଲ/ଛତିଆ,୫।୧୨(ଡି.ଏନ.ଏ)**

■ ୨ ପ୍ଲାଟୁନ ଫୋର୍ସ ମୁତୟନ

■ ଆଜି ବସିବ ଶାନ୍ତି କମିଟି ବୈଠକ

ବୈରୀ ଥାନା ଅନ୍ତର୍ଗତ ଛତିଆ ବଜାରଠାରେ ମଙ୍ଗଳବାର ରାତିରେ କାର୍ତ୍ତିକେଶ୍ୱର ମେଢ ଭସାଣିବେଳେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୧୦ଜଣ ଆହତ ହୋଇଛନ୍ତି। ଅମରେଶ୍ୱର ବଜାର ମେଳଣ ପଡ଼ିଆରେ ଥିବା ଗୋଟିଏ ବସ, ଦୁଇଟି ଟାଟା ଏସିଇ, ୧ଟି କାର, ଦୁଇ ବାଇକ୍ ଓ ୩ଟି ଦୋକାନ ଭଙ୍ଗାରୁଜା ହୋଇଛି। ଉଭୟ ପକ୍ଷରୁ ଥାନାରେ ୭ ଅଭିଯୋଗ ହୋଇଛି। ପୋଲିସ ବୁଧବାର ଏକ ମାମଲା ନଂ- ୧୩୭/୧୮ ରୁଜୁ କରି ଗୋଟିଏ ପକ୍ଷରୁ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ କମ୍ପାନୀ ବଜାରର ବାଦଲ ସିଂ(୨୫), ସାଗର ସିଂ (୨୧), ଆକାଶ ସିଂ (୨୦), ନାକା ସିଂ (୩୭), ହୃଷୀକେଶ ସିଂ (୨୪) ଓ ଚିତ୍ତରଂଜନ ସିଂ (୨୨)। ପୋଲିସ ଗୋଟିଏ ଗୋଷ୍ଠୀର ୬ ଜଣଙ୍କୁ ଗିରଫ କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସନ୍ଧ୍ୟାରେ ଯାଜପୁର ଏସପି ଚରଣ ସିଂ ମିନା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯାଜପୁର ଏସଡିପିଓ କେଦାର ନାଥ ସାହୁ ପହଞ୍ଚି ଶାନ୍ତି ରକ୍ଷା ପାଇଁ ଉଦ୍ୟମ ଚଳାଇଛନ୍ତି। ସୂଚନାଯୋଗ୍ୟ, କାର୍ତ୍ତିକେଶ୍ୱର ମେଢ ଭସାଣି ରାତିରେ ଆରମ୍ଭ ହୋଇଥିଲା। ଏଥିରେ ଉପର ବଜାର, ଦେବୀ ସାହି, ଇନ୍ଦ୍ର ବଜାର, ଚାନ୍ଦିଆ ସାହି, ନନା ଚୁଙ୍ଗି, ଗୌରୀଶଙ୍କର କ୍ଲବ୍, ପଟଣା ଥାନପତି, ସୋଲର, ଏକ ଡ଼ାଳିଆ ଓ ଗୁଡ଼ିଆ ସାହି ସମେତ ୧୦ଟି ମେଢ ବାଲିଯାତ୍ରା ପଡ଼ିଆରେ ଏକାଠି ହୋଇ ଶୋଭାଯାତ୍ରାରେ ବାହାରିଥିଲେ। ଛତିଆ ହାଇସ୍କୁଲ ନିକଟରେ ଉପର ବଜାର ମେଢ ଯାଉଥିଲା। ଏତିକି ବେଳେ କେହି ଦୁର୍ବୃତ୍ତ ଢେଲା ଓ ବୋତଲ ମାଡ଼ କରିଥିଲେ। ଫଳରେ କମ୍ପାନୀ ବଜାରର ବିଶ୍ୱଜିତ ସିଂ ନାମକ ଜଣେ ଯୁବକଙ୍କ ମୁଣ୍ଡ ଫାଟି ଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମେଢ ଶୋଭାଯାତ୍ରାରେ ଥିବା ଯୁବକମାନେ ପ୍ରତି ଆକ୍ରମଣ କରିଥିଲେ। ସକାଳୁ କମ୍ପାନୀ ବଜାର ପକ୍ଷରୁ ୬ଜଣଙ୍କୁ ଅମରେଶ୍ୱର ସାହିର ଲୋକେ ପଥର ଓ ବୋତଲ ମାଡ଼ କରି ଗୁରୁତର କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଏସପି ମିନା କହିଛନ୍ତି, ସେ ଘଟଣା ସ୍ଥଳ ଅନୁଧ୍ୟାନ କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଉଭୟ ସାହି ମଧରେ ଶାନ୍ତି ପ୍ରତିଷ୍ଠା ପାଇଁ ଗୁରୁବାର ଥାନାରେ ଏକ ଶାନ୍ତି କମିଟି ବୈଠକ ବସିବ।

## ■ ଅଲ୍ ଓଡ଼ିଶା ମିଟର ରିଡର ଆସୋସିଏଶନ

# ୪ଦଫା ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ ଧମକ

**ରସୁଲପୁର,୫।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ସାମନ୍ତ ସିଂହାର ଭବନରେ ବୁଧବାର ଅଲ୍ ଓଡିଶା ମିଟର ରିଡର ଆସୋସିଏଶନ ପକ୍ଷରୁ କୁଆଖିଆ ବିଦ୍ୟୁତ୍ ଖଣ୍ଡ ସମ୍ପାଦକ କୁଳମଣି ବଳଙ୍କ ଆହ୍ୱାନ କ୍ରମେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ସୁରେନ୍ଦ୍ର ଚନ୍ଦ୍ର ବେହରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମିଟର ରିଡର ଆସୋସିଏଶନର ଶ୍ରମିକଙ୍କୁ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘ ପକ୍ଷରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିବା ୪ଟି ଦାବିକୁ ପୂରଣ କରିବାରେ ଟାଳଟୁଳନୀତି ଅବଲମ୍ବନ କରାଯାଉଛି। ଏଦିଗରେ ସରକାର କୌଣସି ପଦକ୍ଷେପ ନ ନେଲେ ସଂଘ ଆସନ୍ତା ଜାନୁୟାରୀ ୪ତାରିଖରେ ଭୁବନେଶ୍ୱରଠାରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅଭିଯୋଗରୁ ଜଣାଯାଏ ସଂଘ ପକ୍ଷରୁ ମିଟର ରିଡରମାନଙ୍କୁ ସର୍ବନିମ୍ନ ମଜୁରୀ, ମିଟର ରିଡର କାର୍ଯ୍ୟକୁ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରଦାନ କରିବା ଉପରେ ରୋକ ଲଗାଇବା, ମିଟର ରିଡରମାନଙ୍କ ବକେୟା ୧୪ବର୍ଷର ଇପିଏଫ୍ ଓ ବୋନସ ଅର୍ଥ ପ୍ରଦାନ କରିବା, ଶ୍ରମିକମାନଙ୍କୁ ଇଏସଆଇ ଅର୍ନ୍ତଭୁକ୍ତ କରାଇବା ଆଦି ଦାବି ବହୁବାର ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱରେ ଥିବା ବିଭାଗ ନେସ୍କୋ, ସାଉଥକୋ, ୱେସ୍କୋ, ସେସୁଙ୍କ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ ହୋଇ ଆସିଛି। ଏହାଛଡା ସଂଘ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଓ ଶ୍ରମ ବିଭାଗ ନିକଟରେ ମଧ ବାରମ୍ବାର ଅଭିଯୋଗ କରିଆସୁଛି। ହେଲେ କୌଣସି ସୁଫଳ ମିଳି ନାହିଁ। ବରଂ କମ୍ପାନୀଗୁଡିକ ଠିକାଦାରଙ୍କ ଭାବରେ ପଡି ଶ୍ରମିକମାନଙ୍କୁ ଶୋଷଣ କରିଆସୁଛନ୍ତି। ତେଣୁ ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଦାବି ହାସଲ ପାଇଁ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ। ଆସ୍ତା ଜାନୁୟାରୀରୁ ଏହି ଆନ୍ଦୋଳନ ରାଜ୍ୟବ୍ୟାପୀ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ତପନ କୁମାର ଅଗସ୍ତି ପ୍ରକାଶ କରିଚନ୍ତି। ଅନୁଷ୍ଠିତ ବୈଠକରେ ମଧୁସୂଦନ ନାୟକ, ସ୍ମୃତିରଞ୍ଜନ ରାଉତ, ଚିନ୍ମୟ ଜେନା, ନକୁଳ ନାୟକ, ଚିତ୍ତରଞ୍ଜନ ଦାସ, ବିରଞ୍ଚି ନାୟକ, ଚିନ୍ମୟ ଦଳେଇ, ସନ୍ତୋଷ ନାୟକ, ପ୍ରକାଶ ସାହୁ, ସଚ୍ଚିଦାନନ୍ଦ ରଥ, ସନାତନ ମଲିକ, ଦେବାଶିଷ ନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨






Powered by Volkswagen Financial Services

Exchange through Das WeltAuto. Pre-owned cars you can trust. Guaranteed.

24x7 Roadside Assistance*** | Service once a year/15,000 Kilometres | Safer cars for India

*ସର୍ତ୍ତାବଳୀ ଲାଗୁ । ସମସ୍ତ ଅଫର୍ସ ପରସ୍ପର ଅନନ୍ୟ । ଉଲ୍ଲିଖିତ ପ୍ରାଇସ୍ ପୋଲୋ ଟ୍ରେଣ୍ଡଲାଇନ୍, ଏମିଓ ଟ୍ରେଣ୍ଡଲାଇନ୍ ଓ ଭେଣ୍ଟୋ ଟ୍ରେଣ୍ଡଲାଇନ୍‌ର ଅଫର୍ ପ୍ରାଇସ୍ ଅଟେ । ଅଫର୍ କେବଳ ଭେଣ୍ଟୋ ଓ ଏମିଓ 1.5 ଲିଟର ଟିଡିଆଇ ହାଇଲାଇନ୍ ପ୍ଲସ୍ ଡିଏସ୍‌ଜୀ ଉପରେ ବୈଧ । ଏକ୍ସ-ଶୋରୁମ୍ ମୂଲ୍ୟ ସହିତ ତୁଳନାତ୍ମକ ମୂଲ୍ୟ । ସ୍କିମ୍ ଉପରେ ବିସ୍ତୃତ ବିବରଣୀ ପାଇଁ, ଦୟାକରି ଭିଜିଟ୍ କରନ୍ତୁ www.volkswagen.co.in. **କେବଳ ପୋଲୋ ହାଇଲାଇନ୍ ପ୍ଲସ୍ ଡିଜେଲ୍, ଭେଣ୍ଟୋ ଓ ଏମିଓ ହାଇଲାଇନ୍ ପ୍ଲସ୍ ପେଟ୍ରୋଲ୍ ଓ ଡିଜେଲ୍ ଡିଏସ୍‌ଜୀର ନିର୍ଦ୍ଦିଷ୍ଟ ମଡେଲ୍ ଗୁଡ଼ିକ ଉପରେ ଏକ୍ସଚେଞ୍ଜ୍ । ଏକ୍ସଚେଞ୍ଜ୍ ବେନିଫିଟ୍ କେବଳ ଅଧିକୃତ ଡିଲର୍ସଙ୍କ ଏକମାତ୍ର ବିଚାର ଉପରେ*। ^^ ଭେଣ୍ଟୋ ଓ ଏମିଓର ନିର୍ଦ୍ଦିଷ୍ଟ ମଡେଲ୍ ଗୁଡ଼ିକ ଉପରେ କର୍ପୋରେଟ୍ ବେନିଫିଟ୍ । #ଟୋଟାଲ୍ ବେନିଫିଟ୍ କେବଳ 1.5 ଲିଟର ଭେଣ୍ଟୋ ହାଇଲାଇନ୍ ପ୍ଲସ୍ ଡିଜେଲ୍ ଡିଏସ୍‌ଜୀ ଉପରେ ଅଟେ । ପ୍ରଦର୍ଶିତ ବୈଶିଷ୍ଟ୍ୟ ଓ ଆକ୍ସେସରିଜ୍ ସାଧାରଣ ଉପକରଣର ଅଂଶ ହୋଇ ନପାରେ । ପ୍ରକୃତ ରଙ୍ଗ ଭିନ୍ନ ହୋଇପାରେ । ବୈଶିଷ୍ଟ୍ୟ ଓ ବିବରଣୀ ବିନା ବିଜ୍ଞପ୍ତିରେ ପରିବର୍ତ୍ତନ ଅଧୀନ ଅଟେ । ***ରୋଡ୍‌ସାଇଡ୍ ସହାୟତା କେବଳ ଆବଦ୍ଧ ସୀମା ମଧ୍ୟରେ । ଅଧିକ ସୂଚନା ପାଇଁ ଦୟାକରି ଆମର ଅଧିକୃତ ଫୋକ୍ସୱ୍ୱେଗନ୍ ଡିଲରଶିପ୍‌କୁ ଯାଆନ୍ତୁ ।

**Authorised Dealers: Volkswagen Bhubaneswar:** S61, Mancheshwar Industrial Estate, Bhubaneshwar-752101 ● Mobile: 8599011626/ 8599011591.


34

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜୀବନ ସଂଗ୍ରାମରେ ଜୟୀ ହେବାକୁ ହେଲେ ବୀର ବିକ୍ରମରେ ବିପଦର ସମ୍ମୁଖୀନ ହୋଇ ଠିଆହେବାକୁ ହେବ।
- ସ୍ୱାମୀ ବିବେକାନନ୍ଦ



# ନକଲି ପୋକମରା ଔଷଧରେ ଜଳିଗଲା ଧାନଖେତ

**ଯାଜପୁର ଅଫିସ/କୋରେଇ (ନି.ପ୍ର.),୫।୧୨**

ନକଲି ପୋକମରା ଔଷଧ ପ୍ରଭାବରେ ପ୍ରାୟ ୧୦ ଏକର ଧାନକ୍ଷେତ ଜଳି ଯାଇଛି। ଯାଜପୁର ଜିଲା କୋରେଇ ବ୍ଲକ ଗୌରପୁର ଓ କନ୍ତର ଗ୍ରାମ ପଞ୍ଚାୟତରେ ଏଭଳି ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି। ଧାନ ଅମଳ ସମୟରେ ଏହା ଜଣାପଡିବା ପରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଶିଛି। ଏନେଇ କୃଷି ବିଭାଗ ପାଖରେ କୌଣସି ଖବର ନାହିଁ। ଅନ୍ୟପକ୍ଷେ ପୋକମରା ଔଷଧ ଯୋଗାଇଥିବା ରାଧେଶ୍ୟାମ ପଣ୍ଡା ଫେରାର ହୋଇଯାଇଛନ୍ତି। ଏନେଇ କ୍ଷତିଗ୍ରସ୍ତ ଚାଷୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ।

ଯାଜପୁର ଜିଲା ଗୌରପୁର ପଞ୍ଚାୟତ ଅନ୍ତର୍ଗତ ଯୁଗଳକଣା ଗ୍ରାମରେ କାର୍ତ୍ତିକ ସାହୁ ତାଙ୍କ ଅଢେଇ ଏକର ଜମିରେ ଧାନ ଚାଷ କରିଥିଲେ। ଚାଷ ପ୍ରାରମ୍ଭରେ ଆର୍ଥିକ ଅନଟନ ଯୋଗୁ ରାଧେଶ୍ୟାମଙ୍କ ସହାୟତା ଲୋଡ଼ିଥିଲେ। ତେବେ ରାଧେଶ୍ୟାମ କେତେକ ସର୍ତ୍ତରେ କାର୍ତ୍ତିକଙ୍କୁ ସହଯୋଗ କରିଥିଲେ। ଧାନ ଅମଳ ସମୟରେ ସରକାରୀ ଧାର୍ଯ୍ୟ ଦରଠାରୁ ୫୦୦ଟଙ୍କା କମ୍ ଦରରେ ଧାନ ଦେବାକୁ ଉଭୟଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ତଦନୁସାରେ ରାଧେଶ୍ୟାମ ଚାଷୀ କାର୍ତ୍ତିକଙ୍କୁ ଆବଶ୍ୟକ ସାର, ଔଷଧ ଓ କିଛି ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପୋକ ଲାଗିଥିବା ସମୟରେ ଚାଷୀଙ୍କୁ ସେ ପୋକମରା ଔଷଧ ଆଣି ଦେଇଥିଲେ। ପୋକମରା ଔଷଧ ପ୍ରୟୋଗ କରିବାର କିଛିଦିନ ପରେ ଧାନଗଛସବୁ ପୋଡ଼ି ଯାଉଥିବା ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ କନ୍ତର ଗ୍ରାମ ପଞ୍ଚାୟତ ଜଳଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ୩ଏକର ଏବଂ ଦୁଃଶାସନ ସେଠୀ, ଶତୃଘନ ସେଠୀ ଓ ବୈଷ୍ଣବ ଦେବ ପ୍ରାୟ ୫ ଏକର ଜମିରେ ଧାନ ଚାଷ କରିଥିଲେ। ସେମାନେ ମଧ୍ୟ ପୋକମରା ଔଷଧ ଦେଇଥିବାରୁ ତାଙ୍କ ଧାନଗଛ ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ତେବେ ଜଳନ୍ଦା ଗ୍ରାମର ଏହି କ୍ଷତିଗ୍ରସ୍ତ ଚାଷୀମାନେ ରାଧେଶ୍ୟାମଙ୍କୁ ଘେରିବାରୁ କ୍ଷତିପୂରଣ ବାବଦରେ ୯୦ହଜାର ଟଙ୍କା ଦେବାକୁ କୁଆଡ଼େ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। କିନ୍ତୁ ଅତ୍ୟନ୍ତ ଗରିବ ଓ ନିଃସହାୟ କାର୍ତ୍ତିକଙ୍କୁ କୌଣସି ପ୍ରକାର ସହାୟତା ଦେବାକୁ ଧନେଶ୍ୱର ମନା କରିଦେଇଥିଲେ। ଏପରିକି ତାଙ୍କୁ ଗାଳିଗୁଲଜ କରିଥିବା କାର୍ତ୍ତିକ ଅଭିଯୋଗ ଆଣିଛନ୍ତି। କାର୍ତ୍ତିକ ସରକାରୀ ଭାବେ କୌଣସି ପ୍ରକାର ସହାୟତା ପାଇ ନାହାନ୍ତି। ଘରେ ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ପୁଅ ଅମିୟଙ୍କୁ କଷ୍ଟେମଷ୍ଟେ ବ୍ୟାସନଗର କଲେଜରେ ଯୁକ୍ତ ତିନିରେ ପାଠ ପଢାଉଛନ୍ତି। ତେବେ ଏ ସଂକ୍ରାନ୍ତରେ ରାଧେଶ୍ୟାମ ପଣ୍ଡାଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରି ନାହିଁ। ଅନ୍ୟପକ୍ଷେ ଯାଜପୁର କୃଷି ଉପନିର୍ଦ୍ଦେଶକ ଶରତଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି ଏଭଳି ଅଭିଯୋଗ ସେ ଏଯାଏ ପାଇନାହାନ୍ତି। ତେବେ ଆବଶ୍ୟକ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ। ଏନେଇ ସମ୍ପୃକ୍ତ ଅଧିକାରୀଙ୍କୁ ସୂଚନା ଦେଇ ରିପୋର୍ଟ ମଗାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱର୍ଗରଥର ଶୁଭାରମ୍ଭ

**କଳିଙ୍ଗନଗର, ୫।୧୨(ଡି.ଏନ୍.ଏ.):** ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସ୍ୱର୍ଗରଥ ଗାଡିର ଶୁଭାରମ୍ଭ ହୋଇଯାଇଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଡିଏମ୍ଏଫ୍ ପାଣ୍ଠିରୁ ସ୍ୱର୍ଗରଥ ଗାଡି ପ୍ରଦାନ କରାଯାଇଥିବା ବିଧାୟକ ଘଡେଇ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିଶାନ୍ତ ନିଲୋତ୍ପଳ ଦାସ୍, ଜିଲାପରିଷଦ ସଭ୍ୟ ସୁଶାନ୍ତ ସାମଲ, ଦାନଗଦୀ ବ୍ଲକ ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ, ଏମ୍ପିଙ୍କ ପ୍ରତିନିଧି ପ୍ରଶାନ୍ତ କୁମାରରାୟ୍, ଭାଗିରଥୀ ଜେନା, ପ୍ରଫୁଲ୍ଲ କୁମାର ରାୟ୍, ବିମଲେସ ଓଝା, ପ୍ରକାଶ ମିଶ୍ର, ସୁବାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକସଭା

**ଧର୍ମଶାଳା, ୫।୧୨(ଡି.ଏନ୍.ଏ.):** ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧାପକ ଗୋପବନ୍ଧୁ ତ୍ରିପାଠୀଙ୍କ ବିୟୋଗରେ ଏକ ଶୋକସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଭାରପ୍ରାପ୍ତ ଅଧକ୍ଷ ଶୁଭ୍ରାଂଶୁ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ତ୍ରିପାଠୀ ମହାବିଦ୍ୟାଳୟ ପ୍ରତିଷ୍ଠା ଦିନରୁ ଅର୍ଥନୀତି ଅଧାପକ ଭାବେ ଯୋଗଦେଇ ଯୁକ୍ତ ୨ ବିଭାଗ ଅଧକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ଗତ ରବିବାର ତାଙ୍କର ପରଲୋକ ହୋଇଛି। ତାଙ୍କ ବିୟୋଗରେ ଯାଜପୁର ଏମ୍ପି ରୀତା ତରାଇ, କିଷାନ ପଣ୍ଡା, ସନ୍ତୋଷ କୁମାର ତରାଇ, ରମାକାନ୍ତ ଜେନା, ବି.କେ ପରିଡା, ବିଷ୍ଣୁ ସାମନ୍ତରାୟ୍, ଗୌତମ ଜେନା, ଅବିନେଶ୍ୱର ଶତପଥୀ, ପବିତ୍ର ମୋହନ ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରସୁଲପୁର,୫।୧୨(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ଅବଦୁଲ୍ ମଜିଦଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସିଆରସି ପ୍ରତାପରୁଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବରେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କର ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗଣାବଳୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଆରସି ଭିକାରୀ ଚରଣ କବି, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିଜୟ ଷଡଙ୍ଗୀ, ସଂପାଦକ ମହେନ୍ଦ୍ର ମଲିକ, ନିମ୍ନମାଧମିକ ସଂଘର ଜିଲା ସଂପାଦକ ବିକ୍ରମ ଦାସ, ପ୍ରାକ୍ତନ ଶିକ୍ଷକ ଆନନ୍ଦ ଚନ୍ଦ୍ର ନାୟକ, ମେହେବୁବ୍ ମିଆଁ,ସମସାଦ ଖାଁ, ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୁରାତନ ଛାତ୍ର ସୁବାଷ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷକ ଅବିଦ୍ ଅକ୍ତର ଖାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ଓ ଉପହାର ପ୍ରଦାନ କରିଥିଲେ। ଏକ ବିରାଟ ପଟୁଆରରେ ବିଦାୟୀ ଶିକ୍ଷକଙ୍କୁ ତାଙ୍କ ବାସଭବନକୁ ନିଆଯାଇଥିଲା।

# ଧୂଳି ଧୂଆଁରେ ଅତିଷ୍ଠ ଗ୍ରାମବାସୀ

**କଳିଙ୍ଗନଗର, ୫।୧୨(ଡି.ଏନ୍.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳ ନିକଟ ବାରଗାଡିଆ ପଞ୍ଚାୟତର ନୂଆଗାଁ ଗ୍ରାମରେ ୨ଟି କାରଖାନା ଅବସ୍ଥିତ। ଗ୍ରାମର ଗୋଟିଏ ପାର୍ଶ୍ୱରେ ଟାଟା କାରଖାନା ରହିଥିବାବେଳେ ଅନ୍ୟପାର୍ଶ୍ୱରେ ନୀଳାଞ୍ଚଳ ଇସ୍ପାତ କାରଖାନା ରହିଛି। ଦୁଇ ଶିଳ୍ପ କାରଖାନାରୁ ନିର୍ଗତ ଧୂଳିଧୂଆଁରେ ଗ୍ରାମରେ ପ୍ରଦୂଷଣ ବଢିବାରେ ଲାଗିଛି। ଏଥିସହ ବିଭିନ୍ନ ରୋଗରେ ଗ୍ରାମବାସୀ ପୀଡିତ ହେଉଛନ୍ତି। ଏ ନେଇ ମଙ୍ଗଳବାର ସ୍ଥାନୀୟ ଗ୍ରାମବାସୀ କଳିଙ୍ଗନଗର ଏଡିଏମ୍‌ଙ୍କୁ ଭେଟି ବିସ୍ଥାପିତ ପାଇଁ ଦାବି କରିଛନ୍ତି।

ସୁକିନ୍ଦା ବ୍ଲକ ଅନ୍ତର୍ଗତ ୨ଟି କାରଖାନାର ମଧ୍ୟରେ ୨୭ ପରିବାର ଦୀର୍ଘଦୀନଧରି ରହୁଛନ୍ତି। କାରଖାନା ପ୍ରତିଷ୍ଠାବେଳେ ସମ୍ପୃକ୍ତ ଗ୍ରାମକୁ ବିସ୍ଥାପିତ କରାଯାଇ ଥଇଥାନ କରାଯିବା ନେଇ ଜିଲା ପ୍ରଶାସନ ଏବଂ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘବର୍ଷ ପରେ ମଧ୍ୟ ଗ୍ରାମବାସୀଙ୍କୁ ଥଇଥାନ କରାଯାଇ ପାରିନାହିଁ। ଗତ ୧୪।୧।୨୦୧୮ରେ ଇଡ୍‌କୋ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କୁ ଆବଶ୍ୟକୀୟ ଘରବାରି ଓ ଘର ପାଇଁ ସମସ୍ତ ପ୍ରାପ୍ୟ ପ୍ରଦାନ କରିଥିବାବେଳେ ବାସଗୃହ ନିର୍ମାଣ ନିମନ୍ତେ ଜାଗା ପ୍ରଦାନ କରି ପାରି ନାହିଁ। କମ୍ପାନୀ ଯୋଗୁ ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖି ଆର୍‌ଡିସି ଗତ ୧।୧୧।୨୦୧୮ରେ ଭୁବନେଶ୍ୱରଠାରେ ଏକ ରିଭ୍ୟୁ ବୈଠକରେ ଗ୍ରାମବାସିଙ୍କ ଥଇଥାନ ନିମନ୍ତେ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଂସାଇଲୋଠାରେ ଥିବା ପୂର୍ଣ୍ଣବିନ୍ୟାସ କଲୋନୀରେ ଗ୍ରାମବାସୀଙ୍କୁ ଥଇଥାନ କରିବା ନିମନ୍ତେ ଠିଠି ମାଧ୍ୟମ ଆର୍‌ଡିସି ଜଣାଇଥିଲେ। କିନ୍ତୁ ଅଦ୍ୟାବଧି ଗ୍ରାମବାସୀଙ୍କୁ ଥଇଥାନ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରି ନାହିଁ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଇଡ୍‌କୋ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଆଗାମୀଦିନରେ ଇଡ୍‌କୋ ଅଫିସ ସମ୍ମୁଖରେ ଧାରଣା ଦେବା ନେଇ ଚେତାବନୀ ଦେଇଛନ୍ତି। କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ଏ ନେଇ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି। ତେବେ ଇଡ୍‌କୋ ପକ୍ଷରୁ ଉକ୍ତ ସ୍ଥାନର ଉନ୍ନତୀକରଣ କରାଯିବା ପରେ ଗ୍ରାମବାସୀଙ୍କୁ ଥଇଥାନ କରାଯିବ ବୋଲି କହିଛନ୍ତି।

## ଜନ୍ମଦିନରେ ରୋଗୀଙ୍କୁ କମ୍ବଳ ବଣ୍ଟନ

**କଳିଙ୍ଗନଗର, ୫।୧୨(ଡି.ଏନ୍.ଏ.)**

ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇଙ୍କ ଜନ୍ମ ଦିବସ ଉପଲକ୍ଷେ ବୁଧବାର ଦାନଗଦୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ କମ୍ବଳ ଓ ଫଳ ବଣ୍ଟନ କରାଯାଇଛି। ତ୍ରିଜଙ୍ଗା ପଞ୍ଚାୟତ ବିଜେଡି ସଭାପତି ପ୍ରଫୁଲ କୁମାର ରାୟଙ୍କ ନେତୃତ୍ୱରେ ବ୍ଲକ ଉପାଧକ୍ଷ ସୁଧାଂଶୁ ଭଞ୍ଜ, ଏମ୍ପିଙ୍କ ବ୍ଲକ ପ୍ରତିନିଧୀ ପ୍ରଶାନ୍ତ କୁମାର ରାୟ, ରଞ୍ଜନ ସାହୁ, ଦେବେନ୍ଦ୍ର ମିଶ୍ର, ଭାଗିରଥୀ ବେହେରା, ଗୋଲଖ ପାତ୍ର, ପପୁ ସାହୁ, ପ୍ରମୋଦ ଧୀର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

■ ବିଶ୍ୱ ମୃତ୍ତିକା ଦିବସ

# ୧୦୦ ଚାଷୀଙ୍କୁ କାର୍ଡ ପ୍ରଦାନ



ଜଣେ ଚାଷୀଙ୍କୁ ମୃତ୍ତିକା କାର୍ଡ ପ୍ରଦାନ କରାଯାଉଛି।

**ରସୁଲପୁର,୫।୧୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବୁଧବାର ବିଶ୍ୱ ମୃତ୍ତିକା ଦିବସ ଅବସରରେ ଏକ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ କୃଷି ସୂଚନା ଓ ବୈଷୟିକ ପରାମର୍ଶ କେନ୍ଦ୍ର(ଆତ୍ମା)ର ସଭାପତି ରମେଶ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବରେ କୃଷି ବିଜ୍ଞାନୀ ରମେଶ ଚନ୍ଦ୍ର ବାରିକ ଯୋଗଦେଇ ମୃତ୍ତିକା ଦିବସର ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ମଞ୍ଜି ବୁଣିବା ପୂର୍ବରୁ ମାଟି ପରୀକ୍ଷା କରାଇ ନେବା ସହ ମାଟି ଉପଯୋଗୀ ଫସଲ ଚାଷ କଲେ ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ମତ ରଖିଥିଲେ। ମାଟିର ଗୁଣବତ୍ତାକୁ ବଜାଇ ରଖିବାକୁ ହେଲେ ରାସାୟନିକ ସାର ବଦଳରେ ଜିଆଖତ, ଜୈବିକ ଖତର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ବୈଷୟିକ ପରିଚାଳକ ସିଦ୍ଧାର୍ଥ ରାଉତରାୟ, ଉଦ୍ୟାନକୃଷି ଅଧିକାରୀ ପ୍ରଭାସ ରଂଜନ ମଲିକ ପ୍ରମୁଖ ଯୋଗଦେଇ ଚାଷୀମାନେ ନୂଆ ଜ୍ଞାନକୌଶଳକୁ ବ୍ୟବହାରକରିବା ସହ ମାଟିର ମାନକୁ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀମାନଙ୍କୁ କାର୍ଡ ପ୍ରଦାନ କରାଯାଇଥିଲା। କାର୍ଡରେ ଉଲ୍ଲେଖ ଥିବା ମାଟିର ଗୁଣବତ୍ତାକୁ ଅନୁସରଣକରି ବେଉଷଣ କରିବାକୁ ପରାମର୍ଶ ଦେଇଥିଲେ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ଧର୍ମଶାଳା, ୫।୧୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଚଢେଇଧରାସ୍ଥିତ ଜଗନ୍ନାଥଜିଉ ଜୁନିୟର କଲେଜରେ ବାଳିକା ଆତ୍ମରକ୍ଷା ଶିବିର ମଙ୍ଗଳବାର ମହାବିଦ୍ୟାଳୟ ଅଧକ୍ଷ ଅଜୟ କୁମାର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଧାପକ ପ୍ରଭାତ ଦାଶଙ୍କ ତତ୍ତ୍ୱାବଧାରେ ପରିଚାଳିତ ଶିବିରରେ ୧୩୪ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯାଜପୁର ଏନ୍‌ସି କଲେଜ ଛାତ୍ରୀ ସରସ୍ୱତୀ ପତି ଓ ସୁନିତା ଦାସ ପ୍ରଶିକ୍ଷିକାଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୨ ଦିନ ଧରି ଚାଲିବ ବୋଲି କଲେଜ ପକ୍ଷରୁ ସୂଚନା ଦିଆଯାଇଛି।

■ କେଡିଏମ କ୍ରିକେଟ୍ ଟୁର୍ନାମେଣ୍ଟ

# ନଠୁଆବର, ଚୋରମୁହାଁ ବିଜୟୀ

**ଧର୍ମଶାଳା, ୫।୧୨(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନମଣ୍ଡଳୀର ବଡ଼କାଏମାସ୍ଥିତ ଖେଳ ପଡ଼ିଆରେ ଆୟୋଜିତ ୪ର୍ଥ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ବୁଧାବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୨ଟି ମ୍ୟାଚ୍‌ରେ ଯଥାକ୍ରମେ ଚୋରମୁହାଁ ଓ ନଠୁଆବର ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭବାନୀପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୮ ଉଇକେଟ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ପର୍ଶୁରାମ ନାୟକ ସର୍ବାଧିକ ୩୪ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଚୋରମୁହାଁ ଦଳର ସୁମନ ଦାସ ଓ ଆନନ୍ଦ ବେହେରା ୨ଟି ଲେଖାଏଁ ଉଇକେଟ ପାଇଥିଲେ। ଜବାବ୍‌ରେ ଚୋରମୁହାଁ କ୍ରିକେଟ୍ ଦଳ ୧୪ ଓଭର୍‌ରେ ୭ ଉଇକେଟ ହାରାଇ ଖେଳର ବିଜୟୀ ହୋଇଥିଲା। ଦଳପକ୍ଷରୁ ସୁରଜ ବେହେରା ୨୭ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ନଠୁଆବର ଓ କୋତପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନଠୁଆବର କ୍ରିକେଟ୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୪.୫ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୦ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଲୋକନାଥ ନାୟକ ୩୨ରନ୍ ସଂଗ୍ରହ କରିଥିଲେ। କୋତପୁର ଦଳ ୧୪.୪ ଓଭର୍‌ରେ ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଦଳପକ୍ଷରୁ ସୁମନ୍ତ ଦାସ ୧୯ରନ୍ ସଂଗ୍ରହ କରିଥିଲେ। ଇନ୍ତେକାବ୍ ଆଲାମ୍ ଓ ଦୀଲକ୍ ଜେନା ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର ଓ ପ୍ରକାଶ ଧଳ ସ୍କୋର୍‌ରେ ସହାୟତା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ୍ କୁମାରୀ କ୍ରିକେଟ ଦଳ ସହିତ ନଠୁଆବର ଓ ଦ୍ୱିତୀୟ ମ୍ୟାଚ୍ ଚହଟା ଓ ଚୋରମୁହାଁ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି।

## ଯାଜପୁରରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଯାଜପୁର ଅଫିସ,୫।୧୨**

ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଉପଯୁକ୍ତ ପ୍ରଣାଳୀ ଏବଂ ବୈଷୟିକ ଜ୍ଞାନର ଉପଯୋଗ କରିପାରିଲେ କୃଷି ଓ କୃଷକର ବିକାଶ ସହଜ ହୋଇପାରିବ। କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ବୁଧବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଅବସରରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି। କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ନରେଶଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜଳଛାୟା ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ରଣଜିତ କର, ଦୂରଦର୍ଶନ କିଶାନର ପ୍ରତିନିଧି ଅଶୋକ କୁମାର ସାମଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବରିଷ୍ଠ ବୈଜ୍ଞାନିକ ଗୌରୀ ଶଙ୍କର ସିଂ, ଯାଜପୁର ଜିଲା କୃଷି ଅଧିକାରୀ ବିମଳକାନ୍ତି ରଥ୍ତାନ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତିଳୋତ୍ତମା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା, ସରକାରୀ ବ୍ୟବସ୍ଥା ଓ ଉପକାରିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଶୁଭାଶିଷ ଦାସ ଓ ପିପିଓ ଶ୍ରୀଧର କୁମାର ଦାସ କୃଷକଙ୍କ ସହ ବିଷଦ ଆଲୋଚନା ଓ ସେମାନଙ୍କ ବିବିଧ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ୨୦ ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା।


**TENDER NOTICE**

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की अपूर्ति के लिए बोलियों आमंत्रित की जा रही है, जिनके विवरण निम्नानुसार हैं:- Regional Passport Office, Bhubaneswar is inviting the tender for hiring of car, details of which are as follows:-

| क्रमिक S. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid Submission end date | Tender ID |
|---|---|---|---|---|
| 1. | **किराए पर कार (निविदा दस्तावेज में विवरण)** Hiring of Car (Details in tender document) | 05.12.2018 | 27.12.2018 | 2018_MEA_415031_1 |
| 2. | Hiring of House Keeping Service (Details in tender document) | 08.12.2018 | 31.12.2018 | 2018_MEA_415225_1 |

उपरोक्त वर्णित निविदा आईडी का अपयोग करके, निविदा दस्तावेज **www.eprocure.gov.in** से डाउनलोड किया जा सकता है। Tender document may be downloaded from website: **www.eprocure.gov.in** using tender ID mentioned above.

**Sd./- सुधांशु शेखर मिश्र**
**Sudhansu Sekhar Mishra**
**पासपोर्ट अधिकारी / Passport Officer, Bhubaneswar**


■ ସାଧାରଣ ଉଦ୍ୟୋଗ ବିଭାଗ ସଚିବଙ୍କ ସମୀକ୍ଷା ବୈଠକ

# କୃଷି, କୃଷକଙ୍କ ଉନ୍ନତି ଉପରେ ଗୁରୁତ୍ୱାରୋପ

**ଯାଜପୁର ଅଫିସ,୫।୧୨**

କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସାଧାରଣ ଉଦ୍ୟୋଗ ବିଭାଗର ପ୍ରମୁଖ ସଚିବ ବିଜୟ ଆରୋରା ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କୃଷି ଓ ଅନ୍ୟାନ୍ୟ ସହଯୋଗୀ ବିଭାଗର ବିବିଧ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହିତ କୃଷକଙ୍କ ପାଇଁ ପ୍ରଣୀତ ଯୋଜନା ଯେପରି ଚାଷୀଙ୍କ ନିକଟକୁ ପହଞ୍ଚି ପାରିବ ସେନେଇ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ସଚିବ ଆରୋରା ପରାମର୍ଶ ଦେଇଛନ୍ତି। ସଚିବ ଆରୋରା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିବା ସହ କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ନୂତନ ଜ୍ଞାନ କୌଶଳର ଉପଯୋଗ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହାସହ ଏହି ଯୋଜନାର ରୂପରେଖ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ। ଏପିକଲ ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦୁ ଦେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଏହି ଯୋଜନା ଜୁନ୍ ୨୦୧୮ରୁ କାର୍ଯ୍ୟକାରୀ ହେଉଛି। ବର୍ତ୍ତମାନ ସୁଦ୍ଧା ସ୍ଥିରିକୃତ ୬୨ଟି କୃଷି ଭିତ୍ତିକ ଉଦ୍ୟୋଗ ଯଥା- ମତ୍ସ୍ୟ, ପଶୁପାଳନ, ଉଦ୍ୟାନ, କୃଷି, ତଥା ଖାଦ୍ୟ ପ୍ରକ୍ରିୟାକରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ। କୃଷି ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟୋଗୀଙ୍କୁ ବୈଷୟିକ ଜ୍ଞାନ କୌଶଳ, ପ୍ରଶିକ୍ଷଣ, ପ୍ରୋତ୍ସାହନ ତଥା ଅନୁକୂଳ ପରିବେଶ ଯୋଗାଇ ଦେବା ଏପିକଲର ମୁଖ୍ୟ ଲକ୍ଷ୍ୟ। ଉକ୍ତ ପ୍ରକଳ୍ପଗୁଡିକ ଜିଲାରେ ସୂଚାରୁରୂପେ କାର୍ଯ୍ୟକାରୀ କରାଇବାରେ ଓ ଉଦ୍ୟୋଗୀ ଚୟନ ନିମନ୍ତେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି। ଏଥିରେ ଜିଲାସ୍ତରୀୟ କୃଷି ଓ ଆନୁସଙ୍ଗିକ ବିଭାଗର ଅଧିକାରୀ ସଦସ୍ୟ ଅଛନ୍ତି। ବ୍ଲକସ୍ତରରୁ ଉଦ୍ୟୋଗୀ ଏଥିନିମନ୍ତେ ଆବେଦନ କରିବେ। ଜିଲାସ୍ତରରେ ତାହା ଅନୁମୋଦିତ ହେବ। ପୁରୁଷ ଉଦ୍ୟୋଗୀଙ୍କ ନିମନ୍ତେ ୪୦% ଓ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ୫୦% ସବ୍‌ସିଡି ଏପିକଲ ଯୋଗାଇ ଦେବ। ସବ୍‌ସିଡିର ସର୍ବୋଚ୍ଚ ସୀମା ୫୦ଲକ୍ଷ ଟଙ୍କା। ଏହି ଯୋଜନାଟି ସଫଳ ରୂପେ କାର୍ଯ୍ୟକାରୀ ନିମନ୍ତେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ଦାଶଙ୍କୁ ନୋଡାଲ ଅଫିସର ରୂପେ ନିଯୁକ୍ତି ଦିଆଯାଇଛି। ସେ ବିଭିନ୍ନ ବିଭାଗ ତଥା ସଂସ୍ଥା ସହ ଯୋଗାଯୋଗ କରି ଉଦ୍ୟୋଗ ପ୍ରତିଷ୍ଠାରେ ସହାୟକ ହେବେ। ଏହି ବୈଠକରେ କାଜୁ ନିଗମର ପରିଚାଳନା ନିର୍ଦ୍ଦେଶକ, ଏପିକଲ, ମତ୍ସ୍ୟ ଉନ୍ନୟନ ଓ କୃଷ ନିଗମର ପରିଚାଳନା ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସୁକିନ୍ଦା, ଦାନଗଦୀ, ଦର୍ପଣ, ରସୁଲପୁର ତହସିଲଦାର ଯୋଗଦାନ କରିଥିଲେ। କୃଷି ତଥା ଆନୁସଙ୍ଗିକ ବିଭାଗର ଜିଲାସ୍ତରୀୟ ଅଧିକାରୀ ରୂପେ କୃଷି ଉପନିର୍ଦ୍ଦେଶକ ଶରତ କୁମାର ପୃଷ୍ଟି, ମୁଖ୍ୟ ଜିଲା ପଶୁପାଳନ ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସାହୁ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଲୋକନାଥ ଜେନା ତଥା ଜିଲା ମତ୍ସ୍ୟ ଅଧିକାରୀ କୁଟିଳ ଚନ୍ଦ୍ର ଦାସ ଅଂଶ ଗ୍ରହଣ କରିଥିଲେ।



ସଚିବଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଡିସେମ୍ବର,୨୦୧୮



ଯେଉଁ ଲୋକ ଅନ୍ୟର ହିତ କରିବାକୁ ଇଚ୍ଛାକଲା
ସେ ଜାଣି ନିଜର ମଙ୍ଗଳ ହିଁ କରିନେଲା।
- କନ୍‌ଫୁସିୟସ



## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

ଯାଜପୁର ଅଫିସ,୫।୧୨- ଯାଜପୁର ରୋଡ-କୋରେଇ ରେଲୱେ ଷ୍ଟେଶନରେ ଏକ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ କୋରେଇ ଥାନା ଜଇଁତଳ ଗ୍ରାମର ଚନ୍ଦନ ସାହୁ। ତେବେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁରୀ-ନୂଆଦିଲ୍ଲୀ ନୀଳାଚଳ ଏକ୍ସପ୍ରେସରେ କଟିଯାଇ ଚନ୍ଦନଙ୍କର ମୃତ୍ୟୁ ଘଟିଛି।

### ଚୋରା ମଦ ଜବତକୁ ନେଇ ମାରପିଟ

ରସୁଲପୁର,୫।୧୨(ଡି.ଏନ୍.ଏ.)
ରସୁଲପୁର ବ୍ଲକ ଅନ୍ତର୍ଗତ ପାଞ୍ଚଗୋଛିଆ ଗ୍ରାମରେ ମଙ୍ଗଳବାର ସକାଳ ୭ଟାରେ ଯାଜପୁର ଜିଲା ଅବକାରୀ ବିଭାଗର ପକ୍ଷରୁ ପ୍ରମୋଦ ସ୍ୱାଇଁ ଓ କୁଶ ସ୍ୱାଇଁଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ଉକ୍ତ ପରିବାର ଚୋରା ମଦ କାରବାର କରୁଥିବା ନେଇ ଅବକାରୀ ବିଭାଗ ନିକଟରେ ସୂଚନା ରହିଆସୁଥିଲା। ବିଭାଗ ପକ୍ଷରୁ ଏକ ସ୍କ୍ୱାର୍ଡ ଅଚାନକ ଚଢ଼ାଉ କରି ଘର ଭିତରୁ ଏକ ମଦ ଭର୍ତ୍ତି ବ୍ୟାଗ ଜବତ କରିଥିଲା। ଉକ୍ତ ଘଟଣାକୁ ସେହି ଗ୍ରାମର ସୁରେନ୍ଦ୍ର ରଥ ଫଟୋ ଉଠାଇଥିଲେ। ଏହା ଦେଖି ଉକ୍ତ ଗ୍ରାମର ପ୍ରମୋଦ , ଧନେଶ୍ୱର ସ୍ୱାଇଁ ଓ ବବୁଲ ସ୍ୱାଇଁ ପ୍ରମୁଖ ସୁରେନ୍ଦ୍ରଙ୍କୁ କାହିଁକି ଫଟୋ ଉଠାଉଛ ବୋଲି କହି ଆକ୍ରମଣ କରିଥିଲେ। ପ୍ରମୋଦ ବିଜେଡିର ଏକ ଆଗଧାଡିର କର୍ମୀ ଭାବରେ ଜଣାଶୁଣା। ସେହି ପ୍ରଭାବରେ ତାଙ୍କ ପରିବାର ଦୀର୍ଘଦିନ ହେଲା ଗାଁରେ ଚୋରା ମଦ କାରବାର କରୁଛନ୍ତି। ଏ ଦିଗରେ କେହି ପାଟି ଫିଟାଇଲେ ତାକୁ ନାଲିଆଖି ଦେଖାଉଛନ୍ତି। ସୁରେନ୍ଦ୍ର ପରିବାର ଏହାକୁ ବିରୋଧ କରି ଆସୁଥିବାରୁ ସେମାନଙ୍କ ମଧରେ ବାଦବିବାଦ ରହିଆସୁଛି। ଯାହାର ପ୍ରତିଫଳନ ମଙ୍ଗଳବାର ଦେଖିବାକୁ ମିଳିଲା ବୋଲି ଆଲୋଚନା ହେଉଛି। ଏନେଇ ସୁରେନ୍ଦ୍ର ଥାନାରେ ଅଭିଯୋଗ କରି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରମୋଦ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଅଭିଯୋଗ ଦୁଇଟିକୁ ଗ୍ରହଣ କରାଯାଇ ତଦନ୍ତ ଜାରି ରହିଛି। ଏ ଦିଗରେ କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କୁ ପଚାରିବାରୁ ଗଣ୍ଡଗୋଳ ସଂପର୍କରେ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି କହିଛନ୍ତି।

### ବଣିକ ସଂଘର ନୂତନ କର୍ମକର୍ତ୍ତା ମନୋନୀତ

ଚଣ୍ଡିଖୋଲ, ୫।୧୨(ଡି.ଏନ୍.ଏ.)
ଚଣ୍ଡିଖୋଲ ସ୍ଥାୟୀ ବଣିକ ସଂଘର ସାଧାରଣ ପରିଷଦ ବୈଠକ ବୁଧବାର ସ୍ଥାନୀୟ ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ସଭାପତି ଭାବେ କ୍ଷୀରୋଦ ଚନ୍ଦ୍ର ମାହାଲା, ବଳରାମ ନାୟକ ଉପ ସଭାପତି ଓ ନାରାୟଣ ଚନ୍ଦ୍ର ସ୍ୱାଇଁ ସମ୍ପାଦକ ଭାବେ ରବୀନ୍ଦ୍ର କୁମାର ରାଉତ, ଯୁଗ୍ମ ସମ୍ପାଦକ ଅବିନାଶ ଜେନା, ସହ ସମ୍ପାଦକ ଜନ୍ମେଜୟ ଜେନା ମନୋନୀତ ହୋଇଛନ୍ତି। ଏହିପରି କୋଷାଧ୍ୟକ୍ଷଭାବେ ପ୍ରଭାକର ଜେନା, ସହ କୋଷାଧ୍ୟକ୍ଷ କାର୍ତ୍ତିକ ପ୍ରହରାଜ, ମୁଖପାତ୍ରଭାବେ ଅକ୍ଷୟ କୁମାର ସ୍ୱାଇଁଙ୍କୁ ଚୟନ କରାଯାଇଛି। ଏଥି ସହ ୬ଜଣ ଉପଦେଷ୍ଟା ଓ ୨୧ଜଣ କାର୍ଯ୍ୟକାରୀ କମିଟି ସଭ୍ୟଙ୍କୁ ମନୋନୀତ କରାଯାଇଥିଲା। ଚଣ୍ଡିଖୋଲକୁ ଏକ ସୁନ୍ଦର ବଜାର ଅଞ୍ଚଳ ଭାବେ ଗଢି ତୋଳିବା ପାଇଁ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ।

■ବଢୁଛି ଅସହିଷ୍ଣୁ ରାଜନୀତି

# କୋରେଇ ଉପରେ ସମସ୍ତଙ୍କ ନଜର

■କର୍ମୀ ମହଲରେ ବଢୁଛି ଅସନ୍ତୋଷ
■ସାମାଜିକ କାର୍ଯ୍ୟ ଆଳରେ ଚାଲିଛି ପ୍ରଚାର

ଯାଜପୁର ଅଫିସ,୫।୧୨
ଯାଜପୁର ଜିଲା କୋରେଇ ନିର୍ବାଚନ ମଣ୍ଡଳି ଉପରେ ଏବେ ସମସ୍ତ ଆଖି ଲାଗିଛି। ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ୩ ରୁ ୫ ଜଣ ଲେଖାଏଁ ବିଧାୟକ ଆଶାୟୀ ପ୍ରାର୍ଥୀ ଘୁରି ବୁଲୁଛନ୍ତି। ଦଳରେ କିଛି ମତାନ୍ତର ନାହିଁ ବୋଲି ସଫେଇ ଦେଉଥିଲେ ବି ଏମାନେ ବିଭିନ୍ନ ସମୟରେ ନିଜ ନିଜ ମଧ୍ୟରେ ଚୁଗୁଲି କରିବାକୁ ପଛାଉ ନାହାନ୍ତି। ବିଶେଷକରି ଶାସକ ଦଳ କୋରେଇ ବିଜେଡିରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଯାହାକି ଅନ୍ୟ ଦଳର ନେତୃବର୍ଗଙ୍କ ପାଇଁ ଆଶିର୍ବାଦ ସଦୃଶ ହେଉଛି। ବିଭିନ୍ନ ସାମାଜିକ କାର୍ଯ୍ୟ ଆଳରେ କୋରେଇ ନିର୍ବାଚନ ମଣ୍ଡଳିର ଦୁଇ ପଡୋଶୀ ସୁକିନ୍ଦା ଓ ଯାଜପୁରର କେତେକ ପ୍ରଭାବଶାଳୀ ନେତା ପ୍ରଚାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଜିଲାରେ ଅପ୍ରତ୍ୟାଶିତ ଭାବେ ଉଭା ହୋଇଥିଲା। କିନ୍ତୁ ବିଜେପୁର ଉପନିର୍ବାଚନରେ ବିଜେଡି ବିଜୟୀ ହେବାପରେ ଜିଲାରେ ଭାଜପା ଦଳର ଦମ୍ଭ ଭାଙ୍ଗି ପଡ଼ିଥିଲା। କୋରେଇ ନିର୍ବାଚନ ମଣ୍ଡଳିରେ ଅନୁରୂପ ପରିସ୍ଥିତି ଦେଖା ଦେଇଛି। ଅଭିନେତାରୁ ରାଜନେତା ପାଲଟି ଥିବା ଆକାଶ ଦାସନାୟକ କୋରେଇର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ପ୍ରାୟ ୬୫୦କୋଟି ଟଙ୍କାର କାର୍ଯ୍ୟ ହାତକୁ ନେଇଛନ୍ତି। ନିଜର ନିଷ୍ଠା ଓ କର୍ତ୍ତବ୍ୟ ପାଇଁ ସୁପ୍ରିମୋଙ୍କ ଆସ୍ଥା ଜିଣିଥିବା କୁହାଯାଉଛି। ଏଥିରେ ଯାଜପୁର ଓ ସୁକିନ୍ଦା ନେତୃବର୍ଗ ସହ୍ୟ କରି ପାରୁନାହାନ୍ତି । ସେମାନଙ୍କ ଚକ୍ରାନ୍ତରେ ଏବେ ଆକାଶ ସାମାନ୍ୟ ବିଚଳିତ ଥିବା ମନେ ହୋଇଛି। ନିକଟରେ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ(ବବି) କୋରେଇ ନିର୍ବାଚନ ମଣ୍ଡଳି ଅର୍ନ୍ତଗତ କୋରେଇ, ବରୁଣ୍ଡେଇ, ମୁକୁନ୍ଦପୁର ଓ ପାଣିକୋଇଲିଠାରେ କେତେକ ପୁରୁଣା କର୍ମୀଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି। ସାଧାରଣ ନିର୍ବାଚନରେ ବବି କୋରେଇରୁ ଠିଆ ହେବେ ବୋଲି ଅନୁମାନ କରାଯାଉଛି। ବବିଙ୍କ ପିତା ଅଶୋକ ଦାସ କୋରେଇ ନିର୍ବାଚନ ମଣ୍ଡଳିରେ ୫ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ଅଶୋକ ଯେଉଁ ବିକାଶ କରି ପାରିନାହାନ୍ତି ତାକୁ ପୁଅ ବବି ପୂରଣ କରିବେ ବୋଲି କୁଆଡ଼େ ପ୍ରତିଶ୍ରୁତି ମିଳୁଥିବା କୁହାଯାଉଛି। ଅନ୍ୟପକ୍ଷେ ତାଙ୍କ ଭିଣୋଇ ଅଭିନେତା ଅରିନ୍ଦମଙ୍କୁ କୋରେଇରେ ଟିକେଟ ଦେବାକୁ ଲବି କରୁଥିବା ମଧ୍ୟ କେତେକଙ୍କଠାରୁ ଶୁଣିବାକୁ ମିଳୁଛି। ଯଦି ବି ବବି କିମ୍ବା ତାଙ୍କ ସମ୍ପର୍କୀୟ କୋରେଇରୁ ନେତୃତ୍ୱ ନେବାର ସୁଯୋଗ ପାଆନ୍ତି ତେବେ ମେଡିକାଲ କଲେଜ ସ୍ଥାନ ଚିହ୍ନଟକୁ ନେଇ ବିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଆକାଶଙ୍କ ସମର୍ଥକମାନଙ୍କ ମଧ୍ୟରେ କେତେବେଳେ ଯେ ବିଦ୍ରୋହ ପରିସ୍ଥିତି ସୃଷ୍ଟି ହେବ ତାହା କହି ହେବ ନାହିଁ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏପଟେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ବଡପୁଅ କୋରେଇରେ ରାଜନୈତିକ ପାଦ ଥାପିବାକୁ ପ୍ରସ୍ତୁତ ହେଉଥିବା ମଧ୍ୟ ଜଣାପଡିଛି। କୋରେଇ ବିଜେଡିରେ ଏଭଳି ଗୋଡ଼ ଟଣା ନୀତି ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀ ଉପରେ ପ୍ରଭାବ ପକାଉଛି । ଅନ୍ୟପକ୍ଷେ କଂଗ୍ରେସର କେତେକ ବରିଷ୍ଠ ନେତା ଏକାଠି ହୋଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ ବିଭିନ୍ନ ପଞ୍ଚାୟତ ଗସ୍ତ କରି କର୍ମୀଙ୍କୁ ଏକଜୁଟ କରିଛନ୍ତି। ସେପଟେ ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା କର୍ମୀମାନଙ୍କ ନିକଟତର ହେବାକୁ ଉଦ୍ୟମ ଜାରି ରଖିଛନ୍ତି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ କୋରେଇ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଜିଲାବାସୀ ଭାଜପାକୁ ବିଜେଡିର ବିକଳ୍ପ ଭାବେ ମାନ୍ୟତା ଦେବାକୁ ଚାହୁଁଥିଲେ ବୋଲି ପଞ୍ଚାୟତ ନିର୍ବାଚନରୁ ସଂକେତ ମିଳିଥିଲା । ଜନମତର ଇଙ୍ଗିତକୁ ବୁଝିବା ପରେ ଭାଜପା ନେତାଗଣ ଜିଲାର କୋଣ ଅନୁକୋଣରେ ମିଶ୍ରଣ ପର୍ବ ଆରମ୍ଭ କରିଥିଲେ। ହେଲେ ସମ୍ପ୍ରତି ଭାଜପା ନେତୃତ୍ୱରେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଉଥିବା ଦେଖିବାକୁ ମିଳୁ ନାହିଁ। ରାଜନୈତିକ ଷଡ଼ଯନ୍ତ୍ର ଓ ଅସହିଷ୍ଣୁତାରେ କୋରେଇ ନିର୍ବାଚନ ମଣ୍ଡଳିରେ ଘଡ଼ିକେ ଘୋଡ଼ା ଛୁଟୁଛି ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

### ୬ ବାଲି ବୋଝେଇ ଗାଡ଼ି ଜବତ

କୋରେଇ,୫।୧୨(ସ୍ୱ.ପ୍ର.)
ବ୍ୟାସନଗର ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ବରୁଣ୍ଡେଇ ବଜାରରୁ ବୁଧବାର ସକାଳେ ୬ଟି ବାଲି ବୋଝେଇ ଗାଡ଼ି ଜବତ କରିବା ସହିତ ଜଣେ ଟିପ୍ପର ମାଲିକଙ୍କ ନାମରେ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ତହସିଲଦାର ନିରଞ୍ଜନ ବେହେରା, ତାରାକୋଟ ଆରଆଇ ବିଷ୍ଣୁଚରଣ ପଣ୍ଡା, କନ୍ତୋର ଆରଆଇ ସୁଜିତ ସାମଲ, କଣ୍ଟାଗଡ଼ିଆ ଆରଆଇ ସୁଧୀର ରଞ୍ଜନ ବାରିକ ୭ଟି ।ବkଲି କୋଝେଇ ଗାଡ଼ି ବରୁଣ୍ଡେଇ ବଜାର ଦେଇ ଯିବାବେଳେ ଚଢ଼ାଉ କରିଥିଲେ। ସେଥିମଧ୍ୟରୁ ୫ଟି ଟ୍ରାକ୍ଟର, ଗୋଟିଏ ଟିପ୍ପର ଓ ଗୋଟିଏ ଡମ୍ପର ଥିଲା। ମାତ୍ର ଟିପ୍ପର ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯିବା ପରେ ନ ଆସିବାରୁ ଉକ୍ତ ଟିମ୍ ଘଟଣାସ୍ଥଳରୁ ଚାଲିଯାଇଥିଲେ। କିଛି ସମୟ ପରେ ଟିପ୍ପର ମାଲିକ ଅନନ୍ତ ପାଇକରାୟ ଆସି ଗାଡ଼ିଟିକୁ ନେଇଯିବାରୁ ତହସିଲଦାର ତାଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତାଙ୍କ ନାମରେ ଏକ ମାମଲା ରୁଜୁ କରିଛି।

## ଆନ୍ତଃମହାବିଦ୍ୟାଳୟ ଥ୍ରୋ ବଲ ପ୍ରତିଯୋଗିତା ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍

ବିରଜାକ୍ଷେତ୍ର,୫।୧୨(ଡି.ଏନ୍.ଏ)
ଯାଜପୁର ସହରସ୍ଥିତ ଚିତାଲୋ ମହାବିଦ୍ୟାଳୟରେ ରାଜ୍ୟର ଯୁକ୍ତ ୨ ଆନ୍ତଃ ମହାବିଦ୍ୟାଳୟ ବାଳକ ଓ ବାଳିକା ଥ୍ରୋ ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୨ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ୫ ତାରିଖ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ବାଳକ ବିଭାଗରେ ୧୩ଟି ମହାବିଦ୍ୟାଳୟ ଓ ବାଳିକା ବିଭାଗରେ ୧୨ମହିଳା ମହାବିଦ୍ୟାଳୟ ଭାଗ ନେଇଥିଲେ। ବୁଧବାର ଫାଇନାଲ ମ୍ୟାଚରେ ବାଳକ ବିଭାଗରେ ଯାଜପୁରର ଚିତାଲୋ ମହାବିଦ୍ୟାଳୟକୁ ହରାଇ ପୁରୀର ବେଲେଶ୍ୱର ଗୋପୀନାଥ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା । ସେହିପରି ବାଳିକା ବିଭାଗରେ ପୁରୀର ସୁରଜମଲଶାହା ମହାବିଦ୍ୟାଳୟକୁ ହରାଇ ପୁରୀର ସରକାରୀ ମହିଳା ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯାଜପୁର ଜିଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଚିତାଲୋ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ବଦ୍ରିନାରାୟଣ ରାୟ ଯୋଗଦେଇ କ୍ରୀଡ଼ା ପାଇଁ କ୍ଷୁଧା ରହିଲେ ଜଣେ ସଫଳ କ୍ରୀଡ଼ାବିତ୍ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଚିତାଲୋ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧୀୟ ଉପରେ ବକ୍ତବ୍ୟ ରଖିଥିଲେ। ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବା ଖେଳାଳିଙ୍କୁ ସମ୍ମାନିତ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଏହି ଥ୍ରୋ ବଲ ପ୍ରତିଯୋଗିତାକୁ ବିନୋଦ କୁମାର ପ୍ରଧାନ, ଭାଗ୍ୟଧର ନାୟକ, ମୃତ୍ୟୁଞ୍ଜୟ ମହାରଣା, ଜିତେନ୍ଦ୍ର ମହାନ୍ତି, ଅର୍ପିତା ନାୟକ, ପୂଜା ବେହେରା ଓ ପଦ୍ମନ ବେହେରା ପ୍ରମୁଖ ରେଫରୀଭାବେ କାର୍ଯ୍ୟ ନିର୍ବାହ କରିଥିଲେ। କାଉନ୍‌ସିଲ ପକ୍ଷରୁ ରଞ୍ଜନ ସୂତାର, ଅଶୋକ କୁମାର ଦାସ, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, କ୍ରୀଡ଼ା ସଂସଦ ଉପସଭାପତି ପ୍ରବୀର କୁମାର ବରାଳ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ଶୃଙ୍ଖଳା ରକ୍ଷା କରିଥିବା ବାଳକ ବିଭାଗରରେ ଯାଜପୁରର କ୍ରାନିୟମ ମହାବିଦ୍ୟାଳୟ ଓ ବାଳିକାରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟକୁ ଚିତାଲୋ ମହାବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା।

## ସହଦେବ ଖୁଣ୍ଟିଆଙ୍କ ସ୍ମୃତିଚାରଣ ସଭା

ବାଲିଚନ୍ଦ୍ରପୁର, ୫।୧୨(ଡି.ଏନ୍.ଏ.)
ସମାଜିକକର୍ମୀ ସ୍ୱର୍ଗତ ସହଦେବ ଖୁଣ୍ଟିଆଙ୍କ ଦ୍ୱାଦଶ ଅବସରରେ ଏକ ସ୍ମୃତି ସଭା ସହଦେବ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାପୀଠ ପକ୍ଷରୁ ଆୟୋଜିତ ସଭାରେ ଶିକ୍ଷାବିତ୍ ଉମାକାନ୍ତ ବଳ ଅଧ୍ୟକ୍ଷତାରେ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଓ ଅନ୍ୟତମ ଅତିଥି ଭାବେ ଯୁବନେତା ଜନ୍ମେଜୟ ଲେଙ୍କା ଯୋଗଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ସହଦେବଙ୍କ ସ୍ମୃତିରେ ଏକ ସ୍ମରଣିକା 'ସ୍ମୃତି ସମ୍ଭାର' ଉନ୍ମୋଚିତ ହୋଇଯାଇଛି। ଅନ୍ୟମାନଙ୍କ ଭାଜପା ନେତ୍ରୀ ସୀମନ୍ତିନୀ ଜେନା, ହରିଶ ଚନ୍ଦ୍ର ପୃଷ୍ଟି, ଇତିଶ୍ରୀ ସାମଲ, ଅଜୟ ସାମଲ, ଭାଗ୍ୟଧର ସାହୁ, କିଶୋର ଦାସ, ଭଜହରି ମହାପାତ୍ର, ଲୋକନାଥ ଦାସ, ରାମଚନ୍ଦ୍ର ସାମଲ, ରତିକାନ୍ତ ପ୍ରଧାନ, ନଟବର ପରିଡା, ଯଶୋଦୀପ୍ତ ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପୀତାମ୍ବର ସାହୁଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହ ଯୋଗକରିଥିଲେ।

## ୨୯ତମ ଶିଳ୍ପ ବାଣିଜ୍ୟ ମେଳା ଉଦ୍‌ଘାଟିତ



ଅତିଥିମାନେ ଶିଳ୍ପ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରୁଛନ୍ତି ।

ଯାଜପୁର ରୋଡ,୫।୧୨(ନି.ପ୍ର)
ଯାଜପୁର ରୋଡ଼ ଗୋଶାଳା ପଡ଼ିଆରେ ବୁଧବାର ୨୯ତମ ଶିଳ୍ପ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ମେଳାକୁ କଳିଙ୍ଗନଗରର ଏଡିଏମ୍ ସନ୍ତୋଷ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏହା ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ୩୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଥିଲା ବେଳେ ବିଭିନ୍ନ ପ୍ରକାରର ଦୋଳି ପଡ଼ିଛି। ଯାହାକି ପିଲାଙ୍କୁ ମେଳା ପ୍ରତି ଅଧିକ ଆକୃଷ୍ଟ କରିଛି। ବିଭିନ୍ନ ଘରକରଣା ସାମଗ୍ରୀ ସହିତ ଖେଳଣା ଓ ଅନ୍ୟାନ୍ୟ ଦରକାରୀ ଜିନିଷ ମେଳାରେ ବିକ୍ରି ହେଉଛି। ଦୀର୍ଘ ୧୧ ଦିନ ଧରି ଲୋକେ ଏହି ମେଳାକୁ ଉପଭୋଗ କରିବେ। ଯାଜପୁର ରୋଡ ସହ ସ୍ଥାନୀୟ ଅନ୍ୟ ଅଞ୍ଚଳରୁ ମଧ୍ୟ ଲୋକେ ଏହି ମେଳାକୁ ଆସିଥାନ୍ତି। ତେବେ ଏହି ମେଳା ସବୁଠାରୁ ପୁରାତନ ମେଳା। ଏହା ୨୯ ବର୍ଷ ଧରି ଆୟୋଜିତ ହୋଇଆସୁଥିଲା ବେଳେ ଏଥିରେ ସ୍ଥାନୀୟ କଳିଙ୍ଗନଗରରେ ଥିବା କୌଣସି ଶିଳ୍ପ ଉଦ୍ୟୋଗୀ ଭାଗ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହି ମେଳାର ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ମେଳା କମିଟିର ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରତିହାରୀ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରଶେଖର ସାହୁ, ଗୋବିନ୍ଦ ପ୍ରତିହାରୀ, ମାନସ ରଂଜନ ସାମଲ, ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂଗ୍ରାମ କେଶରୀ ରାଉତ ଧନ୍ୟବାଦ ଦେଇଥିଲେ।

## ୨୩ରୁ ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା

ବିରଜାକ୍ଷେତ୍ର,୫।୧୨(ଡି.ଏନ୍.ଏ)
ଅନନ୍ୟା ସାହିତ୍ୟ ସଂସଦ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା ନିମନ୍ତେ ବୁଧବାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନନ୍ୟା ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଆବାହକତ୍ୱ ଓ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଏହି ବୈଠକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଯୋଗଦେଇ ପୁସ୍ତକମେଳାର କଳେବରକୁ ଆକର୍ଷଣୀୟ କରିବା ସହିତ ଖ୍ୟାତନାମା ପୁସ୍ତକ ପ୍ରକାଶକ ଓ ବିକ୍ରେତା ରାଜ୍ୟ ଓ ରାଜ୍ୟ ବାହାରୁ ଆମନ୍ତ୍ରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପୁସ୍ତକ ମେଳାକୁ ଯାଜପୁର ଜିଲାର ସବୁ କଲେଜ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଆମନ୍ତ୍ରଣ କରିବା ସହ ଛାତ୍ରୀଛାତ୍ରଙ୍କୁ ପୁସ୍ତକମେଳା ପରିଦର୍ଶନ କରିବା ପାଇଁ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲାସ୍ତରୀୟ କଲେଜ ସଂଯୋଜକ ଦର୍ପନାରାୟଣ ଲେଙ୍କା କଲେଜ ଅଧ୍ୟକ୍ଷାଅଧ୍ୟକ୍ଷ ପୁସ୍ତକମେଳାର ଖବର ସମସ୍ତଙ୍କୁ ପହଞ୍ଚାଇବା ଏବଂ ଏହାକୁ ସରସ, ସୁନ୍ଦର କରିବା ପାଇଁ ଯତ୍ନବାନ ହେବାକୁ ପ୍ରସ୍ତାବ ଦେଇଥିଲେ। ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର ପୁସ୍ତକମେଳା ସମାବେଶ, ସଂକଳ୍ପ ଓ ସମୀକ୍ଷାର ସମନ୍ୱୟ ବୋଲି ଉଲ୍ଲେଖ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କ୍ୟାନଭାସରେ ପୁସ୍ତକମେଳା ସମ୍ପର୍କରେ କ୍ୟାପସନ୍ ଲେଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଉପଦେଷ୍ଟା ଉଦୟ ନାରାୟଣ ପରିଡ଼ା, ଅଧ୍ୟାପକ ବଳରାମ ମହାନ୍ତି, ଅଧ୍ୟାପକ ଦାମୋଦର ବେହେରା, ଅଧ୍ୟକ୍ଷ ଅଶୋକ କୁମାର ଦାଶ, ବିନୋଦ ଚନ୍ଦ୍ର ନାୟକ, ଶ୍ୟାମସୁନ୍ଦର ଦାଶ, ଚିନ୍ତାମଣି ସାମନ୍ତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ଅଶୋକ କୁମାର ଲେଙ୍କା, ଯାଜପୁର ପୌରପାଳିକାର ପୌରଯନ୍ତ୍ରୀ ହୀରକ ସିଂହ, ସୁବାସ ଚନ୍ଦ୍ର ସ୍ୱାଇଁ, ବିକ୍ରମ ମହାପାତ୍ର, ବିରଜା କିଂକର ଦାସ, ସୁଧାଂଶୁ ରଥ ପ୍ରମୁଖ ଯୋଗଦେଇଥିଲେ । ଅନନ୍ୟା ସହିତ୍ୟ ସଂସଦର ଉପସଭାପତି ବିଭୂତି ମହାପାତ୍ର, ସଙ୍ଗଠନ ସମ୍ପାଦକ ହୃଷିକେଶ ପତି, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ମହାରଣା, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ କାହ୍ନୁଚରଣ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ବିଞ୍ଝାରପୁର,୫।୧୨(ଡି.ଏନ.ଏ)
ବିଞ୍ଝାରପୁର ବ୍ଲକ ପ୍ରୀତିପୁର ପଞ୍ଚାୟତ ନୂଆଗାଁସ୍ଥିତ ଶାରୀରିକ ଅକ୍ଷମ ତାଲିମ ଶିଳ୍ପ କେନ୍ଦ୍ର ପରିସରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ପ୍ରମୋଦ ରଥଙ୍କ ସଭାପତିତ୍ୱରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିରୂପେ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ରୂପର ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ଲକ୍ଷ୍ମୀଧର ସାହୁ, ବିଞ୍ଝାରପୁର ବ୍ଲକ ବିଡିଓ ଦାମୋଦର ଖୁଣ୍ଟିଆ,ବ୍ଲକ ବିଜେଡି ସଭାପତି ମୁରଲୀଧର ବେହେରା, ଶିକ୍ଷାବିତ କୌଳାସ ଚନ୍ଦ୍ର ମହାନ୍ତି, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ବେହେରା, ସିଆରସିସି କ୍ଷୀରୋଦ ଚନ୍ଦ୍ର ମଲ୍ଲିକ, ଚନ୍ଦ୍ରମଣି ନାୟକ, ଅନୁଷ୍ଠାନର ସମ୍ପାଦକ ମେର୍ଜା ଅୟୁବ ବେଗ୍ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ ଭିନ୍ନକ୍ଷମମାନେ ସମାଜର ବୋଝ ନୁହନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ତ୍ରିପାଠୀ, ଗୀତାଞ୍ଜଳୀ ନାୟକ, ତ୍ରୈଲକ ମହାନ୍ତି, ପ୍ରେମାନନ୍ଦ ଦାଶ, ମେର୍ଜା କବୁଲ ବେଗ, ଓଲିମହମ୍ମଦ ଖାନ, ସେକ ଜାହାଙ୍ଗୀରଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହେଯାଗ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରସୁଲପୁର ବ୍ଲକ ଚାଷୀ

ରସୁଲପୁର,୫।୧୨(ଡି.ଏନ୍.ଏ.)
ରସୁଲପୁର ବ୍ଲକ ଅଧିନସ୍ଥ ୨୮ଗୋଟି ପଞ୍ଚାୟତରୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଶନିବାର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ବ୍ଲକ ଅଞ୍ଚଳରେ ମାଙ୍କଡ଼ ଓ ଷଣ୍ଢଙ୍କ ପାଦୁର୍ଭାବ କ୍ରମଶଃ ବଢିବାରେ ଲାଗିଛି। ଉଭୟ ଜନ୍ତୁଙ୍କ ପ୍ରଭାବରେ ଉଭୟ ଖରିଫ ରବି ଫସଲ ପ୍ରଭାବିତ ହେଉଛି। ମାଙ୍କଡ଼ଙ୍କ ଯୋଗୁ ପନିପରିବା ଓ ବାଦାମ ଚାଷ ବିଶେଷ ପ୍ରଭାବିତ ହେଉଛି । ଷଣ୍ଢଙ୍କ ପ୍ରଭାବରେ ଫସଲ ନଷ୍ଟ ହୋଇଯାଉଛି। ଏହି ପ୍ରାଣୀଙ୍କ ପ୍ରଭାବରୁ ଫସଲକୁ ସୁରକ୍ଷା ପ୍ରଦାନ ପାଇଁ ବନ ବିଭାଗର ସହାୟତା ଆବଶ୍ୟକତା ରହିଛି। ଷଣ୍ଢମାନଙ୍କୁ କାବୁ କରିବା ପାଇଁ ସୁକିନ୍ଦା ଅଞ୍ଚଳରେ ଥିବା ଗୋଶାଳାକୁ ପୁର୍ନଜିବୀତ କରିବାକୁ ଦାବି ଉଠିଛି। ଉକ୍ତ କେନ୍ଦ୍ର ପାଇଁ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଭିତ୍ତିଭୂମୀ ରହିଛି ହେଲେ ତାର ସଦ୍ ବ୍ୟବହାର ହେଉନାହିଁ । ଉକ୍ତ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଗଲେ ଜୈବିକ/ଗୋବର ଖତ ଓ ଜିଆଖତ ଉତ୍ପାଦନ ହୋଇପାରିବା ସହ ଷଣ୍ଢମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରନ୍ତା ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମତ ରଖାଯାଇଛି । ଏହାଛଡା ଶ୍ରୀବନ୍ତପୁର ପଞ୍ଚାୟତ କାଣ୍ଡସରା ପାଟରୁ ବର୍ଷାଜଳ ନିଷ୍କାସନ, ଖଣ୍ଡାସ ଅଞ୍ଚଳର ନାଳ ଓ ପୋଖରୀରେ ଜୋକର ପ୍ରଭାବ, ଗାଁ ଗଣ୍ଡାକୁ ରାସ୍ତା, ଧାନଖଳା ଆଦି ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୃଷକମାନଙ୍କ ସମସ୍ୟାକୁ ଲିପିବଦ୍ଧ କରାଯିବା ସହ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି।




ମୁଖ୍ୟମନ୍ତ୍ରୀଙ୍କ ସହ ରସୁଲପୁର ବ୍ଲକର ଚାଷୀମାନେ।

■ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା

## ବଜାର ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ

ବରୀ,୫।୧୨(ସ୍ୱ.ପ୍ର)
ବରୀ ବ୍ଲକ ଅଧୀନ ବାଲିବିଲି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଛି। ଏ ନେଇ ଜନଶୁଣାଣି ଶିବିରରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ବେଆଇନ ଭାବେ ନୟନଯୋରୀରେ ନିର୍ମାଣ ହେଉଥିବା ଦୋକନ ଗୃହକୁ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ ବିଡିଓଙ୍କୁ ଚିଠି କରି ବନ୍ଦ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ପ୍ରକାଶ ଯେ, ଖାତା ନଂ-୧୧୩୯, ପ୍ଲଟ ନଂ-୬୦୨, ୮୦ ଡିସିମିଲ ନୟନଯୋରୀ କିସମ ରେକର୍ଡ ରହିଛି। ଏହି ରେକର୍ଡର ଜାଗା ଉପରେ ଦୋକାନ ଗୃହ ନିର୍ମାଣ ଚାଲିଛି। ଏହାକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯିବା ପରେ ତହସିଲଦାରଙ୍କ ଚିଠି ନଂ- ୩୧୨୪/୦୩।୧୨।୨୦୧୮ରେ ଉକ୍ତ ଦୋକାନ ଗୃହକୁ ବନ୍ଦ କରିବା ପାଇଁ ବରୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ପ୍ରଭାସ ଚନ୍ଦ୍ର ବେଉରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉକ୍ତ କାମ ବନ୍ଦ କରିବା ପାଇଁ ଜଣାଇ ଦେଇଛନ୍ତି। ବୁଧବାର କାର୍ଯ୍ୟନିର୍ବାହୀ ଅଧିକାରୀ ଜଣଙ୍କ ଉକ୍ତ କାମକୁ ବନ୍ଦ କରିଦେଇଥିବା ଜଣାପଡିଛି। ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ୨୦୧୬-୧୭ ଆର୍ଥିକ ବର୍ଷରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଦୋକାନ ଗୃହ ନିର୍ମାଣ ଆରମ୍ଭ ହୋଇଥିଲାବେଳେ ଏହାକୁ ସ୍ଥାନୀୟ ବିଧାୟକ ଦେବାଶିଷ ନାୟକ ଉଦଘାଟନ କରିଥିଲେ। ଏହି ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାସନ କାର୍ଡ ବଣ୍ଟନ, ଏମ୍‌ଜିଏନ୍‌ଆରଇଜିଏସ୍ ଆଦି ବିଭିନ୍ନ ସରକାରୀ ଯୋଜନାରେ ଆସୁଥିବା ଅର୍ଥକୁ ହରିଲୁଟ କରାଯାଉଛି। ବ୍ୟାପକ ଅନିୟମିତତା ଏହି ପଞ୍ଚାୟତରେ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଜିଲା ପ୍ରଶାସନ ପକ୍ଷରୁ ଏ ସବୁକୁ ତଦନ୍ତ କରାଗଲେ ପଞ୍ଚାୟତର ଗୁମର ଖୋଲିଯାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ସରପଞ୍ଚ ସନ୍ତାଷ କୁମାର ସାମଲଙ୍କୁ ପଚାରିବାରୁ, ଅନିୟମିତତା ହେଉନାହିଁ। ନିୟମ ଅନୁଯାୟୀ, ଉନ୍ନୟନ କାର୍ଯ୍ୟ ଜାରି ରହିଛି। ବିଡିଓ ପ୍ରଭାସ ବେଉରାଙ୍କୁ ପଚାରିବାରୁ, ନିର୍ମାଣ ହେଉଥିବା ଦୋକାନ ଗୃହ ତହସିଲଦାରଙ୍କ ଚିଠି ଅନୁଯାୟୀ ବନ୍ଦ ରଖାଯାଇଛି। ଅନିୟମିତତା ନେଇ ଅଭିଯୋଗ ମିଳିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

ବାଲିବିଲି ପଞ୍ଚାୟତ





ଜୀବନ ସଂଗ୍ରାମରେ ଜୟୀ ହେବାକୁ ହେଲେ ବୀର ବିକ୍ରମରେ ବିପଦର ସମ୍ମୁଖୀନ ହୋଇ ଠିଆହେବାକୁ ହେବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଜଳିଗଲା ୩୦୦ ଧାନ କଳେଇ



**ନୟାଗଡ଼ ଅଫିସ/ଓଡ଼ଗାଁ(ସ୍ୱ.ପ୍ର.),୫।୧୨:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଉଁଶିଆ ଗ୍ରାମରେ ବୁଧବାର ନିଆଁ ଲାଗି ୩୦୦ ଧାନ କଳେଇ ଜଳିଯାଇଛି। ବାଉଁଶିଆ ଗ୍ରାମର ଚାଷୀ ଦେବରାଜ ନାୟକ ଧାନ କଳେଇକୁ ମୁଖ୍ୟ ରାସ୍ତା କଡ଼ରେ ରଖିଥିଲେ। ଅପରାହ୍ନରେ କୌଣସି କାରଣରୁ କଳେଇରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଓଡ଼ଗାଁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ସମସ୍ତ କଳେଇ ପୋଡ଼ି ଧ୍ୱଂସ ହୋଇଯାଇଥିଲା। ଦେବରାଜଙ୍କୁ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଭାରତରେ ଜାତୀୟତାର ବିକାଶ ଶୀର୍ଷକ ଆଲୋଚନାଚକ୍ର




**ନୟାଗଡ଼ ଅଫିସ,୫।୧୨:** ନୟାଗଡ଼ ଜିଲା ଶରଣକୁଳ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ବୁଧବାର ଭାରତରେ ଜାତୀୟତାର ବିକାଶ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଯୋଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରଣପୁର ମହାବିଦ୍ୟାଳୟର ଇତିହାସ ବିଭାଗ ପ୍ରଫେସର ଡ. କାହ୍ନୁଚରଣ ମହାରଣା, ବିଭାଗୀୟ ମୁଖ୍ୟ ପ୍ରଫେସର ଯୁଧିଷ୍ଠିର ଖଟେଇ, ଅଧାପକ ନାରାୟଣ ପ୍ରଧାନ, ରାଜକିଶୋର ସାହୁ ଅତିଥିଭାବେ ଯୋଗଦେଇ ଆଲୋଚନା କରିଥିଲେ। ସେହିପରି ରାଜନୀତି ବିଭାଗ ପକ୍ଷରୁ ଭାରତରେ ମେଣ୍ଟ ରାଜନୀତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷଙ୍କ ସହିତ ମଡ଼େଲ ଡ଼ିଗ୍ରୀ କଲେଜ ନୟାଗଡ଼ର ରାଜନୀତି ବିଭାଗ ଅଧାପକ ଡ. ଅଧିବାସ ପଣ୍ଡା ଓ ଅନ୍ୟ ଅଧାପକମାନେ ଯୋଗଦେଇ ବର୍ତ୍ତମାନ ଭାରତୀୟ ରାଜନୀତିରେ ବିଭିନ୍ନ ଦଳର ମେଣ୍ଟ ଶାସନ ପଦ୍ଧତି ଓ ବିକାଶ ଧାରା ଗଣତନ୍ତ୍ରର ପରିପନ୍ଥୀ ହୋଇପାରିବ କି ନାହିଁ ସେ ଉପରେ ଆଲୋଚନା କରିଥିଲେ।

# ଆନ୍ତଃ ଜିଲା ଲୁଟେରା ଗିରଫ

**ଓଡ଼ଗାଁ,୫।୧୨(ସ୍ୱ.ପ୍ର.)**

- ୨୫ରୁ ଉର୍ଦ୍ଧ୍ୱ ମାମଲାରେ ସମ୍ପୃକ୍ତ
- ମାଉଜର, ଛୁରି, ଚୋରା ବାଇକ୍ ଜବତ
- ପରିବାରକୁ ଏକଘରକିଆ ହିଁ ଲୁଟେରା ସାଜିବା କାରଣ

୨୦୧୫ରୁ ଅଦ୍ୟାବଧି ୨୫ରୁ ଉର୍ଦ୍ଧ୍ୱ ଲୁଟ୍ ଓ ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣେ ଆନ୍ତଃ ଜିଲା ଲୁଟେରାଙ୍କୁ ଓଡଗାଁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ସେ ହେଲେ ନୟାଗଡ ଜିଲା ଓଡ଼ଗାଁ ଥାନା ଆରେଡା ପଞ୍ଚାୟତ ଗୁଆନ୍ଦ ଗ୍ରାମର ଫକୀର ପ୍ରଧାନ(୨୨) । ପ୍ରାୟ ୪ବର୍ଷ ତଳୁ ଫକୀର ସ୍ଥାନୀୟ ଅଞ୍ଚଳ ସହିତ ପଡୋଶୀ ଗଞ୍ଜାମ ଜିଲାର ଆନ୍ତଃ ଜିଲା ଲୁଟେରା ଗ୍ୟାଙ୍ଗ ସହ ମିଶି ଓଡଗାଁ ଥାନା ସମେତ ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ଖୋର୍ଦ୍ଧା ଟାଙ୍ଗୀ, ରଣପୁର, ନୟାଗଡ଼, ନୂଆଗାଁ ଓ ଶରଣକୁଳ ଥାନା ଅଞ୍ଚଳରେ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ଆଗରେ ପ୍ରକାଶ କରିଛନ୍ତି। ଏସବୁ ଥାନାରେ ଫକୀର ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ବହୁ ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ପ୍ରଥମେ ସେ ୨୦୧୫ ମସିହାରେ ତାଙ୍କ ଗ୍ରାମରୁ ଟଙ୍କା ସଂଗ୍ରହ କରି ଫେରୁଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କଠାରୁ ଏକ ଚୋରା ବୋଲେରୋରେ ଆସି ମାରଣାସ୍ତ୍ର ଦେଖାଇ ଦେଢଲକ୍ଷ ଟଙ୍କା ଲୁଟ୍ କରିଥିଲେ। ଏହା ପରେ ଫକୀର



ଗିରଫ ଅଭିଯୁକ୍ତ ଓ ଜବତ ମାଉଜର, ଛୁରି।

ତାଙ୍କ ଗ୍ୟାଙ୍ଗ ସହିତ ମିଶି ବାଇକ୍ ଓ କାର ଆରୋହୀଙ୍କୁ ଲୁଟ୍ କରିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ମାମଲାରେ ସ୍ଥାନୀୟ ଥାନାରେ ୧୫୪/୧୫, କଲେଜ ରୋଡରୁ ଫାଇନାନ୍ସ କର୍ମଚାରୀଙ୍କଠାରୁ ୩୨ ହଜାର ଟଙ୍କା ଲୁଟ୍ ମାମଲାରେ ୧୫୯/୧୮, ଜଣେ ଠିକାଦାରଙ୍କଠାରୁ ବାଇକ୍ ଲୁଟ୍ ନେଇ ୧୫୧/୧୮, କଲେଜ ରୋଡରେ ତେଲ ଟ୍ୟାଙ୍କରକୁ ଅଟକାଇ ଲୁଟ୍ ଘଟଣାରେ ୧୮୭/୧୮, ଦୂତିକେଶ୍ୱର ମହାଦେବ ମନ୍ଦିର ନିକଟରେ ବାଇକ୍ ଲୁଟ୍ ନେଇ ୧୮୪/୧୮ ଭଳି ବହୁ ଆପରାଧିକ ମାମଲା ଫକୀର ବିରୋଧରେ ସ୍ଥାନୀୟ ଥାନାରେ ରୁଜୁ ହୋଇଥିଲା। ନିକଟରେ ଢୋଲମସ୍କା ନିକଟରେ ବାହାଡ଼ାଖୋଲା ଧରିତ୍ରୀ ଏଜେଣ୍ଟଙ୍କଠାରୁ ଦୁଇଟି ମୋବାଇଲ ଓ ନଗଦ ଟଙ୍କା ଲୁଟ୍, ମାଛ ବେପାରୀଙ୍କୁ ଲୁଟ୍, ପଥରା ଛକରେ ୨ କଲେଜ ଛାତ୍ରଙ୍କ ସ୍କୁଟି ଅଟକାଇ ଦୁଇଟି ମୋବାଇଲ ଲୁଟ୍ ଆଦି ମାମଲାରେ ଫକୀର ସମ୍ପୃକ୍ତ ଥିବା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ମୋଷ୍ଟ ୱାଣ୍ଟେଡ ଥିବାରୁ ଜିଲା ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତାଙ୍କୁ ଗିରଫ କରିବାକୁ ଉଦ୍ୟମ କରୁଥିଲା। ମଙ୍ଗଳବାର ସକାଳେ ଫକୀର ସ୍ଥାନୀୟ ସିନେମା ହଲ ଛକରେ ଥିବା ସୂଚନା ପାଇ ଥାନା ଆଇଆଇସି ପଣ୍ଡା ପହଞ୍ଚି ତାଙ୍କୁ ଧରି ନେଇଥିଲେ। ଫକୀର ମାଉଜର ବାହାର କରିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟ ପୋଲିସମାନେ ତାଙ୍କୁ କାବୁ କରିନେଇଥିଲେ । ପୋଲିସ ତାଙ୍କ ନିକଟରୁ ଏକ ଦେଶୀ ମାଉଜର, ଛୁରି, ମୋବାଇଲ ସହିତ ଖୋର୍ଦ୍ଧାରୁ ଲୁଟ୍ କରିଥିବା ଏକ ବେନାମୀ ବଜାଜ ପଲସର ବାଇକ୍ ଜବତ କରିଛି। କଲେଜ ଛାତ୍ରଙ୍କ ମୋବାଇଲ ଲୁଟ୍ ମାମଲାରେ ପୋଲିସ ମଙ୍ଗଳବାର ୨୨୬/୧୮ରେ ଏକ ମାମଲା ରୁଜୁ କରିଥିଲା। ବୁଧବାର ଡାକ୍ତରୀ ପରୀକ୍ଷା ପରେ ଫକୀରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ବିଗତ ଦିନରେ ଗାଁରେ ତାଙ୍କ ପରିବାରକୁ ଗ୍ରାମବାସୀ ଏକଘରକିଆ କରି ହଇରାଣ କରିବା ହିଁ ସେ ଲୁଟେରା ସାଜିବାର ମୁଖ୍ୟ କାରଣ ବୋଲି ଫକୀର ପ୍ରକାଶ କରିଛନ୍ତି।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଖଣ୍ଡପଡା,୫।୧୨(ସ୍ୱ.ପ୍ର.)**

ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଖଣ୍ଡପଡା ସହରାଞ୍ଚଳସ୍ଥିତ ପଠାଣି ସାମନ୍ତ ଶାରୀରିକ ଅକ୍ଷମ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇ ଯାଇଛି । ସଂଘର ସଦସ୍ୟମାନେ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଖଣ୍ଡପଡା ସାମନ୍ତ ଛକରେ ସମବେତ ହୋଇଥିଲେ । ସଂଘ ପକ୍ଷରୁ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ସଂଘର ସଭାପତି ନୀଳମଣି ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏକ ସମାବେଶରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ବିଡିଓ ଶିବାନନ୍ଦ ସ୍ୱାଇଁ, ପୂର୍ବତନ କାଉନ୍ସିଲର ମିହିର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ହେଁ ପ୍ରଶାସନିକ ଉଦାସୀନତା ଯୋଗୁ ଯୋଜନାଗୁଡିକ ଠିକ୍ ରୂପେ କାର୍ଯ୍ୟକାରୀ ହେଉ ନ ଥିବା ସଂଘର ସଦସ୍ୟମାନେ ସୂଚନା ଦେଇଥିଲେ । ସଂଘର ସମ୍ପାଦକ ସତ୍ୟ ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୋଷାଧକ୍ଷ ପ୍ରଦୀପ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ଖଣ୍ଡପଡା ପଞ୍ଚାୟତ ସମିତି ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବ୍ଲକ ସଭାଗୃହରେ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ସମାବେଶରେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବୈଠକରେ ଜିପିଓ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଏବିଡିଓ ରତନଲାଲ ଲୋହରା ପ୍ରମୁଖ ଯୋଗଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

## ■ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

# ଓଡ଼ିଶା ପୋଲିସ କଟକ ବିଜୟୀ

**ନୟାଗଡ଼ ଅଫିସ,୫।୧୨**

୭୮୬ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ନୟାଗଡ ଖେଳପଡ଼ିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁରହିଛି। ବୁଧବାର ତୃତୀୟ ଦିବସରେ ଓଡ଼ିଶା ପୋଲିସ କଟକ ଓ ହାଇଦ୍ରାବାଦ୍ ଆର୍ମି ତେଲେଙ୍ଗାନା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୩ ମିନିଟରେ ତେଲେଙ୍ଗାନା ଦଳର ୧୫ ନମ୍ବର ଖେଳାଳି ସୁଜାଇ ବିପକ୍ଷ ଦଳକୁ ଗୋଟିଏ ଗୋଲ୍ ଦେଇଥିଲେ। ପରେ ୯ ମିନିଟ ସମୟରେ କଟକ ଦଳର ୧୦ ନମ୍ବର ଖେଳାଳି ଅଭିମନ୍ୟୁ ପାଣ୍ଡେ ପେନାଲଟି କିକ୍ ସହାୟତାରେ ବିପକ୍ଷ ଦଳକୁ ଗୋଟିଏ ଗୋଲ୍ ଦେଇ ଖେଳ ବରାବର ସ୍ଥିତିକୁ ଆଣିଥିଲେ। ପୁନଶ୍ଚ ୫୪ ମିନିଟରେ କଟକ ଦଳର ୯ ନମ୍ବର ଖେଳାଳି ଉଇଲସନ୍ ବାରଲା ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଏହା ପରେ ଆଉ କୌଣସି ଗୋଲ୍ ହୋଇପାରି ନ ଥିଲ। ଫଳରେ କଟକ ଦଳ ୨-୧ ଗୋଲ୍‌ରେ ତେଲେଙ୍ଗାନା ଦଳକୁ ହରାଇ ବିଜୟୀ ହୋଇଥିଲା। ତେଲେଙ୍ଗାନା ଦଳର ବିରଜିତ୍ ସିଂହଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି କଟକ ଦଳର ଗୋଲକିପର ଚିନ୍ମୟ ଶେଖର ବେହେରାଙ୍କୁ ଆରିଫ ଖାଁ ହଜାର ଟଙ୍କା ପ୍ରଦାନ କରିଥିଲେ। ମୁଖ୍ୟ ରେଫରି ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ଅଶୋକ କୁମାର କହଁର, ଶେଷଦେବ ବେହେରା, ସୁଦୀପ୍ତ ଦାଶ ସହାୟତା କରିଥିଲେ। ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ଷଡ଼ଙ୍ଗୀ, କନିଷ୍ଠ ଯନ୍ତ୍ରୀ କିଶୋର ଚନ୍ଦ୍ର ଶତପଥୀ, ନୟାଗଡ଼ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଅତିଥିଭାବେ ଯୋଗ ଦେଇଥିଲେ।




ଅତିଥିମାନଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

# ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ

**ଦଶପଲ୍ଲା,୫।୧୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମରେ ସାପ କାମୁଡାରେ ସନ୍ତୋଷ ମଲ୍ଲିକ(୪୮)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ। ମଙ୍ଗଳବାର ରାତିରେ ସନ୍ତୋଷ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡିଥିଲା। ସଙ୍ଗେ ସଙ୍ଗେ ସେମାନେ ତାଙ୍କୁ ଚିକିତ୍ସା ନିମନ୍ତେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୮/୧୮) ରୁଜୁ ହୋଇଛି।


## TENDER NOTICE

क्षेत्रीय पासपोर्ट कार्यालय, भुवनेश्वर किराये पर कार की सेवा की अपूर्ति के लिए बोलियों आमंत्रित की जा रही है, जिनके विवरण निम्नानुसार हैं:- Regional Passport Office, Bhubaneswar is inviting the tender for hiring of car, details of which are as follows:-

| क्रमिक S. No. | विवरण/Details | बोली की शुरूआत दिनांक Bid Submission Start Date | बोली की अंतिम दिनांक Bid Submission end date | Tender ID |
|---|---|---|---|---|
| 1. | **किराए पर कार (निविदा दस्तावेज में विवरण)** Hiring of Car (Details in tender document) | 05.12.2018 | 27.12.2018 | 2018_MEA_415031_1 |
| 2. | Hiring of House Keeping Service (Details in tender document) | 08.12.2018 | 31.12.2018 | 2018_MEA_415225_1 |

उपरोक्त वर्णित निविदा आईडी का अपयोग करके, निविदा दस्तावेज **www.eprocure.gov.in** से डाउनलोड किया जा सकता है। Tender document may be downloaded from website: **www.eprocure.gov.in** using tender ID mentioned above.

**Sd./- सुधांशु शेखर मिश्र**
**Sudhansu Sekhar Mishra**
**पासपोर्ट अधिकारी / Passport Officer, Bhubaneswar**


# ଅଇଁଠା ଖଲି ପକାଇବାକୁ କେନ୍ଦ୍ରକରି ସଂଘର୍ଷ, ୮ଜଣଙ୍କ ନାମରେ ମାମଲା ରୁଜୁ

**ଖଣ୍ଡପଡା,୫।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ବଡ଼ବୋଦସା ଗ୍ରାମ ରାସ୍ତାରେ ଅଇଁଠାପତ୍ର ପକାଇବାକୁ କେନ୍ଦ୍ରକରି ଗୋଷ୍ଠୀସଂଘର୍ଷ ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୮ ଜଣଙ୍କ ନାମରେ ମାମଲା ରୁଜୁ କରିଛି । ଘଟଣାରୁ ପ୍ରକାଶ ଯେ, ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଡ଼ବୋଦସା ଗ୍ରାମର ସୁରେଶ ମହାନ୍ତିଙ୍କ ଘର ସାମ୍ନା ରାସ୍ତା ଉପରେ କେହି ଅଇଁଠା ଖଲିପତ୍ର ପକାଇ ଦେଇଥିଲେ। ଉକ୍ତ ଖଲି ରାସ୍ତା ଉପରୁ ଉଠାଇବାକୁ କେନ୍ଦ୍ରକରି ସୁରେଶଙ୍କ ସହ ସ୍ଥାନୀୟ ଅଞ୍ଚଳର କେତେକ ଲୋକଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଘଟଣାକୁ ନେଇ ଗ୍ରାମରେ ଗୋଷ୍ଠୀ ସଂଘର୍ଷର ସୂତ୍ରପାତ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଏହି ଘଟଣାରେ ସୁରେଶଙ୍କୁ ଅନ୍ୟ ଗୋଷ୍ଠୀର ଲୋକେ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିବା ସହ ତାଙ୍କ ବେକରୁ ଏକ ସୁନାଚେନ୍ ଲୁଟି ନେଇଥିବା ସମ୍ପର୍କରେ ସେ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଗଣ୍ଡଗୋଳରେ ସଂପୃକ୍ତ ଥିବା ଅଭିଯୋଗରେ ବଡ଼ବୋଦସା ଗ୍ରାମର ୮ ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

## ଗୋଡିସାହି ଆର୍‌ଆଇ କାର୍ଯ୍ୟାଳୟ

# ୩୧ବର୍ଷ ହେଲା ଭଡ଼ାଘରେ ଚାଲୁଛି

**ନୟାଗଡ଼ ଅଫିସ,୫।୧୨**

- ୬ବର୍ଷ ହେଲା ଶେଷହେଲାଣି ନୂତନ ଗୃହ ନିର୍ମାଣ
- ୪ ପଞ୍ଚାୟତ ଅର୍ନ୍ତଗତ ୨୫ ଗ୍ରାମର ଲୋକ ନିର୍ଭର କରୁଛନ୍ତି

ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟର ଭିତ୍ତିଭୂମି କିପରି ସୁଦୃଢ଼ ହେବ ସେ ଦିଗରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ କରୁଛନ୍ତି। ହେଲେ ଗୃହ ନିର୍ମାଣ ପରେ ବି କେତେକ କାର୍ଯ୍ୟାଳୟ ଭଡ଼ାଘରେ ଚାଲୁଥିବା ଦେଖାଯାଉଛି। ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅନ୍ତର୍ଗତ ଗୋଡିସାହି ଆର୍‌ଆଇ (ରାଜସ୍ୱ ନିରୀକ୍ଷକଙ୍କ) କାର୍ଯ୍ୟାଳୟ କ୍ଷେତ୍ରରେ ଏଭଳି ଘଟଣା ଦେଖିବାକୁ ମିଳିଛି। ନିଜସ୍ୱ ଗୃହ ନିର୍ମାଣ ହୋଇଥିଲେ ମଧ ଦୀର୍ଘ ୩୧ବର୍ଷ ହେଲା ଏକ ଭଙ୍ଗା ଆଜବେଷ୍ଟସ୍ ଘରେ ଚାଲୁଛି ଆର୍‌ଆଇ କାର୍ଯ୍ୟାଳୟ।

ଏହି ଆର୍‌ଆଇ କାର୍ଯ୍ୟାଳୟ ଉପରେ ଗୋଡିସାହି, ସୋଲପଟା, ମଗରବନ୍ଧ ଓ ମାଛିପଡ଼ା ଏହି ୪ ପଞ୍ଚାୟତ ଅନ୍ତର୍ଗତ ୨୫ ମୌଜା(ଗ୍ରାମ)ର ଲୋକମାନେ ନିର୍ଭର କରନ୍ତି। ଗୋଡିସାହିସ୍ଥିତ ଏକ ବଖରା ବିଶିଷ୍ଟ ଏହି ଆଜବେଷ୍ଟସ୍ ଘରେ କାର୍ଯ୍ୟରତ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର୍‌ଆଇ, ଏଆର୍‌ଆଇ ଓ ଜଣେ ପିଅନଙ୍କୁ ନେଇ ଚାଲିଛି ଏହି କାର୍ଯ୍ୟାଳୟ। ଛୋଟ ଘର ହୋଇଥିବାରୁ ଆର୍‌ଆଇ ଓ ଏଆର୍‌ଆଇ ଘରେ ବସି କାର୍ଯ୍ୟ କରୁଥିବାବେଳେ ପିଅନ ବାରଣ୍ଡାରେ ବସି କାର୍ଯ୍ୟ କରନ୍ତି। କୌଣସି କାର୍ଯ୍ୟ ପାଇଁ ଲୋକମାନେ ଆର୍‌ଆଇ କାର୍ଯ୍ୟାଳୟକୁ ଗଲେ ବସିବା ପାଇଁ ସ୍ଥାନ ନ ଥିବାରୁ ଘଣ୍ଟା ଘଣ୍ଟା ଧରି ଠିଆ ହେଉଛନ୍ତି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିଭଳି ବର୍ଷାଦିନରେ ଜୋର ବର୍ଷା ହେଲେ ବାରଣ୍ଡାରେ କାର୍ଯ୍ୟ କରିବା ସମ୍ଭବ ହୁଏନାହିଁ। ଫଳରେ ଦୈନିକ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ଏହାକୁ ଦୃଷ୍ଟିରେ ରଖି ୨୧ନଂ. ରାଜପଥ ପାର୍ଶ୍ୱ ଗୋଡିସାହିଠାରେ ଏହି କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ଆରମ୍ଭ ହେଲା। ଇତିମଧ୍ୟରେ ୬ବର୍ଷ ହେଲା ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ସେଠାକୁ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରୁ ନାହିଁ। ପୂର୍ବଭଳି ସେହି ଭଙ୍ଗା ଆଜବେଷ୍ଟସ୍ ଘରେ ଚାଲୁ ରହିଛି ଆରଆଇ କାର୍ଯ୍ୟାଳୟ।

ଉଲ୍ଲେଖଯୋଗ୍ୟ ଯେ, ମାଛିପଡ଼ା ପଞ୍ଚାୟତ ପୂର୍ବରୁ ଓଡ଼ଗାଁ ବ୍ଲକରେ ଥିଲା। ବର୍ତ୍ତମାନ ଏହା ନୟାଗଡ଼ ବ୍ଲକରେ ସାମିଲ ହୋଇଥିବାରୁ ମାଛିପଡ଼ା ପଞ୍ଚାୟତକୁ ନୟାଗଡ଼ ତହସିଲ୍‌ରେ ଅନ୍ତର୍ଭୁକ୍ତ କରିବା କଥା, ମାତ୍ର ତାହା କରାଯାଇନାହିଁ। ମାଛପିଡ଼ା ଗ୍ରାମରେ ପୁରଣା ଆର୍‌ଆଇ କାର୍ଯ୍ୟାଳୟ ଥିବାରୁ ସେଠାକାର ଗ୍ରାମବାସୀ ଏହାକୁ ସ୍ଥାନାନ୍ତର କରିବାକୁ ଚାହୁଁନାହାନ୍ତି। ଫଳରେ ଓଡ଼ଗାଁ ବ୍ଲକର ଅନ୍ୟ ୩ ପଞ୍ଚାୟତର ଲୋକମାନେ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ସୋଲପଟା ସରପଞ୍ଚ ସୁଶାନ୍ତ କୁମାର ଜେନା କୁହନ୍ତି, ସରକାର ସବୁ ବ୍ଲକକୁ ସେହି ତହସିଲ ଅଧୀନରେ ଆସିବାର ନିୟମ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମାଛିପଡ଼ା ପଞ୍ଚାୟତକୁ ନୟାଗଡ଼ ତହସିଲ୍‌ରେ ସାମିଲ କରିବା ସହ ଗୋଡିସାହିଠାରେ ହୋଇଥିବା ନୂଆଗାଁ ଆର୍‌ଆଇ କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ଗୋଡିସାହି ଆରଆଇ ଚିତ୍ତରଞ୍ଜନ ବେହେରା କହନ୍ତି, ମାଛିପଡ଼ା ଗ୍ରାମବାସୀ ତାଙ୍କ ଗ୍ରାମରେ ଥିବା ଆର୍‌ଆଇ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାକୁ ଚାହୁଁ ନ ଥିବା ନେଇ ଜିଲାପାଳଙ୍କୁ ଅବଗତ କରିଛି। ଯାହା ଫଳରେ ସେମାନେ ନୂତନ ଆର୍‌ଆଇ କାର୍ଯ୍ୟାଳୟକୁ ସ୍ଥାନାନ୍ତର ହୋଇପାରୁ ନ ଥିବା ସେ ପ୍ରକାଶ କରିଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ।




## ସଂକ୍ଷେପରେ

### ଲାଞ୍ଚୁଆ ଫରେଷ୍ଟରଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ୍,୫।୧୨:** ଲାଞ୍ଚ ଗ୍ରହଣ କରି ଗିରଫ ହୋଇଥିବା ଖଲ୍ଲିକୋଟ ରେଞ୍ଜ୍ ଅଧୀନସ୍ଥ ପୁରୁଷୋତ୍ତମପୁର ବିଟ୍ ହାଉସ୍ ଫରେଷ୍ଟରର ଶିବ ବେହେରାଙ୍କୁ ବୁଧବାର ସର୍ତ୍ତମୂଳକ ଜାମିନ ମିଳିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ସିଡି (କେସ୍ ଡାଏରୀ) କୋର୍ଟରେ ଦାଖଲ କରିବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ମାଜିଷ୍ଟ୍ରେଟ୍ ଇଶାନ୍ କୁମାର ଦାସ ଫରେଷ୍ଟରଙ୍କୁ ଏହି ସର୍ତ୍ତ ମୂଳକ ଜାମିନ ପ୍ରଦାନ କରିଥିବା ତାଙ୍କ ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ପ୍ରକାଶଯେ, ପୁରୁଷୋତ୍ତମପୁର ନିକଟସ୍ଥ ଅରଖପୁର ଗ୍ରାମର ପ୍ରଭାକର ମହାରଣା ଫର୍ଣ୍ଣିଚର୍ ଦୋକାନ ମାଲିକ। ଫରେଷ୍ଟର ତାଙ୍କୁ ବିଭିନ୍ନ ସମୟରେ ଅର୍ଥ ଦାବି କରୁଥିଲେ। ଅର୍ଥ ନ ଦେଲେ ବନ ବିଭାଗ ସଂକ୍ରାନ୍ତୀୟ ମାମଲାରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାର ଭୟ ଦେଖାଉଥିଲେ। ଏନେଇ ପ୍ରଭାକର ଭିଜିଲାନ୍ସ ବିଭାଗ ବ୍ରହ୍ମପୁର ଡିଭିଜନ୍‌ରେ ଏତଲା ଦେବା ପରେ ଭିଜିଲାନ୍ସ ପକ୍ଷରୁ ନଂ. ୪୯/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

### ନିଜ ଖର୍ଚ୍ଚରୁ ଚଳାଇଥିଲେ ଅଙ୍ଗନୱାଡି କେନ୍ଦ୍ର : ମିଳିଲାନି ଟଙ୍କା

ଫିରିଙ୍ଗିଆ,୫।୧୨: ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ତଳପଡା ଅଙ୍ଗନୱାଡି କେନ୍ଦ୍ରରେ କୌଣସି କର୍ମୀ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦାୟିତ୍ୱରେ ଥିବା ହେଲ୍‌ପର ୬ ମାସ ଧରି ନିଜ ଖର୍ଚ୍ଚରେ କେନ୍ଦ୍ର ଚଳାଇଥିଲେ। ଏବେ ନୂତନ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇବା ପରେ ମଧ୍ୟ ତାଙ୍କୁ ଏହି ଅର୍ଥ ଭରଣା କରାଯାଇ ନାହିଁ ବୋଲି ଅଭିଯୋଗ କରିଛନ୍ତି ହେଲପର ସୁଜାତା ପ୍ରଧାନ। ସେ ଅଭିଯୋଗ କରିଛନ୍ତି ଯେ, ଜାନୁୟାରୀରୁ ଜୁନ ମାସ ପର୍ଯ୍ୟନ୍ତ ଏହି କେନ୍ଦ୍ରରେ କେହି ଅଙ୍ଗନବାଡି କର୍ମୀ ନିଯୁକ୍ତି ପାଇ ନ ଥିଲେ। କେନ୍ଦ୍ରର ଆବଶ୍ୟକତା ପୂରଣ ପାଇଁ ଅର୍ଥ ମାଗିବାରୁ ତାଙ୍କୁ ସୁପରଭାଇଜର ହାତରୁ ଖର୍ଚ୍ଚ କରିଥାଅ ବୋଲି କୁଆଡେ କହିଥିଲେ। ଏବେ ନୂଆ କର୍ମୀ ନିଯୁକ୍ତି ପରେ ବି ଖର୍ଚ୍ଚ ଫେରାଇ ଦିଆଯାଉ ନ ଥିବା ସୁଜାତା ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ମଧ୍ୟସ୍ଥତାରେ ଏ ନେଇ ସମାଧାନ ହୋଇଥିଲେ ବି ଟଙ୍କା ଫେରାଇବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ସେ କହିଛନ୍ତି। ଏହା ପ୍ରତିବାଦରେ ଦୁଇ ଦିନ ତଳେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡିଥିଲା। ସ୍ଥାନୀୟ ସିଡିପିଓ ଓ ସୁପରଭାଇଜର ପହଞ୍ଚି କଥାବାର୍ତ୍ତା କରିବା ସହ ତାଲା ଖୋଲାଇଥିଲେ। ଖର୍ଚ୍ଚ କରିଥିବା ପ୍ରାୟ ୩୦ ହଜାର ଟଙ୍କା ଫେରି ପାଇବା ଅପେକ୍ଷାରେ ଅଛନ୍ତି ସୁଜାତା। ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ମନସ୍ୱିନୀ ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ସିଡିପିଓ ଓ ସୁପରଭାଇଜର ସମସ୍ୟା ସମାଧାନ କରିଛନ୍ତି। ନୂଆ ଅଙ୍ଗନୱାଡି କର୍ମୀଙ୍କ ନାମରେ ଆକାଉଣ୍ଟ ଖୋଲାଯାଇ ନ ଥିବାରୁ ଟଙ୍କା ଦିଆ ଯାଇ ପାରି ନାହିଁ। ଶୀଘ୍ର ସୁଜାତାଙ୍କୁ ତାଙ୍କ ଟଙ୍କା ମିଳିଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି।

### ସ୍ୱର୍ଣ୍ଣପଦକ ବିଜେତା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଜି.ଉଦୟଗିରି,୫।୧୨(ଡି.ଏନ.ଏ.):** ଜି.ଉଦୟଗିରି ଶ୍ରୀରାମପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟନାୟକଙ୍କ ଅଧକ୍ଷତାରେ ବୁଧବାର ସ୍ୱର୍ଣ୍ଣ ପଦକ ବିଜେତା ଅଷ୍ଟମ ଶ୍ରେଣୀ ଛାତ୍ରୀ ଲେନୀ ଦିଗାଳଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଲେନୀ ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇ ୨ ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ପଦକ ପାଇଥିଲେ। ୨୦୦ ମିଟର ରିଲେରେସ ଓ ଫୁଟ୍‌ବଲରେ ସ୍ୱର୍ଣ୍ଣପଦକ ପାଇଥିବା ବେଳେ ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ପାଇଥିଲେ। ସ୍କୁଲ କମିଟି ସଭାପତି ବାଳକୃଷ୍ଣ ମହାନ୍ତି, ସିଦ୍ଧାର୍ଥ ନାୟକ, ଶାନ୍ତିଲତା ଦେଇ, ପ୍ରବାସ ପଣ୍ଡା, ପ୍ରିୟଦର୍ଶିନୀ ପାଣିଗ୍ରାହୀ ପ୍ରମୁଖ ଲେନୀ ବିଦ୍ୟାଳୟ, ଜିଲା ଓ ରାଜ୍ୟ ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ଦିଲ୍ଲୀରୁ ଫେରିବା ପରେ ରାଜ୍ୟ ସ୍ତରରେ ମଧ ଲେନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଲେନୀଙ୍କୁ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କରିଥିବା ପଟ୍ଟନାୟକ କହିଛନ୍ତି।

## ୨ ଛାତ୍ରଙ୍କୁ ମାଡ଼ ଅଭିଯୋଗ

# ଆକ୍ରମଣକାରୀ ୩ ଛାତ୍ର ବହିଷ୍କୃତ

**ବ୍ରହ୍ମପୁର ଅଫିସ, ୫।୧୨**

**ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ**



ଛାତ୍ରମାନେ କଲେଜ ପରିସରରେ ଧାରଣା ଦେଇଛନ୍ତି।

ବ୍ରହ୍ମପୁର ଉପକଣ୍ଠ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ୨ ଛାତ୍ରଙ୍କୁ ମଙ୍ଗଳବାର ରାତିରେ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ବୈକୁଣ୍ଠନଗରସ୍ଥିତ କଲେଜର ଶ୍ରୀ ହଷ୍ଟେଲରେ ରହୁଥିବା ସିଭିଲ ବ୍ରାଞ୍ଚର ଜୟ କିଶୋର ଡାଙ୍ଗ ଓ ଇଟିସି ବ୍ରାଞ୍ଚର ରଶ୍ମିରଞ୍ଜନ ବେହେରାଙ୍କୁ ସେହି କଲେଜର କେତେକ ଛାତ୍ର ହଷ୍ଟେଲରୁ ଡାକିନେଇ ମାଡ ମାରିଛନ୍ତି। ସେମାନଙ୍କୁ ଧମକାଇ ୧୦ ହଜାର ଟଙ୍କା ନେବା ସହ ସିଲଭର ବ୍ରେସ୍‌ଲେଟ ମଧ ଛଡାଇ ନେଇଥିବା ଘଟଣାର ଶିକାର ହୋଇଥିବା ଦୁଇଛାତ୍ର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବୁଧବାର ପୂର୍ବାହ୍ନରେ ଘଟଣାକୁ ନେଇ ଅଧକ୍ଷଙ୍କ ନିରପେକ୍ଷତା ଓ ମାଡ ମାରିଥିବା ଛାତ୍ରଙ୍କୁ ବହିଷ୍କାର କରିବା ଦାବିରେ କଲେଜ ଫାଟକ ଆଗରେ ଛାତ୍ରମାନେ ପାଟିତୁଣ୍ଡ କରିବା ସହ କଲେଜ ପରିସରରେ ଦୀର୍ଘ ସମୟ ଧରି ଧାରଣା ଦେଇଥିଲେ।

ଘଟଣାର ଶିକାର ହୋଇଥିବା ଛାତ୍ରଙ୍କ କହିବାନୁଯାୟୀ, ଜୟ କିଶୋର ଓ ରଶ୍ମିରଞ୍ଜନ ବ୍ରହ୍ମପୁର ବୈକୁଣ୍ଠନଗରସ୍ଥିତ ଶ୍ରୀ ହଷ୍ଟେଲରେ ଥିବା ବେଳେ ସେହି କଲେଜର ଦ୍ୱିତୀୟ ବର୍ଷ ତୃତୀୟ ସେମିଷ୍ଟର ଇଟିସି ବ୍ରାଞ୍ଚର ଛାତ୍ର ରାଜୀବ ପ୍ରଧାନ, ପ୍ରତ୍ୟୁଷ ମହାରଣା ଓ ଅଟୋମୋବାଇଲ ବ୍ରାଞ୍ଚର ସୁଜିତ ଗୌଡ ହଷ୍ଟେଲରେ ପଶି ଉଭୟଙ୍କୁ ଜୋର ଜବରଦସ୍ତ ସିଦ୍ଧାର୍ଥନଗର ବାଲ ଗଣେଶ ସ୍କୁଲ ପାଖକୁ ନେଇ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଜୟ ଓ ରଶ୍ମିଙ୍କୁ ୨୦ ହଜାର ଟଙ୍କା ମାଗିବା ସହ ୧୦ ରୁ ୧୫ ସହଯୋଗୀଙ୍କ ଦ୍ୱାରା ଉଭୟଙ୍କୁ ନିପୁକ ମାଡ ମାରିଥିଲେ। ସେମାନଙ୍କଠାରୁ ୧୦ ହଜାର ଟଙ୍କା ଓ ଗୋଟିଏ ସିଲଭର ବ୍ରେସ୍‌ଲେଟକୁ ଛଡାଇ ନେଇଥିଲେ। ତୁରନ୍ତ ବଳକା ୧୦ ହଜାର ଟଙ୍କା ନ ଦେଲେ କଲେଜରେ ପଶି ଦ୍ୱିତୀୟ ବର୍ଷ ତୃତୀୟ ସେମିଷ୍ଟର ସମସ୍ତ ଛାତ୍ରଙ୍କୁ ମାଡ ମାରିବେ ବୋଲି ଧମକ ଦେଇଥିବା ଦୁଇ ଛାତ୍ର କହିଛନ୍ତି।

ମଙ୍ଗଳବାର ରାତି ପ୍ରାୟ ୨ ଟାରେ ଅଧକ୍ଷ ହଷ୍ଟେଲରେ ପହଞ୍ଚି ଥିଲେ ମଧ ମାଡ ମାରିଥିବା ଛାତ୍ରଙ୍କୁ ହିଁ ସମର୍ଥନ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ମାଡ ମାରିଥିବା ୩ ଛାତ୍ରଙ୍କୁ କଲେଜରୁ ବହିଷ୍କାର କରିବା ଦାବିରେ ଛାତ୍ରମାନେ ଫାଟକ ଆଗରେ ହୋ ହଲ୍ଲା କରିବା ସହ ଧାରଣା ଦେଇଥିଲେ। ବାରମ୍ବାର ଏପରି ଘଟଣା ଘଟିବା ସହ ଉକ୍ତ ଛାତ୍ରମାନେ ୫ ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ମାଡ ମାରିଛନ୍ତି। ଏହା ସତ୍ତ୍ୱେ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ଆନ୍ଦୋଳନରତ ଛାତ୍ରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅପରପକ୍ଷେ ଘଟଣାରେ ସମ୍ପୃକ୍ତ ଥିବା ତଥା ମାଡ ମାରିଥିବା ଛାତ୍ରଙ୍କୁ ସମର୍ଥନ କରୁଥିବା ନେଇ ଛାତ୍ରମାନେ କରିଥିବା ଅଭିଯୋଗକୁ ଅଧକ୍ଷ ଆର.କେ. ସ୍ୱାଇଁ ଖଣ୍ଡନ କରିଛନ୍ତି। ଅଧକ୍ଷ ସ୍ୱାଇଁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଘଟଣାର ସମାଧାନ ନେଇ କଲେଜ ପକ୍ଷରୁ ଶାନ୍ତି କମିଟି ଡକାଯାଇଥିଲା। ଗୋପାଳପୁର ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ଉପସ୍ଥିତିରେ ଆୟୋଜିତ ଶାନ୍ତି କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ପ୍ରକାରେ କ୍ୟାମ୍ପସ ତଥା ହଷ୍ଟେଲରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଉକ୍ତ ୩ ଛାତ୍ରଙ୍କୁ ବହିଷ୍କାର କରାଯାଇଥିବା ଅଧକ୍ଷ ସ୍ୱାଇଁ କହିଛନ୍ତି।

## ଅଟଳ ଯୁବ ବାହିନୀର ଜରୁରୀ ବୈଠକ



ଉପସ୍ଥିତ ଭାଜପା ନେତା ଓ କର୍ମୀ।

**କନିଷି,୫।୧୨(ଡି.ଏନ.ଏ.)**

କନିଷି ହାଟସ୍ଥିତ ପରବାସୀ କଲ୍ୟାଣ ମଣ୍ଡପରେ ଅଟଳ ଯୁବ ବାହିନୀର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ଯୁବ ବନ୍ଧୁମାନେ ଡିସେମ୍ବର ୨୫ରେ ବାଜପେୟୀଙ୍କ ଜନ୍ମଦିନକୁ ଉତ୍ସାହର ସହ ପାଳନ କରିବା ପାଇଁ ବିଚାର ବିମର୍ଶ ନିର୍ଦ୍ଧାରଣ କରାଯାଇଥିଲା। ଗଣଦୌଡ଼, ବକ୍ତୃତା ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ନେଇ ସ୍ଥିର ହୋଇଥିଲା। ବୈଠକରେ ଅଟଳ ଯୁବ ବାହିନୀ ସଂଯୋଜକ ଶଭାଶିଷ ସାହୁ, ଜଗମୋହନ ପାତ୍ର, ରବୀନ୍ଦ୍ର କୁମାର ସାହୁ, ଶିବ ନାୟକ, ସମୀର ବ୍ରହ୍ମା, ବି.ସୋମନାଥ ପାତ୍ର ସମେତ ଶତାଧିକ କର୍ମୀ, ନେତା ଉପସ୍ଥିତ ଥିଲେ।

## ପୋଷାକ ବିତରଣ ଉତ୍ସବ



ଛାତ୍ରୀଙ୍କୁ ପୋଷାକ, ଜୋତା ବଣ୍ଟନ କରୁଛନ୍ତି ମୁଖ୍ୟଅତିଥି।

**ହାତୀଓଟ,୫।୧୨**

ପୋଲସରା ବ୍ଲକ ରୁମାଗଡ଼ ଅପର ପ୍ରାଇମେରି ସ୍କୁଲରେ ବୁଧବାର ପୋଷାକ ଓ ଜୋତା ଛାତ୍ରୀଛାତ୍ରଙ୍କୁ ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସାମାଜିକକର୍ମୀ ପ୍ରଭାକର ପଣ୍ଡା ଯୋଗଦେଇ ୩୫୦ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ବଣ୍ଟନ କରିଥିଲେ। ଶିକ୍ଷକ ଶାନ୍ତିଭୂଷଣ ବାଡ଼ତ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାୟତ ଗ୍ରାମ ରୋଜଗାର ସେବକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ପରିଚାଳନା କମିଟି ବୃନ୍ଦଙ୍କ ସହ ସଭାପତି ରଞ୍ଜନ କୁମାର ବିଶୋଇ, ସରପଞ୍ଚ ବନିତା ଖଟୁଆ, ସରପଞ୍ଚ ପ୍ରତିନିଧି ପୁର୍ଣ୍ଣଚନ୍ଦ୍ର ଖଟୁଆ, ଗୌର ବିଶୋଇ, ଶରତ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ।

## ■ ଜନ ପରାମର୍ଶ ପଦଯାତ୍ରାରେ ଅଭିଯୋଗ

# ବିଜେଡି ସରକାରଙ୍କୁ ଟାର୍ଗେଟ କରୁଛି ଭାଜପା

**ବ୍ରହ୍ମପୁର ଅଫିସ,୫।୧୨**

■ଆମ ସହର, ଆମ ଉନ୍ନତି ନାଁରେ ହରିଲୁଟ

■ଅଭିଯୋଗକୁ ଖଣ୍ଡନ କଲା ବିଜେଡି

ବିଜେଡି ସରକାର ଆମ ଗାଁ, ଆମ ବିକାଶ ଏବଂ ଆମ ସହର ଓ ଆମ ଉନ୍ନତି କାର୍ଯ୍ୟକ୍ରମ ପାଇଁ ବିପୁଳ ପରିମାଣର ପାଣ୍ଠି ବିନିଯୋଗ କରୁଛନ୍ତି। ଏହାଦ୍ୱାରା ଶାସକ ଦଳର ନେତା ଓ କର୍ମୀ ହରିଲୁଟ କରିବାର ବାଟ ଫିଟାଇଛନ୍ତି। ଏହାକୁ ବିରୋଧ କରି ଗଞ୍ଜାମ ଜିଲା ଭାଜପା ଗର୍ଜନ କରୁଛି। ଏହି ଦୁଇ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା କେତେ କୋଟି ଟଙ୍କା ସରକାର ବିନିଯୋଗ କରିଛନ୍ତି ସେନେଇ ଶ୍ୱେତପତ୍ର ସର୍ବସାଧାରଣରେ ପ୍ରକାଶ କରିବାକୁ ଦାବି କରାଯାଇଛି। ଆଗାମୀ ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ସମେତ ବିଭିନ୍ନ ସ୍ଥାନରେ ଭାଜପା ପ୍ରସ୍ତୁତି ପର୍ବ ଜୋରଦାର କରିଛି। ସବୁଠି ଜନ ପରାମର୍ଶ ପଦଯାତ୍ରା ଚାଲିଛି ଏବଂ ପଥପ୍ରାନ୍ତ ସଭା କରି ବିଜେଡିକୁ ଟାର୍ଗେଟ କରୁଛି ଭାଜପା।

ବ୍ରହ୍ମପୁର ମହାନଗରରେ ଚାଲିଥିବା ପଦଯାତ୍ରା ବୁଧବାର ଏକାଦଶ ଦିବସ ବିତିଛି। ମୁଖ୍ୟତଃ ବିଏମ୍‌ସିର ଅପାରଗ ଶାସନକୁ କଡ଼ା ଭାଷାରେ ସମାଲୋଚନା କରାଯାଉଛି। ମହାନଗର ନିଗମ ଶାସନ ଦୀର୍ଘ ୧୫ ବର୍ଷ ହେବ ବିଜେଡି ଦଖଲରେ ଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁ କୋଟି ଟଙ୍କା ସହରାଞ୍ଚଳ ବିକାଶ ପାଇଁ ଅନୁଦାନ ଆକାରରେ ମିଳିଥିଲା। ତଥାପି ସହର ଅବସ୍ଥା ଶୋଚନୀୟ ହୋଇଯାଇଛି। ରାସ୍ତାଘାଟଓଡ୍ରେନ୍‌ଗୁଡ଼ିକକଦର୍ଯ୍ୟହୋଇଛି। ମଶା ଉପଦ୍ରବ ଯୋଗୁ ଲୋକେ ଅତିଷ୍ଠ ହୋଇଯାଉଛନ୍ତି। ନିଜସ୍ୱ ଟିଫା ଯନ୍ତ୍ରପାତି ବ୍ୟବହୃତ ନ ହୋଇ ଖତ ଖାଉଛି। ମହାନଗରର ସମୁଦାୟ ୪୦ ୱାର୍ଡ ମଧ୍ୟରୁ ୩୬ ୱାର୍ଡର ପରିମଳ ବା ସଫେଇ କାର୍ଯ୍ୟ ଘରୋଇକରଣ କରାଯାଇଛି। ପ୍ରତି ମାସରେ ବହୁ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ସତ୍ତ୍ୱେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। କେତେକ ବିଜେଡି ନେତା ଓ ପୂର୍ବତନ କର୍ପୋରେଟର ବେନାମୀରେ ସଫେଇ କାର୍ଯ୍ୟ ଠିକା ନେଇଥିବା ଭାଜପା ଅଭିଯୋଗ କରିଛି। ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ସ୍ଥାଣୁ ହୋଇଯାଇଥିବା ସମାଲୋଚନା କରାଯାଇଛି।

ବୁଧବାର ୧୨ ଓ ୧୩ନଂ. ୱାର୍ଡରେ ଜନ ପରାମର୍ଶ ପଦଯାତ୍ରା ଜୋରଦାର ହୋଇଥିଲା। କର୍ମୀ ଓ ନେତାମାନେ ଦୁଇ ୱାର୍ଡର ସବୁ ସାହିରେ ଘରକୁ ଘର ଯାଇ କେନ୍ଦ୍ର ସରକାରଙ୍କ ସଫଳତା ଏବଂ ରାଜ୍ୟ ବିଜେଡି ସରକାରର ସାମଗ୍ରିକ ବିଫଳ ଶାସନ ସମ୍ପର୍କରେ ସଚେତନ କରାଇଥିଲେ। ପରିବର୍ତ୍ତନ ଓଡ଼ିଶା ପାଇଁ ଭାଜପା ଅଭିଯାନରେ ସାମିଲ ହେବାକୁ ଜିଲା ସଭାପତି କାହ୍ନୁ ଚରଣ ପତି ପଥପ୍ରାନ୍ତ ସଭାରେ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଗଞ୍ଜାମରୁ ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଜିଲାର ପ୍ରମୁଖ ସହର ବ୍ରହ୍ମପୁରର ବିକାଶ ପ୍ରତି ଆଖି ବୁଜି ଦେଇଛନ୍ତି। ଯେତେବେଳେ ଗସ୍ତରେ ଆସୁଛନ୍ତି କେବଳ ଅନେକ ଯୋଜନା ପାଇଁ ଶିଳାନ୍ୟାସ ପରେ ଶିଳାନ୍ୟାସ କରୁଛନ୍ତି। ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରୁନାହାନ୍ତି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଅଦ୍ୟାବଧି ୮୪ ଡ଼ାକ୍ତର ଓ ବିଶେଷଜ୍ଞ ଚିକିତ୍ସକ ପଦ ଖାଲି ପଡ଼ିଥିବାରୁ ଦକ୍ଷିଣ ଓଡ଼ିଶାର ଏହି ବୃହତ୍ତମ ଡ଼ାକ୍ତରଖାନାରେ ରୋଗୀସେବା ବିପଯର୍ୟସ୍ତ ହୋଇଯାଇଥିବା ପତି ଅଭିଯୋଗ କରିଥିଲେ। ତୁରନ୍ତ ସମସ୍ତ ପଦ ପୂରଣ କରିବାକୁ ଦାବି କରାଯାଇଥିଲା।

ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ଯାଏ ବହୁ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନରେ ସମସ୍ୟା ଦେଖା ଦେଇଥିବା ଅଭିଯୋଗ କରାଯାଇଛି। ପଦଯାତ୍ରାରେ ଜିଲା ଉପସଭାପତି ପ୍ରଭାତ ଷଡ଼ଙ୍ଗୀ, ସୁନୀଲ ସାହୁ, ପ୍ରବୀର ପାତ୍ର, ରାଜେଶ ସାହୁ, ସାଧାରଣ ସମ୍ପାଦକ ଗୋପୀନାଥ ପଣ୍ଡା, ରବୀନ୍ଦ୍ର ସାହୁ, ମହିଳା ମୋର୍ଚ୍ଚା ଓ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ସାନବଜାର ମଣ୍ଡଳ ସଭାପତି ପ୍ରଦୀପ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଅନ୍ୟପକ୍ଷରେ ଭାଜପାର ଏହି ଅଭିଯୋଗକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ବ୍ରହ୍ମପୁର ଓ ଗଞ୍ଜାମ ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଯୋଜନା କରିଥିବା କୁହାଯାଇଛି।

## କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲରେ ପାଙ୍ଗିଡ଼ି, ବିରଞ୍ଚିପୁର

**ବୁଗୁଡ଼ା,୫।୧୨(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ୍‌ରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ପାଙ୍ଗିଡ଼ି ଓ ବିରଞ୍ଚିପୁର କ୍ରିକେଟ ଟିମ ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନ୍ତରପଡ଼ା ଓ ପାଙ୍ଗିଡ଼ି ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଅନ୍ତରପଡ଼ା ଟିମକୁ ପାଙ୍ଗିଡ଼ି ଟିମ ହରାଇ ଫାଇନାଲକୁ ପହଞ୍ଚିଛି। ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଅରଖପୁର ଟିମକୁ ବିରଞ୍ଚିପୁର ଟିମ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫଳରେ ଗୁରୁବାର ଫାଇନାଲ ମ୍ୟାଚ୍ ବୁଗୁଡ଼ା ମିନି ଷ୍ଟାଡିୟମରେ ପାଙ୍ଗିଡ଼ି ଓ ବିରଞ୍ଚିପୁର ମଧ୍ୟରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟକୁ ବ୍ଲକ ବିଜୁ ଯୁବ ବାହିନୀର ସଂଯୋଜକ ସୁକାନ୍ତ ପାତ୍ର ଓ ନଗର ବିଜୁ ଯୁବ ବାହିନୀର ସଂଯୋଜକ ରାଜେନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଆର.ଉଦୟଗିରି,୫।୧୨(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ ରାମଗିରି ସରକାରୀ ଉଚ୍ଚତର ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ତଥା ଅଧକ୍ଷ ବିଜୟବ୍ରତ ତ୍ରିପାଠୀଙ୍କ ଅଧକ୍ଷତାରେ ସୁରକ୍ଷା ସଙ୍ଗଠନ ତରଫରୁ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ଭାରତୀ ଭୂଷଣ ରଥ ଓ ଭି. ଗିରିବାବୁ ଉପସ୍ଥିତ ରହି ମାଟିର ସୁରକ୍ଷା ଓ ଗଠନ ଉପରେ ଆଲୋଚନା କରିଥିଲେ। ତ୍ରିପାଠୀ ବର୍ତ୍ତମାନର ଜୈବିକ କୃଷିର ଆବଶ୍ୟକତା ଓ ଉପକାରିତା ବିଷୟରେ ବୁଝାଇଥିଲେ। ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷକ ଅନଜିତ ପରିଛା ଓ ବିଷ୍ଣୁ କୁମାର ଗୌଡ଼ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ମଞ୍ଚାସୀନ ଅତିଥି।

## ■ମାନବିକତା ଭୁଲିଗଲେ ଉପଜିଲାପାଳ

# ଚୌକିରେ ବସି ନେଲେ ଦାବିପତ୍ର

**ବ୍ରହ୍ମପୁର ଅଫିସ,୫।୧୨**



ଉପଜିଲାପାଳ ଦିଗନ୍ତ ରାଉତରାୟ ଚୌକିରେ ବସି ଦିବ୍ୟାଙ୍ଗଙ୍କଠାରୁ ଦାବିପତ୍ର ନେଉଛନ୍ତି।

ଚୌକିର ମୋହ। ଥରେ ଲାଗିଲେ ଛାଡ଼େନି। ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ବର୍ତ୍ତମାନ ଏହି ଚୌକିର ମୋହ ଲାଗିଛି ବୋଲି ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ଦିବ୍ୟାଙ୍ଗଙ୍କ ପ୍ରତି ଉପଜିଲାପାଳ ରାଉତରାୟଙ୍କ ଆଚରଣ ଏହି ଆଲୋଚନାକୁ ସୃଷ୍ଟି କରିଛି। ଚୌକିରେ ବସି ଦିବ୍ୟାଙ୍ଗଙ୍କଠାରୁ ଉପଜିଲାପାଳ ରାଉତରାୟ ଦାବିପତ୍ର ଗ୍ରହଣ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି।

ଦିବ୍ୟାଙ୍ଗଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରୁଥିବା ବ୍ରହ୍ମପୁରର ଏକ ଅନୁଷ୍ଠାନ ହେଲା 'ମୁକ୍ତ ଆକାଶ'। ଏହି ସଂଗଠନର କେତେକ ସଦସ୍ୟ ତିନି ଚକିଆ ସାଇକେଲ୍‌ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିବାକୁ ଯୋଜନା ରହିଥିଲା। ପୂର୍ବାହ୍ନରେ ସଂଗଠନ ସଭାପତି ନିରଞ୍ଜନ ବାଡ଼ତ୍ୟା, ସମ୍ପାଦକ କାହ୍ନା ମହାପାତ୍ର ଏବଂ କୋଷାଧ୍ୟକ୍ଷ ନରସିଂହ ଗୌଡ଼ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଉପଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏହି ସମୟରେ ଉପଜିଲାପାଳ ରାଉତରାୟ ପହଞ୍ଚିଥିଲେ। ଏଣୁ ତାଙ୍କୁ ଦାବିପତ୍ର ପ୍ରଦାନ ପାଇଁ କ୍ୟାବିନ୍‌କୁ ଯାଇଥିଲେ। ଦିବ୍ୟାଙ୍ଗଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ବେଳେ ଉପଜିଲାପାଳ ନିଜ ଚୌକିରେ ବସିଥିଲେ। ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ଦିବ୍ୟାଙ୍ଗମାନେ ଠିଆ ହୋଇ ନ ପାରି ଟେବୁଲ ଉପରେ ହାତ ରଖି ବହୁ କଷ୍ଟରେ ଏହା ପ୍ରଦାନ କରିଥିଲେ। ଦିବ୍ୟାଙ୍ଗଙ୍କ ପ୍ରତି ଉପଜିଲାପାଳ ରାଉତରାୟଙ୍କ ଏତାଦୃଶ୍ୟ ଆଚରଣକୁ ନେଇ ତାଙ୍କୁ ସମାଲୋଚନା କରାଯାଉଛି।

ଅନ୍ୟପଟେ ମୁକ୍ତ ଆକାଶ ପକ୍ଷରୁ ୧୦ଦଫା ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭତ୍ତା ୩ଶହରୁ ୨ହଜାର ଟଙ୍କାକୁ ବୃଦ୍ଧି, ସେମାନଙ୍କୁ ପ୍ରଦାନ କରାଯାଉଥିବା ଉପକରଣର ମାନ ବୃଦ୍ଧି, ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ୪ରୁ ୧୦ ପ୍ରତିଶତକୁ ବୃଦ୍ଧି, ନିର୍ବାଚନରେ ସ୍ଥାନ ସଂରକ୍ଷଣ, ସ୍ୱାସ୍ଥ୍ୟ ବୀମା ସୁବିଧା ପ୍ରଦାନ, ଶ୍ରମିକ କଲ୍ୟାଣ ଯୋଜନାରେ ଅଗ୍ରାଧିକାର, ବିବାହ ପ୍ରୋତ୍ସାହନ ରାଶି ୫୦ ହଜାରରୁ ୨ଲକ୍ଷ ଟଙ୍କାକୁ ବୃଦ୍ଧି, ଶିକ୍ଷା କ୍ଷେତ୍ରରେ ମାଗଣା ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଏବଂ ବିଜୁ ପକ୍କାଘର ଯୋଜନାରେ ଅଗ୍ରାଧିକାର ଆଦି ଦାବି କରାଯାଇଛି।

